ଧରିତ୍ରୀ 52 Years

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃଆରୀ ୧/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 1/2026 | Page 16 | ₹ 7.00

୫୨ଶ ଭାଗ ୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 69 | ମୂଲ୍ୟ₹୭/-





**ଖାଦ୍ୟ ପରିବେଷଣରେ ବିଳମ୍ବରୁ ୨ ଜଣଙ୍କୁ ହତ୍ୟା**

ଗାଜିଆବାଦର ଏକ ଭୋଜନାଳୟରେ ଖାଦ୍ୟ ପରିବେଷଣରେ ବିଳମ୍ୱକୁ ନେଇ ୨ ଗୋଷ୍ଠୀ ଗ୍ରାହକଙ୍କ ମଧ୍ୟରେ ବଚସାରୁ ଛୁରାମାଡ଼ ଘଟି୨ ଜଣଙ୍କ ମୃତ୍ୟୁ ହେବା ସହ ଜଣେ ଗୁରୁତର ଆହତ ହୋଇଛନ୍ତି। ପୋଲିସ ୪ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି। ଶୁକ୍ରବାର ରାତିରେ ମଦ ନିଶାରେ ଥିବା ୨ ଗୋଷ୍ଠୀ ଗ୍ରାହକ ପରସ୍ପରକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ୩ ଜଣ ଆହତଙ୍କୁ ହସ୍ପିଟାଲକୁ ନିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତ୍ୟୁ ଘଟିଥିଲା।





ଉତ୍ତରାଖଣ୍ଡର ଚାମୋଲି ଜିଲାରେ ସାନି ତୁଷାରପାତ ପରେ ବଦ୍ରିନାଥ ମନ୍ଦିର ବରଫରେ ଘୋଡ଼େଇହୋଇଛି।

# ଖସିଲା ସୁନା, ରୁପା ଦର

## ସୁନା ମୂଲ୍ୟରେ ୧୫ ହଜାର, ରୁପା ୪୬ ହଜାର ଟଙ୍କା ହ୍ରାସ

ନୂଆଦିଲ୍ଲୀ,୩୧।୧

ସୁନା ଏବଂ ରୁପା ମୂଲ୍ୟ ସର୍ବୋଚ୍ଚ ସ୍ତର ଛୁଇଁବା ପରେ ଉଭୟ ଧାତୁର ମୂଲ୍ୟ ପୁଣି ତଳକୁ ଖସିଛି। ସୁନା ମୂଲ୍ୟ୧୦ ଗ୍ରାମ ପିଛା(୨୪ କ୍ୟାରେଟ୍) ୧.୬୪ ଲକ୍ଷ ଟଙ୍କା ରହିଛି; ଯାହାକି ପୂର୍ବ ମୂଲ୍ୟ ତୁଳନାରେ ୧୪ ହଜାର ଟଙ୍କା କମ୍। ଏହିକ୍ରମରେ ୧୦ ଗ୍ରାମ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୫ ହଜାର ୫୦୦ ଟଙ୍କା ଖସି ଆସିଛି। ସେହିପରି ରୁପା କିଲୋ ପିଛା ମୂଲ୍ୟରେ ୫% ହ୍ରାସ ଘଟି ଏହାର ମୂଲ୍ୟରେ ପ୍ରାୟ ୪୬ ହଜାର ଟଙ୍କା ହ୍ରାସ ପାଇଛି। ଶନିବାର ମଲ୍ଟି କମୋଡିଟି ଏକ୍ସଚେଞ୍ଜ(ଏମ୍‌ସିଏକ୍ସ) କାରବାର ଅନୁସାରେ କିଲୋପିଛା ରୁପା ମୂଲ୍ୟ ୨ଲକ୍ଷ ୯୧ ହଜାର ଟଙ୍କା ରହିଛି। ଗତ ୩୦ ତାରିଖ ସୁଦ୍ଧା ସୁନା ଏବଂ ରୁପା ମୂଲ୍ୟ ସର୍ବୋଚ୍ଚ ସ୍ତରରେ ପହଞ୍ଚି ରେକର୍ଡ ସୃଷ୍ଟି କରିଥିଲା। ସୁନା ମୂଲ୍ୟରେ ୧୦ ଗ୍ରାମ ପିଛା ୧୨ ହଜାର ଟଙ୍କା ବୃଦ୍ଧି ଘଟି ଏହା ୧ ଲକ୍ଷ ୮୩ ହଜାର ଏବଂ ରୁପା କିଲୋ ପିଛା ମୂଲ୍ୟରେ ୧୯,୫୦୦ ଟଙ୍କା ବୃଦ୍ଧି ଘଟି ଏହାର ମୂଲ୍ୟ ୪ ଲକ୍ଷ ଟଙ୍କା ଡେଇଁଥିଲା। କିନ୍ତୁ ୨୪ ଘଣ୍ଟା ମଧ୍ୟରେ ଉଭୟ ଧାତୁ ମୂଲ୍ୟରେ ଏଭଳି ହ୍ରାସ ଘଟିଛି। ଗତବର୍ଷ ସୁନା ଏବଂ ରୁପା ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଇ ଆସିଥିଲା। ୨୦୨୫ରେ ହାରାହାରି ଭାବେ ସୁନା ମୂଲ୍ୟରେ ୭୫% ଏବଂ ରୁପା ମୂଲ୍ୟରେ ୧୭୬% ବୃଦ୍ଧି ଘଟିଥିଲା। ଏହି ବର୍ଦ୍ଧିତ ଧାରା ୨୦୨୬ ପ୍ରାରମ୍ଭରେ ମଧ ଜାରି ରହିଥିଲା। ସେହି ଅନୁସାରେ ଗତ ୩୦ ତାରିଖରେ ଉଭୟ ଧାତୁ ମୂଲ୍ୟ ସର୍ବୋଚ୍ଚ ସ୍ତର ଛୁଇଁଥିଲା। ଏହାପରେ ନିବେଶକମାନେ ପ୍ରଫିଟ୍ ବୁକିଂ ଦ୍ୱାରା ଷ୍ଟକ୍ ମାର୍କେଟ୍‌ରୁ ସର୍ବାଧିକ ପୁଞ୍ଜି ପ୍ରତ୍ୟାହାର କରିନେବା ପରେ ଶୁକ୍ରବାର ଉଭୟ ଧାତୁ ମୂଲ୍ୟରେ ହ୍ରାସ ଘଟିଛି ବୋଲି ଶେୟାର ବଜାର ବିଶେଷଜ୍ଞମାନେ କହିଛନ୍ତି। ଏହାଛଡ଼ା ସୁନା ଏବଂ ରୁପା ମୂଲ୍ୟର ଚଢ଼ା ଦର ଯୋଗୁ ଘରୋଇ ଚାହିଦାରେ ହ୍ରାସ ସହିତ ଆମଦାନୀ କମ୍ ହେବା ମୂଲ୍ୟ ହ୍ରାସ ଘଟିବାର ଅନ୍ୟତମ କାରଣ ବୋଲି କୁହାଯାଉଛି।

ଆଗକୁ ସୁନା ଏବଂ ରୁପା ମୂଲ୍ୟ ଆହୁରି ହ୍ରାସ ଘଟିବା ସମ୍ଭାବନା ରହିଛି। ରବିବାର କେନ୍ଦ୍ର ବଜେଟ୍ ଉପସ୍ଥାନ ହେବାକୁ ଯାଉଥିବା ବେଳେ ସରକାର ସୁନା ଏବଂ ରୁପାର ପ୍ରଚଳିତ ଶୁଳ୍କ ଉପରେ ହ୍ରାସ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି। ଏହି ଶୁଳ୍କ ହାର ସୀମା ୪ ପ୍ରତିଶତ ମଧ୍ୟରେ ସୀମିତ ରହିପାରେ ବୋଲି ଆଶା କରାଯାଉଛି।

# ଇରାନରେ ବିସ୍ଫୋରଣ: ୮ ମୃତ

## ୨୦ରୁ ଅଧିକ ଲୋକ ଆହତ

ତେହରାନ୍,୩୧।୧

ଇରାନରେ ଶନିବାର ଦୁଇ ପୃଥକ ଘଟଣାରେ ବିସ୍ଫୋରଣ ଘଟି ୮ ଜଣଙ୍କ ମୃତ୍ୟୁ ହେବା ସହିତ ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ପ୍ରଥମ ବିସ୍ଫୋରଣ ଦକ୍ଷିଣପଶ୍ଚିମ ସହର ଆଭାଜ୍ ଠାରେ ଏକ ଆବାସିକ ବହୁତଳ ପ୍ରାସାଦରେ ହୋଇଥିଲା ବେଳେ ଏଥିରେ ଦ୍ୱିତୀୟ ବିସ୍ଫୋରଣ ବନ୍ଦର ଆବାସ୍ ସହରରେ ଘଟିଛି। ଉଭୟ ଘଟଣାରେ ୮ ଜଣଙ୍କ ମୃତ୍ୟୁ ହେବା ସହିତ ବହୁ ବ୍ୟାବସାୟିକ ପ୍ରତିଷ୍ଠାନ ଧ୍ୱଂସ ହୋଇଯାଇଛି ବୋଲି ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛି। ତେବେ ବିସ୍ଫୋରଣର କାରଣ ସ୍ପଷ୍ଟ ହୋଇନାହିଁ।ଗୋଟିଏ ପଟେ ଆମେରିକା କୌଣସି ମୁହୂର୍ତ୍ତରେ ଇରାନ ଉପରେ ଆକ୍ରମଣ କରିବା ଆଶଙ୍କାକୁ ନେଇ ସ୍ଥାନୀୟ ଲୋକ ଆଶଙ୍କିତ ରହିଛନ୍ତି। ଅନ୍ୟପକ୍ଷରେ ଇରାନର କେତେକ ନୌସେନା ଅଧିକାରୀଙ୍କୁ ଟାର୍ଗେଟ କରି ଇସ୍ରାଏଲ ଏଭଳି ବିସ୍ଫୋରଣ କରିଛି ବୋଲି କୁହାଯାଉଥିଲେ ହେଁ ଏହାକୁ ଇସ୍ରାଏଲ କର୍ତ୍ତୃପକ୍ଷ ଅସ୍ୱୀକାର କରିଛନ୍ତି।

# କଙ୍ଗୋରେ ଖଣି ଭୁଶୁଡ଼ି ୨୦୦ ମୃତ

ଗୋମା(କଙ୍ଗୋ),୩୧।୧

ପୂର୍ବ କଙ୍ଗୋର କୋଲଟାନ ଖଣି ଅଞ୍ଚଳରେ ବୁଧବାର କେତେକ ଖଣି ଭୁଶୁଡ଼ି ଅନ୍ୟୁନ ୨୦୦ ଲୋକଙ୍କ ମୃତ୍ୟୁ ଘଟିଛି। ଏମ୍୨୩ ବିଦ୍ରୋହୀଙ୍କ ନିୟନ୍ତ୍ରଣରେ ଥିବା ରୁବାୟା ଖଣି ବୁଧବାର ଭୁଶୁଡ଼ି ପଡ଼ିଥିଲା। ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ଘଟି ଖଣି ଭୁଶୁଡ଼ି ପଡ଼ିଥିଲା ବୋଲି ନର୍ଥ କିଭୁ ପ୍ରଦେଶର ଗଭର୍ନରଙ୍କ ମୁଖପାତ୍ର କହିଛନ୍ତି। ଆହୁରି ଅନେକ ଲୋକ ଖଣି ଭିତରେ ଫସିରହିଥିବା ସେ କହିଛନ୍ତି। ଅନେକ ଆହତଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଉଛି। ସାରା ବିଶ୍ୱ ଯୋଗାଣ କରୁଥିବା ଟାଣ୍ଟାଲମ୍‌ର ୧୫ ପ୍ରତିଶତରୁ ଊର୍ଦ୍ଧ୍ୱ କୋଲଟାନ୍‌ରୁ ଉତ୍ତୋଳନ ହୋଇଥାଏ।

# ଚାଇନା, ରୁଷିଆ ସହ ଇରାନର ନୌସମରାଭ୍ୟାସ

ମୁମ୍ବାଇ,୩୧।୧

ଇରାନକୁ ଆମେରିକାର ଯୁଦ୍ଧ ଧମକ ସତ୍ତ୍ୱେ ଇରାନ ରୁଷିଆ ଏବଂ ଚାଇନା ସହିତ ମିଳିତ ନୌଭ୍ୟାସ କରିବାକୁ କରିବାକୁ ନିଷ୍ପତ୍ତି ନେଇଛି। ଏହାମଧ୍ୟରେ ଇରାନର ସୁପ୍ରିମ ନ୍ୟାଶନାଲ ସୁପ୍ରିମ କାଉନ୍ସିଲ ସଚିବ ଅଲ୍ଲୀ ଲାରିଜାନୀ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କୁ ଭେଟି ଆଲୋଚନା କରିଛନ୍ତି। ସେମାନଙ୍କ ମଧ୍ୟରେ ହୋଇଥିବା ଆଲୋଚନାର ନିର୍ଯ୍ୟାସ କ'ଣ ରହିଛି ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ ଇରାନ ବ୍ୟାପାରରେ ପୁଟିନ୍ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ରହିଥିବା କହିଛନ୍ତି। ଆମେରିକା ଜାଣିଶୁଣି ଇରାନବାସୀଙ୍କୁ ଉସୁକାଇ ସ୍ଥିତି ଖରାପ କରି ଯୁଦ୍ଧଭୟ ଦେଖାଉଛି। କିନ୍ତୁ ଇରାନର ଆଣବିକ ଏବଂ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ କାହାରି ଚାପରେ ବନ୍ଦ ହେବ ନାହିଁ ବୋଲି ଇରାନ ରାଷ୍ଟ୍ରପତି ମାସୁଦ୍ ଜେସ୍କିଆନ୍ ଶନିବାର ଦୃଢୋକ୍ତି କରିଛନ୍ତି।

# ଏପଷ୍ଟିନ୍ ଫାଇଲ୍‌ରେ ମୀରା ନାୟାର

## ଟ୍ରମ୍ପ୍ ଇସ୍ରାଏଲ୍ ଦ୍ୱାରା ପ୍ରଭାବିତ ହୋଇଥିଲେ

ୱାଶିଂଟନ,୩୧।୧



ଡୋନାଲ୍ଡ ଟ୍ରମ୍ପ୍



ମୀରା ନାୟାର

ଯୌନ କେଲେଙ୍କାରୀ ମାମଲାରେ ଦୋଷୀସାବ୍ୟସ୍ତ ନିୟୁତପତି ଫାଇନାନ୍ସର ଜେଫ୍ରି ଏପଷ୍ଟିନ୍‌ଙ୍କ ସମ୍ପର୍କିତ ଅଧିକ ଅନୁସନ୍ଧାନଯୋଗ୍ୟ ଫାଇଲ୍ ତଥ୍ୟକୁ ଆମେରିକା ନ୍ୟାୟ ବିଭାଗ ଶୁକ୍ରବାର ପ୍ରକାଶ କରିଛି। ଏପଷ୍ଟିନ୍‌ଙ୍କ ସଦ୍ୟ ପ୍ରକାଶିତ ୩ ନିୟୁତରୁ ଊର୍ଦ୍ଧ୍ୱ ପୃଷ୍ଠାର ଫାଇଲ୍‌ରେ ଭାରତୀୟ ବଂଶୋଦ୍ଭବ ଚଳଚ୍ଚିତ୍ର ନିର୍ମାତା ତଥା ନ୍ୟୁୟର୍କ ସିଟି ମେୟର ଜୋହରାନ ମମଦାନିଙ୍କ ମାଆ ମୀରା ନାୟାରଙ୍କ ନାଁ ରହିଛି। ଏପଷ୍ଟିନ୍‌ଙ୍କ ସହଯୋଗୀ ଘିସ୍‌ଲେଇନ୍ ମାକ୍ସୱେଲଙ୍କ ଘରେ ଆୟୋଜିତ ଏକ ପାର୍ଟିରେ ମୀରା ନାୟାର ଜଣେ ଅତିଥି ଭାବେ ଯୋଗଦେଇଥିଲେ ବୋଲି ଉକ୍ତ ଫାଇଲ୍‌ରେ ଉଲ୍ଲେଖ ରହିଛି। ୨୦୦୯ ଅକ୍ଟୋବର ୨୧ରେ ଏପଷ୍ଟିନ୍‌ଙ୍କୁ ପ୍ରକାଶକ ପେଗି ସିଏଗାଲ ପଠାଇଥିବା ଇମେଲ୍‌ରେ ମୀରାଙ୍କ ନାମ ରହିଛି।

ଏପଷ୍ଟିନ୍‌ଙ୍କ ବହୁଚର୍ଚ୍ଚିତ ଫାଇଲ୍‌ରୁ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ନାମ ପଦାକୁ ଆସିଛି। ସେମାନଙ୍କ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍ସ ଏବଂ ପ୍ରିନ୍ସ ଆଣ୍ଡ୍ରୁଙ୍କ ନାମ ଅନ୍ୟତମ। ଟ୍ରମ୍ପ୍ ଇସ୍ରାଏଲ୍ ଦ୍ୱାରା ପ୍ରଭାବିତ ହୋଇଥିଲେ ବୋଲି ଫାଇଲ୍‌ରେ ଉଲ୍ଲେଖ ରହିଛି। ଟ୍ରମ୍ପ୍‌ଙ୍କ ପ୍ରଥମ ପାଳି ରାଷ୍ଟ୍ରପତିତ୍ୱ କାଳରେ ତାଙ୍କ ଜ୍ୱାଇଁ ଜାରେଦ୍ କୁଶ୍‌ନେର ଉଭୟ ସଂଗଠନ ଏବଂ ସରକାର ଉପରେ ଅତ୍ୟଧିକ ପ୍ରଭାବ ବିସ୍ତାର କରିଥିଲେ।

ଉକ୍ତ ବିସ୍ଫୋରକ ଦସ୍ତାବିଜ୍‌ରେ ଆହୁରି ଉଲ୍ଲେଖ ରହିଛି କୁଶ୍‌ନେରଙ୍କ ପରିବାର ଦୁର୍ନୀତି, ରୁଷିଆରେ ଅର୍ଥ ନିବେଶ ଏବଂ ଅଲ୍ଟ୍ରା-ଜିଓନିଷ୍ଟ ଚାବାଦ ନେଟ୍‌ୱର୍କ ସହ ସମ୍ପୃକ୍ତ ଥିଲେ। କୁଶ୍‌ନରଙ୍କ ବାପା ପୂର୍ବରୁ ଏକ ଆର୍ଥିକ ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବାବେଳେ ଟ୍ରମ୍ପ୍‌ଙ୍କଠାରୁ ରାଷ୍ଟ୍ରପତୀୟ କ୍ଷମା ପାଇଥିଲେ। ରିପୋର୍ଟରେ ଆହୁରି ଦର୍ଶାଯାଇଛି, କୁଶ୍‌ନେର ବହୁପରିମାଣରେ ରୁଷୀୟ ନିବେଶ ଅର୍ଥକୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ ଏବଂ ରୁଷିଆ ସରକାରଙ୍କ ସହ ଜଡ଼ିତ ସଂସ୍ଥାଗୁଡ଼ିକରେ ତାଙ୍କର ଥିବା ସ୍ୱାର୍ଥ ବିଷୟରେ ଠିକ୍ ସୂଚନା ଦେଇ ନ ଥିଲେ। ଟ୍ରମ୍ପ୍‌ଙ୍କ ରିଅଲ ଇଷ୍ଟେଟ୍ କାରବାରରେ ବିବାଦୀୟ ବେଭେର୍ଲି ହିଲ୍ସଙ୍କ କାରବାର ଉଲ୍ଲେଖ ରହିଛି। ଟ୍ରମ୍ପ୍ ୪୧ ନିୟୁତ ଡଲାରରେ ଏକ ସମ୍ପତ୍ତି କିଣି ପରେ ଏହାକୁ ବିଦେଶ ସହ ସମ୍ପୃକ୍ତ ଥିବା ଏକ ସେଲ୍ କମ୍ପାନୀକୁ ୯୫ ନିୟୁତ ଡଲାରରେ ବିକ୍ରି କରିଥିଲେ।

ଏପଷ୍ଟିନ୍ ଫାଇଲ୍‌ରୁ ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କ ରୁଷୀୟ ଝିଅମାନଙ୍କ ସହ ଯୌନ ସମ୍ପର୍କ ଅଭିଯୋଗ ରହିଛି। ଗେଟ୍ସ ତାଙ୍କର ତତ୍କାଳୀନ ସ୍ତ୍ରୀ ମେଲିଣ୍ଡା ଫ୍ରେଞ୍ଚ୍ ଗେଟ୍ସଙ୍କଠାରୁ ଏକ ଏସ୍‌ଟିଡି ଲୁଚାଇବାକୁ ଉଦ୍ୟମ କରୁଥିଲେ ବୋଲି ଏଥିରୁ ଜଣାପଡ଼ିଛି। ଏପଷ୍ଟିନ୍‌ଙ୍କ ଫାଇଲ୍‌ରେ ବ୍ରିଟେନ୍ ପ୍ରିନ୍ସ ଆଣ୍ଡ୍ରୁ ଭୂମିରେ ଶୋଇଥିବା ଜଣେ ମହିଳାଙ୍କ ଉପରେ ଆଣ୍ଠେଇଥିବା ଫଟୋଗୁଡ଼ିକରୁ ଦେଖିବାକୁ ମିଳିଛି।

### ଫାଇଲରେ ମୋଦିଙ୍କ ନାମ: ନିରର୍ଥକ ଅଭିଯୋଗ କହିଲା ମନ୍ତ୍ରଣାଳୟ

ଆମେରିକା ନ୍ୟାୟ ବିଭାଗ ଦ୍ୱାରା ପ୍ରକାଶିତ ଏପଷ୍ଟିନ୍ ଫାଇଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମ ଉଲ୍ଲେଖ ଥିବା ନେଇ କଂଗ୍ରେସ ଭାଜପାକୁ ଟାର୍ଗେଟ କରିଛି। ୨୦୧୭ରେ ମୋଦିଙ୍କ ଇସ୍ରାଏଲ ଗସ୍ତ ସମ୍ପର୍କରେ ଯୌନ ଅପରାଧୀ ଜେଫ୍ ଏପଷ୍ଟିନ୍ ଏକ ଇମେଲ୍‌ରେ ଉଲ୍ଲେଖ କରିଥିଲା। କିନ୍ତୁ ଏହି ବିଷୟକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ଖଣ୍ଡନ କରିବା ସହିତ ଏଭଳି ନିରାଧାର କଥାକୁ ନିନ୍ଦା କରାଯିବା ଉଚିତ ବୋଲି ମନ୍ତ୍ରଣାଳୟ ପ୍ରବକ୍ତା କହିଛନ୍ତି।

# ରଣ ମାଗି ଆମେ ଲଜ୍ଜିତ

## ସତ ମାନିଲେ ପାକ୍ ପ୍ରଧାନମନ୍ତ୍ରୀ

ଇସ୍‌ଲାମାବାଦ,୩୧।୧



ଶେହବାଜ୍ ସରିଫ୍

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍ ଶେଷରେ ସତ ମାନିଛନ୍ତି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍)ଠାରୁ ଆରମ୍ଭ କରି ଚୀନ୍ ଏବଂ ଅନ୍ୟ ଇସ୍‌ଲାମିକ୍ ଦେଶଗୁଡ଼ିକରୁ ପାକିସ୍ତାନ ବାରମ୍ବାର ଋଣ ଭିକ୍ଷାକରି ଲଜ୍ଜିତ ହୋଇଛି ବୋଲି ଶେହବାଜ୍ କହିଛନ୍ତି। ଶୁକ୍ରବାର ପାକିସ୍ତାନର ରପ୍ତାନିକାରୀ ସଂଘ ସଦସ୍ୟମାନଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଶେହବାଜ୍ ଏଭଳି କହିଛନ୍ତି। ଦେଶର ସାମ୍ପ୍ରତିକ ଆର୍ଥିକ ସ୍ଥିତିକୁ ନେଇ ସେ ଏବଂ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଅସିମ୍ ମୁନିର ବାରମ୍ବାର ବିଭିନ୍ନ ରାଷ୍ଟ୍ର ଗସ୍ତ କରି ଋଣ ସହାୟତା ଲୋଡ଼ିଛନ୍ତି। ଏଭଳି ସ୍ଥିତିରେ ତାଙ୍କ ମୁଣ୍ଡ ତଳକୁ ହୋଇଯାଇଛି ବୋଲି ସେ ବୈଠକରେ କହିଛନ୍ତି। ବର୍ତ୍ତମାନ ପାକିସ୍ତାନର ବୈଦେଶିକ ମୁଦ୍ରା ଭଣ୍ଡାର ପରିମାଣ ଦ୍ୱିଗୁଣିତ ହୋଇଥିଲେ ହେଁ ବିଭିନ୍ନ ରାଷ୍ଟ୍ରରୁ ଅଣାଯାଇଥିବା ଋଣଭାର ଅଧିକ ଚିନ୍ତାଜନକ ହୋଇଛି। ଦେଶର ଆର୍ଥିକ ବ୍ୟବସ୍ଥା ପରିଚାଳନା ଲାଗି ଋଣ ଆବଶ୍ୟକତା ରହିଛି। କିନ୍ତୁ ବାରମ୍ବାର ଅନ୍ୟ ଦେଶଠାରୁ ଋଣ ସହାୟତା ଲୋଡ଼ିବା ଅତ୍ୟନ୍ତ ଲଜାଜନକ ଏବଂ ଏଥିପାଇଁ ଆମ ମୁଣ୍ଡ ତଳକୁ କରିବାକୁ ପଡ଼ିଛି ବୋଲି ସେ କହିଛନ୍ତି। ବିଶେଷକରି ଆଇଏମ୍‌ଏଫ୍ ଏବଂ ଅନ୍ୟାନ୍ୟ ଋଣପ୍ରଦାନକାରୀ ସଂସ୍ଥା ଠାରୁ ଋଣ ଆଣିଲେ ସେମାନେ ଯେଉଁ ସର୍ତ୍ତ ରଖୁଛନ୍ତି ତାହା ପ୍ରକାଶ କରିବା ସମ୍ଭବ ନୁହେଁ ବୋଲି ଶେହବାଜ କହିଛନ୍ତି।

# ପାକ୍ ସେନା ଗୁଳିରେ ୭୦ ଆତଙ୍କବାଦୀ ନିହତ

ଇସ୍‌ଲାମାବାଦ,୩୧।୧

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶର ୫ ଜିଲାରେ ଶନିବାର ବେଲୋଚ୍ ବିଦ୍ରୋହୀ ସଂଗଠନ ବିଏଲଏ (ବେଲୋଚ୍ ଲିବରେସନ ଆର୍ମି) ଆକ୍ରମଣ କରିଛି। ବେଲୋଚ୍ ବିଦ୍ରୋହୀମାନେ ସଂଗଠିତ ଭାବେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହିତ ଆତ୍ମଘାତୀ ବୋମା ଦ୍ୱାରା ସରକାରୀ ପ୍ରତିଷ୍ଠାନ ଏବଂ ପାକ୍ ସେନାକୁ ଟାର୍ଗେଟ କରି ଆକ୍ରମଣ କରିଛନ୍ତି। କ୍ୱେଟା, ପାସ୍‌ନି, ମାସ୍ତୁଙ୍ଗ,ନୁସ୍‌କି ଏବଂ ଗ୍ୱାଦର ଜିଲା ସମେତ ୧୨ଟି ସ୍ଥାନରେ ଆକ୍ରମଣ କରାଯାଇଛି। ଏହି ଘଟଣାରେ ୧୦ ପାକିସ୍ତାନୀ ସୁରକ୍ଷା ଅଧିକାରୀ ପ୍ରାଣ ହରାଇଥିଲା ବେଳେ ପାକ୍ ସେନା ଗୁଳିରେ ୭୦ ବିଦ୍ରୋହୀ ନିହତ ହୋଇଛନ୍ତି। ବେଲୋଚ ବିଦ୍ରୋହୀମାନଙ୍କୁ ପାକିସ୍ତାନ ଆତଙ୍କବାଦୀ କହୁଛି। ବିଏଲ୍ଏ ପକ୍ଷରୁ ବେଲୁଚିସ୍ତାନର ସାମରିକ ସଂସ୍ଥାନ ସମେତ ପୋଲିସ୍ ଏବଂ ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନକୁ ଟାର୍ଗେଟ କରାଯାଇ ଅପରେସନ 'ହେରୋଫ' ଜାରି ରହିଛି। ଏହି ଆକ୍ରମଣ ହେରୋଫ୍‌ର ଦ୍ୱିତୀୟ ପର୍ଯ୍ୟାୟ ଥିଲା। ପାକିସ୍ତାନଠାରୁ ବୋଲୁଚିସ୍ତାନକୁ ମୁକ୍ତ କରିବାକୁ ଆଗକୁ ନୂଆ ଅପରେଶନ ଆରମ୍ଭ କରାଯିବ ବୋଲି ବିଏଲ୍ଏ ପକ୍ଷରୁ କୁହାଯାଇଛି।

# ସାମ୍ବାରେ ସନ୍ଦିଗ୍ଧ ପାକିସ୍ତାନୀ ଡ୍ରୋନ୍

ନୂଆଦିଲ୍ଲୀ,୩୧।୧

ଜମ୍ମୁ-କଶ୍ମୀରର ଅନ୍ତର୍ଜାତୀୟ ସୀମା ଅନ୍ତର୍ଗତ ସାମ୍ବାଠାରେ ଶନିବାର ସନ୍ଦିଗ୍ଧ ପାକିସ୍ତାନୀ ଡ୍ରୋନ୍ ଉଡୁଥିବାର ଦେଖିବାକୁ ମିଳିଥିଲା। ଏହା ଜଣାପଡ଼ିବା ପରେ ସୁରକ୍ଷା ବଳ ତଲାସି ଅଭିଯାନ ଚଳାଇଛି। ପାକିସ୍ତାନକୁ ଫେରିଯିବା ପୂର୍ବରୁ ଏହା ଚିଲୟାରି ଗ୍ରାମ ନିକଟ ଭାରତୀୟ ଅଞ୍ଚଳ ଉପରେ ୨ ମିନିଟ୍ ଧରି ଉଡ଼ିଥିଲା। ଡ୍ରୋନ୍‌ରୁ କୌଣସି ଅସ୍ତ୍ରଶସ୍ତ୍ର କିମ୍ବା ନିଶାଦ୍ରବ୍ୟ ଖସାଯାଇଛି କି ନାହିଁ, ତାହାର ତଲାସି କରାଯାଉଛି। ଶୁକ୍ରବାର ମଧ ସାମ୍ବାର ରାମଗଡ଼ ସେକ୍ଟର ଅନ୍ତର୍ଗତ ରତନପୁର ଗ୍ରାମ ନିକଟ ଭାରତୀୟ ଅଞ୍ଚଳ ଉପରେ ଅନ୍ୟଏକ ପାକିସ୍ତାନୀ ଡ୍ରୋନ୍ ଉଡୁଥିବା ଦେଖାଯାଇଥିଲା। ଗତବର୍ଷ ମେ'ରେ ଭାରତ ଓ ପାକିସ୍ତାନ ମଧ୍ୟରେ ୪ ଦିନର ସଂଘର୍ଷ ପରେ ୨ ଦେଶ ମଧ୍ୟରେ ଉତ୍ତେଜନା ଲାଗି ରହିଛି।

# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଏମ୍ସ ସ୍ଥାନାନ୍ତର ହେଲେ ୱାଙ୍ଗଚୁକ୍

ଜୟପୁର,୩୧।୧



ସୋନମ ୱାଙ୍ଗଚୁକ୍

ବିଚାର ବିଭାଗୀୟ ହାଜତରେ ଥିବା ଆକ୍ଟିଭିଷ୍ଟ ତଥା ବୈଜ୍ଞାନିକ ସୋନମ ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ତାଙ୍କୁ ଯୋଧପୁରସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଶନିବାର ସକାଳ ୬ଟା ୩୦ ମିନିଟ୍ ସମୟରେ ପୋଲିସ ୱାଙ୍ଗଚୁକ୍‌ଙ୍କୁ ଯୋଧପୁର କେନ୍ଦ୍ରୀୟ ଜେଲରୁ ଏମ୍ସର ଜରୁରୀ ୱାର୍ଡକୁ ନେଇଥିଲା। ତାଙ୍କୁ ଦେଢ଼ଘଣ୍ଟା ଅବ୍‌ଜରଭେଶନରେ ରଖାଯିବା ପରେ ଡାକ୍ତର ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ୱାଙ୍ଗଚୁକ୍‌ଙ୍କ ପାକସ୍ଥଳୀରେ ସମସ୍ୟା ରହିଥିବାବେଳେ ଦେହର ବିଭିନ୍ନ ଅଙ୍ଗରେ ଯନ୍ତ୍ରଣା ହେଉଥିବା ସେ ଅଭିଯୋଗ କରିଥିଲେ। ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟରେ କ୍ରମାଗତ ଅବନତି ଦେଖାଦେଉଥିବା ନେଇ ତାଙ୍କ ସ୍ତ୍ରୀ ଚିନ୍ତାବ୍ୟକ୍ତ କରିବା ସହ ଆଇନଜୀବୀ କପିଲ ସିବଲଙ୍କ ଜରିଆରେ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଗୁରୁବାର ଶୁଣାଣି ବେଳେ ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସରକାରୀ ହସ୍ପିଟାଲର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା କରାଇବା ପାଇଁ ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ପି.ବି. ଭରାଲେଙ୍କ ଖଣ୍ଡପୀଠ ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ୩୧ ସପ୍ତାହର ଭ୍ରୂଣ: ଗର୍ଭପାତ ପାଇଁ ହାଇକୋର୍ଟଙ୍କ ଅନୁମତି

କୋଚି,୩୧।୧(ପି.ଟି.)

ମସ୍ତିଷ୍କ ଏବଂ ମୁଣ୍ଡରେ ଅସ୍ୱାଭାବିକତା ଥିବାରୁ ୩୧ ସପ୍ତାହରୁ ଊର୍ଦ୍ଧ୍ୱ ଭ୍ରୂଣର ଗର୍ଭପାତ କରାଇବାକୁ କେରଳ ହାଇକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ଗର୍ଭସ୍ଥ ଶିଶୁଟି ଜନ୍ମନେଲେ ଗମ୍ଭୀର ଶାରୀରିକ ଅସ୍ୱାଭାବିକତା ଭୋଗିବ ଏବଂ ଅଧିକ ଦିନ ଗର୍ଭରେ ରହିଲେ ମାନସିକ ସ୍ୱାସ୍ଥ୍ୟ ପ୍ରତି ବିପଦ ରହିଛି ବୋଲି ମେଡିକାଲ ବୋର୍ଡ ରିପୋର୍ଟ ଦେବା ପରେ ଜଷ୍ଟିସ୍ ଶୋବା ଆନାମ୍ମା ଇପେନ୍ ଗର୍ଭପାତ ପାଇଁ ଅନୁମତି ପ୍ରଦାନ କରିଥିଲେ। ଗର୍ଭପାତ ବ୍ୟବସ୍ଥା କରାଇବା ପାଇଁ ବିଚାରପତି କୋଟ୍ଟାୟାମ ମେଡିକାଲ କଲେଜକୁ ନିର୍ଦ୍ଦେଶ ଦେଇଛନ୍ତି।

# ଗାଜାରେ ଇସ୍ରାଏଲୀ ଆକ୍ରମଣ: ୨୯ ମୃତ



## ଅସ୍ତ୍ରବିରତି ଲାଗୁ ପରେ ସବୁଠୁ ବଡ଼ ଆକ୍ରମଣ

ଡେଇର ଅଲ୍-ବଲାହ,୩୧।୧

ଇସ୍ରାଏଲ୍- ଗାଜା ଯୁଦ୍ଧ ବନ୍ଦ କରିବା ଲକ୍ଷ୍ୟରେ ଗତବର୍ଷ ଅକ୍ଟୋବରରେ ଅସ୍ତ୍ରବିରତି କାର୍ଯ୍ୟକାରୀ ହୋଇଥିଲା। ଏହା ସତ୍ତ୍ୱେ ଇସ୍ରାଏଲୀ ସେନା ଶନିବାର ଗାଜା ଉପରେ ଆକ୍ରମଣ କରିଛି। ଏଥିରେ ଅନ୍ୟୁନ ୨୯ ଜଣ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଅସ୍ତ୍ରବିରତି ଲାଗୁ ହେବା ପରେ ଏହା ଆକ୍ରମଣଜନିତ ସର୍ବାଧିକ ମୃତ୍ୟୁ ଘଟଣା। ହମାସ୍ ଅସ୍ତ୍ରବିରତି ଉଲ୍ଲଂଘନ କରିଥିବା ନେଇ ଶୁକ୍ରବାର ଇସ୍ରାଏଲ୍ ଅଭିଯୋଗ କରିଥିଲା। ଏହାର ଜବାବରେ ଇସ୍ରାଏଲୀ ସେନା ଗାଜାର ଅସ୍ଥାୟୀ ଶିବିର, ଆପାର୍ଟମେଣ୍ଟ ବିଲ୍ଡିଂ ଏବଂ ଥାନା ସମେତ ବିଭିନ୍ନ ସ୍ଥାନରେ ଆକ୍ରମଣ କରିଛି। ଦିନକ ପୂର୍ବରୁ ଇଜିପ୍ଟ ସୀମାନ୍ତ ରାଫାହ କ୍ରସିଂରେ ମଧ ଇସ୍ରାଏଲ୍ ଆକ୍ରମଣ କରିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଫେବୃଆରୀ ୧/୨୦୨୬ | Bhubaneswar, Sunday, February 1/2026 | ପୃଷ୍ଠା-୧



**ମଲ୍ଟି ଟାଲେଣ୍ଟେଡ୍ ଆହାନ**
ଆହାନ ପାଣ୍ଡେ ଅଭିନୟ ସହ ଜଣେ ଲେଖକ, ଷ୍ଟୋରି ଟେଲର, ମ୍ୟୁଜିକ କମ୍ପୋଜର, ଭିଡିଓ ଗେମ୍ ଡିଜାଇନର ଭାବେ ଦକ୍ଷତା ଅର୍ଜନ କରିଛନ୍ତି।
୦୨

୦୬
**ଅଷ୍ଟ୍ରେଲିଆନ ଓପନ ଜିତିଲେ ରିବାକିନା**
ଅଷ୍ଟ୍ରେଲିଆନ ଓପନ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି କାଜାଖସ୍ତାନର ଏଲିନା ରିବାକିନା।




ଢେଙ୍କାନାଳ ଜିଲା ମହିମାପୀଠ ଯୋରନ୍ଦା ମେଳା ଅବସରରେ ଗାଦିମନ୍ଦିରରେ ଶନିବାର ଝାଡ଼ଦୀପ ପ୍ରଜ୍ୱଳନ କରାଯାଉଛି। **(ଫଟୋ- ମାନସ ତ୍ରିପାଠୀ)**

# ଆଜି କେନ୍ଦ୍ର ବଜେଟ

## ଅଭିବୃଦ୍ଧି, ଉତ୍ପାଦନ, ନିଯୁକ୍ତି ବୃଦ୍ଧି ଉପରେ ଫୋକସ

ନୂଆଦିଲ୍ଲୀ,୩୧।୧(ପି.ଟି.)

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରବିବାର ପାର୍ଲାମେଣ୍ଟରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ଏହା ତାଙ୍କର କ୍ରମାଗତ ୯ମ ବଜେଟ ଉପସ୍ଥାପନ ହେବ। ଅର୍ଥନୈତିକ ଅଭିବୃଦ୍ଧିର ଗତିକୁ ଅତୁଟ ରଖିବା, ଆର୍ଥିକ ଶୃଙ୍ଖଳାକୁ ବଜାୟ ରଖିବା ସହ ଆମେରିକା ଟାରିଫ୍ ସମେତ ବିଶ୍ୱ ବାଣିଜ୍ୟ ସଂଘର୍ଷରୁ ଅର୍ଥନୀତିକୁ ସୁଧାର ଦେଇପାରିବା ଭଳି ଉପାୟଗୁଡ଼ିକୁ ସାମିଲକରିବା ପାଇଁ ଅର୍ଥମନ୍ତ୍ରୀ ପଦକ୍ଷେପ ଘୋଷଣା କରିବେ ବୋଲି ଆଶା କରାଯାଉଛି।

ସ୍ୱାଧୀନ ଭାରତ ଇତିହାସରେ ପ୍ରଥମ ଥର ପାଇଁ ରବିବାର ବଜେଟ ଉପସ୍ଥାପନ ହେବାକୁ ଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଦଣ୍ଡାତ୍ମକ ଶୁଳ୍କ ଲଗାଇଥିବାବେଳେ ସୀତାରାମନଙ୍କ ଦ୍ୱାରା କରାଯାଇଥିବା ବ୍ୟାପକ ଆୟକର ଏବଂ ଜିଏସ୍‌ଟି ହ୍ରାସ, ଭିତ୍ତିଭୂମିରେ ବ୍ୟୟ ଏବଂ ରିଜର୍ଭ ବ୍ୟାଙ୍କର ସୁଧ ହାର ହ୍ରାସ ଭଳି ପଦକ୍ଷେପ ଯୋଗୁ ଭାରତୀୟ ଅର୍ଥନୀତି ଅତୁଟ ରହିଛି। ସ୍ଥାୟୀ ଅଭିବୃଦ୍ଧି ଧାରା ବଜାୟ ରଖିବା ନିମନ୍ତେ ସେ ବଜେଟରେ କେତେକ ପଦକ୍ଷେପ ଘୋଷଣା କରିବେ ବୋଲି ଆଶା କରାଯାଉଛି।

୨୦୨୭ ଆର୍ଥିକ ବର୍ଷର ବଜେଟ ଏକ ଜଟିଳ ପୃଷ୍ଠଭୂମି ମଧ୍ୟରେ ପ୍ରସ୍ତୁତ ହୋଇଛି। ଘରୋଇ ଚାହିଦା ବଢ଼ିବା ସହ ଉଚ୍ଚ ମୁଦ୍ରାସ୍ଫୀତି ହ୍ରାସ ପାଇଥିବାବେଳେ ଭୂରାଜନୈତିକ ଉତ୍ତେଜନା, ସାମଗ୍ରୀଗୁଡ଼ିକର ଦରଦାମ୍‌ରେ ଅସ୍ଥିରତା ଏବଂ ପ୍ରମୁଖ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ଅସମାନ ମୁଦ୍ରାନୀତି ଶିଥିଳତା ଆଦି ବୈଶ୍ୱିକ ଅସ୍ଥିରତା ଭବିଷ୍ୟତ ପରିଦୃଶ୍ୟକୁ ଅସ୍ପଷ୍ଟ କରିରଖିଛି। ଦେଶ ମଧ୍ୟରେ ସରକାର ଆର୍ଥିକ ନିଅଣ୍ଟକୁ ନିମ୍ନମୁଖୀ ପଥରେ ରଖିବା ସହିତ ଖର୍ଚ୍ଚ ବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ପୁଞ୍ଜି ବ୍ୟୟ ବଢ଼ାଇବା ନେଇ ଚାପର ସମ୍ମୁଖୀନ ହେଉଛନ୍ତି। ତେବେ ଟିକସ ହ୍ରାସ କାରଣରୁ ସରକାରଙ୍କ ରାଜସ୍ୱ କମିଛି, ଯାହାକୁ ନୂଆ ବଜେଟରେ ଅର୍ଥନୀତିକୁ ସମର୍ଥନ ଦେବାରେ ଅର୍ଥମନ୍ତ୍ରୀଙ୍କ ବିକଳ୍ପଗୁଡ଼ିକୁ ସୀମିତ କରିଦେଇଛି। ବିଶେଷକରି ବୃଦ୍ଧି ପାଉଥିବା ଅନିଶ୍ଚିତତା, ସଙ୍କଟରେ ଥିବା ଆର୍ଥିକ ବଜାର ଏବଂ ବିଶ୍ୱ ପଣ୍ୟ ମୂଲ୍ୟରେ କ୍ରମାଗତ ବୃଦ୍ଧି କାରଣରୁ ଅଭିବୃଦ୍ଧିକୁ ଆଗେଇନେବା ଭଳି କାରକ ଖୋଜି ବାହାର କରିବା ଅର୍ଥମନ୍ତ୍ରୀଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହୋଇପାରେ। ସେହିପରି ଆମେରିକା ସହ ବାଣିଜ୍ୟକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ନିବେଶକମାନଙ୍କ ଆସ୍ଥାକୁ ବଜାୟ ରଖିବା ମଧ୍ୟ ତାଙ୍କ ପାଇଁ ଆଉ ଏକ ଜଟିଳ କାର୍ଯ୍ୟ। ବିଦେଶୀ ନିବେଶକମାନେ କ୍ରମାଗତ ଭାବେ ଭାରତୀୟ ଅଂଶଧନ ବିକ୍ରି କରିଦେଉଥିବାରୁ ଟଙ୍କା ମୂଲ୍ୟ ରେକର୍ଡ ନିମ୍ନସ୍ତରରେ ପହଞ୍ଚିଛି। ରାଜସ୍ୱ ବଢ଼ାଇବା ପାଇଁ ଅର୍ଥମନ୍ତ୍ରୀ ପେଟ୍ରୋଲ ଏବଂ ଡିଜେଲକୁ ବ୍ୟବହାର କରିପାରନ୍ତି ବୋଲି କେତେକେ ବିଶ୍ୱାସ କରୁଛନ୍ତି। ତୈଳ ଉପରେ ଟିକସ ବୃଦ୍ଧି ଗ୍ରାହକଙ୍କ ଉପରେ ନ ପକାଇ ଏହାକୁ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ହ୍ରାସ ଦ୍ୱାରା ସମାୟୋଜିତ କରାଯାଇପାରେ ବୋଲି ବିଶେଷଜ୍ଞମାନେ ଅନୁମାନ କରିଛନ୍ତି।




# ଢେଙ୍କାନାଳରେ ପ୍ରତିରକ୍ଷା ଉପକରଣ ନିର୍ମାଣ କେନ୍ଦ୍ର

**ରାଜ୍ୟ ସରକାର ଓଡ଼ିଶାରେ ଶିଳ୍ପ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଇ ବିକାଶକୁ ଗତିଶୀଳ କରିବା ଉପରେ ଅନେକ ପଦକ୍ଷେପ ନେଉଛନ୍ତି। ଏହିକ୍ରମେ ଢେଙ୍କାନାଳ ସହର ନିକଟବର୍ତ୍ତୀ ଗଜମରାଠାରେ କଲ୍ୟାଣୀ ଗ୍ରୁପ୍ ପକ୍ଷରୁ ଏକ ପ୍ରତିରକ୍ଷା ଓ ଏରୋସ୍ପେଶ ନିର୍ମାଣ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯିବ। ଏଥିରେ ପ୍ରାୟ ୨୦,୦୦୦ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାର ପ୍ରସ୍ତାବକୁ ଶନିବାର ରାଜ୍ୟ ସରକାରଙ୍କ କ୍ୟାବିନେଟ ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଛି।**

- **୧୭,୨୫୦ କୋଟିର ନିବେଶ**
- **୨୦,୦୦୦ ନିଯୁକ୍ତି ସୁଯୋଗ**
- **ରାଜ୍ୟ କ୍ୟାବିନେଟ୍‌ର ମଞ୍ଜୁରୀ**

ଭୁବନେଶ୍ୱର,୩୧।୧
(ରବିନାରାୟଣ ଜେନା)

ଓଡ଼ିଶାକୁ ଶିଳ୍ପକ୍ଷେତ୍ରରେ ଅଭିବୃଦ୍ଧି କରିବା ଏବଂ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ଭଳି ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଲୋକସେବା ଭବନରେ ଶନିବାର ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ଢେଙ୍କାନାଳର ଗଜମରାରେ କଲ୍ୟାଣୀ ଗ୍ରୁପ୍ ଦ୍ୱାରା ଆଉ ଏକ ସମନ୍ୱିତ ଅଟୋମୋଟିଭ, ଏରୋସ୍ପେସ୍ ଓ ପ୍ରତିରକ୍ଷା ଉପକରଣ-ଉତ୍ପାଦନ କମ୍ପ୍ଲେକ୍ସକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି। ଏହି ପ୍ରକଳ୍ପରେ ପ୍ରାୟ ୧୭ହଜାର ୨୫୦କୋଟି ଟଙ୍କା ନିବେଶ ହେବ। ଏଥିରେ ପ୍ରତ୍ୟକ୍ଷ ଭାବେ ୪ହଜାର ୮୦୦ ଏବଂ ପରୋକ୍ଷରେ ୫ହଜାର ୫୦୦ଜଣଙ୍କୁ ନିଯୁକ୍ତି ମିଳିବ। ପରବର୍ତ୍ତୀ ବର୍ଷଗୁଡ଼ିକରେ ନିଯୁକ୍ତି ପରିମାଣ ୨୦ହଜାରରୁ ଅଧିକ ହେବ।

ଗର୍ଗ କହିଛନ୍ତି, ଢେଙ୍କାନାଳର ଗଜମରାଠାରେ ୧୧୦୦ ଏକର ଜମିରେ ବିକଶିତ ହେବାକୁ ଥିବା ଏହି ସମନ୍ୱିତ କମ୍ପ୍ଲେକ୍ସରେ ଟାଇଟାନିୟମ, ସ୍ପେଶାଲିଟି ଷ୍ଟିଲ, ଅଟୋ କମ୍ପୋନେଣ୍ଟ, ଏରୋସ୍ପେସ୍, ପ୍ରତିରକ୍ଷା ଉପକରଣ ଉତ୍ପାଦନ ହେବ। ଏଥିରେ ପ୍ରକଳ୍ପିତ ବିକ୍ରେତା ପାର୍କ ସହିତ ବହୁବିଧ ଉତ୍ପାଦନ ୟୁନିଟ ଅନ୍ତର୍ଭୁକ୍ତ ରହିବ। କଲ୍ୟାଣୀ ଷ୍ଟିଲର ସ୍ୱତନ୍ତ୍ର ଇସ୍ପାତ ବ୍ୟତୀତ ନୂତନ ସମନ୍ୱିତ କମ୍ପ୍ଲେକ୍ସରୁ ସାରଲୋହା ଆଡ୍‌ଭାନ୍ସଡ ମ୍ୟାଟେରିଆଲ ପ୍ରାଇଭେଟ ଲିମିଟେଡ୍‌ର ସୁପର ଆଲୟ ଏବଂ ଭାରତ ଫୋର୍ଜର ଶିଳ୍ପ କମ୍ପୋନେଣ୍ଟ କାଷ୍ଟିଂ ଏବଂ ଫୋର୍ଜିଂ ୟୁନିଟ ମଧ୍ୟ ଅନ୍ତର୍ଭୁକ୍ତ ହେବ। ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଶାକୁ କଞ୍ଚାମାଲର ଯୋଗାଣକାରୀରୁ ଉଚ୍ଚ-ମୂଲ୍ୟ, ପ୍ରଯୁକ୍ତିବିଦ୍ୟା-ବୃଦ୍ଧି ଏବଂ ରପ୍ତାନିଯୋଗ୍ୟ ସାମଗ୍ରୀ ଉତ୍ପାଦନ ହେବାରେ ସହାୟକ ହେବ। ଏହାସହିତ ନୂତନ ଯୁଗର ଶିଳ୍ପକ୍ଷେତ୍ରରେ ଆମଦାନୀ ନିର୍ଭରଶୀଳ ହ୍ରାସ କରିବ।

ମୁଖ୍ୟସଚିବ କହିଥିଲେ, ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଟାଇଟାନିୟମ ଏବଂ ସ୍ପେଶାଲିଟି ଇସ୍ପାତ ଭଳି ନୂତନ ଧାତୁ ଉତ୍ପାଦନରେ ଓଡ଼ିଶାର ସ୍ଥିତି ମଜଭୁତ ହେବ। ଓଡ଼ିଶାରେ ଶିଳ୍ପ ଅଗ୍ରଗତିର ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବ।

## ସୁନେତ୍ରା ପାୱାର ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ



ମୁମ୍ବାଇ,୩୧।୧

ଏନ୍‌ସିପି(ଅଜିତ) ନେତ୍ରୀ ସୁନେତ୍ରା ପାୱାର ଶନିବାର ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ମହାରାଷ୍ଟ୍ର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ଲୋକଭବନ ଠାରେ ସୁନେତ୍ରାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ୬୨ ବର୍ଷୀୟା ସୁନେତ୍ରା ମହାରାଷ୍ଟ୍ର ରାଜନୀତି ଇତିହାସରେ ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଲୋକଭବନ ଠାରେ ଆୟୋଜିତ ଏହି ଶପଥପାଠ ଉତ୍ସବରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍, ଉପମୁଖ୍ୟମନ୍ତ୍ରୀ ତଥା ଶିବସେନା ମୁଖ୍ୟ ଏକନାଥ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ଆଇନ ଶାସନର ଉଲ୍ଲଂଘନ**

# ଭୁବନେଶ୍ୱରରେ ଗଡ଼ିବ ସୁଭଦ୍ରା ବସ୍

ଭୁବନେଶ୍ୱର, ୩୧।୧
(ବନ୍ଦନା ସେଠୀ)



ଭୁବନେଶ୍ୱରରେ ଗଡ଼ିବ 'ସୁଭଦ୍ରା ବସ୍'। ମହିଳାଙ୍କ ଦ୍ୱାରା ଓ ମହିଳାଙ୍କ ପାଇଁ ଏହି ବସ୍ ଚାଲିବ। ଟ୍ରେନିଂପ୍ରାପ୍ତ ମହିଳା ଡ୍ରାଇଭରଙ୍କୁ ନୂଆ ଇ-ବସ୍ ଦିଆଯିବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ପରୀକ୍ଷାମୂଳକ ଭାବେ ରାଜଧାନୀରେ ସୁଭଦ୍ରା ବସ୍ ଚଳାଚଳ କରିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଶନିବାର ଏନେଇ ଖାରବେଳ ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ 'ଆମ ବସ୍' ପରିଚାଳନା କରୁଥିବା କ୍ୟାପିଟାଲ୍ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍)ର ୨୦ଜଣ ମହିଳା ଡ୍ରାଇଭର ବିଶେଷ ପ୍ରଶିକ୍ଷଣ ପାଇଁ ମହାରାଷ୍ଟ୍ରର ପୁଣେ ଅଭିମୁଖେ ଯାତ୍ରା କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସମ୍ପୃକ୍ତ ମହିଳା ଡ୍ରାଇଭରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ।

ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି, ମହିଳାମାନେ ଆଜି ସମସ୍ତ କ୍ଷେତ୍ରରେ ନିଜ ଦକ୍ଷତା ପ୍ରମାଣିତ କରୁଛନ୍ତି। ଠିକ୍ ପ୍ରଶିକ୍ଷଣ ମିଳିଲେ ସେମାନେ ପରିବହନ କ୍ଷେତ୍ରରେ ମଧ୍ୟ ଅତ୍ୟନ୍ତ ସଫଳ ହୋଇପାରିବେ ଏବଂ ନିଜ ଦକ୍ଷତା ପ୍ରତିପାଦନ କରିପାରିବେ। ରାଜ୍ୟର ବିଭିନ୍ନ ସହରରେ 'ଆମ ବସ୍' ସେବାର ସମ୍ପ୍ରସାରଣ ଓ ଯାତ୍ରୀ ସୁବିଧା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏବେ ମହିଳାଙ୍କ ଯାତାୟାତ କ୍ଷେତ୍ରକୁ ସହଜ କରିବାକୁ ପଦକ୍ଷେପସ୍ୱରୂପ 'ସୁଭଦ୍ରା ବସ୍' ଚଳାଇବାକୁ ଯୋଜନା ଚାଲିଛି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୨୦ଜଣ ମହିଳା ଡ୍ରାଇଭରଙ୍କୁ ୧୪ ଦିନିଆ ଉନ୍ନତ ପ୍ରଶିକ୍ଷଣ ପାଇଁ ପୁଣେ ପଠାଯାଇଛି। ପୁଣେର 'ଏକ୍କା ମୋବିଲିଟି'ଠାରେ ସେମାନେ ବିଦ୍ୟୁତ୍‌ଚାଳିତ ବସ୍ (ଇ-ବସ୍) ଚଳାଚଳ, ଉନ୍ନତ ଡ୍ରାଇଭିଂ କୌଶଳ, ଟ୍ରାଫିକ ନିୟମ, ସୁରକ୍ଷା ପ୍ରୋଟୋକଲ ଓ ଯାତ୍ରୀ ସେବା ସମ୍ପର୍କରେ ପ୍ରଶିକ୍ଷଣ ନେବେ। ସାଧାରଣ ପରିବହନ କ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ସହ ମହିଳା ଯାତ୍ରୀଙ୍କୁ ଅଧିକ ସୁରକ୍ଷିତ, ସୁବିଧାଜନକ ଓ ଭରସାଯୋଗ୍ୟ ସେବା ପ୍ରଦାନ କରିବା ଏହି ଯୋଜନାର ମୂଳ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଓ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ମିଳିଥିବା ସୂଚନାନୁସାରେ, ପ୍ରଶିକ୍ଷଣ ପରେ ମହିଳା ଡ୍ରାଇଭରମାନେ ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର ଫେରିବେ। ଏହାପରେ ସେମାନଙ୍କୁ ନୂଆ ଇ-ବସ୍ (ଆମ ବସ୍) ଚଳାଇବାକୁ ଦିଆଯିବ। ତେବେ 'ସୁଭଦ୍ରା ବସ୍'ର ଚଳାଚଳ ନେଇ ଏଯାଏ କୌଣସି ତାରିଖ ଧାର୍ଯ୍ୟ ହୋଇ ନ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ସହରର ଅଧିକ ଭିଡ଼ ହେଉଥିବା ରୁଟ୍‌ରେ ଏହି ବସ୍ ସେବା ଯୋଗାଇବ। ବିଶେଷକରି ଅଫିସ୍ ଓ ଗହଳି ସମୟରେ ଆମ ବସ୍ ପଛରେ 'ସୁଭଦ୍ରା ବସ୍' ଗଡ଼ିବ। ପରେ ଆବଶ୍ୟକତା ଅନୁସାରେ ଅଧିକ ରୁଟ୍‌ରେ ଏହି ବସ୍ ଚଳାଚଳ କରିବ ବୋଲି ସୂଚନା ମିଳିଛି।



ଧରିତ୍ରୀ
DHARITRI
ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର, ଫେବୃଆରୀ ୧/୨୦୨୬ Bhubaneswar, Sunday, February 1/2026





## ମଲ୍ଟି ଟାଲେଣ୍ଟେଡ୍ ଆହାନ

ଆହାନ ପାଣ୍ଡେ ଅଭିନୟ ସହ ଜଣେ ଲେଖକ, ଷ୍ଟୋରି ଟେଲର, ମ୍ୟୁଜିକ କମ୍ପୋଜର, ଭିଡିଓ ଗେମ୍ ଡିଜାଇନର ଭାବେ ଦକ୍ଷତା ଅର୍ଜନ କରିଛନ୍ତି।

୦୨

୦୬

## ଅଷ୍ଟ୍ରେଲିଆନ ଓପନ ଜିତିଲେ ରିବାକିନା

ଅଷ୍ଟ୍ରେଲିଆନ ଓପନ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି କାଜାଖସ୍ତାନର ଏଲିନା ରିବାକିନା।





ଢେଙ୍କାନାଳ ଜିଲା ମହିମାପୀଠ ଯୋରନ୍ଦା ମେଳା ଅବସରରେ ଗାଦିମନ୍ଦିରରେ ଶନିବାର ଝାଡ଼ଦୀପ ପ୍ରଜ୍ୱଳନ କରାଯାଉଛି। **(ଫଟୋ- ମାନସ ତ୍ରିପାଠୀ)**

# ଆଜି କେନ୍ଦ୍ର ବଜେଟ

## ଅଭିବୃଦ୍ଧି, ଉତ୍ପାଦନ, ନିଯୁକ୍ତି ବୃଦ୍ଧି ଉପରେ ଫୋକସ

ନୂଆଦିଲ୍ଲୀ,୩୧।୧(ପି.ଟି.)

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରବିବାର ପାର୍ଲାମେଣ୍ଟରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ଏହା ତାଙ୍କର କ୍ରମାଗତ ୯ମ ବଜେଟ ଉପସ୍ଥାପନ ହେବ। ଅର୍ଥନୈତିକ ଅଭିବୃଦ୍ଧିର ଗତିକୁ ଅତୁଟ ରଖିବା, ଆର୍ଥିକ ଶୃଙ୍ଖଳାକୁ ବଜାୟ ରଖିବା ସହ ଆମେରିକା ଟାରିଫ୍ ସମେତ ବିଶ୍ୱ ବାଣିଜ୍ୟ ସଂଘର୍ଷରୁ ଅର୍ଥନୀତିକୁ ସୁଧାର ଦେଇପାରିବା ଭଳି ଉପାୟଗୁଡ଼ିକୁ ସାମିଲକରିବା ପାଇଁ ଅର୍ଥମନ୍ତ୍ରୀ ପଦକ୍ଷେପ ଘୋଷଣା କରିବେ ବୋଲି ଆଶା କରାଯାଉଛି।

ସ୍ୱାଧୀନ ଭାରତ ଇତିହାସରେ ପ୍ରଥମ ଥର ପାଇଁ ରବିବାର ବଜେଟ ଉପସ୍ଥାପନ ହେବାକୁ ଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଦଣ୍ଡାତ୍ମକ ଶୁଳ୍କ ଲଗାଇଥିବାବେଳେ ସୀତାରାମନଙ୍କ ଦ୍ୱାରା କରାଯାଇଥିବା ବ୍ୟାପକ ଆୟକର ଏବଂ ଜିଏସ୍‌ଟି ହ୍ରାସ, ଭିତ୍ତିଭୂମିରେ ବ୍ୟୟ ଏବଂ ରିଜର୍ଭ ବ୍ୟାଙ୍କର ସୁଧ ହାର ହ୍ରାସ ଭଳି ପଦକ୍ଷେପ ଯୋଗୁ ଭାରତୀୟ ଅର୍ଥନୀତି ସୁଦୃଢ଼ ରହିଛି। ସ୍ଥାୟୀ ଅଭିବୃଦ୍ଧି ଧାରା ବଜାୟ ରଖିବା ନିମନ୍ତେ ସେ ବଜେଟରେ କେତେକ ପଦକ୍ଷେପ ଘୋଷଣା କରିବେ ବୋଲି ଆଶା କରାଯାଉଛି।

୨୦୨୭ ଆର୍ଥିକ ବର୍ଷର ବଜେଟ ଏକ ଜଟିଳ ପୃଷ୍ଠଭୂମି ମଧ୍ୟରେ ପ୍ରସ୍ତୁତ ହୋଇଛି। ଘରୋଇ ଚାହିଦା ବଢ଼ିବା ସହ ଉଚ୍ଚ ମୁଦ୍ରାସ୍ଫୀତି ହ୍ରାସ ପାଇଥିବାବେଳେ ଭୂରାଜନୈତିକ ଉତ୍ତେଜନା, ସାମଗ୍ରୀଗୁଡ଼ିକର ଦରଦାମ୍‌ରେ ଅସ୍ଥିରତା ଏବଂ ପ୍ରମୁଖ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ଅସମାନ ମୁଦ୍ରାନୀତି ଶିଥିଳତା ଆଦି ବୈଶ୍ୱିକ ଅସ୍ଥିରତା ଭବିଷ୍ୟତ ପରିଦୃଶ୍ୟକୁ ଅସ୍ପଷ୍ଟ କରିରଖିଛି। ଦେଶ ମଧ୍ୟରେ ସରକାର ଆର୍ଥିକ ନିଅଣ୍ଟକୁ ନିମ୍ନମୁଖୀ ପଥରେ ରଖିବା ସହିତ ଖର୍ଚ୍ଚ ବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ପୁଞ୍ଜି ବ୍ୟୟ ବଢ଼ାଇବା ନେଇ ଚାପର ସମ୍ମୁଖୀନ ହେଉଛନ୍ତି। ତେବେ ଟିକସ ହ୍ରାସ କାରଣରୁ ସରକାରଙ୍କ ରାଜସ୍ୱ କମିଛି, ଯାହାକୁ ନୂଆ ବଜେଟରେ ଅର୍ଥନୀତିକୁ ସମର୍ଥନ ଦେବାରେ ଅର୍ଥମନ୍ତ୍ରୀଙ୍କ ବିକଳ୍ପଗୁଡ଼ିକୁ ସୀମିତ କରିଦେଇଛି। ବିଶେଷକରି ବୃଦ୍ଧି ପାଉଥିବା ଅନିଶ୍ଚିତତା, ସଙ୍କଟରେ ଥିବା ଆର୍ଥିକ ବଜାର ଏବଂ ବିଶ୍ୱ ପଣ୍ୟ ମୂଲ୍ୟରେ କ୍ରମାଗତ ବୃଦ୍ଧି କାରଣରୁ ଅଭିବୃଦ୍ଧିକୁ ଆଗେଇନେବା ଭଳି କାରକ ଖୋଜି ବାହାର କରିବା ଅର୍ଥମନ୍ତ୍ରୀଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହୋଇପାରେ। ସେହିପରି ଆମେରିକା ସହ ବାଣିଜ୍ୟକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ନିବେଶକମାନଙ୍କ ଆସ୍ଥାକୁ ବଜାୟ ରଖିବା ମଧ୍ୟ ତାଙ୍କ ପାଇଁ ଆଉ ଏକ ଜଟିଳ କାର୍ଯ୍ୟ। ବିଦେଶୀ ନିବେଶକମାନେ କ୍ରମାଗତ ଭାବେ ଭାରତୀୟ ଅଂଶଧନ ବିକ୍ରି କରିଦେଉଥିବାରୁ ଟଙ୍କା ମୂଲ୍ୟ ରେକର୍ଡ ନିମ୍ନସ୍ତରରେ ପହଞ୍ଚିଛି। ରାଜସ୍ୱ ବଢ଼ାଇବା ପାଇଁ ଅର୍ଥମନ୍ତ୍ରୀ ପେଟ୍ରୋଲ ଏବଂ ଡିଜେଲକୁ ବ୍ୟବହାର କରିପାରନ୍ତି ବୋଲି କେତେକେ ବିଶ୍ୱାସ କରୁଛନ୍ତି। ତୈଳ ଉପରେ ଟିକସ ବୃଦ୍ଧି ଗ୍ରାହକଙ୍କ ଉପରେ ନ ପକାଇ ଏହାକୁ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ହ୍ରାସ ଦ୍ୱାରା ସମାୟୋଜିତ କରାଯାଇପାରେ ବୋଲି ବିଶେଷଜ୍ଞମାନେ ଅନୁମାନ କରିଛନ୍ତି।



RAMRAJ
COTTON
CULTURE OF INDIA
DHOTIS • SHIRTS • KURTAS
FOR TRADE ENQUIRY
Distributor : RAMLAL RUPCHAND
NANDI SAHI, CUTTACK - 753 001.
CELL : 94370 94433


# ଢେଙ୍କାନାଳରେ ପ୍ରତିରକ୍ଷା ଉପକରଣ ନିର୍ମାଣ କେନ୍ଦ୍ର

**ରାଜ୍ୟ ସରକାର ଓଡ଼ିଶାରେ ଶିଳ୍ପ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଇ ବିକାଶକୁ ଗତିଶୀଳ କରିବା ଉପରେ ଅନେକ ପଦକ୍ଷେପ ନେଉଛନ୍ତି। ଏହିକ୍ରମେ ଢେଙ୍କାନାଳ ସହର ନିକଟବର୍ତ୍ତୀ ଗଜମରାଠାରେ କଲ୍ୟାଣୀ ଗ୍ରୁପ୍ ପକ୍ଷରୁ ଏକ ପ୍ରତିରକ୍ଷା ଓ ଏରୋସ୍ପେଶ ନିର୍ମାଣ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯିବ। ଏଥିରେ ପ୍ରାୟ ୨୦,୦୦୦ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାର ପ୍ରସ୍ତାବକୁ ଶନିବାର ରାଜ୍ୟ ସରକାରଙ୍କ କ୍ୟାବିନେଟ ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଛି।**

- **୧୭,୨୫୦ କୋଟିର ନିବେଶ**
- **୨୦,୦୦୦ ନିଯୁକ୍ତି ସୁଯୋଗ**
- **ରାଜ୍ୟ କ୍ୟାବିନେଟ୍‌ର ମଞ୍ଜୁରୀ**

ଭୁବନେଶ୍ୱର,୩୧।୧
(ରବିନାରାୟଣ ଜେନା)

ଓଡ଼ିଶାକୁ ଶିଳ୍ପକ୍ଷେତ୍ରରେ ଅଭିବୃଦ୍ଧି କରିବା ଏବଂ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ଭଳି ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଲୋକସେବା ଭବନରେ ଶନିବାର ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ଢେଙ୍କାନାଳର ଗଜମରାରେ କଲ୍ୟାଣୀ ଗ୍ରୁପ୍ ଦ୍ୱାରା ଆଉ ଏକ ସମନ୍ୱିତ ଅଟୋମେଟିଭ, ଏରୋସ୍ପେସ୍ ଓ ପ୍ରତିରକ୍ଷା ଉପକରଣ-ଉତ୍ପାଦନ କମ୍ପ୍ଲେକ୍ସକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି। ଏହି ପ୍ରକଳ୍ପରେ ପ୍ରାୟ ୧୭ହଜାର ୨୫୦କୋଟି ଟଙ୍କା ନିବେଶ ହେବ। ଏଥିରେ ପ୍ରତ୍ୟକ୍ଷ ଭାବେ ୪ହଜାର ୮୦୦ ଏବଂ ପରୋକ୍ଷରେ ୫ହଜାର ୫୦୦ଜଣଙ୍କୁ ନିଯୁକ୍ତି ମିଳିବ। ପରବର୍ତ୍ତୀ ବର୍ଷଗୁଡ଼ିକରେ ନିଯୁକ୍ତି ପରିମାଣ ୨୦ହଜାରରୁ ଅଧିକ ହେବ।

ଗର୍ଗ କହିଛନ୍ତି, ଢେଙ୍କାନାଳର ଗଜମରାଠାରେ ୧୧୦୦ ଏକର ଜମିରେ ବିକଶିତ ହେବାକୁ ଥିବା ଏହି ସମନ୍ୱିତ କମ୍ପ୍ଲେକ୍ସରେ ଟାଇଟାନିୟମ, ସ୍ପେଶାଲିଟି ଷ୍ଟିଲ, ଅଟୋ କମ୍ପୋନେଣ୍ଟ, ଏରୋସ୍ପେସ୍, ପ୍ରତିରକ୍ଷା ଉପକରଣ ଉତ୍ପାଦନ ହେବ। ଏଥିରେ ପ୍ରକଳ୍ପିତ ବିକ୍ରେତା ପାର୍କ ସହିତ ବହୁବିଧ ଉତ୍ପାଦନ ୟୁନିଟ ଅନ୍ତର୍ଭୁକ୍ତ ରହିବ। କଲ୍ୟାଣୀ ଷ୍ଟିଲର ସ୍ୱତନ୍ତ୍ର ଇସ୍ପାତ ବ୍ୟତୀତ ନୂତନ ସମନ୍ୱିତ କମ୍ପ୍ଲେକ୍ସରୁ ସାରଲୋହା ଆଡ୍‌ଭାନ୍ସଡ ମ୍ୟାଟେରିଆଲ ପ୍ରାଇଭେଟ ଲିମିଟେଡ୍‌ର ସୁପର ଆଲୟ ଏବଂ ଭାରତ ଫୋର୍ଜର ଶିଳ୍ପ କମ୍ପୋନେଣ୍ଟ କାଷ୍ଟିଂ ଏବଂ ଫୋର୍ଜିଂ ୟୁନିଟ ମଧ୍ୟ ଅନ୍ତର୍ଭୁକ୍ତ ହେବ। ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଶାକୁ କଞ୍ଚାମାଲର ଯୋଗାଣକାରୀରୁ ଉଚ୍ଚ-ମୂଲ୍ୟ, ପ୍ରଯୁକ୍ତିବିଦ୍ୟା-ବୃଦ୍ଧି ଏବଂ ରପ୍ତାନିଯୋଗ୍ୟ ସାମଗ୍ରୀ ଉତ୍ପାଦନ ହେବାରେ ସହାୟକ ହେବ। ଏହାସହିତ ନୂତନ ଯୁଗର ଶିଳ୍ପକ୍ଷେତ୍ରରେ ଆମଦାନୀ ନିର୍ଭରଶୀଳ ହ୍ରାସ କରିବ।

ମୁଖ୍ୟସଚିବ କହିଥିଲେ, ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଟାଇଟାନିୟମ ଏବଂ ସ୍ପେଶାଲିଟି ଇସ୍ପାତ ଭଳି ନୂତନ ଧାତୁ ଉତ୍ପାଦନରେ ଓଡ଼ିଶାର ସ୍ଥିତି ମଜଭୁତ ହେବ। ଓଡ଼ିଶାରେ ଶିଳ୍ପ ଅଗ୍ରଗତିର ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବ।

## ସୁନେତ୍ରା ପାୱାର ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ



ମୁମ୍ବାଇ,୩୧।୧

ଏନ୍‌ସିପି(ଅଜିତ) ନେତ୍ରୀ ସୁନେତ୍ରା ପାୱାର ଶନିବାର ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ମହାରାଷ୍ଟ୍ର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ଲୋକଭବନ ଠାରେ ସୁନେତ୍ରାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ୬୨ ବର୍ଷୀୟା ସୁନେତ୍ରା ମହାରାଷ୍ଟ୍ର ରାଜନୀତି ଇତିହାସରେ ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଲୋକଭବନ ଠାରେ ଆୟୋଜିତ ଏହି ଶପଥପାଠ ଉତ୍ସବରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍, ଉପମୁଖ୍ୟମନ୍ତ୍ରୀ ତଥା ଶିବସେନା ମୁଖ୍ୟ ଏକନାଥ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଆଇନ ଶାସନର ଉଲ୍ଲଂଘନ**

# ଭୁବନେଶ୍ୱରରେ ଗଡ଼ିବ ସୁଭଦ୍ରା ବସ୍

ଭୁବନେଶ୍ୱର, ୩୧।୧
(ବନ୍ଦନା ସେଠୀ)

ଭୁବନେଶ୍ୱରରେ ଗଡ଼ିବ 'ସୁଭଦ୍ରା ବସ୍'। ମହିଳାଙ୍କ ଦ୍ୱାରା ଓ ମହିଳାଙ୍କ ପାଇଁ ଏହି ବସ୍ ଚାଲିବ। ଟ୍ରେନିଂପ୍ରାପ୍ତ ମହିଳା ଡ୍ରାଇଭରଙ୍କୁ ନୂଆ ଇ-ବସ୍ ଦିଆଯିବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ପରୀକ୍ଷାମୂଳକ ଭାବେ ରାଜଧାନୀରେ ସୁଭଦ୍ରା ବସ୍ ଚଳାଚଳ କରିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଶନିବାର ଏନେଇ ଖାରବେଳ ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ 'ଆମ ବସ୍' ପରିଚାଳନା କରୁଥିବା କ୍ୟାପିଟାଲ୍ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍)ର ୨୦ଜଣ ମହିଳା ଡ୍ରାଇଭର ବିଶେଷ ପ୍ରଶିକ୍ଷଣ ପାଇଁ ମହାରାଷ୍ଟ୍ରର ପୁଣେ ଅଭିମୁଖେ ଯାତ୍ରା କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସମ୍ପୃକ୍ତ ମହିଳା ଡ୍ରାଇଭରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ।

ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି, ମହିଳାମାନେ ଆଜି ସମସ୍ତ କ୍ଷେତ୍ରରେ ନିଜ ଦକ୍ଷତା ପ୍ରମାଣିତ କରୁଛନ୍ତି। ଠିକ୍ ପ୍ରଶିକ୍ଷଣ ମିଳିଲେ ସେମାନେ ପରିବହନ କ୍ଷେତ୍ରରେ ମଧ୍ୟ ଅତ୍ୟନ୍ତ ସଫଳ ହୋଇପାରିବେ ଏବଂ ନିଜ ଦକ୍ଷତା ପ୍ରତିପାଦନ କରିପାରିବେ। ରାଜ୍ୟର ବିଭିନ୍ନ ସହରରେ 'ଆମ ବସ୍' ସେବାର ସମ୍ପ୍ରସାରଣ ଓ ଯାତ୍ରୀ ସୁବିଧା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏବେ ମହିଳାଙ୍କ ଯାତାୟାତ କ୍ଷେତ୍ରକୁ ସହଜ କରିବାକୁ ପଦକ୍ଷେପସ୍ୱରୂପ 'ସୁଭଦ୍ରା ବସ୍' ଚଳାଇବାକୁ ଯୋଜନା ଚାଲିଛି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୨୦ଜଣ ମହିଳା ଡ୍ରାଇଭରଙ୍କୁ ୧୪ ଦିନିଆ ଉନ୍ନତ ପ୍ରଶିକ୍ଷଣ ପାଇଁ ପୁଣେ ପଠାଯାଇଛି। ପୁଣେର 'ଏକ୍ସା ମୋବିଲିଟି'ଠାରେ ସେମାନେ ବିଦ୍ୟୁତ୍‌ଚାଳିତ ବସ୍ (ଇ-ବସ୍) ଚଳାଚଳ, ଉନ୍ନତ ଡ୍ରାଇଭିଂ କୌଶଳ, ଟ୍ରାଫିକ ନିୟମ, ସୁରକ୍ଷା ପ୍ରୋଟୋକଲ ଓ ଯାତ୍ରୀ ସେବା ସମ୍ପର୍କରେ ପ୍ରଶିକ୍ଷଣ ନେବେ। ସାଧାରଣ ପରିବହନ କ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ସହ ମହିଳା ଯାତ୍ରୀଙ୍କୁ ଅଧିକ ସୁରକ୍ଷିତ, ସୁବିଧାଜନକ ଓ ଭରସାଯୋଗ୍ୟ ସେବା ପ୍ରଦାନ କରିବା ଏହି ଯୋଜନାର ମୂଳ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଓ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ମିଳିଥିବା ସୂଚନାନୁସାରେ, ପ୍ରଶିକ୍ଷଣ ପରେ ମହିଳା ଡ୍ରାଇଭରମାନେ ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର ଫେରିବେ। ଏହାପରେ ସେମାନଙ୍କୁ ନୂଆ ଇ-ବସ୍ (ଆମ ବସ୍) ଚଳାଇବାକୁ ଦିଆଯିବ। ତେବେ 'ସୁଭଦ୍ରା ବସ୍'ର ଚଳାଚଳ ନେଇ ଏଯାଏ କୌଣସି ତାରିଖ ଧାର୍ଯ୍ୟ ହୋଇ ନ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ସହରର ଅଧିକ ଭିଡ଼ ହେଉଥିବା ରୁଟ୍‌ରେ ଏହି ବସ୍ ସେବା ଯୋଗାଇବ। ବିଶେଷକରି ଅଫିସ୍ ଓ ଗହଳି ସମୟରେ ଆମ ବସ୍ ପଛରେ 'ସୁଭଦ୍ରା ବସ୍' ଗଡ଼ିବ। ପରେ ଆବଶ୍ୟକତା ଅନୁସାରେ ଅଧିକ ରୁଟ୍‌ରେ ଏହି ବସ୍ ଚଳାଚଳ କରିବ ବୋଲି ସୂଚନା ମିଳିଛି।




SIKSHA 'O' ANUSANDHAN
SAAT-2026
Empowering students for a brighter future
MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 66th Best in Management Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

## ବେତନଟୀ ବନପାଳ ନିଲମ୍ବିତ

ବୈଶିଙ୍ଗା/ବେତନଟୀ, (ରତନ ଦାଶ/ଧରଣୀଧର ମହାନ୍ତି): ମୟୂରଭଞ୍ଜ ଜିଲା ବେତନଟୀ ବନାଞ୍ଚଳ ବନପାଳ ଲକ୍ଷ୍ମୀ ମହାପାତ୍ରଙ୍କୁ କାର୍ଯ୍ୟରେ ଅବହେଳା ଓ ବିଶୃଙ୍ଖଳା ଆଚରଣ ପାଇଁ ଚାକିରିରୁ ନିଲମ୍ବନ କରାଯାଇଛି। ବନପାଳଙ୍କ ବିରୋଧରେ ବାଲି ବୋଝେଇ ଟ୍ରାକ୍ଟର ଡ୍ରାଇଭରଙ୍କୁ ବଟି ମାଗିବା, ଫର୍ନିଚର ବ୍ୟବସାୟୀଙ୍କୁ ହାଜତରେ ରଖି ନିର୍ଯାତନା ଦେବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାଯାଇଛି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ପଥ ଉତ୍ସବ, ସ୍ଥାନ: ଇନ୍‌ଫୋସିଟି ଛକ, ସମୟ: ସକାଳ ୬ଟା।
- ସମ୍ବାଦପତ୍ର 'ପ୍ରବାହ'ର ୧୯ତମ ସ୍ୱନକ୍ଷତ୍ର ଦିବସ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ରଘୁନାଥ ମୁର୍ମୁଙ୍କ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ମାଲ୍ୟାର୍ପଣ, ସ୍ଥାନ: ବିଧାନସଭା ସମ୍ମୁଖ ପ୍ରତିମୂର୍ତ୍ତି, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଶିଖରଚଣ୍ଡି ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଲୋକଶକ୍ତି ଅଭିଯାନ ଓ ସେଣ୍ଟର୍ ଫର୍ କ୍ଲାଇମେଟ ଜଷ୍ଟିସ୍ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନା ସଭା, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- କଳିଙ୍ଗ ଭାଷା ମୁକ୍ତମଞ୍ଚ ପକ୍ଷରୁ 'କଫି ବ୍ରେକ୍ ୨.୦' କାର୍ଯ୍ୟକ୍ରମ, ସ୍ଥାନ: ଶୋର୍ ଷ୍ଟୁଡିଓ, ବିଜେବି ନଗର, ସମୟ: ଅପରାହ୍ନ ୪ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବାଲିଅନ୍ତା ଡାମରା ଗ୍ରାମ ସ୍ଥିତ ମଙ୍ଗଳାଙ୍କ ପୀଠ, ସମୟ: ଅପରାହ୍ନ ୫ଟା।
- ୩୪ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବାଲିଅନ୍ତା ବ୍ଲକ ପଟୁପଡା ଗ୍ରାମ ମା' ଭବାନୀ ଦେବୀଙ୍କ ପୀଠ, ସମୟ: ସନ୍ଧ୍ୟା ୫ଟା ୩୦।
- ମୟୂରଭଞ୍ଜ ସାଂସ୍କୃତିକ ସଂସଦ ପକ୍ଷରୁ ମୟୂରଭଞ୍ଜ ଉତ୍ସବ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ ଜୀବନ୍ୟାସ ମଞ୍ଚସ୍ଥ, ସ୍ଥାନ: ବିଜୁ ନାଟ୍ୟ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ଓ ମା' ତାରିଣୀ ମନ୍ଦିରର ୨୦ତମ ବାର୍ଷିକ ଉତ୍ସବ, ସ୍ଥାନ: ଜିଜିପି କଲୋନୀ, ସମୟ: ସନ୍ଧ୍ୟା ୭ଟା।
- ତ୍ରିନାଥ ଠାକୁରଙ୍କ ବାର୍ଷିକ ଉତ୍ସବ ଅବସରରେ ଭଜନ ସମାରୋହ, ସ୍ଥାନ: ବାଲିଅନ୍ତା ବ୍ଲକର ଭୁବନପୁର ଗ୍ରାମ ଛକ, ସମୟ: ସନ୍ଧ୍ୟା ୭ଟା।
- ୩୦ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବାଲିଅନ୍ତା ବ୍ଲକର ଭିଙ୍ଗାରପୁରସ୍ଥିତ ଦୁର୍ଗା ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।

### କଟକ
- ଦିବ୍ୟ ଜୀବନ ସଂଘ ଶିବାନନ୍ଦ ଆଶ୍ରମର ୭୫ତମ ଅମୃତ ମହୋତ୍ସବ ଓ ୩୯ତମ ନିଖିଳ ଉତ୍କଳ ଦିବ୍ୟଜୀବନ ସଂଘ ଆଧ୍ୟାତ୍ମିକ ସମ୍ମିଳନୀର ତୃତୀୟ ଦିବସ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ବାର୍ଷିକ ପୁଷ୍ପ ପ୍ରଦର୍ଶନୀର ଉଦ୍‌ଯାପନୀ ଦିବସ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ତିନିଦିନିଆ ଜିଲାସ୍ତରୀୟ ଯୁବ ନେତୃତ୍ୱ ତାଲିମ ଶିବିର ଉଦ୍‌ଯାପନୀ ଦିବସ, ସ୍ଥାନ: ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜାଗୃତ ଓଡ଼ିଶା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଚିକିଏ ହସ କାର୍ଯ୍ୟକ୍ରମର ଉଦ୍‌ଘାଟନ, ସ୍ଥାନ: ନୌବାଣିଜ୍ୟ ସଂଗ୍ରହାଳୟ, ଯୋବ୍ରା, ସମୟ: ପୂର୍ବାହ୍ନ ୧୧ଟା।
- ବାରବାଟୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ରଙ୍ଗମଙ୍କ ସିଡିଏ ଫେଷ୍ଟିଭାଲ ଦ୍ୱିତୀୟ ଦିବସ, ସ୍ଥାନ: ଦୁର୍ଗାପୂଜା ପଡ଼ିଆ, ସିଡିଏ ସେକ୍ଟର-୧୧, ସମୟ: ଅପରାହ୍ନ ୫ଟା।
- ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ପଲ୍ଲିଶ୍ରୀ ମେଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ପୀଠ, ତେଲେଙ୍ଗାପେଣ୍ଠ, ସମୟ: ଅପରାହ୍ନ ୫ଟା।
- କଟକ ସହର ତୈଳିକ(ତେଲି) ବୈଶ୍ୟ ସମାଜ ପକ୍ଷରୁ ଅଗ୍ନି ମହୋତ୍ସବ, ସ୍ଥାନ: ଲାଲା ମଠ, ଶେଖବଜାର, ସମୟ: ସନ୍ଧ୍ୟା ୫ଟା ୩୦।

### ପୁରୀ
- ୩୦ତମ ରାମଚରିତ ମାନସ ନବାହ୍ନ ପାରାୟଣ, ମହାଯଜ୍ଞ ଓ ପୂର୍ଣ୍ଣାହୁତି, ପ୍ରସାଦ ସେବନ, ସ୍ଥାନ: ବଳଙ୍ଗା ଉଚ୍ଛୁପୁର, ତ୍ରିନାଥ ବଜାର, ସମୟ: ସନ୍ଧ୍ୟା ୭ଟା।
- ପଣ୍ଡିତ ବାସୁଦେବ ମହାପାତ୍ରଙ୍କ ସ୍ମୃତି ଉତ୍ସବ, ସ୍ଥାନ: ଗୀତା ମନ୍ଦିର, ମାର୍କଣ୍ଡେଶ୍ୱର ସାହି, ସମୟ: ସକାଳ ୮ଟା ୩୦।
- ବାବା ଗ୍ରାମେଶ୍ୱର ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ: କଣ୍ଡପୁର ପ୍ରାଥମିକ ବିଦ୍ୟାଳୟ, ସମୟ: ସକାଳ ୮ଟା୩୦।
- ମାରୁତି ସେନାର ସପ୍ତମ ବାର୍ଷିକ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା।
- ପ୍ରଗତିଶୀଳ ପାଠଚକ୍ର ପକ୍ଷରୁ ଜାତିପ୍ରଥା ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: କୁଳମଣି ଭବନ, ସମୟ: ଅପରାହ୍ନ ୪ଟା।
- ଜଗନ୍ନାଥାୟନ କାର୍ଯ୍ୟକ୍ରମ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା ୩୦।

### ବାଲେଶ୍ୱର
- ରେମୁଣା ମହୋତ୍ସବର ଉଦଯାପନୀ ସନ୍ଧ୍ୟା, ସ୍ଥାନ:ମହୋତ୍ସବ ପଡିଆ, ହାତିଆଗଣ୍ଡ ଛକ, ରେମୁଣା, ସମୟ:ଅପରାହ୍ନ ୫ ଟା।
- ଅଗ୍ନିଉତ୍ସବ ଓ ନାମ ସଂକୀର୍ତ୍ତନ, ସ୍ଥାନ: ରାଉତପଡା ବିଦ୍ୟାଧର ପୋଖରୀ ପ୍ରାଙ୍ଗଣ, ରୂପସା, ସମୟ: ରାତି ୮ ଟା।

### ଭଦ୍ରକ
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ପୁରୁଣାବଜାର ମହାବୀର ପଡ଼ିଆ, ଭଦ୍ରକ, ସମୟ: ସକାଳ ୮ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: କାଳିପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଦିବଂଗତ ସାମାଜିକ କର୍ମୀ ପ୍ରଦୀପ ଜେନାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ପାଟଣାସାହି, ତିହିଡ଼ି, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଶା ବ୍ରିଗେଡ୍ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଗୁଆମାଳ, ତିହିଡ଼ି, ସମୟ: ଅପରାହ୍ନ ୪ଟା।

### କେନ୍ଦୁଝର
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶାସଙ୍ଗ, ହାଟଡିହୀ, ସମୟ: ସକାଳ ୭ ଟା।
- ଦଶମ ନକ୍ ଆଉଟ କ୍ରିକେଟ୍ ପ୍ରତିଯୋଗିତା, ସ୍ଥାନ: ଜାମୁଦଳକ, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୧ଟା।
- ଧୃତିପାଳୀ ମହୋତ୍ସବ, ସ୍ଥାନ: ସତସଙ୍ଗ କେନ୍ଦ୍ର, ସ୍ୱାମ ପାଟଣା, ସମୟ: ସକାଳ ୬ଟା ୧୩।

### ମୟୂରଭଞ୍ଜ
- ମା' ହିଙ୍ଗୁଳାଙ୍କ ବିଷ୍ଣୁ ଯଜ୍ଞ, ସ୍ଥାନ: କଉଡୀଖଣି ସୁହାଗପୁର, ବଡ଼ସାହି, ସମୟ: ସକାଳ ୯ଟା।
- ବିଶାଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: ମହାଦେବ ମନ୍ଦିର ପରିସର, ମୋରଡ଼ା, ସମୟ: ସକାଳ ୯ଟା।
- ଶୈବମନ୍ଦିର ପ୍ରତିଷ୍ଠା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଖଣ୍ଡିହୁଡି ତାରିଣୀ ମନ୍ଦିର ପରିସର, ଉଦଳା, ସମୟ: ପୂର୍ବାହ୍ନ ୧୦ଟା।
- ଗୋପବନ୍ଧୁ ନଗର ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ, ସ୍ଥାନ: କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟ ମିଟିଂ ହଲ୍, ଗୋପବନ୍ଧୁ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପନୀ, ସ୍ଥାନ: ପାଟପୁର ହରେକୃଷ୍ଣ ମଣ୍ଡପ, ଉଦଳା, ସମୟ: ପୂର୍ବାହ୍ନ ୧୧ଟା।
- ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୨ଟା।

### ବ୍ରହ୍ମପୁର
- ତ୍ରିଧାରା ସାହିତ୍ୟ ସଂସଦର ଆଲୋଚନାଚକ୍ର, ସ୍ଥାନ: ଉତ୍କଳ ଆଶ୍ରମ ପାଠାଗାର, ସମୟ: ପୂର୍ବାହ୍ନ ୧୦ ଟା ୫।
- ଗଞ୍ଜାମ କଳା ପରିଷଦର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ ଟା।

### ଗଞ୍ଜାମ
- ମା'ରତନେଇ ମନ୍ଦିର ମୁଖ୍ୟ ଦ୍ୱାର ପ୍ରତିଷ୍ଠା, ସ୍ଥାନ: ବୁଗୁଡ଼ା, କୁଆନଳା, ସମୟ: ସକାଳ ୭ ଟା।

### କନ୍ଧମାଳ
- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବର ନଗର ପରିକ୍ରମା, ସ୍ଥାନ : କେନ୍ଦ୍ର ପରିସର, ବାଲିଗୁଡା, ସମୟ: ଅପରାହ୍ନ ୩ ଟା ୩୦।

### ଢେଙ୍କାନାଳ
- ରେଡ୍‌ନାଇଟ ପରିବାର ସହିତ କାର୍ଯ୍ୟରତ ଖବରଦାତା ସଂଘ ମଧ୍ୟରେ ଏକ ବନ୍ଧୁତପୂର୍ଣ୍ଣ କ୍ରିକେଟ ମ୍ୟାଚ, ସ୍ଥାନ: ପରଜଙ୍ଗ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ ଟା।

### ଅନୁଗୋଳ
- ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକ ୧୧ ନଂ. ୱାର୍ଡ ବରଗାଁ ଗ୍ରାମ, ସମୟ: ସକାଳ ୭ଟା।
- ଆମ ଗୌରବ ଆମ କଲେଜ ପରିଚାଳନା ସଙ୍ଗଠନର ପୁନର୍ଗଠନ ଉପଲକ୍ଷେ ପୁରାତନ ଛାତ୍ରୀଛାତ୍ରଙ୍କ ସାଧାରଣ ବୈଠକ। ସ୍ଥାନ: ଆଠମଲ୍ଲିକ ମହାବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।

### ଜଗତ୍‌ସିଂହପୁର
- ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ଜନ୍ମୋତ୍ସବ, ସ୍ଥାନ: କେରେକେରା, ରଘୁନାଥପୁର ବ୍ଲକ, ଜଗତ୍‌ସିଂହପୁର, ସମୟ: ପ୍ରାତଃ ୫ଟା।
- ରାଜ୍ୟସ୍ତରୀୟ ସମୀର ସୁଶିଳ ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ, ସ୍ଥାନ: ଜଗତି ଖେଳ ପଡ଼ିଆ, କୁଜଙ୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ: ବୃନ୍ଦାବନ କଲୋନୀ ଯଜ୍ଞ ମଣ୍ଡପ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦ୍ରାପଡ଼ା
- ଶାସ୍ତ୍ରୀଜୀ ଯୁବକ ସଂଘ ପକ୍ଷରୁ ଅଶ୍ରୁଖୋଳା ବଞ୍ଚାଅ ଅଭିଯାନରେ ମୋଟରସାଇକେଲ ସଚେତନତା ଯାତ୍ରା, ସ୍ଥାନ:ଚାଉଳିଆବାମରା ହାଇସ୍କୁଲ ପଡିଆ, ଗରଦପୁର, ସମୟ: ସକାଳ ୭ଟା ।
- ବିଶାଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଲଛମନଜୀୟୁ ମନ୍ଦିର ପରିସର, ଡେରାବିଶ, ସମୟ:ସକାଳ ୮ଟା ।
- ପଟ୍ଟାମୁଣ୍ଡାଇ କୋର୍ଟର ରଜତ ଜୟନ୍ତୀ ଉତ୍ସବ, ସ୍ଥାନ: କୋର୍ଟ ପରିସର, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା ।

### ଯାଜପୁର
- ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଯାଜପୁର ରୋଡ୍ କାଳୀ ମେଲଣ ପଡ଼ିଆ, ସମୟ: ପୂର୍ବାହ୍ନ ୯ଟା।
- ବ୍ୟାସ ସରୋବର ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଭଜନ ସମାରୋହ, ସ୍ଥାନ: ବ୍ୟାସ ସରୋବର ପୀଠ, ସମୟ: ସନ୍ଧ୍ୟା ୬ଟା।

### ନୟାଗଡ଼
- ମା' ମଙ୍ଗଳା ମନ୍ଦିରର ବାଷକ ଉଦ୍‌ଯାପନ ଉତ୍ସବ ସ୍ଥାନ:କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣାସ୍ଥିତ ମନ୍ଦିର, ସମୟ: ସକାଳ ୭ଟା ।
- ମହାନଦୀ ଆରତୀ ଉତ୍ସବ, ସ୍ଥାନ: କଣ୍ଟିଲୋ ମହାନଦୀ କୂଳ ଗଙ୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

### ନବରଙ୍ଗପୁର
- ବିଶାଳ ହିନ୍ଦୁ ସମ୍ମିଳନୀ, କଳସ ଯାତ୍ରା, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ ୯ଟା।
- ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଗୁଲିପାଟଣା ଶିବ ମନ୍ଦିର ପରିସର, ଉମରକୋଟ, ସମୟ: ସନ୍ଧ୍ୟା ୬ ଟା।

### କୋରାପୁଟ
- ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ, ସ୍ଥାନ: ମିର୍ଗାନ ସାହି, କୋଟପାଡ଼, ସମୟ: ସକାଳ ୬ଟା।
- ଟ୍ରକ ଟିପ୍ପର ମାଲିକ ସଂଘର ବନ୍ଧୁମିଳନ, ସ୍ଥାନ: ସଂଘ କାର୍ଯ୍ୟାଳୟ ପରିସର, ସେମିଳିଗୁଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

### ମାଲକାନଗିରି
- ମାଲ୍ୟବନ୍ତ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ମାଲ୍ୟବନ୍ତ ଉତ୍ସବ ମଣ୍ଡପ, ମାଲକାନଗିରି, ସମୟ: ସନ୍ଧ୍ୟା ୭ଟା।

### ସମ୍ବଲପୁର
- ପରମାଣପୁର ଧନୁଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ପରମାଣପୁର ଗ୍ରାମ, ସମୟ : ସନ୍ଧ୍ୟା ୭ଟା ।
- ସେଲେବ୍ରିଟି କପ କ୍ରିକେଟ ଟୁର୍ନାମେଣ୍ଟର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ରାତି ୭ଟା ।

### ବଲାଙ୍ଗୀର
- ବଲାଙ୍ଗୀର ଜିଲା ଲୋଇସିଂହା ମଣ୍ଡଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: ବାବା ମଠ, ଲୋଇସିଂହା କଲେଜ ଛକ, ସମୟ: ସକାଳ ୯ଟା ।

### ରାଉରକେଲା
- ନାମଯଜ୍ଞ, ସ୍ଥାନ: ସେକ୍ଟର-୨, ଏନ୍‌ଏସି ମାର୍କେଟ, ସମୟ: ସକାଳ ୭ଟା।
- ଚ୍ୟାମ୍ବର ଅଫ୍ କମର୍ସ ରାଉରକେଲା ପକ୍ଷରୁ କେନ୍ଦ୍ରୀୟ ବଜେଟ ନେଇ ଆଲୋଚନାଚକ୍ର, ସ୍ଥାନ: ପାନପୋଷ, ସମୟ: ପୂର୍ବାହ୍ନ ୧୦ଟା।

### ସୁନ୍ଦରଗଡ଼
- ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ଦିବସ ଓ କୁଆଁରମୁଣ୍ଡା ଶ୍ରୀ ମନ୍ଦିରର ୪ର୍ଥ ଉଦ୍‌ବୋଧନୀ ଦିବସ ପାଳନ,ସ୍ଥାନ: ସତସଙ୍ଗ ବିହାର, କୁଆଁରମୁଣ୍ଡା,ସମୟ: ପୂର୍ବାହ୍ନ ୧୦ଟା ୩୦।

### ବରଗଡ଼
- ରକ୍ତଦାନ ଶିବିର, ସ୍ଥାନ: ସହରାଟିକ୍ରା, ଭେଡେନ, ସମୟ:ସକାଳ ୯ଟା।
- ସଂଯୁକ୍ତ କୃଷକ ସଂଗଠନର ପ୍ରତିଷ୍ଠା ଦିବସ, ସ୍ଥାନ: ପପଙ୍ଗା ପାହାଡ଼, ଭେଡେନ, ସମୟ: ପୂର୍ବାହ୍ନ ୧୦ଟା।

### ବୌଦ୍ଧ
- ଜାତୀୟ ସଡକ ସୁରକ୍ଷା ମାସ ପାଳନ ଉଦ୍‌ଯାପନ ଉତ୍ସବ। ସ୍ଥାନ: ଟାଉନ ହଲ, ବୌଦ୍ଧ। ସମୟ: ପୂର୍ବାହ୍ନ ୧୧ଟା।

### ଦେବଗଡ଼
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

### ସୁବର୍ଣ୍ଣପୁର
- ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା, ସ୍ଥାନ: ସୁବର୍ଣ୍ଣପୁର ସହର ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ମଧ୍ୟାହ୍ନ ୧୨ଟା ୩୦।

### ନୂଆପଡ଼ା
- ତରବୋଡ ଯାଦବ ସମାଜର ବାର୍ଷିକ ସାଧାରଣ ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଯାଦବ ସମାଜ କେନ୍ଦ୍ର ରାଧାକୃଷ୍ଣ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପୁଷ୍ୟା ନକ୍ଷତ୍ରରେ ଚନ୍ଦ୍ର ପରିବାର ଓ କର୍ମକ୍ଷେତ୍ରର ସ୍ଥିତିକୁ କେନ୍ଦ୍ର କରି ଭାବପ୍ରବଣ କରାଇବ। ସାମାଜିକ ସ୍ତରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ସୁଯୋଗ ପାଇବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଉନ୍ନତି ଘଟିବ। ପ୍ରତ୍ୟୁଷ ଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ, ରଚନାତ୍ମକ କାର୍ଯ୍ୟ ସାଙ୍ଗକୁ ବନ୍ଧୁମିଳନର ସୁଯୋଗ ଲାଭ କରିପାରନ୍ତି।

**ବୃଷ** ତୃତୀୟାଧିପଙ୍କ ଶୁଭ ସମ୍ପର୍କରୁ ବନ୍ଧୁବର୍ଗଙ୍କ ସହ ସୁସମ୍ପର୍କ ସ୍ଥାପନ ହୋଇପାରିବ। ଆନୁଷ୍ଠାନିକ କାର୍ଯ୍ୟ, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। କିଛି ଜିନିଷ ହଜାଇବା କାରଣରୁ ବିରସ ରହିବେ। ବାଣିଜ୍ୟ, ବ୍ୟବସାୟ, ବିବାଦୀୟ ପରିସ୍ଥିତି ଓ ଯାତ୍ରା କେତେକାଂଶରେ ସୁଫଳଦାୟୀ ହୋଇପାରେ।

**ମିଥୁନ** ରବି ଓ ବୁଧଙ୍କ ସଂଯୋଗରୁ ବନ୍ଧୁତା ରହିଥିବା ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରତ୍ୟେକ କାମ କରାଇନେବେ। ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଚେଷ୍ଟା କରୁଥିବା ଦିଗରୁ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବ। ଶିଳ୍ପ, ବାଣିଜ୍ୟ, କଳ କାରଖାନା, ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ।

**କର୍କଟ** ବ୍ୟୟାଧିପତି ବୁଧ ସପ୍ତମସ୍ଥ ଯୋଗୁ ବ୍ୟବସାୟରେ ପୁଞ୍ଜିଲଗାଣ ସକାଶେ ଅର୍ଥବ୍ୟୟ କରିପାରନ୍ତି। କୌଣସି ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ କେତେକ ଭୁଲ୍ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବ, କିନ୍ତୁ ପରିସ୍ଥିତି ପ୍ରତି ସଜାଗ ରହି ବନ୍ଧୁଙ୍କୁ ଆପ୍ୟାୟିତ କରିବେ।

**ସିଂହ** ଆଜିର ଗ୍ରହପ୍ରଭାବରୁ ଜଣେ ମହିଳାଙ୍କ ସାହାଯ୍ୟରେ ସ୍ଥଗିତ କାମକୁ ସମ୍ପୂର୍ଣ୍ଣ କରିବେ। ଆବଶ୍ୟକତା ପୂରଣ ସକାଶେ କରଜ କରି କାମ ଚଳାଇନେବେ। ବ୍ୟବସାୟିକ କ୍ଷେତ୍ର, ମାଙ୍ଗଳିକ କାମ, ପ୍ରଶାସନ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ। ପୁରାତନ ପୀଡ଼ାରୁ କଷ୍ଟ ଅନୁଭବ କରିପାରନ୍ତି। ଫଳତଃ ଯାତ୍ରା ସ୍ଥଗିତ ରହିଯିବ।

**କନ୍ୟା** ଲାଭାଧିପ ସ୍ୱଗୃହୀ ଯୋଗୁ ବକେୟା ଅର୍ଥପ୍ରାପ୍ତିର ସମ୍ଭାବନା ରହିଛି। ଅଫିସ୍‌ରେ କୌଣସି ଅତ୍ୟାବଶ୍ୟକ କାଗଜ ନ ପାଇ ବ୍ୟସ୍ତ ହେବେ। ସଭାସମିତିର ଆଲୋଚନା ପରିସରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଯାତ୍ରା କାଳରେ ସମଧର୍ମୀୟ ବ୍ୟକ୍ତି ସହ ସମ୍ପର୍କ ସ୍ଥାପନ ହିତକର ହେବ।

**ତୁଳା** ବୃହସ୍ପତିଙ୍କ ସୁପ୍ରଭାବରୁ ଅଟକିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଆପଣାଛାଏଁ ସମାଧାନ ହୋଇଯିବ। ବିଭିନ୍ନ ଦିଗରୁ ସୁବିଧା, ସୁଯୋଗ ଜୁଟିବ ଏବଂ ଆବଶ୍ୟକତା ମଧ୍ୟ ପୂରଣ ହେବ। ବାଣିଜ୍ୟାରମ୍ଭ, ଶୁଭ କାର୍ଯ୍ୟ ସମ୍ପାଦନ, ସତ୍‌ସଙ୍ଗ, ମାନସିକ ସ୍ତରରେ ଆନନ୍ଦ ଅନୁଭବ କରାଇବ। ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ।

**ବିଛା** ପାପଗ୍ରହ ପ୍ରଭାବରେ ମନ ଏବଂ କୌଣସି କାର୍ଯ୍ୟ ଶୃଙ୍ଖଳିତ ରହିବନାହିଁ। ଫଳତଃ ଆପଣଙ୍କ ବିଚାରଧାରା ଭିନ୍ନ ହେବା କାରଣରୁ କାର୍ଯ୍ୟପଦ୍ଧତି ମଧ୍ୟ ବିଶୃଙ୍ଖଳିତ ରହିବ। ଆକସ୍ମିକ ଭାବରେ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା କାରଣରୁ ଚିନ୍ତିତ ରହିପାରନ୍ତି। କିନ୍ତୁ ବ୍ୟବସାୟ, ବାଣିଜ୍ୟ, ପରିବହନ, ପ୍ରକାଶନ, ନିର୍ମାଣାଦି କାର୍ଯ୍ୟ ଠିକ୍‌ଠାକ୍ ଚାଲିବ।

**ଧନୁ** ଚତୁର୍ଥକେନ୍ଦ୍ରସ୍ଥ ବଳହୀନ ଶନିଙ୍କ ହେତୁ ବିରୋଧାତ୍ମକ ପରିବେଶରେ ଚଳିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ବାହାର କରିନେବେ। ପାରିବାରିକ କ୍ଷେତ୍ରରେ ସନ୍ଦେହ ଏବଂ ଭୁଲ୍ ବୁଝାମଣା ଅଶାନ୍ତିର କାରଣ ହେବ। ସାହିତ୍ୟ, ଗବେଷଣା, କଳା-ସଂସ୍କୃତି, ବିଦେଶ ଯାତ୍ରା ଏବଂ ଆନୁଷ୍ଠାନିକ କ୍ଷେତ୍ରରେ ଲକ୍ଷ୍ୟ ହ୍ରାସ ହେବ।

**ମକର** ଚନ୍ଦ୍ରଙ୍କ ଶୁଭ ପ୍ରଭାବରୁ କର୍ମ ଜଞ୍ଜାଳରେ ବ୍ୟସ୍ତ ରହି ବନ୍ଧୁଙ୍କ ଭିଡ଼ରେ ନିଜ ଲୋକଟିର କଥା ବୁଝିପାରିବେ ନାହିଁ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ, କିନ୍ତୁ ମନର ରାଗ ଭିତରେ ଭିତରେ କୁହୁଳି ଉଠିବ। ଆତ୍ମୀୟଙ୍କ ଅଶ୍ରଦ୍ଧା, ବନ୍ଧୁଙ୍କ ରାଗରୁଷା, ସ୍ତ୍ରୀଙ୍କ ମୁହଁଫୁଲା, ଯାତ୍ରା ଓ ବାଣିଜ୍ୟରେ ସମସ୍ୟା ପ୍ରଭୃତିର ସାମ୍ନା କରିବାକୁ ପଡ଼ିପାରେ।

**କୁମ୍ଭ** ରାହୁଙ୍କ ପ୍ରଭାବରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଦୂରଯାତ୍ରା, ଅର୍ଥ କାରବାର, ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ମନ୍ଦ ନୁହେଁ। ସମ୍ପର୍କୀୟଙ୍କ ସାହାଯ୍ୟ ଓ ସହଯୋଗ ପାଇ କାର୍ଯ୍ୟ ହାସଲ କରିପାରିବେ। କଳ, କାରଖାନା, ହୋଟେଲ ଶିଳ୍ପ, ମନୋରଞ୍ଜନ, ଯାତ୍ରା ଓ ଭ୍ରମଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ।

**ମୀନ** ଆତ୍ମୀୟଙ୍କ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଦ୍ୱାଦଶସ୍ଥ ପାପଗ୍ରହ ଯୋଗୁ ଖର୍ଚ୍ଚ ବଢ଼ିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ଅତୀତ ଘଟଣା, ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ସାମୟିକ ମନ ଉଦାସ ରହିପାରେ। ପଡ଼ୋଶୀଙ୍କ ସହ ଆଗାମୀ ଶୁଭକାର୍ଯ୍ୟ ସକାଶେ ଫଳପ୍ରଦ ଆଲୋଚନା କରିପାରନ୍ତି।

ଆଜି ଫେବୃୟାରୀ ୧ ତାରିଖ, ମାଘପୂର୍ଣ୍ଣିମା ରବିବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଗଜ ଉଦ୍ଧାରଣ ବେଶ, ଅଗ୍ନି ଉତ୍ସବ, ପୂର୍ଣ୍ଣିମାବିହିତ ଚନ୍ଦ୍ରୋପବାସ, ମାଘବ୍ରତ ସମାପନ, ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୫ ଗତେ ଘ.୧୦।୦୮ ମଧ୍ୟେ, ଘ.୦୧।୨୩ ଗତେ ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୧ ଗତେ ଘ.୦୫।୩୪ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ ଧନ,
ବିକଳ ମନ।**

ମନୁଷ୍ୟର ଆବଶ୍ୟକତାର ସୀମା ନାହିଁ। ବାସ, ବେଶ ତଥା ସୁଖସାଚ୍ଛନ୍ଦ ପାଇଁ ସେ ବିଭିନ୍ନ ପଦାର୍ଥ ସଂଗ୍ରହ ଲାଗି ସଦାବେଳେ ତତ୍ପର ଥାଏ। ଏଥିପାଇଁ ଲୋଡ଼ା ହୁଏ ଧନ। ଧନହୀନ ବ୍ୟକ୍ତିର ଆବଶ୍ୟକତା ତ ଥାଏ ମାତ୍ର ହାତରେ ଧନର ଅଭାବ। ଏପରି ଅବସ୍ଥାରେ ତା'ର ମନ ଊଣା କରିବା ସ୍ୱାଭାବିକ ହୋଇଥିବା ସ୍ଥଳେ ଆବଶ୍ୟକ ପଦାର୍ଥ ସଂଗ୍ରହ ନ କରି ସେ ବ୍ୟଥାରେ ବିକଳ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଳପ ଆୟୀ, ବହୁତ ବ୍ୟୟୀ
ଛୋଟ ପଣତ ପରାଏ ସେହି।**

ସ୍ୱଳ୍ପ ଆୟ ମଣିଷର ସବୁ ଆବଶ୍ୟକତାକୁ ପୂରଣ କରିପାରି ନ ଥାଏ। ଏଭଳି ସ୍ଥିତିରେ ମଣିଷ ନିଜ ଆୟ ଦେଖି ବ୍ୟୟ କରିବା ଉଚିତ ହୋଇଥାଏ। ସ୍ୱଳ୍ପ ଆୟ ଛୋଟ ପଣତ ପରି ନିଅଣ୍ଟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ଉପଗ୍ରହ ଚିତ୍ର।

## ମଲ୍ଟି ଟାଲେଣ୍ଟେଡ୍ ଆହାନ

ମୁମ୍ବାଇ

ଚଳଚ୍ଚିତ୍ର 'ସୈୟାରା' ରିଲିଜହେବା ପରେ ରାତାରାତି ଷ୍ଟାର ପାଲଟିଯାଇଥିଲେ ଆହାନ ପାଣ୍ଡେ। ତାଙ୍କର ପ୍ରଥମ ଫିଲ୍ମ ହିଁ 'ବ୍ଲକ୍‌ବଷ୍ଟର' ହୋଇଥିଲା। ଚଳଚ୍ଚିତ୍ର ବକ୍ସ ଅଫିସରେ ସଫଳତା ସହ ବିଶ୍ୱବ୍ୟାପୀ ପ୍ରାୟ ୫୭୯ କୋଟି ଟଙ୍କାରୁ ଅଧିକ ଆୟ କରିଥିଲା। ଏହା ବଲିଉଡ୍‌ର ସଫଳତମ ରୋମାଣ୍ଟିକ ଫିଲ୍ମଗୁଡ଼ିକ ମଧ୍ୟରୁ ଅନ୍ୟତମ ପାଲଟିଥିଲା। ଆହାନଙ୍କ ଅଭିନୟକୁ ପ୍ରଶଂସକ ଓ ସମାଲୋଚକମାନେ ବହୁ ପସନ୍ଦ କରିଥିଲେ। କିନ୍ତୁ କମ୍ ଲୋକ ଜାଣନ୍ତି, ଅଭିନୟ ବ୍ୟତୀତ ଆହାନ ଏକାଧିକ ଟାଲେଣ୍ଟର ଅଧିକାରୀ। ଏବେ ସେସମ୍ପର୍କରେ ସେ ନିଜେ କହିଛନ୍ତି।

ଏକ ସାକ୍ଷାତ୍‌କାରରେ ଆହାନ କହିଛନ୍ତି, ତାଙ୍କର ପ୍ରଥମ ପ୍ୟାଶନ ଥିଲା ରାଇଟିଂ। ୩ୟ ଶ୍ରେଣୀରେ ପଢ଼ିବାବେଳେ ସେ ତାଙ୍କ ଜେଜେମା'ଙ୍କ ସହାୟତାରେ ଏକ ବହି ଲେଖିଥିଲେ, ଯାହାକୁ ସେ କମ୍ପାଇଲ ଓ ଏଡିଟ୍ କରିବାରେ ସାହାଯ୍ୟ କରିଥିଲେ। ପରେ ତାଙ୍କର ଷ୍ଟୋରି ଟେଲିଂ ଓ ଅଭିନୟ ପ୍ରତି ଆକର୍ଷଣ ରହିଥିଲା। ଫିଲ୍ମଜଗତକୁ ଆସିବା ପୂର୍ବରୁ ଆହାନ ମ୍ୟୁଜିକ ପ୍ରଡକ୍ସନ ଆରମ୍ଭ କରିଥିଲେ। ପରେ ସେ ଭିଡିଓ ଗେମ୍ ଡିଜାଇନିଂ ଚେଷ୍ଟା କରିଥିଲେ। ପରେ ସେ ଫିଲ୍ମ ସେଟ୍‌ରେ ଅସିଷ୍ଟାଣ୍ଟ ଭାବେ କାମ କରିବା ଆରମ୍ଭ କଲେ, କାରଣ ଷ୍ଟୋରି ଟେଲିଂର ପ୍ୟାଶନ ସର୍ବଦା ଅନ୍ୟ ସବୁ ତଳେ ଲୁଚି ରହିଥିଲା। ପ୍ରଥମ ଅଡିଶନ ଦେବା ପରେ ଥିଏଟରରେ ପର୍‌ଫର୍ମ କରିବାର ଅନୁଭୂତି ପାଇଥିଲେ।

ଅନେକ କ୍ଷେତ୍ରରେ କାମ କରିବାର ଅଭିଜ୍ଞତା ହାସଲ ପରେ ଅଭିନୟ ହିଁ ତାଙ୍କ ପାଇଁ ଠିକ୍ ରାସ୍ତା ବୋଲି ଆହାନ ବୁଝିଯାଇଥିଲେ।



ଆହାନ ପାଣ୍ଡେ

## ପ୍ରଥମ ପୃଷ୍ଠାରୁ...

### ସୁନେତ୍ରା ପାୱାର...

ଶିନ୍ଦେ ଏବଂ ଏନ୍‌ସିପି(ଅଜିତ)ର ଅନେକ ନେତା ଉପସ୍ଥିତ ଥିଲେ। ତେବେ ଏନ୍‌ସିପି(ଶରଦ) ଗୋଷ୍ଠୀର କୌଣସି ନେତା ଏହି ଉତ୍ସବକୁ ଆସି ନଥିଲେ। ଅଜିତଙ୍କ ହାତରେ ଯେଉଁସବୁ ବିଭାଗର ଦାୟିତ୍ୱ ରହିଥିଲା ସେଗୁଡିକୁ ସୁନେତ୍ରାଙ୍କୁ ଦେବା ଲାଗି ଦଳୀୟ ନେତା ଦାବି କରିଥିଲେ ହେଁ ତାହା ହୋଇନାହିଁ। ସୁନେତ୍ରାଙ୍କୁ କ୍ରୀଡ଼ା, ଯୁବବ୍ୟାପାର ସମେତ ସଂଖ୍ୟାଲଘୁ ବିଭାଗ ମିଳିଛି। ଅର୍ଥ ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ନିଜ ହାତରେ ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ଏନ୍‌ସିପି ମୁଖ୍ୟ ତଥା ଉପମୁଖ୍ୟମନ୍ତ୍ରୀ ରହିଥିବା ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ ଘଟିବା ପରେ ତାଙ୍କ ସ୍ଥାନରେ ସ୍ତ୍ରୀ ସୁନେତ୍ରାଙ୍କୁ ଉପମୁଖ୍ୟମନ୍ତ୍ରୀ କରିବାକୁ ଏନ୍‌ସିପି ନେତାମାନେ ଫଡ୍‌ନବିସ୍‌ଙ୍କୁ ଭେଟି ଦାବି ଜଣାଇଥିଲେ। ଶନିବାର ମଧ୍ୟାହ୍ନରେ ଏନ୍‌ସିପି ବିଧାୟକ ଦଳ ବୈଠକରେ ସୁନେତ୍ରାଙ୍କୁ ନେତା ନିର୍ବାଚିତ କରାଯାଇଥିଲା।

## ଭାଲୁ ସହ ଲଢ଼ି ଜୀବନ ବଞ୍ଚାଇଲେ ୯ମ ଶ୍ରେଣୀ ଛାତ୍ର

**ନୀଳଗିରି, ୩୧।୧(ପ୍ରଶାନ୍ତ କୁମାର ବିଶ୍ୱାଳ)**

ନୀଳଗିରି ଥାନା ପୋଡ଼ାଶୂଳ ଅଞ୍ଚଳରେ ଭାଲୁ ଆତଙ୍କ ଦେଖାଦେଇଛି। ସାହସର ସହ ଭାଲୁ ସହିତ ଲଢ଼ି ମୃତ୍ୟୁମୁଖରୁ ଜୀବନ ବଞ୍ଚାଇଛନ୍ତି ନବମ ଶ୍ରେଣୀର ଛାତ୍ର। ପୂର୍ବ ରାତିରେ ଖାଦ୍ୟ ଅନ୍ୱେଷଣରେ ସ୍ୱର୍ଣ୍ଣଚୂଡ଼ ଜଙ୍ଗଲରୁ ଭାଲୁ ୨ଟି ଆସି ରାସ୍ତା ନ ପାଇ ଶନିବାର ସକାଳ ପର୍ଯ୍ୟନ୍ତ ବାଟବଣା ହୋଇ ଫେରି ପାରି ନ ଥିଲେ। ଏମିତିକି ଗାଁ ପଶି ଉପଦ୍ରବ ଜାରି ରଖିଥିଲେ। ଗାଁରେ ଆତଙ୍କ ଖେଳାଇବା ବେଳେ ଜଣେ ନବମ ଶ୍ରେଣୀ ଛାତ୍ର ପଡିଯାଇଥିଲେ ଭାଲୁ ହାବୁଡ଼ରେ। ସାହସର ସହ ଛାତ୍ର ଭାଲୁ ସହ ଲଢ଼ି ଜୀବନ ପାଇଛନ୍ତି। ଭାଲୁ ଆକ୍ରମଣ କରିବାରୁ ଜୀବନ ପାଇଁ ଭାଲୁକୁ ମୁଥ ମାରିଥିଲେ ଛାତ୍ର। ପାଖାପାଖି ୫ ମିନିଟ ଧରି ଭାଲୁ ସହ ଲଢ଼ି ମୃତ୍ୟୁମୁଖରୁ ବର୍ତ୍ତିଗଲେ। ଗୁରୁତର ଭାବେ ନୀଳଗିରି ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସା ହେଉଥିବା ଘଟଣା ନୀଳଗିରି ଅଞ୍ଚଳରେ ବେଶ ଚର୍ଚ୍ଚା ହୋଇଛି।

ପାତ୍ରସାହିର ଧୀରେନ୍ଦ୍ର ପାତ୍ରଙ୍କ ପୁଅ ପ୍ରଭାତ(୧୩) ନିକଟସ୍ଥ ରାଧାମାଧବ ହାଇସ୍କୁଲର ନବମଶ୍ରେଣୀ ରେ ପାଠ ପଢନ୍ତି। ଶନିବାର ସକାଳୁ ସେ ଗାଁ ନିକଟ ସିଟି ସ୍କୁଲ ପଡିଆ ଦେଇ ଯାଉଥିବା ବେଳେ ଅଚାନକ ୨ଟି ଭାଲୁ ତାଙ୍କ ଆଡକୁ ମାଡି ଆସିଥିଲା। ଗୋଟିଏ ଭାଲୁ ପ୍ରଭାତଙ୍କୁ ଅତର୍କିତ ଆକ୍ରମଣ କରି ତାଙ୍କ ଜଙ୍ଘ, ପେଟରେ ଗଭୀର କ୍ଷତ ସୃଷ୍ଟି କରିଥିଲା। ଏତିକି ବେଳେ ବୁଦ୍ଧି ଖଟାଇ ଛାତ୍ର ଜଣକ ସାହସ ଜୁଟାଇ ଭାଲୁ ମୁହଁକୁ ବାରମ୍ବାର ମୁଥ ମାରିଥିଲେ। ପ୍ରାୟ ୫ ମିନିଟ୍ ଧରି ଭାଲୁଟି ଆଘାତପ୍ରାପ୍ତ ହେବା ଦେଖି ଛାତ୍ର ଜଣକ ସେହି ସ୍ଥାନରୁ ଦୌଡି ପଳାଇଥିଲେ। ଏହା ଦେଖି ଭାଲୁଟି ମଧ୍ୟ ସେହି ସ୍ଥାନ ଛାଡି ବିଲ ରାସ୍ତାରେ ଦୌଡି ଜଙ୍ଗଲ ଆଡକୁ ପଳାଇଥିଲା। ଅନ୍ୟ ଭାଲୁଟି ମଧ୍ୟ ପଛେ ପଛେ ଦୌଡି ପଳାଇଥିଲା। ଛାତ୍ରଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ନୀଳଗିରି ବନବିଭାଗ ପକ୍ଷରୁ ଅଧିକାରୀମାନେ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।



ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଓଡ଼ିଶା ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନ (ଓଏଫ୍‌ଡିଆର୍‌ଏ)ରେ ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬ର ଶେଷ ଦିନରେ ଶନିବାର ଅଗ୍ନିଯୋଦ୍ଧାମାନେ ସଡ଼କ ଦୁର୍ଘଟଣା ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟର କୌଶଳ ପ୍ରଦର୍ଶନ କରୁଛନ୍ତି। **(ଫଟୋ: ମନୋରଞ୍ଜନ ମିଶ୍ର) (ରିପୋର୍ଟ: ପୃଷ୍ଠା-୫)**

# ପିଲାଙ୍କ ପାଇଁ ସୋସିଆଲ ମିଡିଆ ବନ୍ଦ ପ୍ରସ୍ତାବ



**ଯୁବକ ଏବଂ ୧୬ ବର୍ଷରୁ କମ୍ ବୟସର ପିଲାମାନେ ସୋସିଆଲ ମିଡିଆ ପ୍ରତି ଅତ୍ୟଧିକ ଆସକ୍ତ ହୋଇଯାଉଛନ୍ତି, ଯାହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଏହାର ପ୍ରତିକାର ପାଇଁ ବିଶ୍ୱସ୍ତରରେ ବିତର୍କ ଚାଲିଥିବାବେଳେ କେତେକ ଦେଶ ପିଲା ଓ କିଶୋରଙ୍କ ପାଇଁ ସୋସିଆଲ ମିଡିଆ ବ୍ୟବହାର ଉପରେ କଟକଣା ଲଗାଇବାକୁ ଚିନ୍ତା କରୁଛନ୍ତି। ଗତ ମାସରେ ଅଷ୍ଟ୍ରେଲିଆ ପ୍ରଥମ ଦେଶ ଭାବେ ଏହି କଟକଣା ଲଗାଇସାରିଛି। ଏଭଳିସ୍ଥଳେ ଭାରତରେ ୧୬ ବର୍ଷରୁ କମ୍ ବୟସ୍କଙ୍କ ପାଇଁ ସୋସିଆଲ ମିଡିଆ ନିଷିଦ୍ଧ କରିବା ନିମନ୍ତେ ପ୍ରସ୍ତାବ ଦେଇଛି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ପ୍ରମୁଖ ସହଯୋଗୀ ଦଳ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)। ସଂଖ୍ୟା ଦୃଷ୍ଟିରୁ କେନ୍ଦ୍ରର ଏନ୍‌ଡିଏ ସରକାର ପାଇଁ ଟିଡିପି ଗୁରୁତ୍ୱ ବହନ କରୁଥିବାରୁ ଏହି ପ୍ରସ୍ତାବ ଆଇନରେ ପରିଣତ ହେବା ସମ୍ଭାବନା ରହିଛି। ହେଲେ ଏହାକୁ ମେଟା, ଗୁଗଲ ଭଳି ଟେକ୍ କମ୍ପାନୀଗୁଡ଼ିକ ବିରୋଧ କରୁଛନ୍ତି। ସେମାନଙ୍କ ଯୁକ୍ତି ହେଲା ବୟସ ଯାଞ୍ଚ ପାଇଁ ଯଦି ଆଧାର କାର୍ଡ କିମ୍ବା ଅନ୍ୟ ପରିଚୟ ପତ୍ର ଦେବାକୁ ପଡ଼େ, ତେବେ ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି ହେବା ଭୟ ରହିଛି। ସେହିପରି କଟକଣା ଲଗାଗଲେ ପିଲାମାନେ ଚୋରାରେ ଅନ୍ୟ ଅସୁରକ୍ଷିତ ଆପ୍ ବ୍ୟବହାର କରିପାରନ୍ତି।**

**ନୂଆଦିଲ୍ଲୀ,୩୧।୧ (ରଏଟର୍ସ)**

ଲୋକ ସଭାରେ ଟିଡିପି ସାଂସଦମାନଙ୍କ ନେତା ଏଲ୍.ଏସ୍.କେ. ଦେବରାୟଲୁ ଏକ ପ୍ରାଇଭେଟ୍ ମେମ୍ବର ବିଲ୍ ଆଗତ କରିବାକୁ ଯାଉଛନ୍ତି। ତାହାର ନାଁ ରହିଛି 'ସୋସିଆଲ ମିଡିଆ (ବୟସ ପ୍ରତିବନ୍ଧକ ଏବଂ ଅନ୍‌ଲାଇନ ସୁରକ୍ଷା) ବିଲ୍- ୨୦୨୬'। ବିଲ୍‌ରେ ଉଲ୍ଲେଖ ଅଛି ଯେ, ୧୬ ବର୍ଷରୁ କମ୍ ବୟସ୍କଙ୍କ ପାଇଁ ସୋସିଆଲ ମିଡିଆ ଆକାଉଣ୍ଟ ଖୋଲିବା, ବ୍ୟବହାର ଏବଂ ପରିଚାଳନା କରିବା ଉପରେ ସମ୍ପୂର୍ଣ୍ଣ ନିଷିଦ୍ଧାଦେଶ ଲଗାଯାଉ। ଯେଉଁ ପିଲାମାନଙ୍କର ପୂର୍ବରୁ ଆକାଉଣ୍ଟ ରହିଛି, ସେଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ଅକାମୀ କରାଯାଉ। ସେହିପରି ୟୁଜରମାନଙ୍କ ବୟସ ଠିକ୍ ଭାବେ ଯାଞ୍ଚ କରିବାର ସମ୍ପୂର୍ଣ୍ଣ ଦାୟିତ୍ୱ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକର ରହୁ। ଯଦି କୌଣସି କମ୍ପାନୀ ଏଥିରେ ବିଫଳ ହୁଏ, ତେବେ କଠୋର ଦଣ୍ଡବିଧାନ କରାଯାଉ ବୋଲି ପ୍ରସ୍ତାବ ରହିଛି।

ମେଟା, ଗୁଗୁଲ, ୟୁଟ୍ୟୁବ୍, ଏକ୍ସ ଭଳି ସୋସିଆଲ ମିଡିଆ ପାଇଁ ଭାରତ ହେଉଛି ବିଶ୍ୱର ବଡ଼ ବଜାର। ଏମ୍‌ପି ଦେବରାୟଲୁ ରଏଟର୍ସକୁ ଉକ୍ତ ବିଲ୍ ପାଇଁ କେତେକ ଗମ୍ଭୀର କାରଣ ଦର୍ଶାଇ କହିଛନ୍ତି, ଭାରତର ପିଲାମାନେ ସୋସିଆଲ ମିଡିଆରେ ଅତ୍ୟଧିକ ସମୟ ବିତାଉଛନ୍ତି, ଯାହା ସେମାନଙ୍କ ଶାରୀରିକ ଏବଂ ମାନସିକ ବିକାଶରେ ବାଧା ସୃଷ୍ଟିକରୁଛି। ତଥ୍ୟ ସାର୍ବଭୌମତ୍ୱ ବିଷୟରେ ସେ ଉଲ୍ଲେଖ କରିବାକୁ ଯାଇ କହିଛନ୍ତି, ଭାରତ ହେଉଛି ବିଶ୍ୱର ସବୁଠାରୁ ବଡ଼ ଡାଟା ପ୍ରସ୍ତୁତକାରୀ ଦେଶ। ବିଦେଶୀ କମ୍ପାନୀଗୁଡ଼ିକ ଆମ ପିଲାମାନଙ୍କ ମାଗଣା ଡାଟା ବ୍ୟବହାର କରି ଆଡ୍‌ଭାନ୍ସଡ୍ ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ସିଷ୍ଟମ୍ ତିଆରି କରୁଛନ୍ତି, ଯାହାର ଆର୍ଥିକ ଲାଭ ଭାରତ ବଦଳରେ ବିଦେଶକୁ ଯାଉଛି। ଭାରତରେ ପ୍ରାୟ ୧୦୦ କୋଟି ଇଣ୍ଟରନେଟ ୟୁଜର ଏବଂ ୭୫ କୋଟି ସ୍ମାର୍ଟଫୋନ ଅଛି। ଏତେ ବଡ଼ ବଜାରରେ କୌଣସି ନିୟମ ନ ଥିବାରୁ ଏହା ଚିନ୍ତାର ବିଷୟ ପାଲଟିଛି। ସେହିପରି ସାଇବର ବୁଲିଂ ଏବଂ ଅଶ୍ଳୀଳ ବିଷୟବସ୍ତୁରୁ ପିଲାମାନଙ୍କୁ ସୁରକ୍ଷିତ ରଖିବା ଏହି ବିଲ୍‌ର ମୁଖ୍ୟ ଲକ୍ଷ୍ୟ ବୋଲି ଦେବରାୟଲୁ ଯୁକ୍ତି ବାଢ଼ିଛନ୍ତି। ଦୁଇଦିନ ତଳେ କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା(ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ ମଧ୍ୟ 'ଡିଜିଟାଲ ଆଡିକ୍ସନ' ବିଷୟରେ ଚେତାବନୀ ଦେଇଛନ୍ତି। ସେ କହିଥିଲେ, ସ୍ୱାସ୍ଥ୍ୟ ଏବଂ ଜାତୀୟ ଉତ୍ପାଦନ କ୍ଷମତାକୁ ଦୃଷ୍ଟିରେ ରଖି ଭାରତରେ ବୟସ ଆଧାରିତ କଟକଣା ପାଇଁ ନିୟମ ପ୍ରଣୟନ ହେବା ଜରୁରୀ। ସିଇଏଙ୍କ ମନ୍ତବ୍ୟ ଏହି ବିଲ୍‌କୁ ଅଧିକ ବଳ ଯୋଗାଉଛି।

ଅଷ୍ଟ୍ରେଲିଆ ବିଶ୍ୱର ପ୍ରଥମ ଦେଶ ଭାବେ ଏଭଳି ନିଷେଧାଦେଶ ଲାଗୁ କରିସାରିଛି। ଫ୍ରାନ୍ସ, ବ୍ରିଟେନ ଏବଂ ଡେନ୍‌ମାର୍କ ମଧ୍ୟ ପିଲାଙ୍କୁ ସୋସିଆଲ ମିଡିଆରୁ ଦୂରେଇ ରଖିବା ପାଇଁ ଯୋଜନା କରୁଛନ୍ତି। ଆଗାମୀ ଦିନରେ ଦେବରାୟଲୁଙ୍କ ଉକ୍ତ ବିଲ୍ ସଂସଦରେ ଏକ ବଡ଼ ବିତର୍କର ରୂପ ନେଇପାରେ। ଯଦି ସରକାର ଏହାକୁ ଗ୍ରହଣ କରନ୍ତି, ତେବେ ଭାରତର ବହୁ କୋଟି କିଶୋରଙ୍କ ଡିଜିଟାଲ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆସିବ।

## କେ. ମୁରୁଗେସନ ମୁଖ୍ୟ ପିସିସିଏଫ୍

**ଭୁବନେଶ୍ୱର,୩୧।୧ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୯୪ ବ୍ୟାଚ୍‌ର ଭାରତୀୟ ବନ ସେବା (ଆଇଏଫ୍‌ଏସ୍)ର ବରିଷ୍ଠ ଅଧିକାରୀ ଡ. କେ. ମୁରୁଗେସନଙ୍କୁ ଶନିବାର ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଡ. ମୁରୁଗେସନଙ୍କୁ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ୍) ସହିତ ମୁଖ୍ୟ ବନ ବାହିନୀ (ଫରେଷ୍ଟ ଫୋର୍ସ) ଦାୟିତ୍ୱ ପ୍ରଦାନ କରାଯାଇଛି।

## ନାଳରେ ପଡ଼ି ୨ ବର୍ଷର ଶିଶୁପୁତ୍ର ମୃତ

**କାମାକ୍ଷାନଗର, ୩୧।୧ (ସୁଧୀର କୁମାର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଉଁଶପାଳ ପଞ୍ଚାୟତ ସିଆରିମାଳିଆ ଗ୍ରାମ ଓଭରବ୍ରିଜ ତଳ ମଲ୍ଲିନାଳରୁ ଶନିବାର ସକାଳେ ଜଣେ ୨ ବର୍ଷ ଶିଶୁପୁତ୍ରର ମୃତଦେହ ଜବତ କରାଯାଇଛି। ମୃତ ଶିଶୁ ଜଣଙ୍କ ଚୁଲିଆ ମୁଣ୍ଡାସାହିର ଟୁନା ମୁଣ୍ଡାଙ୍କ ପୁଅ ଅଭିଜିତ ମୁଣ୍ଡା। ଅଭିଜିତ ଏକ କୁକୁର ସହିତ ଖେଳୁଖେଳୁ ଘରଠାରୁ ପ୍ରାୟ ୧ କିଲୋମିଟର ଦୂର ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲେ। ସେଠାରେ ସେ ନାଳରେ ପଡି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ପରିବାର ଲୋକେ ଖୋଜାଖୋଜି କରିବା ପରେ ମଧ ଶିଶୁ ପୁତ୍ରର ସନ୍ଧାନ ପାଇ ନ ଥିଲେ। ଶନିବାର ସକାଳେ ସିଆରିମାଳିଆ ଗ୍ରାମ ଓଭରବ୍ରିଜ ତଳ ନାଳରେ ଶିଶୁଟିର ମୃତଦେହ ଭାସୁଥିବା ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ କାମାକ୍ଷାନଗର ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ପରେ ପୋଲିସ ଜବତ କରିଛି। ଏ ନେଇ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

## ଝାଡ଼ାବାନ୍ତି: ଛାତ୍ରୀ ମୃତ, ୪୦ ଗୁରୁତର

**ବିଷମ କଟକ, ୩୧।୧ (ପ୍ରସନ୍ନ କୁମାର ପଣ୍ଡା)**

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଚାଟିକଣା ପଞ୍ଚାୟତରେ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ନଳିନୀ ବିଦ୍ୟାମନ୍ଦିରର ହଷ୍ଟେଲରେ ଶୁକ୍ରବାରଠାରୁ ଝାଡ଼ାବାନ୍ତି ବ୍ୟାପିଛି। ଝାଡ଼ାବାନ୍ତିରେ ଶନିବାର ସକାଳେ ଭାତପୁର ପଞ୍ଚାୟତର କନଡୀ ଗ୍ରାମର ରାଜେନ୍ଦ୍ର ଉର୍ଲାକାଙ୍କ ଝିଅ ଲଗ୍ନା ଉର୍ଲାକା (୪ର୍ଥ ଶ୍ରେଣୀ ଛାତ୍ରୀ)ଙ୍କ ମୃତ୍ୟୁ ଘଟିଛି। ଏଥିସହ ଶତାଧିକ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ଶୁକ୍ରବାର ରାତିରେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରାୟ ୬୦ ଜଣ ଛାତ୍ରୀଙ୍କୁ ବିଦ୍ୟାଳୟ ପରିସରରେ ସ୍ଥାନୀୟ ଡାକ୍ତରଙ୍କ ଦ୍ୱାରା ଜରୁରିକାଳୀନ ଚିକିତ୍ସା ଯୋଗାଇ ଦିଆଯାଉଛି। ଖାଦ୍ୟ ବିଷାକ୍ତ କିମ୍ବା ଦୂଷିତ ଜଳ ବ୍ୟବହାର ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ସନ୍ଦେହ କରାଯାଉଛି। ଖବରପାଇ ରାୟଗଡ଼ା ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଦଳ ପକ୍ଷରୁ ସ୍ଥିତିର ଅନୁଧ୍ୟାନ କରାଯିବା ସହ ଆକ୍ରାନ୍ତ ପିଲାଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଉଛି। ବିଦ୍ୟାଳୟର ପାନୀୟ ଜଳ ଓ ଖାଦ୍ୟର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିବା ଜଣାପଡ଼ିଛି।

## ୯ମ ଶ୍ରେଣୀ ଛାତ୍ରଙ୍କୁ ହାଣିଲେ ୧୦ମ ଛାତ୍ର

**ବାଲେଶ୍ୱର( ବାଞ୍ଛାନିଧି ଦେ)/ ରେମୁଣା (ରବୀନ୍ଦ୍ର ମହାକୁଡ଼), ୩୧।୧**

ବିଦ୍ୟାଳୟ ପରିସର ଏବେ ଅସୁରକ୍ଷିତ ହୋଇପଡ଼ିଛି। ସ୍କୁଲ ଛାତ୍ରଙ୍କ ମଧ୍ୟରେ ଅପରାଧିକ କାର୍ଯ୍ୟକଳାପ ବଢ଼ୁଛି। କେଉଁଠି ସ୍କୁଲ ବ୍ୟାଗରେ ବନ୍ଧୁକ ତ କେଉଁଠି ଦେଖିବାକୁ ମିଳୁଛି ମାରଣାସ୍ତ୍ର। ଛାତ୍ରୀଙ୍କୁ ପ୍ରେମ ପାଇଁ ଜଣେ ନବମ ଶ୍ରେଣୀର ଛାତ୍ରଙ୍କୁ ହାଣି ପକାଇଛନ୍ତି ଦଶମ ଶ୍ରେଣୀ ଛାତ୍ର। ସ୍କୁଲ ପରିସରରେ ଫିଲ୍ମି ଷ୍ଟାଇଲରେ ହୋଇଛି ଭୁଜାଲିରେ ଆକ୍ରମଣ। ଏଭଳି ଏକ ଅଭାବନୀୟ ଘଟଣା ଶନିବାର ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ଅଧୀନ ରେମୁଣା ଉଚ୍ଚ ବିଦ୍ୟାଳୟରେ। ରେମୁଣା ହାଇସ୍କୁଲର ଜଣେ ଦଶମ ଶ୍ରେଣୀର ଛାତ୍ର ରେମୁଣା ଏନଏସିର ଅଠାନ୍ତର ଅଞ୍ଚଳର ନିଜ ମାମୁ ଘରେ ରହି ପାଠ ପଢ଼ନ୍ତି। ସେ ବିଦ୍ୟାଳୟର ଏକ ନବମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରେମ କରୁଥିଲେ। କିଛିଦିନ ପରେ ଛାତ୍ରୀଜଣକ ନବମ ଶ୍ରେଣୀର ନିଜ ସହପାଠୀ ଛାତ୍ର ପ୍ରେମରେ ପଡ଼ି ଯାଇଥିଲେ। କିନ୍ତୁ ଏହାକୁ ଦଶମ ଶ୍ରେଣୀର ପୂର୍ବ ପ୍ରେମିକ ସହ୍ୟ କରିପାରି ନ ଥିଲେ।

### ପ୍ରେମ ପାଇଁ ପ୍ରତିଶୋଧ

ପ୍ରତିଶୋଧ ନେବା ପାଇଁ ସୁଯୋଗ ଖୋଜୁଥିଲେ। ଶନିବାର ସ୍କୁଲରେ ପିଏମଶ୍ରୀ ଉତ୍ସବ ପାଳନ ସମୟରେ ଛାତ୍ର ଜଣକ ଆକ୍ରମଣ ପାଇଁ ଏହା ସୁଯୋଗ ବୋଲି ମଣିଥିଲେ। ନିଜର ଜଣେ ସହପାଠୀଙ୍କ ଜରିଆରେ ସ୍କୁଲକୁ ଏକ ଭୁଜାଲି ଆଣିଥିଲେ ଅଭିଯୁକ୍ତ ଛାତ୍ର । ଶନିବାର ପିଏମ୍‌ଶ୍ରୀ ଉତ୍ସବ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ବ୍ୟସ୍ତ ଥିଲେ। ଅଭିଯୁକ୍ତ ଛାତ୍ରଜଣକ ଅନ୍ୟ ୫/୬ ଜଣ ସହପାଠୀଙ୍କ ସହଯୋଗରେ ତାଙ୍କୁ ଡାକି ନେଇ ଏକ ଶୌଚାଳୟ ଭିତରେ ଭୁଜାଲିରେ ମୁଣ୍ଡ ଓ ହାତକୁ ହାଣିଥିଲେ। ପିଲାଟି କୌଶଳକ୍ରମେ ସେଠାରୁ ଖସି ଆସି ଜଣେ ଶିକ୍ଷୟିତ୍ରୀଙ୍କୁ ଏକଥା ଜଣାଇଥିଲେ। ପରେ ତାଙ୍କୁ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅଭିଯୁକ୍ତ ଛାତ୍ର ନିଜେ ଯାଇ ଥାନାରେ ଆତ୍ମସମର୍ପଣ କରିଛନ୍ତି। ପ୍ରେମ ପାଇଁ ସେ ହତ୍ୟା ଉଦ୍ୟମ କରିଥିବା ମଧ୍ୟ ସ୍ୱୀକାର କରିଛନ୍ତି। ପୋଲିସ ଭୁଜାଲି ଜବତ କରି ତଦନ୍ତ ଜାରି ରଖିଛି।






# ଆଇନ ଶାସନର ଉଲ୍ଲଂଘନ



ଆକାର ପଟେଲ

ଏକ ଗଣତାନ୍ତ୍ରିକ ସମାଜ ଭାବରେ ଏହା ଆଶା କରାଯାଏ ଯେ ଭାରତର କର୍ତ୍ତୃପକ୍ଷ ଆଇନର ଶାସନ ପାଳନ କରିବେ। ଏକ ଧାରଣା ବି ରହିଛି, ଆପରାଧିକ ଆଇନ ବିଷୟରେ ଶାସନ ସ୍ୱେଚ୍ଛାଚାରୀ ହେବା କଥା ନୁହେଁ। ଏହି ବିଷୟଟି ଗୁରୁତ୍ୱପୂର୍ଣ୍ଣ କାରଣ ଆପରାଧିକ ଆଇନ ଜୀବନ ନଷ୍ଟ କରିବାର କ୍ଷମତା ରଖେ ବୋଲି ନିକଟରେ ଜଣେ ବିଚାରପତି ଏକ ପ୍ରତିବାଦ ସଭାରେ ଅଂଶଗ୍ରହଣ କରିଥିବା କଲେଜ ଛାତ୍ରଙ୍କ ଏକ ଗୋଷ୍ଠୀକୁ ମନେ ପକାଇ ଦେଇଥିଲେ। ଏଠାରେ ଏପରି ବି ଘଟୁଛି। ସରକାରଙ୍କ ଦ୍ୱାରା ଆପରାଧିକ ଆଇନର ଅନୌପଚାରିକ ପ୍ରୟୋଗ ପରେ ବ୍ୟକ୍ତି ଦୀର୍ଘ ସମୟ ଧରି ଲଢ଼ିବା ପାଇଁ ସଂଘର୍ଷ କରିବାକୁ ହୁଏ ବୋଲି ଭାରତୀୟମାନେ ଧରି ନେଇଛନ୍ତି। ଆମ ଗଣତନ୍ତ୍ରରେ ନାଗରିକମାନେ ସାଧାରଣତଃ ପୋଲିସ, ନ୍ୟାୟାଳୟ ଏବଂ ସରକାରଙ୍କୁ ଭୟ କରିବା ସ୍ୱାଭାବିକ ହୋଇପାରିବ ନାହିଁ। ହେଲେ ଏବେ ଭୟ ଭାରତର ଗଣତନ୍ତ୍ରରେ ଏକ ଅଂଶ ପାଲଟିଛି। ଚଳିତ ସପ୍ତାହର ଦୁଇଟି ମୁଖ୍ୟ ଖବର ଏହାର ଅର୍ଥକୁ ବ୍ୟାଖ୍ୟା କରିବ। ପ୍ରଥମ ଶୀର୍ଷକ ହେଉଛି, 'ଆଲ୍ଲାହାବାଦ ହାଇକୋର୍ଟ ଅଭିଯୁକ୍ତଙ୍କ ଗୋଡ଼କୁ ଗୁଳି ଚଳାଇଥିବା ଉତ୍ତର ପ୍ରଦେଶ ପୋଲିସକୁ ସମାଲୋଚନା କରିଛନ୍ତି'। ଉପର ଶୀର୍ଷକରେ ଲେଖା ଅଛି, 'ଖଣ୍ଡପୀଠ କହିଛନ୍ତି,ଏପରି ଆଚରଣ ସମ୍ପୂର୍ଣ୍ଣ ଭାବରେ ସ୍ୱୀକାରଯୋଗ୍ୟ ନୁହେଁ, କାରଣ ଦଣ୍ଡ ଦେବାର କ୍ଷମତା କେବଳ କୋର୍ଟଙ୍କର ରହିଛି'। ଦ୍ୱିତୀୟ ଶୀର୍ଷକଟି ହେଉଛି, 'ଉତ୍ତରାଖଣ୍ଡର ଧର୍ମାନ୍ତରୀକରଣ ଆଇନ ଅନୁଯାୟୀ କରାଯାଇଥିବା ମାମଲାଗୁଡ଼ିକ କୋର୍ଟରେ ପଡ଼ିରହୁଛି: ୭ ବର୍ଷରେ ୫ଟିର ବିଚାର ସମ୍ପୂର୍ଣ୍ଣ ହେବା ସହ ସେଥିରେ ସମସ୍ତ ୫ଜଣ ଦୋଷମୁକ୍ତ ହୋଇଛନ୍ତି'। ପ୍ରଥମ ଶୀର୍ଷକ ବିଷୟରେ ଉତ୍ତର ପ୍ରଦେଶ ସରକାର ଗତ ବର୍ଷ ଜୁଲାଇରେ ପ୍ରକାଶ କରିଥିଲେ ଯେ, ୨୦୧୭ ପରଠାରୁ ୯,୪୬୭ ଜଣଙ୍କ ଗୋଡ଼କୁ ଗୁଳି କରାଯାଇଛି। ଅର୍ଥାତ୍ ୯ ବର୍ଷ ଧରି ପ୍ରତିଦିନ ପ୍ରାୟ ୩ ଜଣଙ୍କ ଗୋଡ଼କୁ ଉତ୍ତର ପ୍ରଦେଶ ପୋଲିସ ଗୁଳି କରିଛି। କୋର୍ଟ ଅନୁଧ୍ୟାନ କରିଥିଲେ ଯେ, ଉପରିସ୍ଥ ଅଧିକାରୀଙ୍କୁ ଖୁସି କରିବା କିମ୍ବା ବିନା ପ୍ରକ୍ରିୟାରେ ଦଣ୍ଡ ଦେବା ପାଇଁ ଲୋକଙ୍କୁ ଗୁଳି କରାଯାଉଛି। କୋର୍ଟ କହିଛନ୍ତି,ଏହା ନ୍ୟାୟିକ ପ୍ରକ୍ରିୟାର ହସ୍ତକ୍ଷେପ ଏବଂ ଏହାକୁ ଗ୍ରହଣ କରାଯାଇପାରିବ ନାହିଁ। ବୟାନ ରେକର୍ଡିଂ ଏବଂ ତଦନ୍ତ ଉପରେ କୋର୍ଟ ଉଲ୍ଲେଖ କରିଛନ୍ତି ଯେ, ପୋଲିସ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ପାଳନ କରୁନାହିଁ। ପୋଲିସ ଅଧିକାରୀମାନେ ବିଚାରପତିଙ୍କୁ ବିଶେଷକରି ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦେଶ ଦେବା ପାଇଁ ଚାପ ପକାଇବା ବିଷୟରେ କୋର୍ଟ ଚିନ୍ତା ପ୍ରକଟ କରିଥିଲେ। ବିଚାରପତି କହିଛନ୍ତି, ପୋଲିସ ଷ୍ଟେଟ୍ ହେବା ଅର୍ଥାତ୍ ପୋଲିସ ସାହାଯ୍ୟରେ ଲୋକଙ୍କ ସ୍ୱାଧୀନତାକୁ ନିୟନ୍ତ୍ରଣ କରିବା ପାଇଁ କୋର୍ଟ ଉତ୍ତର ପ୍ରଦେଶ ସରକାରଙ୍କୁ ଅନୁମତି ଦେଇପାରିବେ ନାହିଁ। ଦ୍ୱିତୀୟ ରିପୋର୍ଟରେ ଶୀର୍ଷକ ଥିଲା, ଉତ୍ତରାଖଣ୍ଡର ଧର୍ମାନ୍ତରୀକରଣ ଆଇନ ଅନୁଯାୟୀ ମାମଲାଗୁଡ଼ିକ କୋର୍ଟରେ ପଡ଼ିରହିଛି। ଉଲ୍ଲେଖନୀୟ ଯେ, 'ଲଭ୍ ଜିହାଦ'ର ଷଡ଼ଯନ୍ତ୍ର ତତ୍ତ୍ୱ ପ୍ରସାରିତ ହେବା ପରେ ଭାଜପା ଦ୍ୱାରା ଅନେକ ରାଜ୍ୟରେ ପ୍ରଣୀତ ଆଇନଗୁଡ଼ିକ ମଧ୍ୟରେ ଉତ୍ତରାଖଣ୍ଡ ଧର୍ମ ସ୍ୱାଧୀନତା ଆଇନ, ୨୦୧୮ ଥିଲା ପ୍ରଥମ। ଏହା ମୁସଲମାନ ଏବଂ ହିନ୍ଦୁଙ୍କ ମଧ୍ୟରେ ବିବାହର ଅପରାଧୀକରଣ କରେ, ଯଦି ଦମ୍ପତିଙ୍କ ମଧ୍ୟରୁ ଜଣେ ଧର୍ମ ପରିବର୍ତ୍ତନ କରିଥାନ୍ତି। କିନ୍ତୁ ଏହି ଆଇନ କହେ, ଯଦି କୌଣସି ବ୍ୟକ୍ତି ତାଙ୍କ ପୂର୍ବପୁରୁଷଙ୍କ ଧର୍ମକୁ ଫେରି ଆସନ୍ତି, ତେବେ 'ପୈତୃକ ଧର୍ମ'ର ଅର୍ଥ କ'ଣ ତାହା ବ୍ୟାଖ୍ୟା ନ କରି ଏହାକୁ ଧର୍ମ ପରିବର୍ତ୍ତନ ବୋଲି ବିବେଚନା କରାଯିବ ନାହିଁ। ଏହାର ଅର୍ଥ ହେଉଛି ଜଣେ ହିନ୍ଦୁ ଧର୍ମକୁ ଧର୍ମ ପରିବର୍ତ୍ତନ କଲେ ତାହା ଧର୍ମାନ୍ତରୀକରଣ ବୋଲି ଗଣାଯିବ ନାହିଁ। ଲଭ୍ ଜିହାଦ୍ ବିବାହର ଅଭିଯୋଗ ଦାଖଲ ହେବା ମାତ୍ରେ ଜଣେ ଜିଲା ମାଜିଷ୍ଟ୍ରେଟ ପୋଲିସ ମାଧ୍ୟମରେ ସେହି ପ୍ରସ୍ତାବିତ ଧର୍ମ ପରିବର୍ତ୍ତନର ପ୍ରକୃତ ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ କାରଣ ସମ୍ପର୍କରେ ତଦନ୍ତ କରିବେ। ଯେଉଁମାନେ ସରକାରଙ୍କ ନିକଟରେ ନିର୍ଦ୍ଧାରିତ ନିୟମ ମୁତାବକ ଆବେଦନ ନ କରି ନିଜର ଧର୍ମ ପରିବର୍ତ୍ତନ କରନ୍ତି ଏବଂ ଏଥିପାଇଁ ସରକାରଙ୍କ ଅନୁମତି ନ ନେଇଥାନ୍ତି , ତେବେ ପୋଲିସ ତଦନ୍ତ ପରେ ସେମାନଙ୍କୁ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ହେବ। ଏହି ଆଇନ ୭ ବର୍ଷ ଧରି କାର୍ଯ୍ୟକାରୀ ହେଉଛି। ଏହି ସମୟ ମଧ୍ୟରେ ୫ଟି ମାମଲାର ବିଚାର ଶେଷ ହୋଇଛି ଏବଂ ସବୁଥିରେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ବିଚାର ସମୟରେ ଆହୁରି ୭ଟି ମାମଲା ଖାରଜ କରାଯାଇଥିଲା। ରିପୋର୍ଟରେ କୁହାଯାଇଛି, କୋର୍ଟ ରେକର୍ଡରୁ ଏହା ସ୍ପଷ୍ଟ ଯେ ପ୍ରାମାଣିକ ବା ସାକ୍ଷ୍ୟ ମାନଦଣ୍ଡ ପ୍ରାୟତଃ ପାଳନ କରାଯାଇ ନାହିଁ, ସହମତିଭିତ୍ତିକ ସମ୍ପର୍କକୁ ଅପରାଧ ଭାବେ ଦର୍ଶାଯାଇଛି ଏବଂ ତଦନ୍ତ ଓ ମାମଲା ରୁଜୁ କରିବାରେ ପ୍ରକ୍ରିୟାଗତ ତ୍ରୁଟି ରହିଛି।

ଏହି ରିପୋର୍ଟ କରୁଥିବା ଖବରକାଗଜର ସମ୍ପାଦକୀୟରେ ପ୍ରକାଶ ପାଇଥିବା ଶୀର୍ଷକ ହେଉଛି-'ଉତ୍ତରାଖଣ୍ଡରେ ନ୍ୟାୟପାଳିକା ନାଗରିକଙ୍କୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମାତ୍ରାଧିକ କାର୍ଯ୍ୟରୁ ସୁରକ୍ଷା ଦିଏ'। ଏହା ହାସ୍ୟାସ୍ପଦ, କାରଣ ସେମାନଙ୍କୁ ଯେଉଁ ଦଣ୍ଡ ଦିଆଯାଇଛି ତାହା ବାସ୍ତବତାକୁ ପ୍ରତିପାଦନ କରେ। ଆମ ସମୟରେ, ଆମ ଚାରିପାଖରେ ଯାହା ଘଟୁଛି ତାହା ଦେଖି ସେଥିରୁ ଆମେ ଦୁଇଟି ନିଷ୍କର୍ଷରେ ପହଞ୍ଚିପାରିବା । ପ୍ରଥମତଃ ସମଗ୍ର ଭାରତରେ କର୍ତ୍ତୃପକ୍ଷଗୁଡ଼ିକ ଭାଜପା ସରକାର ଯାହା ଚାହୁଁଛନ୍ତି ତାହା ସହିତ ନିଜକୁ ଖାପଖୁଆଇ ଚାଲିବା ପାଇଁ ଜାଣିଶୁଣି ଆଇନ ଉଲ୍ଲଂଘନ କରୁଛନ୍ତି। ସେମାନଙ୍କର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ବୋଲି ଜାଣି ଆତ୍ମବିଶ୍ୱାସର ସହିତ ଏହା କରୁଛନ୍ତି । ଦ୍ୱିତୀୟ କଥା ହେଉଛି, ଆମେ ଯେଉଁଠାରୁ ଆରମ୍ଭ କରିଥିଲୁ ସେହି ବିଷୟକୁ ଫେରିଯିବା। ତେବେ ଏକ ଗଣତାନ୍ତ୍ରିକ ସମାଜର କର୍ତ୍ତୃପକ୍ଷଗୁଡ଼ିକ ଜାଣିଶୁଣି ଆଇନର ଶାସନ, ବିଶେଷକରି ଅପରାଧ ଆଇନର ଉଲ୍ଲଂଘନ କଲେ ଏହାର କ୍ଷଣସ୍ଥାୟୀ ଏବଂ ଦୀର୍ଘକାଳୀନ ପରିଣାମ ଦେଖିବାକୁ ମିଳେ। କ୍ଷଣସ୍ଥାୟୀ ପରିଣାମ ହେଉଛି ସରକାରଙ୍କ କାର୍ଯ୍ୟ ଦ୍ୱାରା ଜୀବନ ନଷ୍ଟ ହୋଇଯାଏ, ଯାହା ଆମେ ଦେଖିବାକୁ ପାଉଛୁ। ଦୀର୍ଘକାଳୀନ ପରିଣାମ ସମଗ୍ର ଦେଶ ଏବଂ ସମାଜକୁ ପ୍ରଭାବିତ କରେ। ଯେଉଁ ଦେଶ ନିଜକୁ ଆଇନର ଶାସନ ବିଷୟରେ ମିଛ କହେ, ସେ କ୍ଷେତ୍ରରେ ସମାଜରେ ଆଇନ ଶାସନର ଉଦ୍ଦେଶ୍ୟ ପୂରଣ ହୋଇପାରିବ ନାହିଁ। ଅନ୍ୟପକ୍ଷରେ ଗଣତନ୍ତ୍ରର ସୁଫଳ ମିଳିବା ଆଶା କ୍ଷୀଣ ହୋଇଯାଏ।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 6 | | 2 |
| 9 | | 3 | | 2 | | 8 | | 1 |
| 7 | | | 1 | | 9 | 4 | | 5 |
| | 5 | 8 | 2 | | | 1 | 6 | |
| | | | | 8 | | | | |
| | 7 | | | 4 | | | | |
| 8 | | 6 | 7 | | | | 2 | |
| | 3 | 7 | | | 2 | | | |
| 4 | | 5 | | 3 | 8 | | 1 | 6 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 4 | 7 | 2 | 9 | 8 | 5 | 3 |
| 9 | 8 | 3 | 6 | 1 | 5 | 2 | 7 | 4 |
| 2 | 7 | 5 | 3 | 8 | 4 | 6 | 9 | 1 |
| 4 | 3 | 7 | 8 | 5 | 6 | 1 | 2 | 9 |
| 5 | 6 | 1 | 9 | 4 | 2 | 7 | 3 | 8 |
| 8 | 9 | 2 | 1 | 7 | 3 | 5 | 4 | 6 |
| 1 | 2 | 8 | 4 | 9 | 7 | 3 | 6 | 5 |
| 7 | 4 | 6 | 5 | 3 | 1 | 9 | 8 | 2 |
| 3 | 5 | 9 | 2 | 6 | 8 | 4 | 1 | 7 |

ଗତକାଲିର ଉତ୍ତର

# ଅଗ୍ରଦୂତ ନବ ପ୍ରଭାତର



ଡ. ପ୍ରଫୁଲ୍ଲ କୁମାର ସାହୁ

ପ୍ରଗତିଶୀଳ ଚେତନାର ଭଗୀରଥ ଭଗବତୀ ଚରଣ ପାଣିଗ୍ରାହୀ। ଚାଷୀ ମୂଲିଆ ଓ ଅସହାୟ ମଣିଷର ପ୍ରକୃତ ବନ୍ଧୁ। ବିଂଶ ଶତାବ୍ଦୀର ଚତୁର୍ଥ ଦଶକରେ ଯେତେବେଳେ ଭାରତରେ ସାମ୍ୟବାଦ ନାଁ ଶୁଣିବାମାତ୍ରେ ଭୟରେ ଥରହର ହେଉଥିଲେ ଅଭିଜାତ ବର୍ଗ ଓ ଶୋଷକ ଗୋଷ୍ଠୀ, ସେତିକିବେଳେ ଓଡ଼ିଶାର ରାଜନୈତିକ ବାତାବରଣକୁ ପ୍ରକମ୍ପିତ କରିଥିଲା ସାମ୍ୟବାଦୀ ଆନ୍ଦୋଳନର ତୂର୍ଯ୍ୟନାଦ, ଯାହାର ଆବାହକ ଥିଲେ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀ। କୌଣସି ଐତିହାସିକ ଅନୁବର୍ତ୍ତନର ଉନ୍ମେଷ ମୁହୂର୍ତ୍ତରେ ଯେଉଁମାନେ ନୂତନ ଭାବଧାରାର ଆବାହକ ହୁଅନ୍ତି, ସେମାନଙ୍କୁ ନିର୍ବାହ କରିବାକୁ ହୁଏ ସାମ୍ବାଦିକ, ସାହିତ୍ୟିକ, ସଙ୍ଗଠକ, ବକ୍ତା ଓ ପ୍ରଚାରକର ଦାୟିତ୍ୱ।

୧୯୩୧ ପରେ ଗାନ୍ଧୀ ଉର୍‌ଉଇନ ଚୁକ୍ତିର ବିଫଳତା ପରେ ଗାନ୍ଧିଜୀଙ୍କ ପ୍ରବର୍ତ୍ତିତ ଅହିଂସା ମାର୍ଗ ପ୍ରତି ବଢ଼ିଲା ସଂଶୟ ଓ ଅସନ୍ତୋଷ। ଅନ୍ୟପକ୍ଷରେ ସମାଜବାଦୀ ଚିନ୍ତାଧାରାର ଉତ୍ସରଣ ଓ ଉତ୍କର୍ଷତା ପ୍ରତି ବଢ଼ିଲା ଯୁବଗୋଷ୍ଠୀର ଆକର୍ଷଣ। ଏମାନେ କଂଗ୍ରେସରେ ଥାଇ ଗଠନ କଲେ ସମାଜବାଦୀ ସଂଘ। ପରବର୍ତ୍ତୀ ସମୟରେ (୧୯୩୪) ସର୍ବଭାରତୀୟ ସ୍ତରରେ ଜନ୍ମଲାଭ କଲା କଂଗ୍ରେସ ସୋସାଲିଷ୍ଟ ପାର୍ଟି। ଆଚାର୍ଯ୍ୟ ନରେନ୍ଦ୍ରଦେବ ତା'ର ସଭାପତି ହେଲେ ଏବଂ ସମ୍ପାଦକ ଦାୟିତ୍ୱ ଗ୍ରହଣ କଲେ ଜୟ ପ୍ରକାଶ ନାରାୟଣ। ପ୍ରାଦେଶିକ ସ୍ତରରେ ମଧ୍ୟ କଂଗ୍ରେସରୁ ଅଲଗା ହୋଇ ଗଠନ ହେଲା ପ୍ରଜା ସୋସାଲିଷ୍ଟ ଦଳ। ଓଡ଼ିଶା କଂଗ୍ରେସ ମହଲରେ ସମାଜବାଦୀ ବିଚାରଧାରା ସମର୍ଥକ ଯୁବଗୋଷ୍ଠୀର ପୁରୋଭାଗରେ ଥାଆନ୍ତି ବୌଦ୍ଧିକ କ୍ଷେତ୍ରରେ ତେଜସ୍ୱୀ ନବକୃଷ୍ଣ ଚୌଧୁରୀ। ଓଡ଼ିଶାରେ ସେ ସମାଜବାଦୀ ଦଳର ନେତୃତ୍ୱ ନେଲେ ଏବଂ ତାଙ୍କ ସମ୍ପାଦନା ଓ ଭଗବତୀ ଚରଣଙ୍କ ସହଯୋଗରେ ପ୍ରକାଶ ପାଇଲା ଦଳର ମୁଖପତ୍ର ସାରଥି।

୧୯୩୪ ମସିହାରେ ନବଗଠିତ କଂଗ୍ରେସ ସୋସାଲିଷ୍ଟ ଦଳ ପକ୍ଷରୁ ଆରମ୍ଭ ହେଲା କୃଷକ ଆନ୍ଦୋଳନ। ଜମିଦାର ଓ ସାହୁକାରଙ୍କ ଶୋଷଣ ବିରୋଧରେ ଚାଷୀ ମୂଲିଆ ଏକଜୁଟ ହୋଇ ଗଠନ କଲେ କୃଷକ ସଂଘ। ସଂଗଠନର ମୁଖପତ୍ର ଭାବରେ କୃଷକ ନାମରେ ଏକ ସାପ୍ତାହିକ ପତ୍ରିକା ପ୍ରକାଶ ପାଇଲା, ଯାହାର ସମ୍ପାଦନା ଦାୟିତ୍ୱ ନେଲେ ଭଗବତୀ ଚରଣ ପାଣିଗ୍ରାହୀ। ମଠଧନ କୋଠ ହେଉ, ଲଙ୍ଗଳ ଯା'ର ଜମି ତା'ର, ଗଛ ମାଛରେ ପ୍ରଜାର ଅଧିକାର ସାବ୍ୟସ୍ତ ହେଉ ଇତ୍ୟାଦି ଦାବି ନେଇ ଏଥିରେ ଅନେକ ଲେଖା ପ୍ରକାଶ ପାଇଲା, ଯାହା ଶୋଷକ ଜମି ମାଲିକଙ୍କ ଆଖିରୁ ହଜେଇଦେଲା ନିଦ।

୧୯୩୫ ମସିହା ଶେଷଭାଗରେ ଭଗବତୀଙ୍କ ଉଦ୍ୟମରେ ଗଠନ ହେଲା 'ନବଯୁଗ' ସାହିତ୍ୟ ସଂସଦ। ତା'ର ଆବାହନୀ ସଙ୍ଗୀତ ଲେଖି କବି ଅନନ୍ତ ପଟ୍ଟନାୟକ ଗାଇଲେ "ନବୀନ ଯୁଗର ତରୁଣ ଜାଗରେ ଜାଗ ବନ୍ଧନ ହରା, ବକ୍ଷ ଶୋଣିତ ଲକ୍ଷ୍ୟ ଜୀବନେ ଖେଳାଅ ଆଲୋକ ଧାରା।" ସାହିତ୍ୟ ମାଧ୍ୟମରେ ସମାଜବାଦୀ ଚେତନାକୁ ଆଗେଇ ନେବା ପାଇଁ ଭଗବତୀଚରଣଙ୍କ ସମ୍ପାଦନାରେ ଆତ୍ମପ୍ରକାଶ କଲା (୧୯୩୬) ସଂସଦର ମୁଖପତ୍ର 'ଆଧୁନିକ'। ପତ୍ରିକାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ଉଦ୍ଦେଶ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ 'ନବଭାରତ'ର ତୃତୀୟ ବର୍ଷ ଷଷ୍ଠ ସଂଖ୍ୟାରେ ଲେଖାଥିଲା- 'ନବଯୁଗର ବାର୍ତ୍ତା ବହନ କରିଆସୁଛି 'ଆଧୁନିକ'। ଓଡ଼ିଶାର ପତ୍ରିକା ଜଗତରେ ଯୁଗାନ୍ତର ହେବା ସହିତ ହୃଦୟରେ ସଞ୍ଚାରଣ କରିବ ଅଭିନବ ଜାଗରଣ'। 'ଆଧୁନିକ'ର ପ୍ରଥମ ସଂଖ୍ୟାରେ ତା'ର ଆଭିମୁଖ୍ୟକୁ ଆହୁରି ସ୍ପଷ୍ଟ କରିବା ଲକ୍ଷ୍ୟରେ ସମ୍ପାଦକ ଭଗବତୀଚରଣ ଲେଖିଲେ ଆଧୁନିକ କେବଳ ସାହିତ୍ୟ ପାଇଁ ସାହିତ୍ୟ ଚର୍ଚ୍ଚା ନୁହେଁ। ପୃଥିବୀବ୍ୟାପୀ ଆନ୍ଦୋଳନ ବିଷୟରେ ଚେତନା ଆଣିବା ନିମନ୍ତେ ତା'ର ଜନ୍ମ। ସାପ ମରିବନି କି ବାଡ଼ି ଭାଙ୍ଗିବ ନାହିଁ- ଏହା ହିଁ ସାଧାରଣତଃ ସାହିତ୍ୟ ପତ୍ରିକାର ନୀତି। ମାତ୍ର ଆଧୁନିକ ଏହି ନୀତିର ଏକ ବ୍ୟତିକ୍ରମ। ବାଡ଼ି ଭାଙ୍ଗୁ ପଛେ ସାପକୁ ମାରିବା ତା'ର ଲକ୍ଷ୍ୟ'।

ଓଡ଼ିଆ ସାହିତ୍ୟରେ ଭଗବତୀ ଚରଣଙ୍କ ବହୁଚର୍ଚ୍ଚିତ ଗଳ୍ପ 'ଶିକାର' ହିଁ ପ୍ରଗତିବାଦୀ ଚେତନାର ଅଗ୍ନିବୀଜ। ଏହା ଆଧୁନିକରେ ପ୍ରକାଶ ପାଇଲା(୧୯୩୬) ପରେ। ତା'ର ଅବିଶ୍ୱସନୀୟ ପାଠକୀୟ ଆବେଦନ ଏମିତି ସାମାଜିକ ଉନ୍ମାଦନା ସୃଷ୍ଟି କଲା ଯେ, ଓଡ଼ିଆ ସାହିତ୍ୟରୁ ହଟିବାକୁ ଲାଗିଲା ଜଡ଼ତା, କଳ୍ପନା ବିଳାସିତା ଓ ପଳାୟନପନ୍ଥୀ ଭାବନା। ଯୁଗଯୁଗ ଧରି ଯେଉଁମାନେ ମୂକ ଓ ନିର୍ବାକ୍ ଥିଲେ, ସେମାନଙ୍କ ମୁହଁରେ ଫୁଟିଲା ପ୍ରତିବାଦର ଭାଷା। ସାମନ୍ତବାଦୀ ଚରିତ୍ର ପରିବର୍ତ୍ତେ ସାହିତ୍ୟରେ ନାୟକ ଭାବେ ଚିତ୍ରିତ ହେଲେ ନିମ୍ନ ମଧ୍ୟବିତ୍ତ ବର୍ଗର ମଣିଷ। କାଲ୍‌ମାର୍କ୍ସଙ୍କ ଦାସ କ୍ୟାପିଟାଲ ପଢ଼ି ଭଗବତୀଚରଣ ବୁଝିଥିଲେ ଲୋକେ ଧର୍ମ ରୂପକ ଅଫିମ ଖାଇ କେବଳ ଶୋଷଣର ଶିକାର ହେଉନାହାନ୍ତି, ଏହା ଦ୍ୱାରା ବଢୁଛି ସାମ୍ପ୍ରଦାୟିକ ବିଦ୍ୱେଷ। ବିପନ୍ନ ହେଉଛି ଜାତୀୟ ଏକତା। ଏହି ମର୍ମରେ ସେ ଲେଖିଲେ- "ଧର୍ମ ଯେଉଁଠାରେ ତା'ର ଶୁଭଦୃଷ୍ଟି ପକାଏ, ସେଠାରେ ଉପନିବେଶ ସ୍ଥାପନ କରେ ଦାସତ୍ୱ। ଜନତାର ଦାସତ୍ୱ ହିଁ ଧର୍ମର ସହଯାତ୍ରୀ। ଧର୍ମ ପ୍ରଚାରର ଉଦ୍ଦେଶ୍ୟ ହୁଏତ ଭିନ୍ନ ହୋଇପାରେ, କିନ୍ତୁ ପ୍ରତ୍ୟେକ ସ୍ଥଳରେ ତା'ର ପରିଣାମ ହେଉଛି ଜନତାର ଦାସତ୍ୱ। 'ଆଧୁନିକ'ର ପ୍ରଭାବରେ ଧୀରେଧୀରେ ତୁଟିବାକୁ ଲାଗିଲା ଧର୍ମ ଓ ଭଗବାନଙ୍କ ଉପରୁ ବିଶ୍ୱାସ। ସବୁଜ ପରୀର ଅଞ୍ଚଳ ତଳେ ମୁହଁ ଢାଙ୍କି ପ୍ରେମ ଓ ସୌନ୍ଦର୍ଯ୍ୟର ନିରାଜନା କରୁଥିବା ସବୁଜ କବିମାନଙ୍କୁ ସୁଦ୍ଧା ଉଚ୍ଚାଟ କଲା ପ୍ରଗତିବାଦୀ ସାହିତ୍ୟର ସାମାଜିକ ବାସ୍ତବତା। ଅତୀନ୍ଦ୍ରିୟ ରହସ୍ୟବାଦର ମାୟାଜାଲ ଛିଡ଼େଇ ସେମାନେ ଆଙ୍କିଲେ ନିର୍ଯାତିତ ମଣିଷର ଦୁଃଖ ଓ ଦୁର୍ଦ୍ଦଶାର କରୁଣ ଚିତ୍ର। 'ବଧୂ ଆସେ ମୋର ଧୀର ସୁଲଳିତ ତୃତୀୟ ଯୋଜନା ସମ' ଗାଉଥିବା ସ୍ୱପ୍ନବିଳାସୀ କବି (କାଳିନ୍ଦୀ ଚରଣ)ଙ୍କ କଲମରୁ ଝରିଆସିଲା- "ଜନ୍ମ ଆମର ମଣିଷ କୁଳରେ ନାହିଁ ଇଜ୍ଜତ ମାନ, ଆମ ଝିଅ ବୋହୂ ସବୁରି ଶାଳୀ ହେ ଆମେ ଶଳା ସଇତାନ।"

୧୯୩୬ ମସିହାରେ ଗଠନ ହେଲା ଓଡ଼ିଶା କମ୍ୟୁନିଷ୍ଟ ପାର୍ଟି। ଭଗବତୀଚରଣ ହେଲେ ତା'ର ସମ୍ପାଦକ। ତାଙ୍କ ସାଙ୍ଗଠନିକ ଦକ୍ଷତା ଯୋଗୁ ମୋଗଲବନ୍ଦୀ ଅଞ୍ଚଳରେ ଚାଲିଥିବା କୃଷକ ଆନ୍ଦୋଳନର ପ୍ରଭାବ ଗଡ଼ଜାତ ଅଞ୍ଚଳରେ ପଡ଼ିଲା ଏବଂ ବିଭିନ୍ନ ରାଜ୍ୟରେ ଆରମ୍ଭ ହେଲା ପ୍ରଜାମେଳି। ପ୍ରତ୍ୟେକ ଗଡ଼ଜାତ ଅଞ୍ଚଳରେ ଗଢ଼ିଉଠିଲା ପ୍ରଜାମଣ୍ଡଳ। ସେତେବେଳେ ସାମନ୍ତବାଦୀ ପ୍ରଥା ପ୍ରଚଳିତ ଗଡ଼ଜାତ ରାଜ୍ୟଗୁଡ଼ିକରେ ଚାଲିଥିଲା ଅନ୍ଧାରି ଶାସନ। ରାସ୍ତାଘାଟ, କୋଠାବାଡ଼ି ଓ ରାଜପ୍ରାସାଦ ଇତ୍ୟାଦି ନିର୍ମାଣ ପାଇଁ ପ୍ରଜା ଖଟୁଥିଲେ ବେଠି। ରାଜା ପାରିଧିକୁ ଗଲେ, ହିଂସ୍ରଜନ୍ତୁସଙ୍କୁଳ ଜଙ୍ଗଲରେ ଖେଦା ଜଗୁଥିଲେ ପ୍ରଜା।

ସାମନ୍ତବାଦୀ ଶୋଷଣର ସବୁ ସୀମା ଟପି ଯାଇଥିଲା ଢେଙ୍କାନାଳ ଗଡ଼ଜାତ। ଏଠାରେ ରାଜା ଥିଲେ ସାକ୍ଷାତ୍ ଯମ। ଚିରାଚରିତ ଗଡ଼ଜାତ ଗଞ୍ଜଣା ବ୍ୟତୀତ ଏଠାରେ କେତେବେଳେ କାହା ନିଶ ଉପାଡ଼ି ଦିଆଯାଉଥିଲା ଅତି ନିର୍ମମ ଭାବରେ। କଟକ ଜିଲା ଜେନାପୁରଠାରେ ଅନୁଷ୍ଠିତ ବିରାଟ କୃଷକ ସମ୍ମିଳନୀ (୧୯୩୮)ପରେ ଢେଙ୍କାନାଳ ପ୍ରଜା ଆନ୍ଦୋଳନ ଉଗ୍ର ରୂପନେଲା, ଯାହାକୁ ଭଗବତୀଚରଣ ପରିଚାଳନା କରୁଥିଲେ ଗୁପ୍ତ ସଙ୍ଗଠନ ଜରିଆରେ। 'ରଣଭେରି' ନାମକ ପ୍ରଚାରପତ୍ର ଲେଖି ବିଭିନ୍ନ ଅଞ୍ଚଳକୁ ପଠାଉଥିଲେ ଗୁପ୍ତରେ। ୧୯୩୯ରେ ସେ ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡରେ ପ୍ରବନ୍ଧ ଲେଖିବା ପରେ ଢେଙ୍କାନାଳ ବୀରତ୍ୱପୂର୍ଣ୍ଣ ପ୍ରଜା ଆନ୍ଦୋଳନ ସାରା ଭାରତର ଦୃଷ୍ଟି ଆକର୍ଷଣ କଲା ଏବଂ ତାଙ୍କୁ ଗିରଫ କରାଗଲା (୧୯୪୦ ମସିହା ଜାନୁଆରୀ ମାସ) କମ୍ୟୁନିଷ୍ଟ ଷଡ଼ଯନ୍ତ୍ର ମାମଲାରେ। ଦେଶଦ୍ରୋହ ଆଇନର ଧାରା ଲଗେଇ ତାଙ୍କୁ ଜେଲରେ ରଖାଗଲା ଦୀର୍ଘ ଅଢ଼େଇ ବର୍ଷ। ଜେଲରୁ ସେ ଖଲାସ ହେବା ବେଳକୁ ଓଡ଼ିଶାରେ ଦୁର୍ଭିକ୍ଷ ଅବସ୍ଥା। ବିଶେଷକରି ଗଞ୍ଜାମ ଅଞ୍ଚଳରେ ଖାଇବାକୁ ନ ପାଇ ମୃତ୍ୟୁମୁଖରେ ପଡୁଥିଲେ ଶହଶହ ଲୋକ। ବିଶ୍ରାମ ନ ନେଇ ଚୁଡ଼ା ଚାଉଳ ସଂଗ୍ରହ କରି ବୁଲିଲେ ଦୁର୍ଭିକ୍ଷ ଅଞ୍ଚଳରେ। ଗଞ୍ଜାମରେ ପହଞ୍ଚି ରୟତ ଆନ୍ଦୋଳନର ନେତା ଗୋବିନ୍ଦ ପ୍ରଧାନଙ୍କ ସହଯୋଗରେ ପରିଚାଳନା କଲେ ରିଲିଫ କାର୍ଯ୍ୟ। ପ୍ରପୀଡ଼ିତଙ୍କ ସେବା କରିବାକୁ ଯାଇ ନିଜର ଶରୀର ପ୍ରତି ଅବହେଳା କଲେ, ଯାହାର ପରିଣାମ ହେଲା ଚିରନିଦ୍ରା। ସର୍ବହରାଙ୍କ ପ୍ରତି ଅକଳ୍ପନୀୟ ଶ୍ରଦ୍ଧା ଓ ପ୍ରତିବଦ୍ଧତା ନେଇ ସାଲିସବିହୀନ ଲଢ଼େଇ ଲଢୁଥିବା ବିପ୍ଳବୀ ଭଗବତୀଙ୍କ ଜୀବନଦୀପ ଅବେଳରେ ଲିଭିଗଲା କମ୍ ବୟସରେ।

ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣେଇବାକୁ ଯାଇ କବି ସଚ୍ଚି ରାଉତରାୟ ଲେଖିଥିଲେ- "ହେ ବନ୍ଧୁ ବିଦାୟ, ଯିବ ଯେବେ ଥାଅ ତେବେ, ଘେନିଯାଅ ମୋର ରକ୍ତ ପ୍ରଣାମ, ... ବିଦାୟ ବିଦାୟ ସାଥୀ ଅଗ୍ରଦୂତ ନବ ପ୍ରଭାତର।"

ଅବସରପ୍ରାପ୍ତ ଅଧ୍ୟକ୍ଷ , ଭଦ୍ରକ।
୬୩୭୧୬୪୨୪୬୪

### ଭଗବତୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ଉପଲକ୍ଷେ



# ଏକେଶ୍ୱରବାଦ ଧର୍ମ



ଗାୟତ୍ରୀ ସିଂହ

ଜଗତ କଲ୍ୟାଣ ପାଇଁ ମହିମା ଧର୍ମ ହେଉଛି ଅନନ୍ୟ। ସତ୍ ମାର୍ଗରେ ଯିବା ପାଇଁ ମହିମା ସ୍ୱାମୀ ବିଶ୍ୱର ସମସ୍ତ ଜନ ସମାଜକୁ ଆହ୍ୱାନ୍ କରିଥିଲେ। ମହିମା ଧର୍ମ ହେଉଛି ଓଡ଼ିଶାର ନିଜସ୍ୱ ଧର୍ମ। ଏହା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଏକେଶ୍ୱରବାଦ ଧର୍ମ। ମହିମା ଧର୍ମର ପ୍ରାଣ ପ୍ରତିଷ୍ଠାତା ହେଉଛନ୍ତି ସ୍ୱୟଂ ମହିମା ଗୋସାଇଁ। ଏହି ଧର୍ମ ଏକ ଯୁଗାନ୍ତକାରୀ ଧର୍ମ। ସମାଜରେ ପ୍ରଚଳିତ କୁସଂସ୍କାର ଅନ୍ଧବିଶ୍ୱାସକୁ ଦୂର କରି ଏକ ମାନବାଦ ସମାଜ ଗଢ଼ିବା ପାଇଁ ମହିମା ସ୍ୱାମୀ ଭୀମ ଭୋଇଙ୍କୁ ଦାୟିତ୍ୱ ଦେଇଥିଲେ। ଭୀମ ଭୋଇଙ୍କ ସାହିତ୍ୟ ସର୍ଜନା ଯୋଗୁ ମହିମା ଧର୍ମ ବର୍ତ୍ତମାନ ଅନ୍ତର୍ଜାତୀୟ ସ୍ତରରେ ସୁପରିଚିତ। ସଂସାରର ମଙ୍ଗଳ କାମନା କରୁଥିବା ଦରଦୀ କବି ଭୀମ ଭୋଇ ଗୁରୁ ମହିମା ସ୍ୱାମୀଙ୍କ ପ୍ରତ୍ୟକ୍ଷ କୃପା ଲାଭ କରି ସର୍ବବିଦିତ ହୋଇଛନ୍ତି। ତାଙ୍କ ରଚନାରେ ମହିମା ଧର୍ମ ସହିତ ସଂସାରକୁ ପରିବର୍ତ୍ତନ କରିବାର ବାଣୀ ବେଶ୍ ପରିଲକ୍ଷିତ ହୋଇଥାଏ। ସଂସାରର ମଙ୍ଗଳ କାମନା କରୁଥିବା ସେ ବୋଧହୁଏ ପ୍ରଥମ କବି। ବର୍ତ୍ତମାନ ବହୁ ଗବେଷକ ମହିମା ସ୍ୱାମୀ, ଭୀମ ଭୋଇ, ଭୀମ ଭୋଇଙ୍କ କୃତି ଓ ମହିମା ଧର୍ମ ଉପରେ ଗବେଷଣା ଜାରି ରଖିଛନ୍ତି। ଏବେ ବି ଅନେକ ତଥ୍ୟ ଅପ୍ରକାଶିତ, ଅନାଲୋଚିତ ହୋଇରହିଛି।

ଧର୍ମ ସଂସ୍କୃତି ଆଧ୍ୟାତ୍ମିକ ଚେତନା ବେଳେ ବେଳେ ମନୁଷ୍ୟ ସମାଜକୁ ପ୍ରଭାବିତ କରିଥାଏ। ମନୁଷ୍ୟର ଧାର୍ମିକ ଚିନ୍ତାଧାରାରେ ପରିବର୍ତ୍ତନ ଆସିଥାଏ। ଧର୍ମ ନୀତି ଆଦର୍ଶ ସହିତ ବେଳେ ବେଳେ ସାଧୁସନ୍ଥଙ୍କ ବାଣୀ ଆଦର୍ଶ ମନୁଷ୍ୟ ସମାଜ ଉପରେ ପ୍ରଭାବ ପକାଇଥାଏ। ସେହି କ୍ରମରେ ମହିମା ସ୍ୱାମୀ ହେଉଛନ୍ତି ଅଦ୍ୱିତୀୟ, ଅଣାକାର, ଅଲେଖ ଓ ଅରୂପ।

ମହିମା ଧର୍ମର ଗବେଷକଙ୍କ ମତରେ ମହିମା ସ୍ୱାମୀ ପ୍ରଥମେ ହିମାଳୟରେ ଆବିର୍ଭାବ ହୋଇଥିଲେ। ଅନେକ ବର୍ଷ ପରେ ପୁରୁଷୋତ୍ତମ କ୍ଷେତ୍ର ପୁରୀରେ ଧୂଳିଆବାବା ନାମରେ ଆବିର୍ଭୂତ ହେଲେ। ପରବର୍ତ୍ତୀ ସମୟରେ କଟକ ଏବଂ ଭୁବନେଶ୍ୱରର ଖଣ୍ଡଗିରିଠାରେ କିଛିବର୍ଷ ଅବସ୍ଥାନ କରିଥିଲେ। ତାଙ୍କର ଅଲୌକିକ ମହିମା ପ୍ରସାରିତ ହେବା ପରେ ଲୋକଙ୍କ ଯିବା ଆସିବା ତାଙ୍କ ପାଖକୁ ଲାଗିରହିଲା। ଫଳତଃ ଧ୍ୟାନରେ ବ୍ୟାଘାତ ହେବାରୁ ସେ ସ୍ଥାନ ପରିତ୍ୟାଗ କରି ସେ ଢେଙ୍କାନାଳର କପିଳାସ ପର୍ବତରେ ଧ୍ୟାନରତ ରହିଲେ। କପିଳାସରେ ଅବସ୍ଥାନ କରୁଥିବା ସମୟରେ ଗୋବିନ୍ଦ ଦାସ ତାଙ୍କର ପ୍ରଥମ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ଗୋବିନ୍ଦ ଦାସ ଯେହେତୁ ବୌଦ୍ଧ ଜିଲାର ଥିଲେ ସେ ବୌଦ୍ଧରେ ମହିମା ଧର୍ମ ପ୍ରଚାର କରିବା ସହିତ ଗୁରୁଙ୍କ ନିର୍ଦ୍ଦେଶ ଅନୁସାରେ ମହିମା ମଠ ନିର୍ମାଣ କରିଥିଲେ। ଶିଷ୍ୟ ଗୋବିନ୍ଦ ଦାସଙ୍କ ସହିତ ମହିମା ସ୍ୱାମୀ ଓଡ଼ିଶାର ଅନେକ ସ୍ଥାନ ଭ୍ରମଣ କରି ମହିମା ଧର୍ମ ପ୍ରଚାର କରିବା ସହିତ ମଠ ନିର୍ମାଣ କାର୍ଯ୍ୟ ମଧ୍ୟ କରିଥିଲେ। ସେହି ସମୟରେ ରେଢ଼ାଖୋଲର କାଙ୍କଣପଡ଼ା ଗ୍ରାମରେ ଚୈତନ୍ୟ ପ୍ରଧାନଙ୍କ ଗୃହରେ ରହୁଥିବା ଅନାଥ ବାଳକ ଭୀମ ଭୋଇଙ୍କ ସହ ମହିମା ସ୍ୱାମୀ ଓ ଗୋବିନ୍ଦ ଦାସଙ୍କର ସାକ୍ଷାତ୍ ହୋଇଥିଲା। ଭୀମ ଭୋଇଙ୍କଠାରେ ମହିମା ଗୋସାଇଁ କବିତ୍ୱ ଭାବ ଥିବା ଦେଖି ପାରିଥିଲେ। ଭୀମ ଭୋଇ ତାଙ୍କ 'ନିର୍ବେଦ ସାଧନ' ଗ୍ରନ୍ଥରେ ମହିମା ଧର୍ମରେ ଦୀକ୍ଷିତ ହେବା କଥା ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି। ଶିଷ୍ୟମାନଙ୍କ ସହିତ ମହିମା ଗୋସାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଭ୍ରମଣ କରି ମହିମା ଧର୍ମ ପ୍ରଚାର ପ୍ରସାର କରିବା ସହିତ ଆଶ୍ରମ ନିର୍ମାଣ କରିଥିଲେ। ମହିମା ସ୍ୱାମୀ ଶେଷ ସମୟ ପର୍ଯ୍ୟନ୍ତ ଯୋରନ୍ଦାରେ ଅବସ୍ଥାନ କରିଥିଲେ। ୧୮୭୫ ମସିହା ଶୁକ୍ଳ ଚତୁର୍ଦ୍ଦଶୀରେ ମହିମା ସ୍ୱାମୀ ପ୍ରଥମେ ଯୋରନ୍ଦା ମହିମା ଗାଦିରେ ଧୁନି ସ୍ଥାପନ କରି ମହିମା ମେଳା ଆରମ୍ଭ କରିଥିଲେ। ଏହି ମେଳାରେ ସେ ଘୃତାହୁତି ଅର୍ପଣ ପୂର୍ବକ ଜଗତର ମଙ୍ଗଳ କାମନା କରିଥିଲେ। ୧୮୭୬ ମସିହା ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀରେ ଯୋରନ୍ଦା ଟୁଙ୍ଗିରେ ମହିମା ସ୍ୱାମୀ ଦେହତ୍ୟାଗ କରିଥିଲେ। ମହିମା ସ୍ୱାମୀଙ୍କ ଦେହାବସାନ ପରେ ପ୍ରଭୁଙ୍କ ଆଜ୍ଞା ମୁତାବକ ସମାଧି ମନ୍ଦିର ନିର୍ମାଣ କରାଗଲା। ଏହାକୁ ଗାଦି ମନ୍ଦିର ମଧ୍ୟ କୁହାଯାଏ। ମହିମା ସ୍ୱାମୀ ଯୋରନ୍ଦାର ଯେଉଁ ଟୁଙ୍ଗିରେ ଧର୍ମ ଉପଦେଶ ଦେଉଥିଲେ ତାହା ଶୂନ୍ୟ ମନ୍ଦିର ଭାବେ ପରିଚିତ। ମହିମା ସ୍ୱାମୀଙ୍କ ଧର୍ମ ଉପଦେଶ ବାଣୀ ତଥା ତାଙ୍କର ଅଲୌକିକ ଗୁଣ ପାଇଁ ସେ ପ୍ରଭୁ ଅଲେଖ ମହିମା ଗୋସାଇଁ ଭାବରେ ପ୍ରତିଷ୍ଠିତ। ଭୀମ ଭୋଇ ଥିଲେ ମହିମା ଗୋସାଇଁଙ୍କ ପରମ ଭକ୍ତ। ଗୁରୁଙ୍କ ନାମ ଅନୁଯାୟୀ ମହିମା ଧର୍ମ ହୋଇଥିବାରୁ ଭୀମ ଭୋଇ ନିଜର ଭଜନ ଜଣାଣ ଚଉତିଶା ମାଧ୍ୟମରେ ସମଗ୍ର ଓଡ଼ିଶାରେ ଏହି ଧର୍ମର ପ୍ରଚାର ପ୍ରସାର କରିଥିଲେ। ମାନବ ଧର୍ମର ପ୍ରଚାରକ ଓ ପ୍ରସାରକ ଭାବରେ ସେ ସମସ୍ତଙ୍କ ଉପାସ୍ୟ।



ଆଠମଲ୍ଲିକ, ଅନୁଗୁଳ
ମୋ:୭୬୦୬୯୫୭୪୪୫

## ଏଇ ଭାରତରେ

ମଧ୍ୟପ୍ରଦେଶର ରଶ୍ମି ଦୁବେ କୃଷିରେ ସଫଳତା ପାଇବା ସହ ୨୦୦୦ କୃଷକଙ୍କୁ ମାର୍ଗଦର୍ଶନ କରୁଛନ୍ତି। ମଧ୍ୟପ୍ରଦେଶର ସେନଗୁଡ଼ା ଗାଁରେ ରହୁଛନ୍ତି ରଶ୍ମି। ତାଙ୍କ ପ୍ରାରମ୍ଭିକ ବିବାହିତ ଜୀବନ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଥିଲା। ତାହାକୁ ମୁକାବିଲା କରି ସେ ୧୮ ବର୍ଷ ବୟସରେ ବିବାହ ପରେ ସେନଗୁଡ଼ା ଗାଁକୁ ଆସିଥିଲେ। ପରେ ସେ ଅଭାବ ଯୋଗୁ ପରିବାର ଚଳାଇବାରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପାରିବାରିକ ଅଭାବ ଦୂର କରିବା ପାଇଁ ୨୦୧୫ରେ ରଶ୍ମି ପ୍ରଥମେ ଜାଗୃତି ସ୍ୱୟଂ ସହାୟକ ଗୋଷ୍ଠୀରେ ଯୋଗ ଦେଇଥିଲେ। ସେଠାରୁ ସେ ସଞ୍ଚୟ, ନାରୀ ସଶକ୍ତୀକରଣ ତଥା କୃଷି ସମ୍ବନ୍ଧୀୟ ଆଲୋଚନାରୁ ଅନେକ କିଛି ଶିକ୍ଷା ଲାଭ କରିଥିଲେ। ୨୦୧୮ରେ ପ୍ରଫେଶନାଲ ଆସିଷ୍ଟାଣ୍ଟ ଫର୍ ଡେଭଲପ୍‌ମେଣ୍ଟ ଆକ୍ସନରୁ ଆଧୁନିକ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇ ପ୍ରଥମେ ସେ ତାଙ୍କ ପୈତୃକ ଜମିରେ ଚାଷ ଆରମ୍ଭ କରିଥିଲେ। ଏଥିରେ ମଧ୍ୟ ସେ ସଫଳ ହୋଇଥିଲେ। ପରେ ରଶ୍ମି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟରେ ସେନଗୁଡ଼ା ଓ ଏହାର ଆଖପାଖ ଗାଁଗୁଡ଼ିକରେ କୃଷକମାନଙ୍କୁ କୃଷି ପାଇଁ ପ୍ରୋତ୍ସାହିତ କରିଥିଲେ। ପ୍ରଥମେ ତାଙ୍କ ସହ ୧୫୦ କୃଷକ ସାମିଲ ହୋଇଥିଲେ। ଏବେ ୨୦୦୦ କୃଷକ ତାଙ୍କ ସହ ଯୋଡ଼ି ହୋଇ ବିଭିନ୍ନ ଫସଲ କରୁଛନ୍ତି ଓ ଅଧିକ ଆୟ କରିବାକୁ ସକ୍ଷମ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧ ଫେବୃଆରୀ ୧୯୭୭

- ଗୁଜରାଟ ୨୮୦ କୋଟି ୫୦ ଲକ୍ଷ ଟଙ୍କା ଯୋଜନା ଅଟକଳକୁ ଯୋଜନା କମିଶନ ସ୍ୱୀକୃତି ଦେଇଛନ୍ତି।
- ଜୟପୁରଠାରେ କେନ୍ଦ୍ର ରେଳବାଇ ମନ୍ତ୍ରୀ ଶ୍ରୀ କମଳାପତି ତ୍ରିପାଠୀ ପାଟଳନଗରୀ ଏକ୍ସପ୍ରେସ୍ ଚଳାଚଳ ଉଦ୍‌ଘାଟନ କରିଛନ୍ତି।
- ଭାରତୀୟ ଲୋକଦଳରୁ ଶ୍ରୀକୃଷ୍ଣ ବାଜପେୟୀ, ଶ୍ରୀ ଓ.ପି. ଶର୍ମା ଏବଂ ଶ୍ରୀ ଅସ୍ତାର ଅହମ୍ମଦଙ୍କ ଇସ୍ତଫା ପ୍ରଦାନ।

## ପାଠକ ଶ୍ରେଷ୍ଠ ବିଚାରକ

### ଯୋଜନାରେ ସମସ୍ୟା

ମହାଶୟ,

ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଦିନ ନୂଆ ନୂଆ ଯୋଜନା ସବୁଦିନ ଖବରକାଗଜ ପୃଷ୍ଠା ମଣ୍ଡନ କରୁଛି। କିନ୍ତୁ କାର୍ଯ୍ୟକାରୀ ହେଉଥିବା ଯୋଜନାରେ ଅନେକ ଦୋଷ ଦୁର୍ବଳତା ରହିଥିଲେ ମଧ୍ୟ ସରକାର ସଂଶୋଧନ କରୁନାହାନ୍ତି। ତେଣୁ ଯୋଜନାସବୁର ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଗରିବ ଦୁଃସ୍ଥମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତାର ବ୍ୟବସ୍ଥା କରିଛନ୍ତି । ଏହା ଉତ୍ତମ ବ୍ୟବସ୍ଥା ହେଲେ ମଧ୍ୟ ଗୋଟିଏ ପରିବାରରେ ସ୍ୱାମୀ-ସ୍ତ୍ରୀ ଦୁଇଜଣ ଭତ୍ତା ପାଇବାରୁ ଏବେ ପ୍ରାୟ ୧୧ ଲକ୍ଷ ନୂଆ ହିତାଧିକାରୀ ଚାତକ ପରି ଭତ୍ତା ପାଇଁ ଅପେକ୍ଷା କରି ରହିଛନ୍ତି। ତେଣୁ ସରକାର ସବୁ ପରିବାରକୁ ଭତ୍ତା ଦେବାର ତୁରନ୍ତ ବ୍ୟବସ୍ଥା କରନ୍ତୁ। ତେବେ ଯାଇ ସମସ୍ୟା ସମାଧାନ ହୋଇପାରିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନ ନୀତି ନିୟମରେ ହେଉ ନ ଥିବାରୁ କୋଠାଘର ଥିବା ଆବାସକୁ ହଡ଼ପ କରି ତାକୁ କୋଠା ସହିତ ମିଶାଇ ଜଣେ ଘର କରିପାରୁଛି। ଧାନ ଅମଳ ପରେ ଯେଉଁ ଚାଷୀ ମଣ୍ଡିରେ ଧାନ ବିକି ନ ପାରି ଆନ୍ଦୋଳନ କରୁଛି, ସେ କ୍ଷେତ୍ରରେ କେଉଁ ନ୍ୟାୟରେ ଖାଦ୍ୟ ନିରାପତ୍ତା ପାଇଁ ମୁଣ୍ଡପିଛା ୫ କିଲୋ ଚାଉଳ ଦିଆଯାଉଛି। ସରକାରୀ କଳ ହେଉଛି ଗୋଟିଏ କମ୍ବଳ।

-ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିଶ୍ୱର ଶତ କ୍ଷତେ
ବ୍ୟଥିତ ବଧିର
ଏ ମରମୁଁ ଗଳେ ଚିର
ଲୋହିତ ରୁଧିର ।
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନନ୍ଦନକାନନରେ ୩ ବଉଳା କୁମ୍ଭୀର, ୫ ଗୁରାଣ୍ଡି ମୃତ

**ବାରଙ୍ଗ,୩୧।୧(ଲିଙ୍ଗରାଜ ରାଉତ)**

ପ୍ରାଣୀ-ଉଦ୍ୟାନ ନନ୍ଦନକାନନରେ ୩ ବଉଳାକୁମ୍ଭୀର ଓ ୫ ଗୁରାଣ୍ଡିଙ୍କ ମୃତ୍ୟୁ ଘଟିଛି। ଏଣୁ ଦାୟିତ୍ୱରେ ଥିବା ପ୍ରାଣୀ ବିଭାଗ ଓ ଡାକ୍ତରମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିନଥିବା ବେଳେ କର୍ତ୍ତୃପକ୍ଷ କିନ୍ତୁ ମୁହଁ ଖୋଲୁନାହାନ୍ତି। ପ୍ରାଣୀବିଭାଗ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ଖାମଖିଆଲ ମନୋଭାବ ଓ ଡାକ୍ତରମାନେ ଠିକ୍ ଭାବେ ରୋଗ ଚିହ୍ନଟ ନ କରିପାରିବା ଯୋଗୁ ନିରୀହ ପ୍ରାଣୀମାନଙ୍କ ଅକାଳ ମୃତ୍ୟୁ ଘଟୁଛି ବୋଲି ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ଚଳିତ ମାସରେ ୧୭ଟି ପଶୁପକ୍ଷୀଙ୍କ ମୃତ୍ୟୁ ଘଟିଥିବା ବେଳେ ସେଥିମଧ୍ୟରେ ୩ ବଉଳାକୁମ୍ଭୀର ଓ ୫ ଗୁରାଣ୍ଡି ରହିଛନ୍ତି। ସେହିପରି ଗତ ୨୯ରେ ୧, ୩୦ରେ ୨ ବଉଳାକୁମ୍ଭୀରଙ୍କ ମୃତ୍ୟୁ ଘଟିଥିବା ବେଳେ ୭ରେ ୧ମାଈ, ୯ରେ୧ ଅଣ୍ଡିରା, ୨୧ରେ ୧ ଅଣ୍ଡିରା, ୨୩ରେ୧ ଅଣ୍ଡିରା, ୩୧ତାରିଖରେ ୧ ଗୁରାଣ୍ଡିର ମୃତ୍ୟୁ ଘଟିଛି।

# ସବୁ ବିପତ୍ତିର ମୁକାବିଲା ପାଇଁ ଅଗ୍ନିଯୋଦ୍ଧା ପ୍ରସ୍ତୁତ

**ଭୁବନେଶ୍ୱର,୩୧।୧(ଜିତେନ୍ଦ୍ର କୁମାର ନାୟକ/ମିହିର କାନ୍ତ ଦାସ)**

ଦମକଳ ଘଣ୍ଟି ବାଡ଼ାଇ ରାସ୍ତାରେ ଗଲା ବେଳେ ଦେଖଣାହାରୀଙ୍କ ମନକୁ ଗୋଟିଏ କଥା ଆସିଥାଏ-କେଉଁଠି ନିଆଁ ଲାଗିଗଲା। ସେଥିପାଇଁ ଲୋକେ ତାକୁ ରାସ୍ତା ଛାଡ଼ିଦେଇଥାଆନ୍ତି। ଏବେ ଘଣ୍ଟି ବଦଳରେ ସାଇରନ୍ ବାଜୁଛି। ତେବେ ଅଗ୍ନିଶମ ବାହିନୀ ବର୍ତ୍ତମାନ କେବଳ ନିଆଁ ଲିଭାଇବାରେ ନିଜକୁ ସୀମିତ ରଖିନାହିଁ। ଏହାର ପରିସର ବ୍ୟାପକ ହୋଇ ସଡ଼କ ଦୁର୍ଘଟଣା ଓ ବିଭିନ୍ନ ପ୍ରକାର ବିପତ୍ତିକୁ ମୁକାବିଲା କରିବା ଦିଗରେ ପ୍ରଥମ ପ୍ରତିକ୍ରିୟାକାରୀ (ଫାଷ୍ଟ ରେସପଣ୍ଡର) ସେବା ଯୋଗାଇବା ବାହିନୀରେ ପରିଣତ ହୋଇଛି। ଅଗ୍ନିଯୋଦ୍ଧାମାନେ ପୂର୍ବାପେକ୍ଷା ଅଧିକ ପ୍ରଶିକ୍ଷିତ ହୋଇପାରିଛନ୍ତି। ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଓଡ଼ିଶା ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନ (ଓଏଫ୍‌ଡିଆର୍‌ଏ)ରେ ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬ର ଶେଷ ଦିନରେ ଶନିବାର ଗଣମାଧ୍ୟମର ବରିଷ୍ଠ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ଏଭଳି ମତ ରଖିଛନ୍ତି ଅଗ୍ନିଶମ ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ।

ଓଡ଼ିଶା ଫାୟାର ଆଣ୍ଡ୍ ଏମର୍ଜେନ୍ସି ସର୍ଭିସ (ଓଡ଼ିଶା ଅଗ୍ନିଶମ ଓ ଜରୁରିକାଳୀନ ସେବା) ସଡ଼କ ସୁରକ୍ଷା ସଚେତନତା ଓ ବିଭାଗର ରାସ୍ତା ଦୁର୍ଘଟଣା ପ୍ରତିକ୍ରିୟା ଏବଂ ବିପଦ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ କେନ୍ଦ୍ରିତ ଖବରଦାତା ସମ୍ମିଳନୀରେ ଡ. ଷଡ଼ଙ୍ଗୀ ବିଭାଗର ଭବିଷ୍ୟତ କାର୍ଯ୍ୟଧାରା ଉପରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ତାଙ୍କ କର୍ମଚାରୀମାନେ ପ୍ରତିଦିନ ଅଧିକ ଜୀବନ ରକ୍ଷା କରୁଛନ୍ତି। ମେରୁଦଣ୍ଡ ଓ ମସ୍ତିଷ୍କ ଆଘାତପ୍ରାପ୍ତ ବ୍ୟକ୍ତିଙ୍କୁ କିଭଳି ଅତି ସତର୍କତାର ସହିତ ଡାକ୍ତରଖାନାରେ ପହଞ୍ଚାଯାଇପାରିବ ଓ ଅଚେତ ରୋଗୀଙ୍କୁ ଠିକ୍ ଭାବେ ସାଷ୍ଟାମ କରାଯାଇପାରିବ, ତାହା ଉପରେ ଆଲୋକପାତ କରିଥିଲେ। ଦୃଷ୍ଟାନ୍ତ ଦେବାକୁ ଯାଇ ସେ କହିଥିଲେ ଯେ, ଦୁର୍ଘଟଣା ଘଟିବା ପରେ ସଙ୍ଗେ ସଙ୍ଗେ '୧୧୨'କୁ ଫୋନ୍ କରିବା ସହ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଠିକ୍ ଭାବେ ଉଠାଇବା ଦରକାର। ସାଧାରଣତଃ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ବ୍ୟକ୍ତିଙ୍କ ଦୁଇ ଗୋଡ଼ ଓ ହାତକୁ ଟେକି ନେଇଥାଆନ୍ତି। କିନ୍ତୁ ବିଜ୍ଞତାର ବିଷୟ ହେବ ତାଙ୍କ ମୁଣ୍ଡକୁ ମଧ୍ୟ ସମାନ ଭାବେ ସନ୍ତୁଳନ ରକ୍ଷା କରି ବୋହି ନେବା ଦରକାର। ଗଣମାଧ୍ୟମରେ ଏ ଦିଗରେ ବ୍ୟାପକ ସଚେତନତା ସୃଷ୍ଟି ହେଲେ ଲୋକେ ବାସ୍ତବତା ବୁଝିପାରିବେ ବୋଲି ଡ. ଷଡ଼ଙ୍ଗୀ କହିଥିଲେ। ବର୍ତ୍ତମାନ ଓଡ଼ିଶା ଅଗ୍ନିଶମ ସେବା କେଉଁଭଳି ସେବା ଯୋଗାଇବାର ଭବିଷ୍ୟତ ଦୃଷ୍ଟିକୋଣ ରଖିଛି ବୋଲି ଧରିତ୍ରୀ ପକ୍ଷରୁ କରାଯାଇଥିବା ପ୍ରଶ୍ନର ଉତ୍ତରରେ ସେ କହିଥିଲେ, ଓଡ଼ିଶା ଅଗ୍ନିଶମ ସେବା ବିଶ୍ୱସ୍ତରୀୟ ପ୍ରଯୁକ୍ତି ଆପଣାଇ ଜରୁରିକାଳୀନ ପ୍ରତିକ୍ରିୟାମାନକ ଅନୁଯାୟୀ କାର୍ଯ୍ୟ କରୁଛି। ସେଥିଯୋଗୁ ୨୦୨୫ରେ ଓଡ଼ିଶା ଫାୟାର ଆଣ୍ଡ୍ ଏମର୍ଜେନ୍ସି ସର୍ଭିସ ୮,୧୭୨ଟି ସଡ଼କ ଦୁର୍ଘଟଣା କଲ୍ ପାଇଥିବା ବେଳେ ୮,୭୪୨ ଜଣଙ୍କ ଜୀବନ ରକ୍ଷା କରିବାରେ ସକ୍ଷମ ହୋଇଥିଲା, ଯାହା ରାଜ୍ୟବ୍ୟାପୀ ଜରୁରିକାଳୀନ ଚିକିତ୍ସା ସେବା ଓ ଉଦ୍ଧାର କାର୍ଯ୍ୟରେ ବିଭାଗର ବିସ୍ତାରିତ ଭୂମିକାକୁ ଦର୍ଶାଇଛି ବୋଲି ଡ. ଷଡ଼ଙ୍ଗୀ କହିଥିଲେ।

ଏହି ଅବସରରେ ବିଭାଗ ତା'ର ଉନ୍ନତ ଉଦ୍ଧାର ଓ ଜୀବନରକ୍ଷାକାରୀ ଉପକରଣଗୁଡ଼ିକୁ ସ୍ଲାଇଡ୍ ମାଧ୍ୟମରେ ପ୍ରଦର୍ଶନ କରିଥିଲା। ସେଥିରେ ଇନ୍‌ସିଡେଣ୍ଟ କମାଣ୍ଡ୍ ଭେହିକଲ, ଆଡଭାନ୍ସଡ୍ ରେସ୍କ୍ୟୁ ଟେଣ୍ଡର, କୋର୍ ଆଣ୍ଡ୍ ପ୍ଲାଜ୍‌ମା କଟିଂ ମେଶିନ୍, ମଲ୍ଟିପର୍ପସ୍ କ୍ୱିକ୍ ରେସ୍‌ପନ୍ସ ୟୁନିଟ୍, ମୃତଦେହକୁ ସମ୍ମାନର ସହିତ ପରିବହନ ପାଇଁ ମର୍ଚ୍ଚୁଆରି ଭେହିକଲ୍ ଆଦି ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଅଗ୍ନିଶମ ଆଇଜି ଡ. ଉମାଶଙ୍କର ଦାସଙ୍କ ରଚିତ 'ଅଗ୍ନିଯୋଦ୍ଧା ଶୀର୍ଷକ ସଙ୍ଗୀତ' ମାଧ୍ୟମରେ ବିଭାଗ ପକ୍ଷରୁ ବିପତ୍ତି ମୁକାବିଲାରେ ଅଗ୍ନିଶମ ଯୋଦ୍ଧାଙ୍କ ସଫଳ ପଦକ୍ଷେପ ସ୍ଥାନ ପାଇଥିଲା।

ଅଗ୍ନିଶମ ବିଭାଗ କର୍ତ୍ତୃପକ୍ଷ ଓ ଖବରଦାତାଙ୍କ ଆଲୋଚନା କାର୍ଯ୍ୟକ୍ରମ ପରେ ଅଗ୍ନିଯୋଦ୍ଧାମାନେ ଯାନ୍ତ୍ରିକ ଉପକରଣ ବ୍ୟବହାର ସହିତ ସେମାନଙ୍କ ଶାରୀରିକ କୌଶଳ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଅଗ୍ନିଶମ ବାହିନୀର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



ଅଗ୍ନିଯୋଦ୍ଧାମାନେ ଯାନ୍ତ୍ରିକ ଉପକରଣ ପ୍ରଦର୍ଶନ କରୁଛନ୍ତି।


# Classified Everyday
**0674-2580101, 9692975378**



**MATRIMONIAL**

**GROOM WANTED**

Bankରେ ଚାକିରି କରୁଥିବା ୩୨ବର୍ଷର ବ୍ରାହ୍ମଣ ଝିଅ ପାଇଁ ଚାକିରି କରୁଥିବା vegetarian ବରପାତ୍ର ଆବଶ୍ୟକ। Contact- 9078494524. D-3262



**REAL ESTATE**

**SALE**

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

**Land near Balasore Town for Sale. Residential Plot 19 decimals near Harihat in Village Sindhia near Balighat and 278 decimals all in Village Sahupada near Balasore- Baripada National Highway. Please contact immediately- 7656861995.** D-75860

Own Gharabari Residential Plot 3100sqft. with Compoundwall & Electricity at Brahmanjharilo, 7km from Phulnakhara, Cuttack & 12km from Bhubaneswar. Total Rs.41Lakhs (Including Registr ation charges). 7809525452. D-240

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର **GITA Engineering College** ନିକଟ **Infocity- 2** ପାଖରେ ଘରବାରି, **Boundary** ଥାଇ ପ୍ଲଟ୍ ବିକ୍ରିହେବ। **6372753860, 7008095537.** D-3215

ODISHA'S First Resort Property(GMA & PCP) @10,00,000 Contact-8917622925. D-3247

**ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834** D-3178

କଟକ-ଭୁବନେଶ୍ୱରର ମଧ୍ୟଭାଗରେ ଥିବା **Sum-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **SC general plot** କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **9658562429.** D-3194

2482Sqft. individual ଘରବାରି ପଟ୍ଟା yellowzone NH to 100mtr CV Raman College ଛକରେ ବିକ୍ରି ହେବ। 9776866520. D-3248

ଭୁବନେଶ୍ୱର ବରମୁଣ୍ଡାରୁ **48km farmhouse land** ପିଚୁରୋଡକୁ ଲାଗି ଏକର ୨୮ଲକ୍ଷରେ ବିକ୍ରି ହେବ। **8144706560.** D-3199



**CONSTRUCTION**

Construct your home with Colour Tile Plaster, Electrical, PHD, Dor complete 1350/- 9827152441. D-3270

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




GROUND FLOOR 1800SQFT. NEAR CHINTAMANISWAR TEMPLE BHUBANESWAR BOTH SIDE ROAD FOR GODOWN/ COMMERCIAL. 7008506934/ 7978968374. D-3237




All types of physiotherapy and massage contact 9556924059/ 7656969134. D-3245

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

Wellness relax body massage & jointpain treatment by trend therapist. 6372110065. D-76951

**AFFIDAVIT**

By virtue of an affidavit sworn before the Executive Magistrate, Keonjhar, dtd.- 19.01.2026, I, Tapaswani Das, Adress: At- Kapasapada, P.O.- Ketang, P.S./ Block- Ghatagaon, Dist.- Keonjhar declare that I have changed my name from Tapoi Matia to Tapaswani Das. Henceforth, I shall be known as Tapaswani Das for all purpose.
Tapaswani Das
D-3276

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ମୁଁ, କଲ୍ୟାଣୀ ପ୍ରଧାନ, ସ୍ୱାମୀ- ପବିତ୍ର ନାୟକ, ଗ୍ରାମ/ ପୋଷ୍ଟ- ସିକ୍ରୀଡ଼ା, ଥାନା- ନୂଆଗାଁ, ଜି.- ନୟାଗଡ଼, ରାଜ୍ୟ- ଓଡ଼ିଶା, ପିନ୍- 752083 ଘୋଷଣା କରୁଅଛି ଏହି ସତ୍ୟପାଠ ନଂ. ୯୧୩୫, ତା.୦୭।୦୬।୨୦୨୪ ଆଜିଠାରୁ ଭବିଷ୍ୟତରେ କଲ୍ୟାଣୀ ପ୍ରଧାନ ନାମରେ ଜଣାଯିବି। ଧ-୩୨୭୩

By virtue of an affidavit sworn before the Executive Magistrate, Bari, Jajpur, No.- 3431, dated- 02.01.2026, I, SUBHASHREE SAMAL, D/o.- SRINATH SAMAL, Address: At- Kenkarada, P.O.- Balibili, P.S.- Bari Ramachandrapur, Dist.- Jajpur, PIN- 755003 declare that I have changed my name from Rajesh Samal to Subhashree Samal. Henceforth, I shall be known as Subhashree Samal for all purposes. D-3264

By virtue of affidavit No. CF No. 198 dated 30.01.2026 sworn in before the Executive Magistrate, Bargarh, I, Sri Ankit Agarwal, S/o. Sri. Hari Prasad Agrawal, resident of Ward No. 5, Main Road, Bargarh, Odisha, PIN- 768028 do hereby declare that from now onwards shall be known as Sri Ankit Agrawal for all purposes. D-3266

By virtue of affidavit No. CF No. 197, dated 30.01.2026 sworn in before the Executive Magistrate, Bargarh, I, Sri Amit Kumar Agarwal, S/o. Sri. Hari Prasad Agrawal, resident of Ward No. 5, Main Road, Bargarh, Odisha, PIN- 768028 do hereby declare that from now onwards shall be known as Sri Amit Kumar Agrawal for all purposes. D-3265

By virtue of an affidavit sworn before the Executive Magistrate, Jagatsinghpur, dated- 29.01.2026, I, Subhrajit Kumar Swain of Vill.- Erasama (Paikasahi), P.O./P.S.- Erasama, District- Jagatsinghpur- 754139, Odisha declare that I have changed the name of my son from Sai Krisnan Swain to Sai Krishna Swain. Henceforth, he shall be known as 'Sai Krishna Swain' for all purposes.
Subhrajit Kumar Swain
D-3263

I, Ajhar Imam, S/o Late. Mohammad Rafik, resident of Azad Basti, Ward No. 8, Barbil, P.O./P.S.- Barbil, Dist.- Keonjhar, PIN- 758035, Odisha declare by this affidavit No. 377, Dtd. 31.01.2026 that now onwards I shall be known as AZHAR IMAM for all future purposes. D-3272

**LOST**

I, Ratish Kumar Patra, S/o. Late Krishna Chandra Patra, Resident of Plot No. HIG-124, Dharma Vihar, P.S.- Khandagiri, Bhubaneswar, Dist.- Khurda, Odisha declare that Original Lease-cum-Sale Deed vide Document No. 2218/2009 on dated 17.03.2009 pertaining to property situated at HIG-124 vide Drawing No. L-1232/2000 of Orissa State Housing Board, Plot No.650 (P) under Khata No.1154, Area- 2123 Sqft, Mz- Jagamara, P.S.- Khandagiri, Dist.- Khurda, DSR- Khandagiri, Bhubaneswar has been lost somewhere. In this connection, I have lodged a FIR at Khandagiri Police Station vide GD No.006 dated 27.01.2026. If anyone finds it, kindly inform me on the below mentioned contact No. Ratish Kumar Patra, Mobile No. 9748541881. D-3267

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

IR No.- 42, Date- 29.01.2026

ମାନ୍ୟବର ଅତିରିକ୍ତ କମିଶନର, ଶ୍ରୀଯୁକ୍ତ ଆଶୁତୋଷ ସାମଲ, OAS(SAG)
ଅତିରିକ୍ତ ରିଭିଜନ କୋର୍ଟ ନଂ.- 2, ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
ଓ.ଏସ୍.ଏସ୍. କେସ୍ ନଂ.- ୮୦୭/୨୦୧୯

ଦେବେନ୍ଦ୍ରନାଥ ସ୍ୱାଇଁ ..........ବାଦୀ

ବନାମ

ସେଟେଲମେଣ୍ଟ ଅଫିସର, କଟକ ଓ ଅନ୍ୟମାନେ .........ପ୍ରତିବାଦୀ ସମୂହ

ନୋଟିସ୍ ସି.ପି.ସି ଅର୍ଡର- ୫ ରୁଲ- ୨୦ ମୁତାବକ

ପ୍ରତିବାଦୀ ନଂ. ୨- ସିଧିଆ ଓରଫ ସିଦ୍ଧେଶ୍ୱର ବେହେରା, ପିତା- ୰ ରେବ ଓରଫ ବେଣୁଧର ବେହେରା, ପିତା- ୰ ମାଧବ ବେହେରା, ସା- ପଥରଗାଡ଼ିଆ, ପୋ- କିଟ୍, ଥାନା- ଇନ୍‌ଫୋସିଟି, ପିନ୍- ୭୫୧୦୨୪, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ. ୫- ମୀନା ବେହେରା, ସ୍ୱାମୀ- ଶ୍ରୀକୃଷ୍ଣ ବେହେରା, ପ୍ରତିବାଦୀ ନଂ. ୮- ଶଶୀ ବେହେରା, ସ୍ୱାମୀ- ରଞ୍ଜନ ବେହେରା, ପ୍ରତିବାଦୀ ନଂ. ୯- ଜନାର୍ଦ୍ଦନ ବେହେରା, ପ୍ରତିବାଦୀ ନଂ. ୧୦- କାହ୍ନୁ ବେହେରା, ପ୍ରତିବାଦୀ ନଂ. ୧୧- ସୁରେଖା ବେହେରା, ପ୍ରତିବାଦୀ ନଂ. ୧୨- ମୀନା ବେହେରା, ପ୍ରତିବାଦୀ ନଂ. ୧୩- ବବି ବେହେରା, ପ୍ରତିବାଦୀ ନଂ. ୧୪- ମିଞ୍ଜି ବେହେରା ଏମାନଙ୍କର ପିତା- ରଞ୍ଜନ ବେହେରା, ସମସ୍ତଙ୍କର ସା.- ପଥରଗାଡ଼ିଆ, ପୋ- କିଟ୍, ଥାନା- ଇନ୍‌ଫୋସିଟି, ପିନ୍- ୭୫୧୦୨୪, ଜିଲ୍ଲା- ଖୋର୍ଦ୍ଧା।

ଉପରୋକ୍ତ ନୋଟିସ ଦ୍ୱାରା ଏହି ଓ.ଏସ୍.ଏସ୍. କେସ୍‌ରେ ତୁମ୍ଭେମାନେ ପ୍ରତିବାଦୀ ହିସାବରେ ନଂ. ୫,୮,୯,୧୦,୧୧,୧୨,୧୩ ଓ ୧୪ ରୂପେ ରହିଅଛ। କିନ୍ତୁ ରେଜିଷ୍ଟ୍ରୀ ପୋଷ୍ଟ ମାଧ୍ୟମରେ ତୁମ୍ଭ ପ୍ରତିବାଦୀମାନଙ୍କୁ ବାରମ୍ବାର ନୋଟିସ ଦିଆଗଲେ ମଧ୍ୟ ତୁମ୍ଭେମାନେ ଗ୍ରହଣ କରୁନାହଁ। ଏହି ନୋଟିସ ଦ୍ୱାରା ଉପରୋକ୍ତ କୋର୍ଟ ନିର୍ଦ୍ଦେଶଦେଲେ କି ଆସନ୍ତା ତା୨୦.୦୨.୨୦୨୬ରିଖରେ ୧୧.୩୦ ସମୟେ ଉପରୋକ୍ତ କୋର୍ଟଙ୍କ ଇଜିଲାସରେ ପ୍ରତ୍ୟେକ ପ୍ରତିବାଦୀ ନିଜେ କିମ୍ବା ତାଙ୍କର ପ୍ରତିନିଧିଙ୍କ ଜରିଆରେ ଉପସ୍ଥିତ ହୋଇ ଯଦି କିଛି ଆପତ୍ତି ଥାଏ, ସେହି ଆପତ୍ତି/ଦାବି ଉପସ୍ଥାପନ କରିବେ।

ପ୍ରତିବାଦୀମାନେ ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ ଉପରୋକ୍ତ କେସ୍‌ର ଫଇସଲା କରାଯିବ। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଓ.ଏସ୍.ଏସ୍ କେସ୍‌ର ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ନ୪୦ମ୍ବର, ମୌଜା- ପଥରଗାଡ଼ିଆ, ସାବକ ଖାତା- ୩୯, ସାବକ ପ୍ଲଟ୍- ୫୬୯, ଏରିଆ- ଏ୦.୧୪୫ଡି., ହାଲ୍ ଖାତା- ୩୦୭, ହାଲ୍ ପ୍ଲଟ୍- ୧୫୭୩, ଏରିଆ- ଏ୦.୧୪୫ଡି.

ଉଲ୍ଲେଖଯୋଗ୍ୟ କି ସାବକ ପ୍ଲଟ୍ ନ୫୬୯ମ୍ବର ମନ୍ତବ୍ୟ ସ୍ତମ୍ଭରେ ଦଖଲ : ନଟ ବେହେରା ଉଲ୍ଲେଖ ରହିଛି। ମାଧବ ବେହେରାଙ୍କର ପିତା: ନଟ ବେହେରା ଅଟନ୍ତି।

ଏଣୁ ଉପରୋକ୍ତ ମାମଲାର ଉପର ବର୍ଣ୍ଣିତ ପ୍ରତିବାଦୀ ସମୂହ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ସ୍ଥାନ: ଭୁବନେଶ୍ୱର — ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ତା. ୨୯।୦୧।୨୦୨୬ — ସ୍ୱା./- କୋର୍ଟ ଅଫିସର
ଧ-୩୨୭୪

## ମନେ ପଡ଼ନ୍ତି

୩୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ପ୍ରଭା ରାଉତରାୟ**
ସ୍ୱାମୀ ୰ ସୁଧାଂଶୁ ମୋହନ ରାଉତରାୟ
ପ୍ଲଟ. ନଂ.: ୧୫୭, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ: ତା ୧୭.୧୨.୧୯୩୭
ତିରୋଧାନ : ତା ୧୩.୦୨.୧୯୮୭
(ମାଘ ପୂର୍ଣ୍ଣିମା ଅଗ୍ନି ଉତ୍ସବ)
'ତୁମ ପରି କିଏ ମାଆ ହେବ
ଚାରି ସନ୍ତାନ ଜଞ୍ଜାଳ ବୋହି
ନୀତିକୁ କେବଳ ଆଦର୍ଶକରି
ଦୁନିଆ ଆଗରେ ଠିଆ ହେବ'
ତୁମରି ଆତ୍ମାର ଶାନ୍ତି ଓ
ସଦ୍‌ଗତି କାମନା କରୁଛୁ।
**ତୁମର ବନ୍ଧୁ ଓ ପରିବାରବର୍ଗ**
ଧ-୭୫୮୬୧

*In Loving Memory of*



Our Beloved Mother
1954 - 2015

**Mrs. Meera Tripathy**
Peacefully Left for her Heavenly Abode on Tuesday 3rd February, 2015
11th Annual Sradha: Sunday, 01 February, 2026
Fondly Remembered By Husband : Haribandhu Tripathy and Family Members.
ଧ-୩୨୬୯




# ଭାରତ ୪-୧ରେ ସିରିଜ ଜିତିଲା

## ଇଶାନଙ୍କ ବିସ୍ଫୋରକ ଶତକ, ଅର୍ଶଦୀପଙ୍କୁ ୫ ଉଇକେଟ

**ଥିରୁଭାନନ୍ତପୁରମ,୩୧।୧**

ଇଶାନ କିଶନଙ୍କ ବିସ୍ଫୋରକ ଶତକ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସହ ୧୩୭ ରନର ଦ୍ରୁତ ଭାଗୀଦାରି ଏବଂ ଅର୍ଶଦୀପ ସିଂଙ୍କ ୫ ଉଇକେଟ ସଫଳତାକୁ ପାଥେୟ କରି ଭାରତ ଏଠାରେ ଶନିବାର ଅନୁଷ୍ଠିତ ୫ମ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୪୬ ରନରେ ପରାସ୍ତ କରିଛି। ଭାରତ ଦ୍ୱାରା ଧାର୍ଯ୍ୟ ୨୭୨ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ଭ୍ରମଣକାରୀ ଦଳ ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୨୨୫ ରନ କରିଥିଲା। ଦଳର ଟପ୍ ସ୍କୋରର ଫିନ୍ ଆଲେନ ୮୦ ରନ କରିଥିବା ବେଳେ ଇସ୍ ସୋଧି ୩୩, ରାଚିନ ରବୀନ୍ଦ୍ର ୩୦ ଓ ଡାରିଲ ମିଚେଲ ୨୬ ରନ କରିଥିଲେ। ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଶନିବାର ଏହି ବିଜୟ ଯୋଗୁ ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ୪-୧ରେ ଜିତିନେଇଛି। ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଦ୍ରୁତତମ ବ୍ୟାଟର ଭାବେ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ୩ ହଜାର ରନ ପୂରଣ କରିଛନ୍ତି।

ବିଶ୍ୱକପ୍ ପୂର୍ବରୁ ଏହା ଅନ୍ତିମ ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚ୍ ହୋଇଥିବାରୁ ଅଧିନାୟକ ସୂର୍ଯ୍ୟକୁମାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଖରାପ ଫର୍ମ କାରଣରୁ ସଭିଙ୍କ ନଜରରେ ରହିଥିବା ସଞ୍ଜୁ ସାମସନ ନିଜ ଲୋକାଲ ଗ୍ରାଉଣ୍ଡରେ ମଧ୍ୟ ବିଫଳ ହୋଇଥିଲେ। ସେ ୬ ବଲରେ ୬ ରନ କରି ଆଉଟ୍ ହୋଇଥିଲେ। ଅଭିଷେକ ଶର୍ମା ୧୬ ବଲରେ ୪ ଚୌକା ଓ ୨ ଛକା ସହିତ ୩୦ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଇଶାନ ଓ ଅଧିନାୟକ ସୂର୍ଯ୍ୟ ତୃତୀୟ ଉଇକେଟରେ ମାତ୍ର ୫୭ ବଲରେ ଦ୍ରୁତ ୧୩୭ ରନ ଯୋଡ଼ିଥିଲେ। ଏହା ଭାରତ ଲାଗି ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଯେକୌଣସି ଉଇକେଟ ପାଇଁ ଦ୍ୱିତୀୟ ସର୍ବାଧିକ ଭାଗୀଦାରି। ଏଥିମଧ୍ୟରେ ଇଶ ସୋଧିଙ୍କ ଏକ ଓଭରରେ ଇଶାନ ୪ ଚୌକା ଓ ୨ ଛକା ସହ ୨୮ ରନ ସ୍କୋର କରିଥିଲେ। ଅଧିନାୟକ ସୂର୍ଯ୍ୟ ୧୫ତମ ଓଭରରେ ସାଣ୍ଟନରଙ୍କ ଏକ ବଲକୁ ଷ୍ଟେପ ଆଉଟ୍ କରି ମାରିବାକୁ ଯାଇ ଷ୍ଟମ୍ପିଂ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୩୦ ବଲରେ ୪ ଚୌକା ଓ ୬ ଛକା ସହିତ ୬୩ ରନ କରିଥିଲେ। ଅନ୍ୟପକ୍ଷରେ ଇଶାନ ୧୭ତମ ଓଭରରେ ଲଗାତର ଦୁଇ ଛକା ମାରି ଶତକ ପୂରଣ କରିଥିଲେ। ସେ ୪୩ ବଲରେ ୧୦୩ ରନ କରି ଆଉଟ୍ ହୋଇଥିଲେ। ତାଙ୍କର ଏହି ଇନିଂସରେ ୬ ଚୌକା ଓ ୧୦ ଛକା ସାମିଲ ଥିଲା। ଶେଷ ଆଡ଼କୁ ହାର୍ଦ୍ଦିକ ପାଣ୍ଡ୍ୟା ୧୭ ବଲରେ ଦ୍ରୁତ ୪୨ (୧ ଚୌକା ଓ ୪ ଛକା) ରନ କରିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୭୧ ରନ କରିଥିଲା। ଏହା ଭାରତୀୟ ଦଳ ପାଇଁ ଅନ୍ତର୍ଜାତୀୟ ଟି୨୦ରେ ତୃତୀୟ ସର୍ବାଧିକ ସ୍କୋର। ନ୍ୟୁଜିଲାଣ୍ଡ ପକ୍ଷରୁ ଲୋକି ଫର୍ଗୁସନ ୨ ଉଇକେଟ ନେଇଥିଲେ।



ଶତକ ହାସଲ ପରେ ଉଲ୍ଲସିତ ଇଶାନ କିଶନ।

**ସଂକ୍ଷିପ୍ତ ସ୍କୋର**

**ଭାରତ:** ୨୦ ଓଭରରେ ୨୭୧/୫(ଇଶାନ କିଶନ-୧୦୩, ସୂର୍ଯ୍ୟକୁମାର ଯାଦବ-୬୩, ହାର୍ଦ୍ଦିକ ପାଣ୍ଡ୍ୟା-୪୨, ଅଭିଷେକ ଶର୍ମା-୩୦, ଲୋକି ଫର୍ଗୁସନ-୨/୪୧, ଜେକବ ଡଫି-୧/୫୩)। **ନ୍ୟୁଜିଲାଣ୍ଡ:** ୧୯.୪ ଓଭରରେ ୨୨୫/ଅଲ୍‌ଆଉଟ (ଫିନ୍ ଆଲେନ-୮୦, ରାଚିନ ରବିନ୍ଦ୍ର-୩୦, ଇଶ୍ ସୋଧି-୩୩, ଅର୍ଶଦୀପ ସିଂ-୫/୫୧, ଅକ୍ଷର ପଟେଲ-୩/୩୩)।

**ଅଷ୍ଟ୍ରେଲିଆନ ଓପନ ଟେନିସ୍**

# ରିବାକିନାଙ୍କୁ ଟାଇଟଲ

**ମେଲବୋର୍ନ, ୩୧।୧**

କାଜାଖସ୍ତାନର ୨୬ ବର୍ଷୀୟା ଏଲିନା ରିବାକିନା ଚଳିତ ଅଷ୍ଟ୍ରେଲିଆନ ଓପନରେ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଏହା ତାଙ୍କ କ୍ୟାରିୟରର ପ୍ରଥମ ଅଷ୍ଟ୍ରେଲିଆନ ଓପନ ଓ ମୋଟ ଉପରେ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ। ସେ ଏଥିପୂର୍ବରୁ ୨୦୨୨ରେ ୱିମ୍ବେଲଡନ ଟାଇଟଲ ଜିତିଥିଲେ। ଅନ୍ୟପକ୍ଷରେ ସାବାଲେଙ୍କା ଲଗାତର ଦ୍ୱିତୀୟ ଥର ପାଇଁ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ପରାଜିତ ହୋଇଛନ୍ତି। ଏହି ୪ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଗତ ବର୍ଷ ଫାଇନାଲରେ ମାଡିସନ କିଜଙ୍କଠାରୁ ପରାସ୍ତ ହୋଇଥିଲେ।

ଶନିବାର ରଡ ଲାଭର ଏରେନାରେ ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ପଞ୍ଚମ ସିଡ୍ ରିବାକିନା ୬-୪, ୪-୬, ୬-୪ ସେଟ୍‌ରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରିଛନ୍ତି। ମ୍ୟାଚ୍‌ର ପ୍ରଥମ ସେଟ୍ ରିବାକିନା ଜିତିଥିବା ବେଳେ ସାବାଲେଙ୍କା ଦ୍ୱିତୀୟ ସେଟ୍‌ରେ ବାଜି ମାରିଥିଲେ। ତୃତୀୟ ତଥା ନିର୍ଣ୍ଣାୟକ ସେଟ୍‌ରେ ୦-୩ ଗେମ୍‌ରେ ପଛୁଆ ରହିବା ପରେ ରିବାକିନା ଲଗାତର ୫ ଗେମ୍ ଜିତି ମ୍ୟାଚ୍‌କୁ ଫେରିଥିଲେ। ଶେଷରେ ସେ ସେଟ୍‌କୁ ୬-୪ ବ୍ୟବଧାନରେ ଜିତି ନେଇଥିଲେ। ଏହି ବିଜୟ ସହ ୨୦୨୩ ସଂସ୍କରଣ ଫାଇନାଲରେ ସାବାଲେଙ୍କାଙ୍କଠାରୁ ମିଳିଥିବା ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି ରିବାକିନା। ଏହି ମ୍ୟାଚ୍ ପୂର୍ବରୁ ଉଭୟ ଖେଳାଳି ପୂରା ଟୁର୍ନାମେଣ୍ଟରେ ଗୋଟିଏ ବି ହେଲେ ସେଟ୍‌ରେ ପରାଜିତ ହୋଇ ନ ଥିଲେ। ଅନ୍ୟପକ୍ଷରେ ଝାଙ୍ଗ୍ ଶୁଆଇ ଓ ଏଲିସ ମର୍ଟେନ୍ସ ମହିଳା ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି। ସେମାନେ କାଜାଖସ୍ତାନର ଆନ୍ନା ଡାନିଲିନା ଓ ସର୍ବିୟାର ଆଲେକ୍‌ସାଣ୍ଡ୍ରା କ୍ରୁନିକ୍‌ଙ୍କୁ ୭-୬ (୪), ୬-୪ରେ ପରାସ୍ତ କରିଛନ୍ତି।


ଟ୍ରଫି ସହ ଏଲିନା ରିବାକିନା।

# ଭାରତର ପ୍ରତିନିଧିତ୍ୱ କରିବେ ଦିଲୀପ, ନାଜନିନ

**ଅନ୍ତର୍ଜାତୀୟ ରାକେଟ୍ସ ସମ୍ମିଳନୀ**

**ଭୁବନେଶ୍ୱର,୩୧।୧(ଅନାଦି କର)**

ଆସନ୍ତା ୧୩ରୁ ୧୭ ପର୍ଯ୍ୟନ୍ତ ଆମେରିକାର ଫ୍ଲୋରିଡାଠାରେ ହେବାକୁ ଥିବା ପିଟିଆର ଓ ପିପିଆର ଅନ୍ତର୍ଜାତୀୟ ରାକେଟ୍ସ ସମ୍ମିଳନୀରେ ଓଡ଼ିଶା ପିକିଲବଲ ଆସୋସିଏଶନ (ଓପିଏ) ସଭାପତି ତଥା ପିଟିଆର୍ ଓ ପିପିଆର୍ ଇଣ୍ଡିଆ ନିର୍ଦ୍ଦେଶକ ଦିଲୀପ ମହାନ୍ତି ଓ ଆମାସ ପିକିଲବଲ ଆସୋସିଏଶନ ସମ୍ପାଦକ ଓ ପିପିଆର୍ କ୍ଲିନିସିଆନ ନାଜନିନ ରହମାନ ଭାରତର ପ୍ରତିନିଧିତ୍ୱ କରିବେ। ଅନ୍ତର୍ଜାତୀୟ ରାକେଟ୍ସ ସମ୍ମିଳନୀରେ ଏଥର ପ୍ରଫେଶନାଲ ଟେନିସ ରେଜିଷ୍ଟ୍ରୀ (ପିଟିଆର୍) ୫୦ତମ ପ୍ରତିଷ୍ଠା ଦିବସ ପାଳନ ହେବ। ଏହି ସମ୍ମିଳନୀରେ ବିଶ୍ୱର ଟେନିସ ଓ ପିକିଲବଲ କ୍ଷେତ୍ରର ଅଗ୍ରଣୀ କୋଚ୍, ବିଶେଷଜ୍ଞ ପେସାଦାର, ଉଦ୍ୟୋଗ ବିଶେଷଜ୍ଞ, ପ୍ରଶାସକ ଯୋଗଦେବେ। ଏହି ୫ ଦିନିଆ ଇଭେଣ୍ଟରେ ସମଗ୍ର ବିଶ୍ୱର ରାକେଟ କ୍ରୀଡ଼ାର ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଏକ ଉଚ୍ଚ ସ୍ତରୀୟ କର୍ମଶାଳା, ଅନ-କୋର୍ଟ ପ୍ରଫେଶନାଲ ସେସନ, ପ୍ରମଣାପତ୍ର ପାଠ୍ୟକ୍ରମ ଓ ବିସ୍ତୃତ ଆଲୋଚନା ହେବ। ଉଲ୍ଲେଖଯୋଗ୍ୟ, ୧୯୭୬ରେ ପ୍ରତିଷ୍ଠିତ ପ୍ରଫେଶନାଲ ଟେନିସ ରେଜିଷ୍ଟ୍ରୀ ହେଉଛି ବିଶ୍ୱର ସର୍ବବୃହତ୍ ଓ ସମ୍ମାନିତ ପ୍ରଫେଶନାଲ ଟେନିସ କୋଚ୍ ଶିକ୍ଷା ଅନୁଷ୍ଠାନ। ଏଥିରେ ୧୨୦ରୁ ଅଧିକ ଦେଶ ରହିଛନ୍ତି।

# ଆଜି ଭାରତ-ପାକିସ୍ତାନ ମ୍ୟାଚ୍

**୧୯ ବର୍ଷରୁ କମ୍ ବିଶ୍ୱକପ୍**

**ବୁଲାୱାୟୋ,୩୧।୧**

ଚଳିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ରବିବାର ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ହାଇଭୋଲ୍ଟେଜ ସୁପର-୬ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଜରିଆରେ ଭାରତୀୟ ଦଳ ୧୯ ବର୍ଷରୁ କମ୍ ଏସିଆ କପ୍ ଫାଇନାଲରେ ପାକିସ୍ତାନଠାରୁ ମିଳିଥିବା ପରାଜୟର ପ୍ରତିଶୋଧ ନେବାକୁ ଲକ୍ଷ୍ୟ ରଖିଛି। ଏହି ମ୍ୟାଚ୍‌ରେ ଭାରତୀୟ ଦଳ ପ୍ରତିପକ୍ଷ ପାକିସ୍ତାନ ଖେଳାଳିଙ୍କ ସହ ହାତ ନ ମିଳାଇବା ନୀତି ଆପଣେଇବ। ଭାରତ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଅପରାଜିତ ରହିଥିବା ବେଳେ ପାକିସ୍ତାନ ତା'ର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡଠାରୁ ପରାସ୍ତ ହୋଇଥିଲା। ପରେ ସ୍କଟଲାଣ୍ଡ, ଜିମ୍ବାୱେ ଓ ନ୍ୟୁଜିଲାଣ୍ଡକୁ ହରାଇ ପରେ ପାକିସ୍ତାନ ସୁପର-୬'ରେ ପ୍ରବେଶ କରିଛି। ଭାରତ ପାଇଁ ଏପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିଥିବା ଅଭିଜ୍ଞାନ କୁଣ୍ଡୁ, ବିହାନ ମଲହୋତ୍ରା, ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ନଜର ରହିବ।

**ଅସ୍ମିତା ଜାତୀୟ ରଗ୍‌ବୀ ଲିଗ୍**

# ଓଡ଼ିଶା ସେମିଫାଇନାଲରେ

**ଭୁବନେଶ୍ୱର, ୩୧।୧ (ବିଜୟ ରଣା)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅସ୍ମିତା ଜାତୀୟ ରଗ୍‌ବୀ ଲିଗ୍ ଶନିବାରଠାରୁ ଆରମ୍ଭ ହୋଇଛି। ସବ୍ ଜୁନିୟର (୧୫ ବର୍ଷରୁ କମ୍, ଜୁନିୟର (୧୮ବର୍ଷରୁ କମ୍ ଓ ସିନିୟର ମହିଳା କାଟେଗୋରିରେ ପୁଲ୍ ପର୍ଯ୍ୟାୟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ବିହାର, ଓଡ଼ିଶା, ମହାରାଷ୍ଟ୍ର ଓ ରାଜସ୍ଥାନ ଏକାଧିକ କାଟେଗୋରୀରେ ସେମିଫାଇନାଲ ପ୍ରବେଶ କରିଛନ୍ତି। ସବ୍ ଜୁନିୟର ବାଳିକା (୧୫ ବର୍ଷରୁ କମ୍) କାଟେଗୋରୀ ପୁଲ୍ 'ଏଫ'ର ଗୋଟିଏ ମ୍ୟାଚରେ ଓଡ଼ିଶା ୪୭-୦ରେ କର୍ଣ୍ଣାଟକକୁ ପରାସ୍ତ କରିଛି। ୧୮ ବର୍ଷରୁ କମ୍ ଜୁନିୟର ବାଳିକା କାଟେଗୋରୀ ପୁଲ୍ 'ଡି'ରେ ପଶ୍ଚିମବଙ୍ଗ ବିପକ୍ଷରେ ୫୭-୦ ଏବଂ କେରଳ ବିପକ୍ଷରେ ୩୫-୦ରେ ବିଜୟ ଉଲ୍ଲେଖନୀୟ। ସେହିପରି ସିନିୟର ମହିଳା କାଟେଗୋରୀ ପୁଲ୍ 'ବି'ରେ ଓଡ଼ିଶା ୪୦-୫ରେ ମହାରାଷ୍ଟ୍ର ଏବଂ ୪୫-୦ରେ କର୍ଣ୍ଣାଟକକୁ ପରାସ୍ତ କରିଛି।

ଉଦ୍‌ଘାଟନୀ ଦିବସରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଥିଲେ ରାଜ୍ୟସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ସଚିନ ଆର୍. ଯାଦବ, ବିଭାଗୀୟ ନିର୍ଦ୍ଦେଶକ ଯେଦୁଲ୍ଲା ବିଜୟ, ଅତିରିକ୍ତ ସଚିବ ଅଶୋକ କୁମାର ପଣ୍ଡା ଓ ବିଜୟ କୁମାର ସ୍ୱାଇଁ, ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି ସୋନାଲି ଶୁଭଦର୍ଶିନୀ ଓ ଧୀରଜ କୁମାର ପଟ୍ଟନାୟକ ଏବଂ ଓଡ଼ିଶା ରଗବୀ ଫୁଟ୍‌ବଲ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର।


ସିନିୟର ମହିଳା ରଗ୍‌ବୀ ବିଭାଗରେ ଅନୁଷ୍ଠିତ ଏକ ମ୍ୟାଚ୍।

# ଓଡିଏମ୍ ଗ୍ଲୋବାଲ ଚାମ୍ପିୟନ

**ଓଡ଼ିଶା ରାଜ୍ୟ ମିନିଗଲ୍ଫ**

**ଭୁବନେଶ୍ୱର,୩୧।୧(ଅନାଦି କର)**

ଲୁଇସ୍ ରୋଡ୍‌ସ୍ଥିତ ଗୌରୀ କଟେଜଠାରେ ଚାଲିଥିବା ତୃତୀୟ ଓଡ଼ିଶା ରାଜ୍ୟ ମିନିଗଲ୍ଫ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୨ଟି ଜିଲାରୁ ୧୫୦ରୁ ଅଧିକ ପ୍ରତିଯୋଗୀ ୪୫ଟି ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ସବ୍‌ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ସିଙ୍ଗଲ୍ସ, ଡବଲ୍ସ ଓ ଟିମ ଇଭେଣ୍ଟ ଆୟୋଜିତ ହୋଇଥିଲା। ଟିମ୍ ଇଭେଣ୍ଟରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ଚାମ୍ପିୟନ ହୋଇଥିବା ବେଳେ କେଟି ଗ୍ଲୋବାଲ ସ୍କୁଲ ରନରଅପ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ ସଂଘର ଅଧ୍ୟକ୍ଷ ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମିନିଗଲ୍ଫ ଫେଡେରେଶନ ଅଫ୍ ଇଣ୍ଡିଆର ସମ୍ପାଦକ ଡ. ସୁରଜ ସିଂହ ଯୋଟିକର, ସମ୍ମାନିତ ଅତିଥି ଭାବେ ଉଦ୍ୟୋଗପତି ପୀୟୁଷ ମହାନ୍ତି ଓ ବିଏମ୍‌ସି କର୍ପୋରେଟର ଲିଟୁ ମହାସୁପକାର, ଓଡ଼ିଶା ମିନିଗଲ୍ଫ ସଂଘର ଅଧ୍ୟକ୍ଷ ଡ. ସତ୍ୟବ୍ରତ ମିନକେତନ, ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ଉପାଧ୍ୟକ୍ଷ ପ୍ରସଜ୍ଜିତ ପାଟି ଉପସ୍ଥିତ ଥିଲେ।

# ଜିଲାୱାରି ଚୟନ ପ୍ରକ୍ରିୟା ଆରମ୍ଭ



ଭଦ୍ରକ କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ଭାଗନେଇଥିବା ପ୍ରତିଯୋଗୀ।

**ସିଏମ୍ ଟ୍ରଫି ଭଲିବଲ**

**ଭୁବନେଶ୍ୱର, ୩୧।୧ (ବିଜୟ ରଣା)**

ସିଏମ୍ ଟ୍ରଫି ଭଲିବଲ୍ ଚାମ୍ପିୟନଶିପ୍ (୧୪ ବର୍ଷରୁ କମ୍ ବାଳକ ଓ ବାଳିକା) ପାଇଁ ଚୟନ ପରୀକ୍ଷଣ ଆରମ୍ଭ ହୋଇଛି। ଏଥିରେ ଅଂଶଗ୍ରହଣ ପାଇଁ ରାଜ୍ୟସାରା ଖେଳାଳିଙ୍କ ଆଗ୍ରହ ପରିଲକ୍ଷିତ ହୋଇଛି। ତୃଣମୂଳ ସ୍ତରରୁ ଖେଳକୁ ସୁଦୃଢ଼ କରିବା ଦିଗରେ ରାଜ୍ୟ ସରକାର ତାଙ୍କର ପ୍ରୟାସ ଜାରି ରଖିଛନ୍ତି। ସିଏମ୍ ଟ୍ରଫି ହେଉଛି ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ, ଯାହାକି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି। ଏହି କାର୍ଯ୍ୟକ୍ରମ ଜରିଆରେ ତୃଣମୂଳସ୍ତରରୁ ଯୁବ ପ୍ରତିଭାମାନଙ୍କୁ ଚିହ୍ନଟ କରାଯାଇ ଉଚ୍ଚସ୍ତର ପ୍ରତିଯୋଗିତା ପାଇଁ ସେମାନଙ୍କୁ ଆଥଲେଟରେ ପରିଣତ କରିବା ପ୍ରୟାସ କରାଯାଉଛି। ଚାମ୍ପିୟନଶିପ୍ ପାଇଁ ପ୍ରସ୍ତୁତି ପ୍ରକ୍ରିୟାର ଏକ ଅଂଶବିଶେଷ ସ୍ୱରୂପ ଓଡ଼ିଶା ଭଲିବଲ ଆସୋସିଏଶନ (ଓଭା) ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ସହ ସମନ୍ୱୟ ରକ୍ଷା କରୁଛି। ଶନିବାର ଭଦ୍ରକ କଲେଜ ଗ୍ରାଉଣ୍ଡ, ଭଦ୍ରକ ଏବଂ ଜିଲା ଷ୍ଟାଡିୟମ ବୌଦ୍ଧ /ସରକାରୀ ହାଇସ୍କୁଲ କଣ୍ଟାମାଳରେ ଚୟନ ପରୀକ୍ଷଣ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୫୦ରୁ ଊର୍ଦ୍ଧ୍ୱ ଯୁବ ଖେଳାଳି ଅଂଶଗ୍ରହଣ କରିଥିଲେ। ଭଦ୍ରକ ଓ ବୌଦ୍ଧ ପରେ ପରବର୍ତ୍ତୀ ଚୟନ ପରୀକ୍ଷଣ ଫେବୃଆରୀ ୨ରେ ଯାଜପୁର ରୋଡ୍‌ସ୍ଥିତ ବ୍ୟାସନଗର ଷ୍ଟାଡିୟମରେ ହେବାକୁଥିବା ବେଳେ ଫେବୃଆରୀ ୩ରେ ଜିଲା ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ପୁରୀ ଓ ଭବାନୀପାଟଣା (କଳାହାଣ୍ଡି)ସ୍ଥିତ ଏଲ୍.ବି.ଏସ୍. ଷ୍ଟାଡିୟମରେ ଖେଳାଯିବ। ସେହିପରି ଫେବୃଆରୀ ୪ରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ (ଜଗତ୍‌ସିଂହପୁର); ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ (କିଟ୍ ୟୁନିଭର୍ସିଟି), ପରମିଟ୍ ଫିଲ୍ଡ ନ୍ୟୁ ଷ୍ଟାଡିୟମ (ବାଲେଶ୍ୱର) ଏବଂ ନୟାଗଡ଼ ଷ୍ଟାଡିୟମ, ନୟାଗଡ଼ଠାରେ ହେବ। ଆହୁରି ମଧ୍ୟ ଫେବୃଆରୀ ୩ରେ ଚୟନ ପରୀକ୍ଷଣ ବରଗଡ଼ ମିନି ଷ୍ଟାଡିୟମ, ଗାନ୍ଧୀ ଷ୍ଟାଡିୟମ ବଲାଙ୍ଗୀରରେ ହେବ।

# ସର୍ବଭାରତୀୟ ବେସାମରିକ ଚେସ୍ ୧୭ରୁ

**ଭୁବନେଶ୍ୱର,୩୧।୧(ଅନାଦି କର)**

ଆସନ୍ତା ୧୭ରୁ ୨୬ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀସ୍ଥିତ ଥ୍ୟାଗରାଜ ଷ୍ଟାଡିୟମରେ ସର୍ବଭାରତୀୟ ବେସାମରିକ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିଲାଗି ରବିବାର ସକାଳ ୮ଟାରେ ୟୁନିଟ୍-୨ ଅଶୋକ ନଗରସ୍ଥିତ ଓଡ଼ିଶା ସେକ୍ରେଟାରିଏଟ ରିକ୍ରିଏଶନ କ୍ଲବଠାରେ ଖେଳାଳି ଚୟନ କରାଯିବ। ଏହି ପ୍ରତିଯୋଗିତାରେ କେବଳ ନିୟମିତ ଚାକିରିରେ ଥିବା ସରକାରୀ କର୍ମଚାରୀମାନେ ଭାଗ ନେଇପାରିବେ। ଭାଗ ନେବାକୁ ଇଚ୍ଛୁକ ସରକାରୀ କର୍ମଚାରୀ ନିଜର ସେବା ପୁସ୍ତିକାର ପ୍ରଥମ ପୃଷ୍ଠାର ନକଲ, ଅଫିସ ପରିଚୟ ପତ୍ର, ଏନ୍‌ଓସି ସହ ନିର୍ଦ୍ଧାରିତ ସମୟରେ ଭେନ୍ୟୁରେ ପହଞ୍ଚିବାକୁ କୁହାଯାଇଛି।

# ରଣଜୀ ଟ୍ରଫି: ଓଡ଼ିଶାର ଇନିଂସ ଅଗ୍ରଣୀ

**ଜାମଶେଦପୁର,୩୧।୧**

ସ୍ଥାନୀୟ କିନାନ ଷ୍ଟାଡିୟମରେ ଚାଲିଥିବା ଝାଡ଼ଖଣ୍ଡ ବିପକ୍ଷ ରଣଜୀ ମ୍ୟାଚ୍‌ରେ ଓଡ଼ିଶା ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଛି। ମ୍ୟାଚ୍‌ର ପ୍ରଥମ ଇନିଂସରେ ଓଡ଼ିଶା ୨୮୨ ରନ କରିଥିବା ବେଳେ ଝାଡ଼ଖଣ୍ଡ ୨୬୩ ରନରେ ଅଲଆଉଟ୍ ହୋଇଯାଇଛି। ପ୍ରଥମ ଇନିଂସ ଭିତ୍ତିରେ ୧୯ ରନରେ ଆଗରେ ଥିବା ଓଡ଼ିଶା ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ତୃତୀୟ ଦିନ ଶେଷ ସୁଦ୍ଧା ୮ ଉଇକେଟ ହରାଇ ୨୦୨ ରନ କରିଛି। ରବିବାର ମ୍ୟାଚ୍‌ର ଅନ୍ତିମ ଦିନ ଥିବାବେଳେ ଓଡ଼ିଶା ହାତରେ ୨ ଉଇକେଟ ରଖି ୨୨୧ ରନରେ ଆଗରେ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ଗୋବିନ୍ଦ ପୋଦ୍ଦାର ୨୨ ରନରେ ଅପରାଜିତ ରହିଛନ୍ତି। ଯଦି ଅନ୍ତିମ ଦିନରେ ଓଡ଼ିଶା ପରାଜୟ ଏଡ଼ାଇବାରେ ସଫଳ ହୁଏ, ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ହାସଲ କରିବ।


ଶୁଭ୍ରାଂଶୁ ସେନାପତି

ଶନିବାର ଝାଡ଼ଖଣ୍ଡ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୪୪/୬ରୁ ବ୍ୟାଟିଂ ଆରମ୍ଭ କରି ମାତ୍ର ୧୯ ରନ ମଧ୍ୟରେ ବଳକା ୪ ଉଇକେଟ ହରାଇଥିଲା। ପୂର୍ବଦିନ ଅପରାଜିତ ଥିବା ରବିନ ମିଞ୍ଜ(୫୨) ଅର୍ଦ୍ଧଶତକ ପୂରଣ କରିବା ପରେ ରନ୍ ଆଉଟ୍ ହୋଇଥିଲେ। ଓଡ଼ିଶା ପକ୍ଷରୁ ପଦାର୍ପଣକାରୀ ସୟଦ ତୁଫେଲ ଅହମଦ ୪, ଗୋବିନ୍ଦ ପୋଦ୍ଦାର ୩ ଓ ରାଜେଶ ମହାନ୍ତି ୨ ଉଇକେଟ ନେଇଥିଲେ। ଓଡ଼ିଶା ଦଳ ଦ୍ୱିତୀୟ ଇନିଂସରେ ୪୫ ରନ ମଧ୍ୟରେ ଦୁଇ ଓପନର ସ୍ୱସ୍ତିକ ସାମଲ (୧୮) ଓ ସନ୍ଦୀପ ପଟ୍ଟନାୟକ(୨୦)ଙ୍କ ଉଇକେଟ ହରାଇଥିଲା। ଅଧିନାୟକ ଶୁଭ୍ରାଂଶୁ ସେନାପତି ଓ ଅନିଲ ପରିଡ଼ା ତୃତୀୟ ଉଇକେଟରେ ୮୭ ରନ ଯୋଡ଼ିଥିଲେ। ଅନିଲ (୨୮) ପାଭିଲିଅନ ଫେରିବା ପରେ ବିପ୍ଳବ ସାମନ୍ତରାୟଙ୍କ ସହ ଶୁଭ୍ରାଂଶୁ ମିଶି ଦଳୀୟ ସ୍କୋରକୁ ୧୬୨ ରନରେ ପହଞ୍ଚାଇଥିଲେ। ଏହିଠାରୁ ଦଳ ୪୦ ରନ ମଧ୍ୟରେ ଶୁଭ୍ରାଂଶୁ (୭୩ ରନ, ୫ ଚୌକା), ବିପ୍ଳବ (୧୩), ସମ୍ଭିତ ଏସ୍ ବରାଳ (୭), ସାୱନ ପହରିୟା (୬) ଓ ରାଜେଶ ମହାନ୍ତି (୦)ଙ୍କ ଉଇକେଟ ହରାଇଥିଲା। ଫଳରେ ଓଡ଼ିଶା ତୃତୀୟ ଦିନ ଶେଷ ସୁଦ୍ଧା ୮ ଉଇକେଟ ହରାଇ ୨୦୨ ରନ କରିଛି। ଝାଡ଼ଖଣ୍ଡ ପକ୍ଷରୁ ଅନୁକୂଳ ରୟ ୪, ଆଦିତ୍ୟ ସିଂ ୩ ଓ ରିଶଭ ରାଜ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୮୨/ଅଲଆଉଟ୍। ଝାଡ଼ଖଣ୍ଡ ପ୍ରଥମ ଇନିଂସ: ୨୬୩/ଅଲଆଉଟ୍ (ରବିନ ମିଞ୍ଜ-୫୨, ସୟଦ ତୁଫେଲ ଅହମଦ-୪/୭୮, ଗୋବିନ୍ଦ ପୋଦ୍ଦାର-୩/୭୧, ରାଜେଶ ମହାନ୍ତି-୨/୩୭)। ଓଡ଼ିଶା ଦ୍ୱିତୀୟ ଇନିଂସ: ୨୦୨/୮(ଶୁଭ୍ରାଂଶୁ ସେନାପତି-୭୩, ଗୋବିନ୍ଦ ପୋଦ୍ଦାର-୨୨*, ଅନୁକୂଳ ରୟ-୪/୫୬, ଆଦିତ୍ୟ ସିଂ-୩/୬୯)।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 52 Years
ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃଆରୀ ୧/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 1/2026 | Page 16 | ₹ 7.00
୫୨ଶ ଭାଗ ୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 69 | ମୂଲ୍ୟ ₹୭/-



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଆପ୍ରବାସନ ନୀତି ବିରୋଧରେ ଶନିବାର କାଲିଫର୍ନିଆର ଲସ୍‌ଏଞ୍ଜେଲ୍ସରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ ପ୍ରଦର୍ଶନ।

# ବାଇକ୍ ଉପରେ ମାଡ଼ିଗଲା ଟ୍ରକ୍: ୫ ମୃତ

**ଜାତୀୟ ସଡ଼କ ସୁରକ୍ଷା ମାସ ପାଳନର ଶେଷଦିନ ଶନିବାର ବ୍ରହ୍ମପୁରରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ହଳଦିପଦର ଓଭରବ୍ରିଜ୍‌ରେ ୩ଟି ବାଇକ୍ ଉପରେ ମାଡ଼ିଯିବାରୁ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଟ୍ରକ୍ ଡ୍ରାଇଭରଙ୍କ ବେପରୁଆ ଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ରଙ୍ଗ୍ ରୁଟ୍‌ରେ ଆସି ଦୁର୍ଘଟଣା ଘଟାଇବା ପରେ ଡ୍ରାଇଭର ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ କାବୁ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ସୁରକ୍ଷିତ ଗାଡ଼ି ଚାଳନା ପାଇଁ ଡ୍ରାଇଭରମାନେ ସଚେତନ ହେଉ ନ ଥିବାରୁ ସଡ଼କ ସୁରକ୍ଷା ପାଳନ କେବଳ କାଗଜକଲମ ଓ ସ୍ଲୋଗାନରେ ସୀମିତ ରହିଯାଇଥିବା ଏହି ଦୁର୍ଘଟଣାରୁ ବୁଝିହେଉଛି ବୋଲି ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।**

ବ୍ରହ୍ମପୁର,୩୧।୧ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋଷାଣୀ ନୂଆଗାଁ ଥାନା ନିକଟସ୍ଥ ଓଭରବ୍ରିଜ୍‌ଠାରେ ଶନିବାର ମଧ୍ୟାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରକ ରଙ୍ଗ୍ ସାଇଡ୍‌ରେ ଆସି ବାଇକ୍‌କୁ ଧକ୍କା ଦେଇ ୨୦୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଛି। ଫଳରେ ଏହି ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଗୁରୁତର ଅଛନ୍ତି। ମୃତକମାନେ ହେଲେ ସଦର ଥାନା ଅନ୍ତର୍ଗତ ଦକ୍ଷିଣପୁର ଗ୍ରାମର ଶିବରାମ ଜେନା (୩୮), କେ. ନୂଆଗାଁ ଥାନା ଅଞ୍ଚଳର ସତ୍ୟନାଥ ବେଜ (୨୫), ଫୁଲଟା ଗ୍ରାମର ଜଗନ ନାହାକ (୨୦), ରାକେଶ ନାହାକ (୨୦) ଓ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅଯୋଧ୍ୟାନଗରର ସୂର୍ଯ୍ୟ ନାରାୟଣ ପଣ୍ଡା (୪୫)। ଗୁରୁତର ଯୁବକଙ୍କ ପରିଚୟ ମିଳିନାହିଁ। ସେ ଏମ୍‌କେସିଜିରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଶିବରାମ ପାତ୍ରପୁର ବ୍ଲକ ଅନ୍ତର୍ଗତ ଜୟନ୍ତିପୁରରେ ପ୍ରାଣୀଧନ ନିରୀକ୍ଷକ ଭାବେ କାର୍ଯ୍ୟ କରୁଥିବା ବେଳେ ସୂର୍ଯ୍ୟ ନାରାୟଣ ବ୍ଲୁ ଡାର୍ଟ ନାମକ ଏକ କୋରିୟର ସଂସ୍ଥାରେ ଏଜେଣ୍ଟ ଭାବେ କାମ କରୁଥିଲେ। ପୋଲିସ ମୃତଦେହଗୁଡ଼ିକ ବ୍ୟବଚ୍ଛେଦ ପରେ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ନଂ. ୫୧/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

ଖବରରୁ ଜଣାପଡ଼ିଛି, ଶନିବାର ୩ଟି ବାଇକ୍ ଆଗପଛ ହୋଇ ବ୍ରହ୍ମପୁର ହଳଦିଆପଦର ପଟକୁ ଯାଉଥିଲା। ବିପରୀତ ଦିଗରୁ ସହର ଭିତରକୁ ପ୍ରବେଶ କରୁଥିବା ଏକ ଟ୍ରକ (ନଂ ଓଡି ୦୭ ଜେଡ–୭୨୫୯) ଆଗପଛ ହୋଇ ☞ପୃଷ୍ଠା–୩


ବ୍ରହ୍ମପୁର ହଳଦିପଦର ଓଭରବ୍ରିଜ୍ ଉପରେ ଶନିବାର ଟ୍ରକ୍‌ଟି ବାଇକ୍ ଉପରେ ମାଡ଼ିଯିବା ପରର ଦୃଶ୍ୟ।

39001/2/2526

ଓଡ଼ିଶା ଶାସନ


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ସମବାୟରୁ ସମୃଦ୍ଧି

### ଓଡ଼ିଶା ସମବାୟ ନୀତି-୨୦୨୬ କୁ ରାଜ୍ୟ କ୍ୟାବିନେଟର ଅନୁମୋଦନ

ସମବାୟ ଆନ୍ଦୋଳନ କ୍ଷେତ୍ରରେ ଐତିହାସିକ ପଦକ୍ଷେପ

**ଓଡ଼ିଶା ଇତିହାସରେ ପ୍ରଥମ ଥର ପାଇଁ ପ୍ରଚଳିତ ହେବାକୁ ଯାଉଛି ଏକ ସମବାୟ ନୀତି**

**ସମବାୟ ସଂସ୍ଥାର ବିସ୍ତାର**

- ସମସ୍ତ ୩୦ଟି ଜିଲ୍ଲାରେ ସମବାୟ ବ୍ୟାଙ୍କ ପ୍ରତିଷ୍ଠା
- ସମସ୍ତ ୬୭୯୪ ଗ୍ରାମ ପଞ୍ଚାୟତରେ କୃଷି ସମବାୟ ସମିତି ଗଠନ
- ପ୍ରତ୍ୟେକ ଗ୍ରାମରେ ଅନ୍ୟୂନ ଗୋଟିଏ ସମବାୟ ସଂସ୍ଥା
- ପ୍ରତ୍ୟେକ ଜିଲ୍ଲାରେ ଏକ ମଡ଼େଲ ସମବାୟ ଗ୍ରାମ

**ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ସମବାୟ ବ୍ୟବସ୍ଥା ଗଠନ**

- ସ୍ୱଚ୍ଛତା ଓ ପାରଦର୍ଶିତା ବଜାୟ ରଖିବାପାଇଁ ସମ୍ପୂର୍ଣ୍ଣ ଡିଜିଟାଲ ପରିଚାଳନା ଓ କାରବାର
- ଦୁର୍ନୀତିକୁ ପ୍ରତିହତ କରିବା ପାଇଁ ସ୍ୱତନ୍ତ୍ର ସମବାୟ ଭିଜିଲାନ୍ସ ବ୍ୟବସ୍ଥା
- ସ୍ୱଚ୍ଛ ଏବଂ ନିରପେକ୍ଷ ନିଯୁକ୍ତି ପାଇଁ ସ୍ୱତନ୍ତ୍ର ସମବାୟ ନିଯୁକ୍ତି ବୋର୍ଡ ଗଠନ

**ପ୍ରାଥମିକ କୃଷି ସମବାୟ ସମିତି (PACS/ LAMPCS)କୁ one-stop-shop ରେ ପରିବର୍ତ୍ତନ**

- କୃଷି କାର୍ଯ୍ୟ ପାଇଁ ଆବଶ୍ୟକ ସମସ୍ତ ଉପାଦାନ ଗୋଟିଏ ଛାତ ତଳେ ଉପଲବ୍ଧ
- ଅତ୍ୟାଧୁନିକ କୃଷି ଉପକରଣ ଭଡ଼ା ସୂତ୍ରରେ ପ୍ରଦାନ
- ସମସ୍ତ ପ୍ରକାର କୃଷିଜାତ ଦ୍ରବ୍ୟର ବିପଣନ ବ୍ୟବସ୍ଥା
- ଦୈନନ୍ଦିନ ଜୀବନରେ ଆବଶ୍ୟକ ସମସ୍ତ ଖାଉଟି ଦ୍ରବ୍ୟ/ ଔଷଧର ଉପଲବ୍ଧତା
- ଜନସେବା କେନ୍ଦ୍ର ମାଧ୍ୟମରେ ଜମି ପଟ୍ଟା, ବୀମା ପଞ୍ଜୀକରଣ, ଜନ୍ମ/ମୃତ୍ୟୁ ପ୍ରମାଣ ପତ୍ରର ନକଲ ଭଳି ସରକାରୀ ସେବା ପ୍ରଦାନ

**ସମବାୟ ସଂସ୍ଥାରେ ବ୍ୟାପକ ଅନ୍ତର୍ଭୁକ୍ତୀକରଣ**

- ଅନ୍ୟୂନ ୨ କୋଟି ଲୋକଙ୍କୁ ସମବାୟ ସଭ୍ୟଭୁକ୍ତ କରିବାର ଲକ୍ଷ୍ୟ
- ଯୁବଗୋଷ୍ଠୀ, ମହିଳା ଓ ଦୁର୍ଗମ ଅଞ୍ଚଳର ଅଧିବାସୀଙ୍କୁ ସ୍ୱତନ୍ତ୍ର କ୍ୟାମ୍ପେନ୍ ମାଧ୍ୟମରେ ସମବାୟ ସଦସ୍ୟତା
- ସହରାଞ୍ଚଳ ସମବାୟ ସଂସ୍ଥାମାନଙ୍କର ବିକାଶ ଓ ପୁନରୁଦ୍ଧାର ପାଇଁ ପ୍ରୋତ୍ସାହନ

OIPR-39001/39001/2/25-26/0002

**ସମବାୟ ମାଧ୍ୟମରେ ଗ୍ରାମ୍ୟ ସମାଜ ଓ ଅର୍ଥନୀତିର ବ୍ୟାପକ ରୂପାନ୍ତର ବ୍ୟବସ୍ଥା**

ସମବାୟ ବିଭାଗ, ଓଡ଼ିଶା ସରକାର

# ଗାଁକୁ ଯାଇ ଯୋଜନାର ସମୀକ୍ଷାକର: ଉନ୍ନୟନ କମିଶନର

## ଆଇଏଏସ୍ ଅଫିସରଙ୍କୁ ବଣ୍ଟାଗଲା ଜିଲା ଦାୟିତ୍ୱ

ଭୁବନେଶ୍ୱର,୩୧।୧(ସୁନିତ୍ ମିଶ୍ର)

ମାର୍ଚ୍ଚ ମାସ ପର୍ଯ୍ୟନ୍ତ ରାଜ୍ୟର ୩୦ ଜଣ ସଚିବ ଓ ନିର୍ଦ୍ଦେଶକ ପାହ୍ୟାର ଆଇଏଏସ୍ ଅଫିସରମାନଙ୍କୁ ବିଭିନ୍ନ ଜିଲା ଆବଣ୍ଟନ କରାଯାଇଛି। ସେହି ଅଫିସରମାନଙ୍କୁ ଉନ୍ନୟନ କମିଶନର ଦେଓ ରଞ୍ଜନ ସିଂ ଗତ ବୁଧବାର ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ସଚିବ ଓ ନିର୍ଦ୍ଦେଶକ ପାହ୍ୟାର ଆଇଏଏସ୍ ଅଫିସରମାନେ ଜାନୁଆରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ନିଜ ନିଜର ଆବଣ୍ଟିତ ଜିଲାଗୁଡ଼ିକୁ ଅତିକମ୍‌ରେ ୨ରୁ ୩ ଦିନିଆ ଗସ୍ତରେ ଯାଆ। ଗସ୍ତ ସମୟରେ ଜିଲା କିମ୍ବା ସବ୍‌ଡିଭିଜିନାଲ ମୁଖ୍ୟାଳୟରେ ଅତିକମ୍‌ରେ ଗୋଟିଏ ରାତିବିତାଇବେ। ଗସ୍ତ ସମୟରେ ସେମାନେ କୌଣସି ଗ୍ରାମପଞ୍ଚାୟତକୁ ଯାଇ ସେଠାରେ ସରକାରୀ ଯୋଜନାଗୁଡ଼ିକ କେତେ ସଫଳ ହୋଇଛି ତା'ର ସମ୍ପୂର୍ଣ୍ଣ ତଦାରଖ କରିବେ। ଏହି ଅବସରରେ ଅଫିସରମାନେ ଜିଲାଗସ୍ତ ସମୟରେ କେବଳ ସହରରେ ସୀମିତ ନ ରହି ଅତି ଦୁର୍ଗମ, ଆଦିବାସୀ ବହୁଳ ଓ ପିଭିଟିଜିଙ୍କ ବସତିଗୁଡ଼ିକୁ ଯିବେ। ଯଦି ଦରକାର ପଡ଼େ ପାଦରେ ଚାଲି ମଧ ଯିବା ଲାଗି କୁହାଯାଇଛି। ଏହାଛଡ଼ା ଗସ୍ତ ସମୟରେ ଅଫିସରମାନେ ଟଙ୍କା ଦେଇ କୌଣସି ଏସ୍‌ସି କିମ୍ବା ଏସ୍‌ଟି ହଷ୍ଟେଲ, ମଧ୍ୟାହ୍ନଭୋଜନ କେନ୍ଦ୍ର, ଅନାଥ ଆଶ୍ରମ କିମ୍ବା ଆହାର କେନ୍ଦ୍ରରେ ସର୍ବନିମ୍ନ ଗୋଟିଏ ଥର ହେଉପଛେ ଖାଦ୍ୟ ଖାଇବେ ଏବଂ ତାହାର ଗୁଣବତ୍ତା ପରଖିବେ। ଛାତ୍ରୀଛାତ୍ର ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ପାଇଁ ଆଇସିସି କମିଟି ଗଠନ ହୋଇଛି କି ନାହିଁ ତାହା ଯାଞ୍ଚ କରିବେ। ଡାକ୍ତରଖାନାଗୁଡ଼ିକୁ ଯାଇ ସେଠାରେ ରୋଗୀଙ୍କ ସହ କଥା ହେବା ଏବଂ ସରକାରୀ ଯୋଜନାର କାର୍ଯ୍ୟକାରିତା ସଫଳ ଭାବେ ଚାଲିଛି ନା ନାହିଁ ପରଖିବେ।

ଏହି ଗସ୍ତ କାଳରେ ସଚିବ ଏବଂ ନିର୍ଦ୍ଦେଶକମାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୨୧ଟି ଯୋଜନାର ଅଗ୍ରଗତିର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଗୋପବନ୍ଧୁ ଜନ ଆରୋଗ୍ୟ, ସୁଭଦ୍ରା, ଆୟୁଷ୍ମାନ, ପିଏମ୍ ଆବାସ, ବସୁଧା ଓ ଜଳ ଜୀବନ ମିଶନ ଭଳି ଅନେକ ଯୋଜନା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ରାଜ୍ୟର ୧୬ ଆକାଂକ୍ଷୀ ଜିଲାର ୪୦ଟି ଆକାଂକ୍ଷୀ ବ୍ଲକ୍ ଉପରେ ସଚିବମାନେ ସ୍ୱତନ୍ତ୍ର ନଜର ରଖିବାକୁ କୁହାଯାଇଛି। ଜିଲା ଖଣିଜ ପାଣ୍ଠି ପାଉଥିବା ୮ ଜିଲା ଯଥା ଅନୁଗୋଳ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ରାୟଗଡ଼ା ଓ ସୁନ୍ଦରଗଡ଼ରେ ପାଣ୍ଠିର ବିନିଯୋଗ ଏବଂ ଏହି ଅର୍ଥରେ ଚାଲିଥିବା ବୃହତ୍ ପ୍ରକଳ୍ପଗୁଡ଼ିକର ଅଗ୍ରଗତିର ସମୀକ୍ଷା କରିବେ। ଗସ୍ତ ଶେଷ କରି ଫେରିବା ସମୟରେ ଜିଲାପାଳ, ଆଇଏଏସ୍ ଅଫିସର ଓ କନିଷ୍ଠ ଅଫିସରମାନଙ୍କ ସହ ମିଶି ଏକ ସମୀକ୍ଷା ବୈଠକ କରିବେ।

କେବଳ ଜିଲାକୁ ଯାଇ ଏସି ଅଫିସ୍ ଭିତରେ ବସି ସମୀକ୍ଷାକରି ଫେରିଆସିଲେ ହେବ ନାହିଁ। ଦୁର୍ଗମ ଅଞ୍ଚଳକୁ ଚାଲିକରି ଯିବା ସହ ଲୋକଙ୍କ ସହିତ ମିଶି ଯୋଜନାର କାର୍ଯ୍ୟାନ୍ୱୟନ ତଥ୍ୟ ସଂଗ୍ରହ କରିବେ। ପ୍ରଶାସନିକ ବ୍ୟବସ୍ଥାକୁ ଉତ୍ତରଦାୟୀ ଓ ଜନକେନ୍ଦ୍ରିକ କରିବା ପାଇଁ ଏଭଳି ଗାଇଡ୍‌ଲାଇନ କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଶକ୍ତି ସଚିବ ବିଶାଳ କୁମାର ଦେବଙ୍କୁ ସମ୍ବଲପୁର, ଉଷା ପାଢ଼ୀ କଟକ, ସଞ୍ଜୀବ କୁମାର ମିଶ୍ର ପୁରୀ, ସଞ୍ଜୟ କୁମାର ସିଂ ଜଗତ୍‌ସିଂହପୁର, ସୁରେଶ କୁମାର ବଶିଷ୍ଠ ଯାଜପୁର, ଶୁଭା ଶର୍ମା ଅନୁଗୋଳ, ଏନ୍.ବି.ଏସ୍. ରାଜପୁତ ସୁନ୍ଦରଗଡ଼, ଭାସ୍କର ଜ୍ୟୋତି ଶର୍ମା ନୟାଗଡ଼, ଟି. ଆପାଙ୍ଗ ଆଓ ଢେଙ୍କାନାଳ, ଗିରିଶ ଏସ୍.ଏନ୍. ମୟୂରଭଞ୍ଜ, ଅଶ୍ୱଥୀ ଏସ୍ ବଲାଙ୍ଗୀର, ରାଜେଶ ପ୍ରଭାକର ପାଟିଲ କେନ୍ଦୁଝର, ଅରବିନ୍ଦ ଅଗ୍ରୱାଲ ଗଞ୍ଜାମ, ବଳବନ୍ତ ସିଂ କନ୍ଧମାଳ, ଭୂପେନ୍ଦ୍ର ଏସ୍ ପୁନିଆ ବାଲେଶ୍ୱର, ଯାମିନୀ ଷଡଙ୍ଗୀ ଖୋର୍ଦ୍ଧା, ବି .ପରମେଶ୍ୱରନ୍ ସୋନପୁର, ଗୁହା ପୁନମ ତାପସ ଭଦ୍ରକ, ବିଜୟ କେତନ ଉପାଧ୍ୟାୟ ବୌଦ୍ଧ, ପ୍ରଶାନ୍ତ କୁମାର ରେଡ୍ଡି ଦେବଗଡ଼, ଏନ୍. ତିରୁମାଲା ନାଏକ ରାୟଗଡ଼ା, ସୁଧାଂଶୁ ମୋହନ ସାମଲ ବରଗଡ଼, ରଶ୍ମିତା ପଣ୍ଡାଙ୍କୁ କେନ୍ଦ୍ରାପଡ଼ାର ଦାୟିତ୍ୱ ମିଳିଛି।




# ଗାନ୍ଧୀ ସ୍ମୃତିପୀଠରେ ଶ୍ରଦ୍ଧାଞ୍ଜଳି ଦେଲେ ପିସିସି ସଭାପତି

ବାସୁଦେବପୁର,୩୧।୧ (ନାରାୟଣ ପ୍ରସାଦ ବାରିକ)


ମନ୍ତେଇ ନଦୀଘାଟଠାରେ ପିସିସି ସଭାପତି ଭକ୍ତଚରଣ ଦାସ ଓ ଅନ୍ୟମାନେ।

କଂଗ୍ରେସର ଗାନ୍ଧୀପଥେ ଓଡ଼ିଶା ପଦଯାତ୍ରାର ୨ୟ ଦିବସ ଶନିବାର ସକାଳେ ପିସିସି ସଭାପତି ଭକ୍ତଚରଣ ଦାସ ଗାନ୍ଧୀ ସ୍ମୃତିପୀଠ ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବାଲିମେଦ ପଞ୍ଚାୟତ ଚାରିବାଟିଆଠାରେ ପହଞ୍ଚି ମାଲ୍ୟାର୍ପଣ କରିଛନ୍ତି। ପଦଯାତ୍ରାରେ ବିଧାୟକ ଅଶୋକ ଦାସ, ବିଧାୟକଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ପାଢ଼ୀ, ବ୍ଲକ୍ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳ, ସରପଞ୍ଚ ଆଦିତ୍ୟ ଗିରି, ଯୁବ କଂଗ୍ରେସ ସଭାପତି ସିଦ୍ଧାନ୍ତ ଦାସ, ନଗର କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଜୟ ମହାନ୍ତି, ଯୁବ କଂଗ୍ରେସ ନଗର ସଭାପତି ସୁଶାନ୍ତ ମହାକୁଡ଼, ଯୁବନେତା ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ। ୧୯୨୭ରେ ଭଦ୍ରକ ଗସ୍ତ ସମୟରେ ମହାତ୍ମା ଗାନ୍ଧୀ ଡିସେମ୍ବର ୧୬ରୁ ୧୮ ତାରିଖ ୩ ଦିନ ଧରି ଚାରିବାଟିଆରେ ରାତ୍ରିଯାପନ କରିଥିଲେ। ଏହି ଐତିହାସିକ କ୍ଷଣକୁ ସ୍ମରଣ କରିବା ଏବଂ ଗାନ୍ଧିଜୀଙ୍କ ଅହିଂସା ମାର୍ଗକୁ କଂଗ୍ରେସ ମୁଖ୍ୟ ଆୟୁଧ କରି ଜନଜାଗରଣ ସୃଷ୍ଟି କରିବା ଏହି ପଦଯାତ୍ରାର ମୁଖ୍ୟ ଲକ୍ଷ୍ୟ ବୋଲି ପିସିସି ସଭାପତି କହିଥିଲେ। ପରେ ମନ୍ତେଇ ନଦୀ ପାରି ହୋଇ ତିହିଡ଼ି ଓ ଚାନ୍ଦବାଲି ଅଞ୍ଚଳକୁ ସେ ଗସ୍ତ କରିଥିଲେ। ଏଥିସହ ମନ୍ତେଇ ନଦୀରେ ଡଙ୍ଗାରେ ଯିବା ସମୟରେ ଡଙ୍ଗାରେ ଠିଆହୋଇ ଖବରକାଗଜ ପଢୁଥିବାର ଦେଖାଯାଇଥିଲା। ସ୍ୱାଧୀନତାର ୭୯ ବର୍ଷ ମଧ୍ୟରେ ଏହି ଐତିହାସିକ ପୀଠକୁ ସଂଯୋଗ ପାଇଁ ସ୍ଥାୟୀ ପୋଲ ନିର୍ମାଣ ହୋଇ ନ ଥିବାରୁ ଭକ୍ତ କ୍ଷୋଭ ପ୍ରକାଶ କରିଥିଲେ।

# ଭୁଲ୍ ରିପୋର୍ଟ ଦେଇ ଏସିଏଫ୍ ନିଲମ୍ବିତ

ଭୁବନେଶ୍ୱର,୩୧।୧(ସୁନିତ୍ ମିଶ୍ର)


ଏସିଏଫ୍ ସୂର୍ଯ୍ୟକାନ୍ତ ବେହେରା

ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ବାଲିଗୁଡ଼ା ଫରେଷ୍ଟ ଡିଭିଜନ ଏସିଏଫ୍ ସୂର୍ଯ୍ୟକାନ୍ତ ବେହେରାଙ୍କୁ ନିଲମ୍ବନ କରିଛି। ଭୁଲ୍ ରିପୋର୍ଟ ଦେବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଛି। ବ୍ରହ୍ମପୁର ସର୍କଲ ଆର୍‌ସିସିଏଫ୍‌ଙ୍କ ରିପୋର୍ଟ ଆଧାରରେ ସୂର୍ଯ୍ୟକାନ୍ତ ପଦରୁ ନିଲମ୍ବିତ ହୋଇଥିବା ବିଭାଗ ପକ୍ଷରୁ ଶନିବାର ଜାରି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ନିୟମାନୁଯାୟୀ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ନିଲମ୍ବନ ଆଦେଶ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ସୂର୍ଯ୍ୟକାନ୍ତ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟରେ ରହିବେ। ଅଧିକାରୀଙ୍କ ଅନୁମତି ବିନା ସୂର୍ଯ୍ୟକାନ୍ତ ମୁଖ୍ୟାଳୟ ଛାଡ଼ି ଯାଇପାରିବେ ନାହିଁ। ସେ ତାଙ୍କ ଭତ୍ତା ବାବଦ ଅର୍ଥ ଏହି ସମୟରେ ପାଇବେ।

କିଛିଦିନ ତଳେ କନ୍ଧମାଳ ଜିଲା ବାଲିଗୁଡା ବନଖଣ୍ଡ ଅଧୀନ ବେଲଘର ବନାଞ୍ଚଳର ମୁଣ୍ଡୁଟି ଜଙ୍ଗଲରେ ହାତୀ ମୃତ୍ୟୁ ପରେ ସେହି ଶବକୁ ଖଣ୍ଡ ଖଣ୍ଡ କରି କାଟି ମାଟିତଳେ ପୋତି ଦିଆଯାଇଥିଲା। ଜାନୁଆରୀ ୫ରେ ତଦନ୍ତ ପାଇଁ ଯାଇଥିବା ସୂର୍ଯ୍ୟକାନ୍ତ ଡିଏଫ୍‌ଓଙ୍କୁ ଭୁଲ୍ ରିପୋର୍ଟ ପ୍ରଦାନ କରିଥିଲେ। ହାତୀ ମୃତ୍ୟୁ ଘଟଣା ଗୁଜବ; ଏଥିରେ ସତ୍ୟାସତ୍ୟ ନ ଥିବା ସେ ରିପୋର୍ଟରେ ଉଲ୍ଲେଖ କରିଥିଲେ। ଗଣମାଧ୍ୟମରେ ଖବର ପ୍ରକାଶ ପରେ ଡିଏଫ୍‌ଓ ଘନଶ୍ୟାମ ମହାନ୍ତ ବେଲଘର ଯାଇ ସତ୍ୟାସତ୍ୟ ରିପୋର୍ଟ ପ୍ରଦାନ କରିଥିଲେ। ପରେ ଜଙ୍ଗଲ ଓ ପରିବେଶ ବିଭାଗ ସ୍ଥାନୀୟ ରେଞ୍ଜର ବିନୟ କୁମାର ବିଶିଙ୍କୁ ପ୍ରଥମେ ନିଲମ୍ବନ କଲା।

ସୂଚନାଯୋଗ୍ୟ, ରାଜ୍ୟର ଅନେକ ଜଙ୍ଗଲରେ ବହୁ ମାତ୍ରାରେ ପଶୁପକ୍ଷୀଙ୍କୁ ହତ୍ୟା କରାଯିବା ସହ ସେମାନଙ୍କ ଦେହରୁ ମିଳୁଥିବା ମୂଲ୍ୟବାନ୍ ଜିନିଷକୁ ମଧ୍ୟ ଚୋରାଚାଲାଣ କରାଯାଉଛି। ଅନେକ ସମୟରେ ଦାନ୍ତ ଆଦି ଚୋରାଚାଲାଣ ଲାଗି ହାତୀମାନଙ୍କୁ ମାରି ଦିଆଯାଉଛି। ଏପରିକି ବିଦ୍ୟୁତ୍ ତାର ଲାଗି କିମ୍ବା ରେଳରେ କଟି ହାତୀଙ୍କ ମୃତ୍ୟୁ ଘଟୁଛି। ଅଧିକାରୀମାନଙ୍କୁ ପ୍ରାଣୀଙ୍କ ସୁରକ୍ଷା ଲାଗି ନିଯୁକ୍ତି ଦିଆଯାଉଥିଲେ ହେଁ ତୃଣମୂଳସ୍ତରରେ ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି।

ପ୍ରଥମ ପୃଷ୍ଠାରୁ...

## ବାଇକ୍ ଉପରେ...

ଯାଉଥିବା ଏହି ୩ ବାଇକ୍ ଉପରେ ମାଡ଼ି ଯାଇଥିଲା। ଫଳରେ ବାଇକ୍ ଚାଳକଙ୍କ ସମେତ ସେଥିରେ ବସିଥିବା ୫ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ଉପରେ ପଡ଼ିଥିବା ମୃତଦେହଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଆହତମାନଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲକୁ ଚିକିତ୍ସା ପାଇଁ ପଠାଇଛି। ଦୁର୍ଘଟଣା ଯୋଗୁ ରାସ୍ତାରେ ଗାଡ଼ି ମୋଟରଗୁଡ଼ିକ ଅଟକି ରହି କିଛି ସମୟ ଟ୍ରାଫିକ ସମସ୍ୟା ସୃଷ୍ଟି କରିଥିଲା। ପୋଲିସ ପହଞ୍ଚି ଏହାକୁ ନିୟନ୍ତ୍ରଣ କରି ଗାଡିମୋଟର ଚଳାଚଳ ସ୍ୱାଭାବିକ କରିଛି। ଟ୍ରକ ଚାଳକଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ଏପରି ଦୁର୍ଘଟଣା ଘଟିଥିବା କେତେକ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ଟ୍ରକ ଚାଳକଙ୍କୁ ପୋଲିସ କାବୁ କରିଛି।

ସୂଚନାଯୋଗ୍ୟ, ୨୯, ଅକ୍ଟୋବର ୨୦୧୫ରେ ଗୋଳନ୍ଥରା ଥାନା ଅନ୍ତର୍ଗତ ରଣ୍ଡା ଛକ ଜାତୀୟ ରାଜପଥ କଡରେ ପରିବା ବିକୁଥିବା କେତେଜଣ ମହିଳା ଓ ପୁରୁଷଙ୍କ ଉପରେ ଏକ ଟ୍ରକ ମାଡ଼ି ଯାଇଥିଲା। ଏଥିରେ ଘଟଣା ସ୍ଥଳରେ ୫ ଜଣ ଓ ଚିକିତ୍ସାଧୀନ ଅବସ୍ଥାରେ ୨ଜଣ ଏପରି ମୋଟ ୭ଜଣଙ୍କ ସେତେବେଳେ ମୃତ୍ୟୁ ହୋଇଥିଲା। ୬ଜଣ ଗୁରୁତର ହୋଇଥିଲେ। ଏବେ ୧୦ ବର୍ଷ ପରେ ଶନିବାର ଗୋଷାଣି ନୂଆଗାଁ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ଓଭରବ୍ରିଜରେ ଏପରି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି।

# ସ୍ୱାମୀଙ୍କ ଚିକିତ୍ସା ପାଇଁ ଅର୍ଥାଭାବରୁ ସ୍ତ୍ରୀଙ୍କ ଆତ୍ମହତ୍ୟା

ରସୁଲପୁର,୩୧।୧(ରଞ୍ଜିତ ରାଉତ)

ସ୍ୱାମୀଙ୍କ ଚିକିତ୍ସା ପାଇଁ ଅର୍ଥାଭାବରୁ ଯାଜପୁର ଜିଲା କୁଆଖିଆ ଥାନା ଜାବାରା ପଞ୍ଚାୟତର ଭାନୁମତୀ ଜେନା(୪୦) ଶନିବାର ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ନଂ.୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ଭାନୁମତୀଙ୍କ ସ୍ୱାମୀ ବିଦ୍ୟାଧର ଜେନା ଗଛରୁ ପଡ଼ି ଗୁରୁତର ହୋଇ ଶଯ୍ୟାଶାୟୀ ଅଛନ୍ତି। ତାଙ୍କର ଅଣ୍ଟା ଓ ଗୋଡ଼ ଭାଙ୍ଗିଯାଇଛି। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି। ସେ ରୋଜଗାର କରିପାରୁ ନ ଥିବାରୁ ପରିବାରର ଆର୍ଥିକ ମେରୁଦଣ୍ଡ ଦୋହଲିଯାଇଛି। ପିଲାଛୁଆଙ୍କ ଭରଣପୋଷଣ ଓ ସ୍ୱାମୀଙ୍କ ଚିକିତ୍ସା ପାଇଁ ଅର୍ଥ ଅଭାବରୁ ଭାନୁମତୀ ଦୀର୍ଘଦିନ ହେବ ମାନସିକ ଚାପରେ ରହିଆସୁଥିଲେ। ଶନିବାର ସେ ରୋଷେଇ ଘରକୁ ଯାଇ ଘର କବାଟ ବନ୍ଦ କରିଦେଇଥିଲେ। ସେ ବେକରେ ଶାଢ଼ି ବାନ୍ଧି ରୋଷେଇ ଘର ବାରଣ୍ଡାରେ ଝୁଲି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ମେଡିକାଲକୁ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।



## ଦୋକାନ ଭିତରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର,୩୧।୧(ତ୍ରିନାଥ ମହାନ୍ତି): କ୍ୟାପିଟାଲ ଥାନା ଆଇଜି ପାର୍କ ନିକଟରେ ଥିବା ଏକ ଦୋକାନ ଘରୁ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ହେଲେ ଅମର ଖୁଣ୍ଟିଆ(୨୫)। ତାଙ୍କ ଘର ଖୋର୍ଦ୍ଧା ଛଣିଆ ଗ୍ରାମରେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ଅମର ୨ବର୍ଷ ହେବ ଆଇଜି ପାର୍କ ନିକଟରେ ଦୋକାନ କରି ବ୍ୟବସାୟ କରୁଥିଲେ। ଏହି ଦୋକାନ ପୂର୍ବରୁ ତାଙ୍କ ଶଶୁର କରିଥିଲେ। ତାଙ୍କର ପରିବାର ଖୋର୍ଦ୍ଧାରେ ରହୁଥିବାବେଳେ ସେ ଦୋକାନ ଭିତରେ ରହୁଥିଲେ। ଶନିବାର ସକାଳେ ତାଙ୍କ ଶଳା ଫୋନ୍ କରିଥିଲେ ମଧ୍ୟ ସେ ଉଠାଇ ନଥିଲେ। ସନ୍ଦେହ ହେବାରୁ ଉକ୍ତ ଦୋକାନ ନିକଟକୁ ଆସି କବାଟ ବାଡେଇଥିଲେ। ନ ଖୋଲିବାରୁ ପୋଲିସକୁ ଖବର ଦେଇଥିଲେ। ପୋଲିସ ଖବର ପାଇ ଦୋକାନ ନିକଟରେ ପହଞ୍ଚି ଲକ୍ ତାଡ଼ି ମୃତଦେହ ବାହାରକୁ କାଢି ହସ୍ପିଟାଲକୁ ପଠାଇଥିଲେ। ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିନଥିବା ବେଳେ ହୃଦ୍‌ଘାତ ଏବଂ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ପାଟ୍ରୋଲିଂ ଗାଡ଼ିକୁ ଧକ୍କା ଦେଲା କାର୍ ମହିଳା ଚାଳକ, ହୋମ୍‌ଗାର୍ଡ ଗୁରୁତର

ଭୁବନେଶ୍ୱର,୩୧।୧(ତ୍ରିନାଥ ମହାନ୍ତି): ଶହୀଦନଗର ଥାନା ଆଚାର୍ଯ୍ୟବିହାର ଛକରେ ଡ୍ୟୁଟିରେ ଥିବା ଏକ ପୋଲିସ ପାଟ୍ରୋଲିଂ ଗାଡ଼ିକୁ ଧକ୍କା ଦେଇଛି ସ୍କୋଡା କାର। ଏଥିରେ ସ୍କୋଡାରେ ଥିବା ମହିଳା ଚାଳକଙ୍କ ସମେତ ପୋଲିସ ପାଟ୍ରୋଲିଂ ଗାଡ଼ିରେ ଥିବା ହୋମ୍‌ଗାର୍ଡ ଗୁରୁତର ଆହତ ହୋଇଛନ୍ତି। ପୋଲିସ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରି ତଦନ୍ତ ଚଳାଇଛି। ଶୁକ୍ରବାର ରାତି ୨ଟାରେ ପାଟ୍ରୋଲିଂ ଗାଡ଼ିରେ ବାଲିଅନ୍ତା ଥାନା ଅଧିକାରୀ ଓ ପିସିଆର୍ ଟିମ୍ ନାଇଟ୍ ଚେକିଂ କରୁଥିଲେ। ପାଟ୍ରୋଲିଂ ଗାଡ଼ିଟି ଆଚାର୍ଯ୍ୟବିହାର ଛକରୁ ଆପୋଲୋ ହସ୍ପିଟାଲ ଅଭିମୁଖେ ଯାଉଥିଲା। ଏହି ସମୟରେ ଜୟଦେବ ବିହାରରୁ ପଟରୁ ଦ୍ରୁତ ଗତିରେ ଆସୁଥିବା ସ୍କୋଡା କାର ପାଟ୍ରୋଲିଂ ଭ୍ୟାନ୍‌କୁ ଧକ୍କା ଦେଇଥିଲା। ଫଳରେ ଗାଡିରେ ବସିଥିବା ହୋମ୍‌ଗାର୍ଡ ଗୁରୁତର ଆହତ ହୋଇଥିଲେ ଓ ଅନ୍ୟ ୩ଜଣ ମଧ୍ୟ ସାମାନ୍ୟ ଆହତ ହୋଇଥିଲେ। ସ୍କୋଡା ଚଲାଉଥିବା ମହିଳାଙ୍କ ଆଖି ଲାଗି ଯିବାରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ପୋଲିସ କହୁଛି।

# ଯୁକ୍ତ୨ ପରୀକ୍ଷା: ପ୍ରଶ୍ନପତ୍ର ସୁରକ୍ଷା ନେଇ ମାର୍ଗଦର୍ଶିକା

ଭୁବନେଶ୍ୱର,୩୧।୧(ସୁଚିସ୍ମିତା ସାହୁ)

■ଦୁଇ ପର୍ଯ୍ୟାୟରେ ହବ୍‌ରେ ପହଞ୍ଚିବ ପ୍ରଶ୍ନପତ୍ର
■ପରୀକ୍ଷା ସରିବା ଯାଏ ବନ୍ଧୁକଧାରୀଙ୍କ ସୁରକ୍ଷାରେ ରହିବ

ଫେବୃଆରୀ ୧୮ରୁ ଯୁକ୍ତ–୨ ଥିଓରି ପରୀକ୍ଷା ଆରମ୍ଭ ହେବ। ପରୀକ୍ଷା ପରିଚାଳନାରେ ସର୍ବାଧିକ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ବିଶେଷକରି ପ୍ରଶ୍ନପତ୍ର ସୁରକ୍ଷା ନେଇ ମାର୍ଗଦର୍ଶିକା ଜାରି କରାଯାଇଛି। ଦୁଇଟି ପର୍ଯ୍ୟାୟରେ ହବ୍‌ଗୁଡ଼ିକରେ ପ୍ରଶ୍ନପତ୍ର ପହଞ୍ଚିବ। ମୋଟ୍ ୨୧୧ଟି ପରୀକ୍ଷା ପରିଚାଳନା ହବ୍ (ଇଏମ୍‌ଏଚ୍‌ଏସ୍) ହୋଇଥିବାବେଳେ ଫେବୃଆରୀ ୧୨ରୁ ୧୪ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଏବଂ ମାର୍ଚ୍ଚ ୪ରୁ ୬ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶ୍ନପତ୍ର ହବ୍‌କୁ ପ୍ରେରଣ କରାଯିବ। ନିର୍ଦ୍ଧାରିତ ସମୟରେ ପ୍ରଶ୍ନପତ୍ର ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଗ୍ରହଣ କରିବାକୁ ପରିଷଦ ପକ୍ଷରୁ ସମସ୍ତ ହବ୍‌ର ସୁପରଭାଇଜ୍‌ର,ଡେପୁଟି ସୁପରଭାଇଜର ଏବଂ ଇଏମ୍‌ଏଚ୍‌ଙ୍କୁ ଅବଗତ କରାଯାଇଛି। ସିସିଟିଭି ଲାଗିଥିବା ଅଞ୍ଚଳରେ ହିଁ ପ୍ରଶ୍ନପତ୍ର ହସ୍ତାନ୍ତର କରାଯିବ। ପ୍ରଶ୍ନପତ୍ର ଗ୍ରହଣ କରିବା ପୂର୍ବରୁ ସିଏଚ୍‌ଏସ୍‌ଇ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ମେଳ କରିବା ଆବଶ୍ୟକ। ହବ୍‌ର ସମସ୍ତ ପାର୍ଶ୍ୱ ବନ୍ଦ ଥିବା ବାଧ୍ୟତାମୂଳକ କରିବା ସହ ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ ଏହାକୁ ସୁନିଶ୍ଚିତ କରିବାକୁ କୁହାଯାଇଛି। ହବ୍‌ରେ ସିଏଚ୍‌ଏସ୍‌ଇ ଅଧିକାରୀଙ୍କ ସମ୍ମୁଖରେ ପ୍ୟାକେଟ ଖୋଲାଯାଇ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ପଠାଯିବ। ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ନିରୀକ୍ଷକ, ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ସୁପରିଣ୍ଟେଣ୍ଡେଣ୍ଟ ହିଁ ପ୍ରଶ୍ନପତ୍ର ଖୋଲିପାରିବେ। ହବ୍ ସୁପରଭାଇଜର, ଡେପୁଟି–ପର୍ଯ୍ୟବେକ୍ଷକ ଏବଂ ହବ ଡିଲିଂ ଆସିଷ୍ଟାଣ୍ଟ ପରୀକ୍ଷା ନିୟନ୍ତ୍ରକଙ୍କୁ ନିଜ ମୋବାଇଲ ନମ୍ବର ଦେବାକୁ ପଡିବ, ଯାହା ଜରୁରିକାଳୀନ ପରିସ୍ଥିତିରେ ଯୋଗାଯୋଗ ପାଇଁ ୨୪ ଘଣ୍ଟା ଖୋଲା ରହିବ। ସେହିପରି ସ୍ଥାନୀୟ ପ୍ରଶାସନ ସହିତ ପୋଲିସ ଆଇଆଇସିଙ୍କୁ ଆବଶ୍ୟକ ସୁରକ୍ଷା ସମ୍ପର୍କରେ ଅବଗତ କରି ସୁରକ୍ଷା ସୁନିଶ୍ଚିତ କରିବେ। ହବ୍‌ଗୁଡିକରେ ୨୪ ଘଣ୍ଟା ସିସିଟିଭି କାର୍ଯ୍ୟକ୍ଷମ କରିବା ସହିତ ତାଲା ସିଲ କରାଯିବ। ପରୀକ୍ଷା ସରିବା ପର୍ଯ୍ୟନ୍ତ ହବ୍‌ର ବାହାର ଓ ଭିତର ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ବନ୍ଧୁକଧାରୀ ପୋଲିସ୍ ମୁତୟନ ରହିବେ। ଏହାସହ ୨୪ ଘଣ୍ଟିଆ ସୁରକ୍ଷା ସୁନିଶ୍ଚିତ କରିବା ସହିତ ସିଏଚ୍‌ଏସ୍‌ଇକୁ ଏକ ମୋବାଇଲ୍ ନମ୍ବର ପ୍ରଦାନ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

# ରାଜ୍ୟସ୍ତରୀୟ ପତାକା ଅବତରଣ ଉତ୍ସବ

**ଚିତ୍ତାକର୍ଷକ ବାଦ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କଲେ ମୁଖ୍ୟମନ୍ତ୍ରୀ**



ରାଜ୍ୟସ୍ତରୀୟ ପତାକା ଅବତରଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆୟୋଜିତ ପରେଡ୍‌କୁ ଅଭିବାଦନ ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୩୧।୧(ତ୍ରିନାଥ ମହାନ୍ତି)

ଭୁବନେଶ୍ୱରସ୍ଥିତ ଓଏସ୍‌ଏପି ୭ମ ବାଟାଲିୟଭୁବନେଶ୍ୱରସ୍ଥିତ ଓଏସ୍‌ଏପି ୭ମ ବାଟାଲିୟନ ପରିସରରେ ଶନିବାର ସନ୍ଧ୍ୟାରେ ରାଜ୍ୟସ୍ତରୀୟ ପତାକା ଅବତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଚିତ୍ତାକର୍ଷକ ବାଦ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଉକ୍ତ ଉତ୍ସବରେ ରାଜ୍ୟ ପୋଲିସର ବିଭିନ୍ନ ଜିଲା ଓ ବାଟାଲିୟନରୁ ଆସିଥିବା ବ୍ୟାଣ୍ଡ ବାଦକମାନେ ଚିତ୍ତାକର୍ଷକ ବାଦ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଓଏସ୍‌ଏପିର ବାଦ୍ୟକାରମାନେ ବିଗୁଲ, ପାଇପ୍ ବ୍ୟାଣ୍ଡ, ବ୍ରାସ ବ୍ୟାଣ୍ଡ ଓ ଷ୍ଟ୍ରିଙ୍ଗ ବ୍ୟାଣ୍ଡ ପରିବେଷଣ ମାଧ୍ୟମରେ ସମଗ୍ର ପରିବେଶରେ ଉତ୍ସାହ ଭରିଦେଇଥିଲେ। ‘ଜାତୀୟ ସଂଗୀତ’,‘ବନ୍ଦେ ମାତରମ’‘, ସାରେ ଜହାଁ ସେ ଅଚ୍ଛା’, ଓଡ଼ିଶା ମୋ ଓଡ଼ିଶା’‘, ଫନ ଫେୟାର’, ‘ଭାରତ କି ଯବାନ’ ଆଦି ସଙ୍ଗୀତ ପରିବେଷଣ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ସୂର୍ଯ୍ୟାସ୍ତ ସମୟରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଜାତୀୟ ପତାକାର ଅବତରଣ କରାଯାଇଥିଲା। ଏହା ପରେ ଓଏସଏପି ତୃତୀୟ ବାଟାଲିୟନ, କୋରାପୁଟର ଯବାନ ମାନଙ୍କ ଦ୍ୱାରା ପ୍ରଦର୍ଶିତ ‘ଢେମସା’ ନୃତ୍ୟ, ଓଏସଏପି ଦ୍ୱିତୀୟ ବାଟାଲିୟନ, ଝାରସୁଗୁଡାର ଯବାନ ଓ ସେମାନଙ୍କ ପରିବାର ବର୍ଗଙ୍କ ଦ୍ୱାରା ଝୁମ୍ରି ନୃତ୍ୟ ଏବଂ ପଞ୍ଚମ ଆଇଆରବିଏନ, ବୌଦ୍ଧର ଯବାନ ମାନଙ୍କ ଦ୍ୱାରା ପ୍ରଦର୍ଶିତ ସମ୍ବଲପୁରୀ ନୃତ୍ୟ ଉପସ୍ଥିତ ଦର୍ଶକମାନଙ୍କୁ ରୋମାଞ୍ଚ କରିଥିଲା।

ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂହ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ସଶସ୍ତ୍ର) ରାଜେଶ କୁମାର, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ସମେତ ବହୁ ଅବସରପ୍ରାପ୍ତ ବରିଷ୍ଠ ପୋଲିସ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

## ଭରତପୁର ଥାନାରେ ସେନା ଅଧିକାରୀ, ବାନ୍ଧବୀଙ୍କୁ ନିର୍ଯାତନା ଘଟଣା

## ସାର୍ବଜନୀନ ହୋଇପାରିବ ନାହିଁ ତଦନ୍ତ ରିପୋର୍ଟ

ଭୁବନେଶ୍ୱର, ୩୧।୧(ବନ୍ଦନା ସେଠୀ): ୨୦୨୪ ସେପ୍ଟେମ୍ବର ୧୫ ରାତିରେ ଭରତପୁର ଥାନାରେ ଜଣେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ପୋଲିସ ନିର୍ଯାତନା ଦେଇଥିଲା। ଜଷ୍ଟିସ୍ ସି.ଆର୍. ଦାସ ଏହି ଘଟଣାର ବିଚାରବିଭାଗୀୟ ତଦନ୍ତକରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ତେବେ ଲୋକଙ୍କ ଅବଗତି ଓ ସଚେତନତା ଉଦ୍ଦେଶ୍ୟରେ ଉକ୍ତ ରିପୋର୍ଟକୁ ସାର୍ବଜନୀନ କରିବାକୁ ଅଲ୍ ଓଡ଼ିଶା ଭେଟେରାନ୍ ସୋଲ୍‌ଜର୍ସ ଆସୋସିଏଶନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଥିଲା। ତେବେ ବିଧାନସଭାରେ ରିପୋର୍ଟ ଉପସ୍ଥାପନ ହୋଇ ନ ଥିବାରୁ ତାହାକୁ ଏବେ ସାର୍ବଜନୀନ କରାଯାଇପାରିବ ନାହିଁ ବୋଲି ଗୃହ ବିଭାଗୀୟ ଅନୁ ସଚିବ ଚିତ୍ତରଞ୍ଜନ ନାୟକ ସ୍ପଷ୍ଟ କରିବା ସହ ଏ ସଂକ୍ରାନ୍ତରେ ଭେଟେରାନ ସୋଲ୍‌ଜର୍ସ ଆସୋସିଏଶନର ଯୁଗ୍ମ ସଚିବଙ୍କୁ ଜଣାଇଛନ୍ତି।

ସୂଚନାଯୋଗ୍ୟ, ଆର୍ମି ଅଫିସର ଗୁରୁଭନ୍ସ ସିଂ ଓ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନ ୨୦୨୪ ସେପ୍ଟେମ୍ବର ୧୫ରେ ରାତିରେ ପଟିଆରୁ କାର୍‌ରେ ଫେରୁଥିବାବେଳେ ବାଟରେ ଅସାମାଜିକ ଗୋଷ୍ଠୀଙ୍କ ଆକ୍ରମଣର ଶିକାର ହୋଇଥିଲେ। ଏନେଇ ଅଭିଯୋଗ କରିବା ପାଇଁ ଗୁରୁଭନ୍ସ ଓ ଅଙ୍କିତା ଭରତପୁର ଥାନାକୁ ଯାଇଥିବାବେଳେ ସେଠାରେ ଉଭୟଙ୍କୁ ପୋଲିସ ଅକଥନୀୟ ନିର୍ଯାତନା ଦେଇଥିଲା। ଏହି ଘଟଣା ପାଇଁ ଓଡ଼ିଶା ପୋଲିସ ବିବାଦ ଘେରକୁ ଆସିଥିଲା।

## ଗୁଆହାଟୀରେ ‘ଓଡ଼ିଆ ପରବ’ ଉଦ୍‌ଘାଟିତ

**ଆଧୁନିକ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ସୁଦୃଢ଼ ହେବ: ପ୍ରଭାତୀ**




ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆସାମ ପର୍ଯ୍ୟଟନ ସଚିବ ଦିଗନ୍ତ ବରାହଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୩୧।୧ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ସହଯୋଗୀ ସଂସ୍ଥା ଫିକି ଆନୁକୂଲ୍ୟରେ ୩ଦିନିଆ ‘ଓଡ଼ିଆ ପରବ’ ଆସାମ ରାଜଧାନୀ ଗୁଆହାଟୀଠାରେ ଶନିବାର ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ପରମ୍ପରା, ହସ୍ତଶିଳ୍ପ, ହସ୍ତକଳା, ଖାଦ୍ୟ ଓ ପର୍ଯ୍ୟଟନ ଅଭିଜ୍ଞତା ଏବଂ ଓଡ଼ିଶା ଓ ଆସାମ ମଧ୍ୟରେ ଥିବା ସମ୍ପର୍କ ପ୍ରତିଫଳିତ ହେଉଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ଏବଂ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡା ଏହାକୁ ଉଦ୍‌ଘାଟନ କରି କହିଲେ, ଏହି ଅଭିଯାନ ମାଧ୍ୟମରେ ଓଡ଼ିଶାର ସାଂସ୍କୃତିକ ବୈଭବ ଅନ୍ୟ ରାଜ୍ୟରେ ପ୍ରଦର୍ଶିତ ହେଉଥିବା ଅତ୍ୟନ୍ତ ଗର୍ବର କଥା। ଏହାଦ୍ୱାରା ରାଜ୍ୟ ଓ ଲୋକଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ଦୃଢ଼ ହେବା ସହ ଆଧୁନିକ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଆହୁରି ସୁଦୃଢ଼ ହୋଇପାରିବ। ଆସାମ ପର୍ଯ୍ୟଟନ ବିଭାଗର ଶାସନ ସଚିବ ଦିଗନ୍ତ ବରାହ ଯୋଗଦେଇ ଆନ୍ତଃରାଜ୍ୟ ମଧ୍ୟରେ ପର୍ଯ୍ୟଟନର ପ୍ରୋତ୍ସାହନ ଓ ଏ କ୍ଷେତ୍ରରେ ଓଡ଼ିଶାର ପ୍ରୟାସକୁ ପ୍ରଶଂସା କରିଥିଲେ। ଓଡ଼ିଶା ପର୍ଯ୍ୟଟନ ବିଭାଗ ଶାସନ ସଚିବ ବଲୱନ୍ତ ସିଂ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ବିଭାଗୀୟ ଅଧିକାରୀ, ଅଂଶୀଦାର, ଶିଳ୍ପପତି, ପ୍ରବାସୀ ଓଡ଼ିଆ ଏବଂ ନିମନ୍ତ୍ରିତ ଅତିଥିମାନେ ଯୋଗଦେଇଥିଲେ। ‘ଓଡ଼ିଆ ପରବ’ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସିଡିଏ ଟାଉନ ପ୍ଲାନିଂ ପ୍ରସ୍ତାବକୁ ଗ୍ରାମବାସୀଙ୍କ ବିରୋଧ

ବାରଙ୍ଗ,୩୧।୧(ଲିଙ୍ଗରାଜ ରାଉତ)

ବାରଙ୍ଗ ବ୍ଲକ ଅନ୍ତର୍ଗତ ୨ଟି ପଞ୍ଚାୟତ ମଝିରେ ସିଡିଏ ଟାଉନ ପ୍ଲାନିଂ ପ୍ରସ୍ତାବକୁ ନେଇ ଶନିବାର ଜିଲା ପ୍ରଶାସନ ପକ୍ଷରୁ ଏକ ଜନଶୁଣାଣି ଶିବିର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତାବକୁ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ରାମଦାସପୁର ପଞ୍ଚାୟତର ରତାଗଡ, ରତାଗଡ–ଲେଙ୍କାସାହି ଏବଂ ମଧୁପୁର ପଞ୍ଚାୟତ ଚଣ୍ଡୀପ୍ରସାଦ, ନୂଆସାହି ଆଦି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ କ୍ଷୋଭ ପ୍ରକାଶ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ରତାଗଡ, ଲେଙ୍କାସାହି ଓ ଚଣ୍ଡୀପ୍ରସାଦ ଗ୍ରାମ ଚାଷଜମିକୁ ସହରାଞ୍ଚଳ ଯୋଜନାରେ ସାମିଲ କରିବା ପାଇଁ ସିଡିଏ ପକ୍ଷରୁ ପ୍ରସ୍ତାବ ଆସିଛି। ମାତ୍ର ଏହି ଅଞ୍ଚଳରେ ଚାଷ ଉପରେ ଶତକଡ଼ା ୯୦ଭାଗ ଲୋକ ନିର୍ଭର କରିଥାନ୍ତି। ସହରୀକରଣ ହେଲେ ବହୁ ଏକର ଚାଷଜମି ନଷ୍ଟ ହେବା ସହ ଚାଷ କରି ଜୀବିକା ମେଣ୍ଟାଉ ଥିବା ଚାଷୀମାନେ ରୋଜଗାର ହରାଇବେ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି ସହରୀକରଣ ବ୍ୟବସ୍ଥାରେ କୌଣସି ଲୋକେ, ଚାଷୀ କିଭଳି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ ବୋଲି କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରଣଦୀପ କୌର ସୋହୋଟା ସୂଚନା ଦେଇଥିଲେ ମଧ୍ୟ ଗ୍ରାମବାସୀ ଏହାକୁ ଗ୍ରହଣ କରି ନ ଥିଲେ।


**GOVERNMENT OF ORISSA**
**OFFICE OF THE SUPERINTENDING ENGINEER : GANJAM (R&B) DIVISION NO.I, BERHAMPUR**
Phone/Fax : (0680) 2233683, e-mail : eernb1_bam@yahoo.com
Letter No.1004 / Dated 29.01.2026
**Ist Corrigendum to Bid Identification No.S.E. (R&B) Divn. No.I Bam. 57/2025-26 vide letter No.665 dtd 20.01.2026**
**No. 34001/11/2526** : The tender invited vide Bid Identification No.57/2025-26 bearing letter No.665 dated 20.01.2026 the sale and receipt of Tenders invited for 03 no. of work may be read as from 30.01.2026 to 06.02.2026 instead of 27.01.2026 to 04.02.2026 and opening of tender on 07.02.2026 in place of 05.02.2026.
Other terms and conditions remain unchanged
OIPR-34001/34109/1/25-26/0011
Sd./- Superintending Engineer, Ganjam R&B Division No. I



**Government of Odisha “e” procurement Notice**
INVITATION FOR BIDS (IFB)
**OFFICE OF THE DISTRICT PROJECT OFFICE, SAMAGRA SHIKSHA, DHENKANAL**
No.27001/6/2526
Bid Identification No.SS/DKL/02/2025-2026

| | | | |
|---|---|---|---|
| 1. | The District Project Coordinator, Samagra Shiksha, Dhenkanal, on behalf of Governor of Odisha, invites percentage rate bids in single cover system in **ONLINE MODE** only from eligible contractors for Construction of Building work as detailed below. | | |
| 2. | Nature of work | : | Construction of Additional Classrooms |
| 3. | No. of work | : | 11 Nos. |
| 4. | Cost of Tender Paper | : | 6,000/- |
| 5. | Class of Contractor | : | “C” & “D” |
| 6. | Period of Completion | : | 04 (Four) Calendar Months |
| 7. | Availability of Bid Documents in the website | : | **From 10.00 A.M. of 04.02.2026 to 5.30 P.M. of 18.02.2026** |
| 8. | Date of Opening of Bid | : | **Dt.19.02.2026 at 11:00 A.M.** |
| 9. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- District Project Coordinator, Samagra Shiksha, Dhenkanal
OIPR-27001/27210/1/25-26/0006


## ମୁଫି ଗ୍ୟାଙ୍ଗ୍: ସଦସ୍ୟ ହେବାକୁ ଲୋଡ଼ା ୧୦ ମାମଲା

ଭୁବନେଶ୍ୱର,୩୧।୧(ତ୍ରିନାଥ ମହାନ୍ତି)

**ନ୍ୟୁ ଆଜାଦ ନଗର ବିସ୍ଫୋରଣ ମାମଲା**

■ଗ୍ୟାଙ୍ଗ୍‌ର ୧୧ ସଦସ୍ୟଙ୍କୁ ଖୋଜୁଛି ଏନ୍‌ଆଇଏ
■୫ ଜଣ ଅପରାଧୀଙ୍କ ଘରେ ଚଢ଼ାଉ କଲା ଏନ୍‌ଆଇଏ
■ଜଟଣୀ ଲିଙ୍କ୍‌ର ଖୋଳତାଡ଼

ଏୟାରଫିଲ୍ଡ ନ୍ୟୁ ଆଜାଦନଗର ବିସ୍ଫୋରଣ ଘଟଣାର ମାଷ୍ଟରମାଇଣ୍ଡ୍ ସେହଜନବାଜ ମଲିକ ଓରଫ ମୁଫି ଗ୍ୟାଙ୍ଗ୍‌ର ୧୧ଜଣ ସଦସ୍ୟଙ୍କ ଉପରେ ଏନ୍‌ଆଇଏ ନଜର ରଖିଛି। ମୁଫି ସହ ଆପରାଧିକ ଲିଙ୍କ୍‌ର ପ୍ରମାଣ ପାଇବା ପରେ ଏନ୍‌ଆଇଏ ଟିମ୍ ୫ ସଦସ୍ୟଙ୍କ ଘରେ ଗୁରୁବାର ଚଢ଼ାଉ କରିଥିଲା। ହେଲେ ସେମାନେ ଘରେ ନ ଥିବାରୁ ପୋଲିସ ସେଠାରୁ ଲାପ୍‌ଟପ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏଥିସହ ଏମାନଙ୍କ ଆପରାଧିକ ରେକର୍ଡ ଦିଲ୍ଲୀ ଏନ୍‌ଆଇଏକୁ ଦିଆଯାଇଛି। ନିର୍ଦ୍ଦେଶ ଆସିବା ପରେ ଏନ୍‌ଆଇଏ ମାମଲା ରୁଜୁ କରି ୧୧ ସଦସ୍ୟଙ୍କୁ ଗିରଫ କରିବ। ନଚେତ ସେମାନଙ୍କୁ ଧରି କମିଶନରେଟ୍ ପୋଲିସକୁ ହସ୍ତାନ୍ତର କରାଯିବ ବୋଲି ଏନ୍‌ଆଇଏ ଅଧିକାରୀ ସୂଚନା ଦେଇଛନ୍ତି। ତଦନ୍ତବେଳେ ଜଣାପଡିଛି ଯେ, ଜୟଦେବ ବିହାରରୁ ମେ’ଫେୟାର ଛକ ମଝିରେ ଏହି ଗ୍ୟାଙ୍ଗ୍‌ସଦସ୍ୟ ପ୍ରତିଦିନ ଏକାଠି ହେଉଥିଲେ। ସେମାନେ ସେଠାରେ ସରକାରୀ ଜାଗା ଅକ୍ତିଆର କରି ଯୁବ ସଂଗଠନ ନାମରେ ଆପରାଧିକ ଖଟି କରୁଥିଲେ। ଯେଉଁମାନଙ୍କ ନାମରେ ଅତି କମ୍‌ରେ ୧୦ ଆପରାଧିକ ମାମଲା ରହିଥିବ, ସେହିମାନେ ହିଁ ଏହି ଗ୍ୟାଙ୍ଗ୍‌ର ସଦସ୍ୟ ହୋଇପାରୁଥିଲେ। ଏହି ଗ୍ୟାଙ୍ଗ୍‌ର କାର୍ଯ୍ୟକଳାପରେ ଲୋକେ ଭୟଭୀତ ହେଉଥିଲେ। ଏନ୍‌ଆଇଏକୁ ମିଳିଥିବା ତଥ୍ୟ ଅନୁସାରେ, ମୁଫି ସହ ଆହତ ହୋଇଥିବା ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ କହିବାନୁସାରେ ବୋମା ତିଆରି ହେଉଥିଲା। ମୁଫି ସହ ଜଟଣୀର କେତେଜଣ ଅପରାଧୀଙ୍କ ଶତ୍ରୁତା ରହିଛି। ସେମାନଙ୍କୁ ହତ୍ୟା କରିବା ପାଇଁ ଏହି ବୋମା ଭିଡ଼ା ଚାଲୁଥିଲା ବୋଲି ଏନ୍‌ଆଇଏ ଜାଣିବା ପରେ ତାହା ଉପରେ ଖୋଳତାଡ଼ କରୁଛି।

## ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ଘରୁ ଚୋରି

ବାରଙ୍ଗ, ୩୧।୧(ଲିଙ୍ଗରାଜ ରାଉତ): ଗୋଡିସାହି ଫାଣ୍ଡି ଅନ୍ତର୍ଗତ ପଦ୍ମନାଭନଗରରେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଘରୁ ଚୋରି ହୋଇଥିବା ଫାଣ୍ଡିରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଥିଲେ ସୁଦ୍ଧା ଚୋର କିମ୍ବା ଚୋରି ସାମଗ୍ରୀ ଜବତ ହୋଇପାରି ନାହିଁ।

ଗୋବିନ୍ଦ ଚନ୍ଦ୍ର ସାହୁ ନାମକ ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ ୧୦ବର୍ଷ ଧରି ଉକ୍ତ ଅଞ୍ଚଳରେ ପରିବାର ସହ ରହିଆସୁଛନ୍ତି। ଗୋବିନ୍ଦ ଅବସର ପରେ ନିକଟରେ ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ସବୁଦିନ ଭଳି ଶନିବାର ଗୋବିନ୍ଦ ବିଶ୍ୱବିଦ୍ୟାଳୟକୁ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ଏକୁଟିଆ ଘରେ ଥିଲେ। ଏହାର ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ଦିନ ପ୍ରାୟ ସାଢ଼େ ୨ଟାରେ ଘର ଭିତରକୁ ପଶି ଲାପଟପ, ମୋବାଇଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ନେଇ ଚମ୍ପଟ ମାରିଥିଲେ। ଏହି ସମୟରେ ଗୋବିନ୍ଦଙ୍କ ସ୍ତ୍ରୀ ରୋଷେଇ କାର୍ଯ୍ୟ ସାରି ଆସି ଦେଖିଲା ପରେ ଘରୁ ଚୋରି ହୋଇଥିବାର ସେ ଜାଣିବାକୁ ପାଇଥିଲେ ବୋଲି ସାହୁ ଗୋଡିସାହି ଫାଣ୍ଡିରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

## ତ୍ରିକୋଣୀୟ ପ୍ରେମରୁ ଯୁବକଙ୍କୁ ଗୋଡ଼େଇ ହାଣିଲେ

ଭୁବନେଶ୍ୱର,୩୧।୧(ତ୍ରିନାଥ ମହାନ୍ତି)

■ଯାତ୍ରା ଦେଖି ଫେରିବାବେଳେ ଏମ୍‌ସ ରାସ୍ତାରେ ଆକ୍ରମଣ
■୨ଜଣଙ୍କୁ ଅଟକ ରଖି ପୋଲିସ କରୁଛି ପଚରାଉଚରା

ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ରାଜଧାନୀରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ସ୍ଥାନୀୟ ଅଞ୍ଚଳର ରଶ୍ମିରଞ୍ଜନ ଦାଶ ଶନିବାର ଭୋର୍ ସମୟରେ ଖଣ୍ଡଗିରି ଯାତ୍ରା ଦେଖି ଫେରୁଥିବାବେଳେ ଏମ୍‌ସ ରାସ୍ତାରେ ୭ରୁ ୮ଜଣ ଯୁବକ ଖଣ୍ଡାରେ ଆକ୍ରମଣ କରିବାରୁ ତାଙ୍କ ହାତ, ପିଠି, ମୁଣ୍ଡ ଏବଂ ଗୋଡ଼ରେ ଗଭୀର ଆଘାତ ଲାଗିଛି। ରଶ୍ମିରଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଏମ୍‌ସରେ ଭର୍ତ୍ତି କରାଯାଇଛି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଜଟିଳ ଥିବା ଡାକ୍ତର କହିଛନ୍ତି। ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ହେବାପରେ ପୋଲିସ ମାମଲା ରୁଜୁ କରି ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁସାରେ, ଗତ ୫ବର୍ଷ ତଳୁ ଜଣେ ଯୁବତୀଙ୍କ ସହ ରଶ୍ମିରଞ୍ଜନଙ୍କ ପ୍ରେମ ସମ୍ପର୍କ ରହିଛି। ଇତିମଧ୍ୟରେ ଉକ୍ତ ଯୁବତୀଙ୍କର ଫୁଲେଶ୍ୱରୀ ବସ୍ତିର ଚାମ୍ପା ନାମକ ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ହେଲେ ରଶ୍ମିରଞ୍ଜନ ଯୁବତୀଙ୍କ ସହ ସମ୍ପର୍କ ରଖିଥିବା ଜାଣିବା ପରେ ଚାମ୍ପା ରାଗି ଯାଇଥିଲେ। ଏପରି କି ଯୁବତୀଙ୍କୁ କେନ୍ଦ୍ର କରି ରଶ୍ମିରଞ୍ଜନ ଏବଂ ଚାମ୍ପାଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଶୁକ୍ରବାର ରାତିରେ ରଶ୍ମିରଞ୍ଜନ ଖଣ୍ଡଗିରି ମେଳାକୁ ଯାତ୍ରା ଦେଖିବା ପାଇଁ ଯାଇଥିଲେ। ଶନିବାର ଭୋର୍ ସମୟରେ ଯାତ୍ରା ଦେଖି ଘରକୁ ଫେରୁଥିବାବେଳେ ଏମ୍‌ସ ରାସ୍ତାରେ ଚାମ୍ପାଙ୍କ ସହ ପ୍ରାୟ ୭/୮ ଜଣ ଦୁର୍ବୃତ୍ତ ମୋଟରସାଇକଲ ରେ ଆସି ରଶ୍ମିରଞ୍ଜନଙ୍କୁ ରାସ୍ତାରେ ଘେରି ଯାଇ ଖଣ୍ଡାରେ ଆକ୍ରମଣ କରିଥିଲେ। ସେ ଜୀବନ ବିକଳରେ ଏମ୍‌ସ ପରିସରକୁ ପଶିଯାଇଥିଲେ ମଧ୍ୟ ଦୁର୍ବୃତ୍ତମାନେ ଗୋଡ଼େଇ ଗୋଡେଇ ଚୋଟ ପରେ ଚୋଟ ମାରିଥିଲେ। ତେବେ ଦୁର୍ବୃତ୍ତଙ୍କ ହାତରେ ଖଣ୍ଡା ଦେଖି ଏମ୍‌ସ ସୁରକ୍ଷା କର୍ମୀ ମଧ୍ୟ ଭୟଭୀତ ହୋଇଯାଇଥିଲେ। ଏମ୍‌ସ ଫାଣ୍ଡି ପୋଲିସ ରଶ୍ମିରଞ୍ଜନଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ଗଞ୍ଜାମର ବାଲି, ମଦ ମାଫିଆଙ୍କୁ ଘାରିଛି ଇଡି ଭୟ

# ପୁଣି ଇଡିରେ ହାଜର ହେଲେ କଂଗ୍ରେସ ନେତା ବିଶ୍ୱଜିତ

ଭୁବନେଶ୍ୱର,୩୧।୧(ତ୍ରିନାଥ ମହାନ୍ତି): ଗଞ୍ଜାମ ଜିଲାର ବାଲି ମାଫିଆଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଭୟ ଘାରିଛି। ଚଢ଼ାଉ ପରେ ଏବେ ଇଡି ଜଣଙ୍କ ପରେ ଜଣଙ୍କୁ ସମନ କରୁଛି। ଇତିମଧ୍ୟରେ ୧୮ ଜଣଙ୍କୁ ସମନ୍ ହୋଇସାରିଲାଣି। ଶୁକ୍ରବାର କଂଗ୍ରେସ ନେତା ବିଶ୍ୱଜିତ ପାତ୍ର ଏବଂ ବିଜେଡି ନେତା ହୃଷୀକେଶ ପାଢ଼ୀଙ୍କ ପୁଅ ସଚିନ ପାଢ଼ୀଙ୍କୁ ୮ ଘଣ୍ଟା ଇଡି ମାରାଥନ୍ ଜେରା କରିଥିବାବେଳେ ଶନିବାର ବିଶ୍ୱଜିତ୍ ପୁଣି ଇଡି ଅଫିସରେ ହାଜର ହୋଇଥିଲେ। ପୂର୍ବାହ୍ନ ୧୧ଟାରେ ବିଶ୍ୱଜିତ୍ ଇଡି ଅଫିସରେ ହାଜର ହେବା ପରେ ତାଙ୍କୁ ମାରାଥନ୍ ଜେରା କରାଯାଇଥିଲା। ଅପରାହ୍ନ ୫ଟାରେ ସେ ଇଡି ଅଫିସରୁ ବାହାରିଥିଲେ। ଶୁକ୍ରବାର ଇଡିକୁ ସେ ଯେଉଁ ତଥ୍ୟ ଦେଇଥିଲେ ସେଥିରେ ଅଧିକାରୀମାନେ ସନ୍ତୁଷ୍ଟ ନ ଥିଲେ। ତେଣୁ ଅଧିକ ଦସ୍ତାବିଜ୍ ସହ ଶନିବାର ପୁଣି ହାଜର ହେବାକୁ ବିଶ୍ୱଜିତଙ୍କୁ କୁହାଯାଇଥିଲା। ଏମାନଙ୍କ ପରେ ଆଉ କାହାର ପାଳି ପଡ଼ିବ ବୋଲି ଚର୍ଚ୍ଚା ହୋଇଛି।

ପ୍ରକାଶ ଯେ, ଋଷିକୁଲ୍ୟା, ବାହୁଦା ଓ ବଡ଼ ନଦୀରୁ ପ୍ରତିଦିନ ହଜାର ହଜାର ଟ୍ରିପ୍ ବାଲି ଚୋରି କରି ଜାଲ୍ ଓ୍ୱାଇ ଫର୍ମ ଜରିଆରେ ବ୍ୟବସାୟୀମାନେ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଚାଲାଣ କରୁଥିଲେ। ଗତ ୧୬ ତାରିଖରେ ଏକକାଳୀନ ୨୫ଟି ସ୍ଥାନରେ ଇଡି ଚଢ଼ାଉ କରିଥିଲା। ବରିଷ୍ଠ ବିଜେଡି ନେତା ହୃଷୀକେଶ ପାଢ଼ୀ, ତାଙ୍କ ପୁଅ ତଥା ଠିକାଦାର ସଚିନ, ସିଣ୍ଡିକେଟର ସର୍ବେସର୍ବା କୁହାଯାଉଥିବା କୃପାସିନ୍ଧୁ ମୁଦୁଲି, ପୂର୍ବତନ ଯୁବ କଂଗ୍ରେସ ନେତା ବିଶ୍ୱଜିତ ପାତ୍ର, ଶିବପ୍ରସାଦ ପାଢ଼ୀ, ସୁନୀଲ ପାତ୍ର ଓ ଖାରିଆ ସରପଞ୍ଚ ଜୟନ୍ତୀ ପାତ୍ରଙ୍କ ଘରେ ଇଡି ଚଢ଼ାଉ କରିଥିଲା। ତେବେ ଇଡିରେ ହାଜର ହୋଇ ବିଶ୍ୱଜିତ ଦାମୀ ଗାଡ଼ି ଘର, ମଦଭାଟି, କ୍ରଶର୍ ଓ ବାଲି ବେପାର ସମ୍ପର୍କରେ ଇଡିକୁ ତଥ୍ୟ ଦେଇଥିଲେ। କୃପାସିନ୍ଧୁଙ୍କ ସହ ମିଶି କେଉଁମାନେ ସିଣ୍ଡିକେଟ ଚଳାଉଥିଲେ, ସେନେଇ ଇଡି ଘାଣ୍ଟୁଥିବାବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମିଳିଥିବାରୁ ଅନ୍ୟ ମାଫିଆଙ୍କ ମଧ୍ୟରେ ଛନକା ପଶିଛି।


**ODISHA MINING CORPORATION LTD**
(A Gold Category State PSU)
Registered Office : OMC House, Bhubaneswar-751 001
CIN : U13100OR1956SGC000313
OMC ODISHA MINING CORPORATION LTD. — Mining Happiness —
No.30001/4/2526 **NOTICE INVITING REQUEST FOR PROPOSAL (RFP)**
**RfP No.01/OMC/CIVIL/2026** **Dated : 30.01.2026**
1. Request for Proposal (RfP) for the following work is invited on-line through the e-procurement portal of Govt. of Odisha.

| Sl No. | Name of Project | EMD in INR | Bid Processing Fee in INR | Period of Services |
|---|---|---|---|---|
| 1 | **Design, Manufacturing, Supply and Installation of PEB (Pre-Engineered Building) Core Box shed 2 (two) nos including civil foundation, E/I and others on Turnkey basis at Dubuna camp of Barbil region in the district of Keonjhar** | 1,67,000/- | 10,000/- plus 18% GST | 08 (Eight Months) |

2. The bidders must participate in on-line bidding at the site : **https://www.tendersodisha.gov.in**
3. Bid documents will be available in the above website from Dt.03.02.2026 to Dt.18.02.2026 up to 05:00 P.M.
4. Last date and time for on-line submission of bid in web portal is Dt.18.02.2026 up to 05:00 P.M.
5. The tender will be opened on Dt.19.02.2026 at 11:00 A.M.
6. The bidder must possess compatible Digital Signature Certificate (DSC) of Class-III.
All other details can be seen from RfP Document at **https://www.tendersodisha.gov.in**.
Odisha Mining Corporation Limited reserves the right to reject any or all RfPs received without assigning any reasons thereof.
OIPR-30001/30005/1/25-26/0004
Sd./- GM (Civil)

## ରଘୁନାଥପୁରରେ ହିନ୍ଦୁ ସମ୍ମିଳନୀ

ବାରଙ୍ଗ,(ଲିଙ୍ଗରାଜ ରାଉତ): ରଘୁନାଥପୁର ବଡ଼ଭାଗବତ ଗୃହ ପ୍ରାଙ୍ଗଣରେ ସମଗ୍ର ହିନ୍ଦୁ ସମାଜ ଆନୁକୂଲ୍ୟରେ ହିନ୍ଦୁସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗାୟତ୍ରୀ ଯଜ୍ଞ, ହନୁମାନ ଚାଳିଶା ପାଠ ଓ ହିନ୍ଦୁତ୍ୱ ଓ ହିନ୍ଦୁ ଏକତା ପାଇଁ ବୌଦ୍ଧିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବକ୍ତାମାନେ ଯୋଗଦେଇ ପ୍ରକୃତିର ସୁରକ୍ଷା ଓ ପୂଜା ହିନ୍ଦୁ ସଂସ୍କୃତିର ମୂଳମନ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। ରଘୁନାଥପୁର ଗ୍ରାମର ଯୁବକମାନଙ୍କ ସହଯୋଗରେ ଆୟୋଜିତ ଏହି ହିନ୍ଦୁ ସମ୍ମିଳନୀରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

**ସଂକ୍ଷେପରେ**

## ତୃତୀୟ ଶ୍ରେଣୀ ବୃତ୍ତି : ବ୍ଲକ ଟପ୍ପର ଅମନ

ତାଳବସ୍ତ/ବାଙ୍କୀ,୩୧ ।୧(ସୁବ୍ରତ କୁମାର ନାୟକ/ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଡମପଡ଼ା (୨)ବ୍ଲକ ଶିକ୍ଷା କାର୍ଯ୍ୟାଳୟ ତରଫରୁ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳାଫଳ ଶନିବାର ଘୋଷଣା କରାଯାଇଛି। ଏଥିରେ କୃତକାର୍ଯ୍ୟ ହୋଇଥିବା ଡମପଡ଼ା ବ୍ଲକର ୬ଟି ପ୍ରାଥମିକ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟର ୭ଜଣ ବିଦ୍ୟାର୍ଥୀଙ୍କୁ ବ୍ଲକ ଶିକ୍ଷା ଅଧିକାରୀ କାମରାଜ ସାହୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ନିଶ୍ଚିନ୍ତପୁର ସରସ୍ୱତୀ ଶିଶୁମନ୍ଦିରର ଛାତ୍ର ଅମନ କୁମାର ସାମନ୍ତରାୟ ବ୍ଲକ ଟପ୍ପର ହୋଇଛନ୍ତି। ବୃତ୍ତିଧାରୀ ଛାତ୍ରୀଛାତ୍ରଙ୍କୁ ୨ଟି ଶିକ୍ଷାବର୍ଷ ୨୫/୨୬ ଓ ୨୭/୨୮ ପାଇଁ ସରକାରଙ୍କ ତରଫରୁ ୨୪୦୦/- ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏହି ପରିପ୍ରେକ୍ଷୀରେ ତୁଳସୀପୁର ସରସ୍ୱତୀ ଶିଶୁମନ୍ଦିରର ସ୍ୱୟଂ ପ୍ରକାଶ ସାହୁ ଏବଂ ନିର୍ମଳ ରାଉତ, ବାଙ୍କୀ ସରସ୍ୱତୀ ଶିଶୁମନ୍ଦିରର ସ୍ୱୟଂ ପ୍ରକାଶ ନାଥ, ତାଳବସ୍ତସ୍ଥ ସାମନ୍ତରାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଆୟୁଷ୍ମାନ ଷଡ଼ଙ୍ଗୀ, ତୋଟାସାହି ଓ ଗୋପାଳପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଭୁ ପ୍ରସାଦ ରାଉତ ଏବଂ ସ୍ନେହାଞ୍ଜଳୀ ସାହୁ ତୃତୀୟ ଶ୍ରେଣୀ ସରକାରୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

## ପ୍ରଧାନ ଶିକ୍ଷକଙ୍କୁ ଆଜୀବନ ତପସ୍ୟା ସମ୍ବର୍ଦ୍ଧନା

ବାଙ୍କୀ, ୩୧ ।୧(ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଡମପଡ଼ା ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ କୁସପଙ୍ଗି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାହ୍ନୁଚରଣ ସ୍ୱାଇଁଙ୍କ ନିମନ୍ତେ ଆଜୀବନ ତପସ୍ୟା ସମ୍ବର୍ଦ୍ଧନା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ସ୍ଥାନୀୟ ସରପଞ୍ଚ ଏବଂ ଆଲୁମ୍ନି କମିଟି ସଭାପତି ନରେଶ କୁମାର ବେଉରା ସଭାପତିତ୍ୱ କରିବା ସହ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ଜିଲା ଏଡିଏମ୍ ପ୍ରତାପ କୁମାର ବେଉରା, ବିକେ ବିଦ୍ୟାପୀଠ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାସ, ଓଷ୍ଟା ପୂର୍ବତନ ସମ୍ପାଦକ ଲକ୍ଷ୍ମୀଧର ସାହୁ, ସମ୍ପାଦକ ବିଜୟ କୁମାର ଚାତନା, ବରିଷ୍ଠ ଶିକ୍ଷାବିତ୍ କାହ୍ନୁଚରଣ ସାହୁ, ଡ. ଗଣେଶ୍ୱର ସ୍ୱାଇଁ, ଗୁଣନିଧି ମହାନ୍ତି , ପୂର୍ବତନ ଶିକ୍ଷା ପ୍ରଶାସକ ଗଦାଧର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ସ୍ୱାଇଁଙ୍କ ଜୀବନୀ ସମ୍ପର୍କରେ ମଞ୍ଚସୀନ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ କ୍ରନ୍ଦନରେ ଦୁଃଖପୂର୍ଣ୍ଣ ପରିବେଶ ବେଶ୍ ଦେଖିବାକୁ ମିଳିଥିଲା। ଆଲୁମ୍ନି ସଦସ୍ୟ ବଳବନ୍ତରାୟ, ବିଶ୍ୱମୋହନ କର ସଭା ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ସୋମନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଡ. ସ୍ମୃତି ରଞ୍ଜନ ଲେଙ୍କା, ଗଗନ ବିହାରୀ ବେଉରା , ଅବସରପ୍ରାପ୍ତ କୃଷି ଅଧିକାରୀ ପ୍ରଫେସର ସୂର୍ଯ୍ୟକାନ୍ତ ବେଉରା, ରମେଶ ଚନ୍ଦ୍ର ବେଉରା, ଆଇନଜୀବୀ ପ୍ରକାଶ ଚନ୍ଦ୍ର ବେଉରାଙ୍କ ସମେତ ଶତାଧିକ ପୂର୍ବତନ ଛାତ୍ର ଯୋଗଦେଇଥିଲେ।

## ଶିବିରରେ ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଫୁଲନଖରା,୩୧ ।୧
(ସତ୍ୟରଞ୍ଜନ ଦାସମହାପାତ୍ର):
ଭୁବନେଶ୍ୱର ମହାନଗର ନିଗମ ୪ନଂ. ୱାର୍ଡ ଅନ୍ତର୍ଗତ ନଖରାସ୍ଥିତ ଲକ୍ଷେଶ୍ୱର କନଭେନସନ ହଲରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଡ. ବିଶ୍ୱନାଥ ପଟ୍ଟନାୟକଙ୍କ ଜନ୍ମଦିନ ଉପଲକ୍ଷେ ଆୟୋଜିତ ସ୍ୱାସ୍ଥ୍ୟ ସେବା ଶିବିରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ଅଞ୍ଚଳର ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଗାୟକ ଆଲ୍ଲାହାଦ ସୁରେନ୍ଦ୍ର ନାଥ ଛୋଟରାୟ, ବରିଷ୍ଠ ଡାକ୍ତର ଗାୟତ୍ରୀ ମହାନ୍ତି, ଡା. ଲୋକନାଥ ପଣ୍ଡା, ଭାଜପା ଗୋପୀନାଥ ମଣ୍ଡଳ ସଭାପତି ଜଳନ୍ଧର ସୁବୁଦ୍ଧି, ସାଧାରଣ ସମ୍ପାଦକ ପ୍ରଦୀପ ପଟ୍ଟନାୟକ, ବିଷ୍ଣୁପ୍ରିୟା ମହାପାତ୍ର, ବିଶ୍ୱଜିତ ଖଟୁଆ, ବଂଶୀଧର ଭୋଳ, କେଦାରନାଥ ଜେନା, ଗଣେଶ ପ୍ରସାଦ ଦାଶ, ମା'ଜାଗୁଳାଇ କ୍ଲବ ସଭାପତି ସୁବାସ ଚନ୍ଦ୍ର ସାହୁ ଓ ଲାୟନ୍ସ କ୍ଲବ ଭୁବନେଶ୍ୱରର ସଦସ୍ୟମାନେ ଉପସ୍ଥିତ ରହିଥିଲେ। ଡା. ପଟ୍ଟନାୟକ ବହୁ ଦିନ ଧରି ସମାଜ କଲ୍ୟାଣକାରୀ କର୍ମ କରିଆସୁଛନ୍ତି। ତେଣୁ ତାଙ୍କୁ ସରକାର ପଦ୍ମଶ୍ରୀ ଭୂଷଣରେ ସମ୍ମାନିତ କରନ୍ତୁ ବୋଲି ଉପସ୍ଥିତ ଅତିଥିମାନେ ଦାବି କରିଥିଲେ।

# ଲକ୍ଷପତି ଦିଦି ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇନି

**ପ୍ରଥମ ବିକାଶ ସମନ୍ୱୟ ଏବଂ ତଦାରଖ କମିଟି ବୈଠକ**

କଟକ/ଚୌଦ୍ୱାର,୩୧।୧
(କାର୍ତ୍ତିକ ସାହୁ/ଆଶୁତୋଷ ଦାସ)


ବୈଠକରେ ଯୋଗଦେଇଥିବା ଜିଲାପାଳ, ଏମ୍‌ପି, ବିଧାୟକମାନେ ।

ଜିଲା ପ୍ରଶାସନ ପକ୍ଷରୁ ଚଳିତ ବର୍ଷର ପ୍ରଥମ ବିକାଶ ସମନ୍ୱୟ ଏବଂ ତଦାରଖ କମିଟି (ଦିଶା) ବୈଠକ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଉମଡମଣି ପୀଠରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିର୍ଦ୍ଦୋସ, କଟକ-ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ ପ୍ରମୁଖ ଆଲୋଚନା କରିଥିଲେ।

ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୈଠକ ପରିଚାଳିତ ହୋଇଥିଲା। ପ୍ରାରମ୍ଭରେ ଚତୁର୍ଥ ଦିଶା ବୈଠକରେ ଆଲୋଚନା ହୋଇଥିବା ପ୍ରସ୍ତାବିତ କାର୍ଯ୍ୟସୂଚୀ ଅନୁଯାୟୀ ଗ୍ରହଣ କରାଯାଇଥିବା ସମସ୍ତ କାର୍ଯ୍ୟର ଅଗ୍ରଗତି, କାର୍ଯ୍ୟାନୁଷ୍ଠାନ ଆଦି ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା। ଜିଲାରେ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ଲକ୍ଷପତି ଦିଦି ପୂରଣ ହୋଇ ନ ଥିବା ଜଣାପଡ଼ିଥିଲା। ଯେଉଁ ବ୍ଲକରେ ହିତାଧିକାରୀ କମିଛନ୍ତି ତାହାକୁ ତର୍ଜମା ପୂର୍ବକ ପୂରଣ କରାଯିବା ନେଇ ଆଲୋଚନା କରାଯାଇଥିଲା। ସମଗ୍ର ଜିଲାରେ ଜାତୀୟ ଗ୍ରାମୀଣ ଜୀବିକା ମିଶନରେ ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟାଙ୍କ ସଂଯୋଗୀକରଣ, ଦିନଦୟାଲ ଉପାଧ୍ୟାୟ କୌଶଳ ଯୋଜନା, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ଆଲୋଚନା ପୂର୍ବକ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

କର୍ମ ନିଯୁକ୍ତି କ୍ଷେତ୍ରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବଦଳରେ (ବିଭି-ଜି ରାମଜି) ବିକଶିତ ଭାରତ ନିଶ୍ଚିନ୍ତ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ ଯୋଜନା ମାଧ୍ୟମରେ ବାର୍ଷିକ ଆୟ ବୃଦ୍ଧି ଏବଂ ଗ୍ରାମାଞ୍ଚଳରେ କର୍ମ ନିଯୁକ୍ତିକୁ ସୁନିଶ୍ଚିତ କରାଯିବା ତଥା ଭିତ୍ତିଭୂମି ବିକାଶ ଓ କୌଶଳ ବୃଦ୍ଧି ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ସମସ୍ତ ବ୍ଲକରେ ଚାଲିଥିବା କାର୍ଯ୍ୟ, ପ୍ରକଳ୍ପର ସ୍ଥିତି, ନିୟୋଜିତ ଶ୍ରମିକ, ସମୁଦାୟ ଶ୍ରମିକ ଦିବସ ଆଦି ସମ୍ବନ୍ଧରେ ସମୀକ୍ଷା କରାଯାଇଥିଲା। ଜଳ ଜୀବନ ମିଶନରେ ମେଗା ପାଇପ ଯୋଗେ ଜଳ ଯୋଗାଣର କାର୍ଯ୍ୟର ଅଗ୍ରଗତି ଏବଂ ଗ୍ରାମୀଣ ପାନୀୟ ଜଳଯୋଗାଣ ସ୍ଥିତି ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆବଶ୍ୟକ ନଳକୂପ ଖନନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇ ମୃତ୍ତିକା ଚୟନ ଓ ସଂଗ୍ରହ ତଥା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ଫସଲ ବୀମାରେ ଚାଷୀ ଉପକୃତ ହେବା ସହ କୃଷି ଉଦ୍ୟାନ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାରେ ଚାଲୁ ରହିଥିବା ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ଏମ୍‌ପି ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହନ୍ତ, ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରାଙ୍କ ସମେତ ଆଠଗଡ଼ ଓ ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ, ବିଭିନ୍ନ ବ୍ଲକର ଅଧ୍ୟକ୍ଷା/ଅଧ୍ୟକ୍ଷ, ବିଭିନ୍ନ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ପ୍ରତିନିଧିମାନେ ଯୋଗଦେଇଥିଲେ।


ଆଠଗଡ଼ ଏନ୍‌ଏସି କନ୍ତୋଳର ଶକ୍ତିପୀଠ ମା' ଦକ୍ଷିଣଚଣ୍ଡୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞର କଳସ ଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ ।

## ଦକ୍ଷିଣଚଣ୍ଡୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

ଆଠଗଡ଼,୩୧ ।୧(ସତ୍ୟ ପ୍ରସାଦ ରଥ):
ଆଠଗଡ଼ ଏନ୍‌ଏସି ଅନ୍ତର୍ଗତ କନ୍ତୋଳର ପ୍ରତ୍ୟକ୍ଷ ଶକ୍ତିପୀଠ ମା' ଦକ୍ଷିଣ ଚଣ୍ଡିଙ୍କ ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମାଘ ମାସ ଦ୍ୱାଦଶୀ ତିଥି ଗୁରୁବାର ଦିନ ମା'ଙ୍କ ଜଳାଧିବାସ ହୋଇଥିଲା। ଏହି ଅବସରରେ କନ୍ତୋଳ ତଥା ଆଖ ପାଖ ଅଞ୍ଚଳରୁ ୨୦୦ରୁ ଊର୍ଦ୍ଧ୍ୱ ମହିଳା ମାନସିକଧାରୀ ନିକଟସ୍ଥ ସାପୁଆ ନଦୀରୁ ଜଳଭାର ନେଇ ଏକ ବିଶାଳ ଶୋଭାଯାତ୍ରାରେ ଯଜ୍ଞ ସ୍ଥଳରେ ଘଟ ସ୍ଥାପନ କରିଥିଲେ। ଦକ୍ଷିଣ ଚଣ୍ଡି ମନ୍ଦିର ଉନ୍ନୟନ ପରିଷଦ ପକ୍ଷରୁ ଅନୁଷ୍ଠିତ ଯଜ୍ଞରେ ରାଜ୍ୟର ବିଶିଷ୍ଟ ପଣ୍ଡିତମାନେ ଶୁକ୍ରବାର କୁଣ୍ଡରେ ଅଗ୍ନି ସ୍ଥାପନ ସହ ଅନ୍ୟାନ୍ୟ ରୀତିନୀତି ସମ୍ପନ୍ନ କରିଥିଲେ। ମନୋଜ ନାୟକ ଏବଂ ତାଙ୍କ ସ୍ତ୍ରୀ କର୍ତ୍ତାଭାବେ ବ୍ରତ ଧାରଣ କରିଛନ୍ତି। ଉନ୍ନୟନ ପରିଷଦ ପକ୍ଷରୁ ଲକ୍ଷ୍ମୀଧର ପୃଷ୍ଟି, ଲଳିତ ମୋହନ ନାୟକ, ସୁନୀଲ ଦଳେଇ ତଥା ଅନ୍ୟାନ୍ୟ କର୍ମକର୍ତ୍ତା ଯଜ୍ଞ କାର୍ଯ୍ୟରେ ସହଯୋଗ କରିବା ସହ ଗ୍ରାମର ସମସ୍ତ ଘରେ ନିଷ୍ଠାର ସହ ଯଜ୍ଞରେ ଉପସ୍ଥିତ ଥିଲେ।

# ବାଙ୍କୀ କଲେଜ ମହିଳା ଖୋ ଖୋ ଦଳ ପୁରସ୍କୃତ

ବାଙ୍କୀ,୩୧।୧
(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆନ୍ତଃମହାବିଦ୍ୟାଳୟସ୍ତରୀୟ ମହିଳା ଖୋ ଖୋ ଟୁର୍ନାମେଣ୍ଟ କେବି କଲେଜ ବାରଙ୍ଗଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମହିଳା ଖୋ ଖୋ ଦଳ ଉପବିଜେତା ଭାବେ ପୁରସ୍କୃତ ହୋଇଛି। ଏତାଦୃଶ ସଫଳତା ପାଇଁ ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡା, ପୂର୍ବତନ କ୍ରୀଡ଼ା କ୍ଲବ ଉପସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, କ୍ରୀଡ଼ା ଅଧ୍ୟାପକ ରବିନାରାୟଣ ପ୍ରଧାନ, ଜିତେନ୍ଦ୍ର ଦେଓ, ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।


ଅତିଥିଙ୍କ ଗହଣରେ ଟ୍ରଫି ସହ ବିଜୟୀ ଦଳର ଖେଳାଳି।

## ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ଘରୁ ଚୋରି

ବାରଙ୍ଗ, ୩୧ ।୧(ଲିଙ୍ଗରାଜ ରାଉତ):
ଗୋଡିସାହି ଫାଣ୍ଡି ଅନ୍ତର୍ଗତ ପଦ୍ମନାଭନଗରରେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଘରୁ ଚୋରି ହୋଇଥିବା ଫାଣ୍ଡିରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଥିଲେ ସୁଦ୍ଧା ଚୋର କିମ୍ବା ଚୋରି ସାମଗ୍ରୀ ଜବତ ହୋଇପାରି ନାହିଁ। ଗୋବିନ୍ଦ ଚନ୍ଦ୍ର ସାହୁ ନାମକ ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ ୧୦ବର୍ଷ ଧରି ଉକ୍ତ ଅଞ୍ଚଳରେ ପରିବାର ସହ ରହିଆସୁଛନ୍ତି। ଗୋବିନ୍ଦ ଅବସର ପରେ ନିକଟରେ ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ସବୁଦିନ ଭଳି ଶନିବାର ଗୋବିନ୍ଦ ବିଶ୍ୱବିଦ୍ୟାଳୟକୁ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ଏକୁଟିଆ ଘରେ ଥିଲେ। ଏହାର ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ଦିନ ପ୍ରାୟ ସାଢ଼େ ୨ଟାରେ ଘର ଭିତରକୁ ପଶି ଲାପଟପ, ମୋବାଇଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ନେଇ ଚମ୍ପଟ ମାରିଥିଲେ। ଏହି ସମୟରେ ଗୋବିନ୍ଦଙ୍କ ସ୍ତ୍ରୀ ରୋଷେଇ କାର୍ଯ୍ୟ ସାରି ଆସି ଦେଖିଲା ପରେ ଘରୁ ଚୋରି ହୋଇଥିବାର ସେ ଜାଣିବାକୁ ପାଇଥିଲେ ବୋଲି ସାହୁ ଗୋଡିସାହି ଫାଣ୍ଡିରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

# ସହରୀକରଣ ପ୍ରସ୍ତାବକୁ ଗ୍ରାମବାସୀଙ୍କ ବିରୋଧ


ଶିବିରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

ବାରଙ୍ଗ,୩୧।୧(ଲିଙ୍ଗରାଜ ରାଉତ):

ବାରଙ୍ଗ ବ୍ଲକ ଅନ୍ତର୍ଗତ ୨ଟି ପଞ୍ଚାୟତ ମଝିରେ ସିଡିଏ ଟାଉନ ପ୍ଲାନିଂ ପ୍ରସ୍ତାବକୁ ନେଇ ଶନିବାର ଜିଲା ପ୍ରଶାସନ ପକ୍ଷରୁ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାଗୃହରେ ଆୟୋଜିତ ଏହି ଶିବିରରେ ପ୍ରସ୍ତାବିତ ଟାଉନ ପ୍ଲାନିଂ ଯୋଜନା ଜମି ପରିକଳ୍ପନା ପ୍ରସ୍ତାବ, ବିକାଶ ସୁବିଧା, ପ୍ରସ୍ତାବିତ ଟାଉନ ପ୍ଲାନିଂ ଯୋଜନା ଆଦିକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏଥିରେ ରାମଦାସପୁର ପଞ୍ଚାୟତର ରତାଗଡ, ରତାଗଡ-ଲେଙ୍କାସାହି ଏବଂ ମଧୁପୁର ପଞ୍ଚାୟତ ଚଣ୍ଡୀପ୍ରସାଦ, ନୂଆସାହି ଆଦି ଗ୍ରାମର ଶତାଧିକ ମହିଳା, ପୁରୁଷ ସମେତ ବହୁ ଜନସାଧାରଣ ଯୋଗଦେଇ କ୍ଷୋଭ ପ୍ରକାଶ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ସିଡିଏର ନିଷ୍ପତ୍ତି ଅନୁଯାୟୀ ରତାଗଡ,ଲେଙ୍କାସାହି ଓ ଚଣ୍ଡୀପ୍ରସାଦ ଗ୍ରାମ ଚାଷଜମିକୁ ସହରାଞ୍ଚଳ ଯୋଜନାରେ ସାମିଲ କରିବା ପାଇ ପ୍ରସ୍ତାବ ଆସିଥିଲା। ମାତ୍ର ଏହି ଅଞ୍ଚଳରେ ଚାଷ ଉପରେ ଶତକଡ଼ା ୯୦ଭାଗ ଲୋକ ନିର୍ଭର କରିଥାନ୍ତି। ଏନେଇ ସାର୍ବ ଜନିନ ଅଭିଯୋଗ ଶିବିରରେ ସିଡିଏର ସହରୀକରଣ ପ୍ରକ୍ରିୟା ନିଷ୍ପତ୍ତିକୁ ଗ୍ରାମବାସୀ ବିରୋଧ କରିଛନ୍ତି। ସହରୀକରଣ ହେଲେ ବହୁ ଏକର ଚାଷଜମି ନଷ୍ଟ ହେବା ସହ ଚାଷ କରି ଜୀବିକା ମେଣ୍ଟାଉ ଥିବା ଚାଷୀମାନେ ରୋଜଗାର ହରାଇବେ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି ସହରୀକରଣ ବ୍ୟବସ୍ଥାରେ କୌଣସି ଲୋକେ, ଚାଷୀ କିଭଳି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ ବୋଲି ଅଭିଯୋଗ ପ୍ରକୋଷ୍ଠରେ କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରଣଦୀପ କୌର ସୋହୋଟା ସୂଚନା ଦେଇଛନ୍ତି।

## ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ୩୧ ପୁରସ୍କାର

ବାରଙ୍ଗ,୩୧ ।୧(ଲିଙ୍ଗରାଜ ରାଉତ):

ନାଲକୋରେ ଅନୁଷ୍ଠିତ ଫୁଲ ପ୍ରଦର୍ଶନୀରେ ରାଜ୍ୟ ଉଦ୍ଭିଦ ଉଦ୍ୟାନ ଉତ୍କୃଷ୍ଟତା ପ୍ରଦର୍ଶନ କରିଛି। ଏହି ଅବସରରେ ପାତ୍ରଯୁକ୍ତ ଗଛ ଏବଂ କଟାଫୁଲ ବର୍ଗରେ ଉଦ୍ଭିଦ ଉଦ୍ୟାନ ମୋଟ ୩୧ଟି ପୁରସ୍କାର ହାସଲ କରିଛି। ସେଥିପାଇଁ ଉଦ୍ୟାନକୁ ୧୫ଟି ପ୍ରଥମ ପୁରସ୍କାର, ୭ଟି ଦ୍ୱିତୀୟ ପୁରସ୍କାର ଏବଂ ୮ଟି ମେରିଟ ପୁରସ୍କାର ସହିତ କଟାଫ୍ଲାୱାର ବିଭାଗରେ ସମ୍ମାନଜନକ କିଙ୍ଗ୍ ଅଫ୍ ଦି ଶୋ ଟାଇଟଲ ହାସଲ କରିବାରେ ସକ୍ଷମ ହୋଇଛି ବୋଲି ଉପ-ନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।



## ଅଧ୍ୟାପକ ସଂଘର ରୌପ୍ୟ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅଧ୍ୟାପକ ସଂଘର ସଦସ୍ୟମାନେ ।

ବାଙ୍କୀ,୩୧।୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ସ୍ୱୟଂଶାସିତ ବିଦ୍ୟାଳୟର ପୁରାତନ ଓ ବର୍ତ୍ତମାନ ଅଧ୍ୟାପକ ସଂଘର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ କଲେଜ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ତଥା ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ରାଜ ସଭାପତିତ୍ୱ କରିବା ସହିତ ରୌପ୍ୟ ଜୟନ୍ତୀ ପାଳନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଚଳିତ ବର୍ଷ ଫେବୃଆରୀ ୮ରେ ସଂଘର ରୌପ୍ୟ ଜୟନ୍ତୀ ପାଳନ କରାଯିବାକୁ ବୈଠକରେ ସ୍ଥିର ହୋଇଛି ବୋଲି ପ୍ରଫେସର ରାଜ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ସଚିତ୍ର ସ୍ମରଣିକା ପ୍ରକାଶ ହେବା ସହ ସମସ୍ତ ପୁରାତନ ଓ ନୂତନ ଅଧ୍ୟାପକମାନଙ୍କୁ ଯୋଗଦେଇ ସମ୍ବର୍ଦ୍ଧନା ପ୍ରଦାନ କରିବାର ନିଷ୍ପତ୍ତି ହୋଇଛି। ସଂଘ ସମ୍ପାଦିକା ଡ. ନିବାସିନୀ ପଣ୍ଡା କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ବୈଠକରେ ପୂର୍ବତନ ଅଧ୍ୟକ୍ଷ ଡ. ଅମରେନ୍ଦ୍ର ମିଶ୍ର, ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପୂର୍ବତନ ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତି, ମେଜର ଡ. ସନ୍ଧ୍ୟାରାଣୀ ମହାନ୍ତି, ଉପାଧ୍ୟକ୍ଷା ପ୍ରାଧ୍ୟାପିକା ଗାୟତ୍ରୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।


**GOVERNMENT OF ORISSA**
**OFFICE OF THE SUPERINTENDING ENGINEER : GANJAM (R&B) DIVISION NO.I, BERHAMPUR**
Phone/Fax : (0680) 2233683, e-mail : eernb1_bam@yahoo.com
Letter No.1004 / Dated 29.01.2026
**Ist Corrigendum to Bid Identification No.S.E. (R&B) Divn. No.I Bam. 57/2025-26 vide letter No.665 dtd 20.01.2026**
**No. 34001/11/2526** : The tender invited vide Bid Identification No.57/2025-26 bearing letter No.665 dated 20.01.2026 the sale and receipt of Tenders invited for 03 no. of work may be read as from 30.01.2026 to 06.02.2026 instead of 27.01.2026 to 04.02.2026 and opening of tender on 07.02.2026 in place of 05.02.2026.
Other terms and conditions remain unchanged
OIPR-34001/34109/1/25-26/0011
Sd./- Superintending Engineer, Ganjam R&B Division No. I

**Government of Odisha "e" procurement Notice**
**INVITATION FOR BIDS (IFB)**
**OFFICE OF THE DISTRICT PROJECT OFFICE, SAMAGRA SHIKSHA, DHENKANAL**
**Bid Identification No.SS/DKL/02/2025-2026**
No.27001/6/2526

| | | | |
|---|---|---|---|
| 1. | The District Project Coordinator, Samagra Shiksha, Dhenkanal, on behalf of Governor of Odisha, invites percentage rate bids in single cover system in **ONLINE MODE** only from eligible contractors for Construction of Building work as detailed below. | | |
| 2. | Nature of work | : | Construction of Additional Classrooms |
| 3. | No. of work | : | 11 Nos. |
| 4. | Cost of Tender Paper | : | 6,000/- |
| 5. | Class of Contractor | : | "C" & "D" |
| 6. | Period of Completion | : | 04 (Four) Calendar Months |
| 7. | Availability of Bid Documents in the website | : | **From 10.00 A.M. of 04.02.2026 to 5.30 P.M. of 18.02.2026** |
| 8. | Date of Opening of Bid | : | **Dt.19.02.2026 at 11:00 A.M.** |
| 9. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

OIPR-27001/27210/1/25-26/0006
Sd./- District Project Coordinator, Samagra Shiksha, Dhenkanal

**ODISHA MINING CORPORATION LTD**
(A Gold Category State PSU)
Registered Office : OMC House, Bhubaneswar-751 001
CIN : U13100OR1956SGC000313
OMC ODISHA MINING CORPORATION LTD. — Mining Happiness —

No.30001/4/2526 **NOTICE INVITING REQUEST FOR PROPOSAL (RFP)**
**RfP No.01/OMC/CIVIL/2026** Dated : 30.01.2026
1. Request for Proposal (RfP) for the following work is invited on-line through the e-procurement portal of Govt. of Odisha.

| Sl No. | Name of Project | EMD in INR | Bid Processing Fee in INR | Period of Services |
|---|---|---|---|---|
| 1 | **Design, Manufacturing, Supply and Installation of PEB (Pre-Engineered Building) Core Box shed 2 (two) nos including civil foundation, E/I and others on Turnkey basis at Dubuna camp of Barbil region in the district of Keonjhar** | 1,67,000/- | 10,000/- plus 18% GST | 08 (Eight Months) |

2. The bidders must participate in on-line bidding at the site : **https://www.tendersodisha.gov.in**
3. Bid documents will be available in the above website from Dt.03.02.2026 to Dt.18.02.2026 up to 05:00 P.M.
4. Last date and time for on-line submission of bid in web portal is Dt.18.02.2026 up to 05:00 P.M.
5. The tender will be opened on Dt.19.02.2026 at 11:00 A.M.
6. The bidder must possess compatible Digital Signature Certificate (DSC) of Class-III.

All other details can be seen from RfP Document at **https://www.tendersodisha.gov.in**.
Odisha Mining Corporation Limited reserves the right to reject any or all RfPs received without assigning any reasons thereof.
**OIPR-30001/30005/1/25-26/0004** Sd./- GM (Civil)

# ବୋଲଗଡ଼ ବିଡିଓଙ୍କ ବିରୋଧରେ ଅର୍ଥ ଆତ୍ମସାତ୍ ଅଭିଯୋଗ

**ଖୋର୍ଦ୍ଧା,୩୧।୧(ପ୍ରଭାତ ପାଣିଗ୍ରାହୀ)**



ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

ବୋଲଗଡ଼ ବିଡିଓ ସୁମନ ସୁଧା କୁଣ୍ଡୁ ବିଭିନ୍ନ ଉନ୍ନୟନମୂଳକ ପାଣ୍ଠିର ଅର୍ଥ ଆତ୍ମସାତ୍ କରିଛନ୍ତି ବୋଲି ଜନପ୍ରତିନିଧିମାନେ ଅଭିଯୋଗ ଆଣିଛନ୍ତି। ଏଥିସହ ବିଡିଓଙ୍କ ମନମୁଖି କାର୍ଯ୍ୟ, ଜନପ୍ରତିନିଧିଙ୍କୁ ଅଣଦେଖା, ସାଧାରଣତନ୍ତ୍ର ଦିବସ ଉତ୍ସବରେ ଅନୁପସ୍ଥିତି, ଦେଶର ସମ୍ବିଧାନ ପ୍ରତି ଅସମ୍ମାନ କରିଥିବା ଅଭିଯୋଗ ଆଣି ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନଙ୍କ ନେତୃତ୍ୱରେ ଏକାଧିକ ସରପଞ୍ଚ, ସମିତି ସଭ୍ୟ ଶନିବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବିକ୍ଷୋଭ କରିବା ସହ ୧୪ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ୭ଦିନ ମଧ୍ୟରେ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆସନ୍ତା ୯ ତାରିଖରୁ କାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ଦାବିଗୁଡ଼ିକ ମଧ୍ୟରେ, ସାରା ଦେଶରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ହେଉଥିବା ବେଳେ ବୋଲଗଡ଼ ବିଡିଓ ବ୍ଲକସ୍ତରୀୟ ଉତ୍ସବ ପାଇଁ ଜନପ୍ରତିନିଧି, ବିଧାୟକଙ୍କୁ ନିମନ୍ତ୍ରଣ କରି ଅନୁପସ୍ଥିତି ରହିବା ସହ ଦୀର୍ଘଦିନ ଧରି ଚାଲିଆସୁଥିବା ସମ୍ମିଳିତ ପରେଡ୍ ବନ୍ଦ କରିଦେଲେ। ଫଳରେ ଦୀର୍ଘଦିନର ପରମ୍ପରା ଭଙ୍ଗ ହେବା ସହ ଦେଶର ସମ୍ବିଧାନ ଦିବସକୁ ଅପମାନିତ, ଅସମ୍ମାନ କରିଛନ୍ତି। ସେହିପରି ବିଡିଓ କାର୍ଯ୍ୟାଳୟକୁ ଠିକ୍ ସମୟରେ ଆସୁ ନ ଥିବା ବେଳେ ଅନେକ ସମୟରେ ଅନୁପସ୍ଥିତ ରହୁଛନ୍ତି। ହେଡ୍‌କ୍ୱାର୍ଟରରେ ରହିବା ପରିବର୍ତ୍ତେ ସେ ରାଜଧାନୀରେ ରହୁଛନ୍ତି। ପଞ୍ଚାୟତ ସମିତିର ବିନା ଅନୁମୋଦନରେ ଆରଡବ୍ଲୁଏସ୍ଏସ୍‌ର ଯନ୍ତ୍ରପାତିକୁ ଦୁଇଥର କିଣି ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ବିକ୍ରି କରି ଅର୍ଥରାଶି କମାଇଛନ୍ତି, ଏହା ତଦନ୍ତ ସାପେକ୍ଷ। ପଞ୍ଚାୟତ ସମିତିର ବିନା ଅନୁମୋଦନରେ ବ୍ଲକର ବିଭିନ୍ନ ଆସବାବପତ୍ର, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ମରାମତି କରା ନ ଯାଇ ବିଡିଓ ମନଇଚ୍ଛା କ୍ରୟ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରିଛନ୍ତି। ଏପରିକି ଉନ୍ନୟନ ମୂଳକ ପ୍ରକଳ୍ପ କାମ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଦେଇ ଲକ୍ଷାଧିକ ଟଙ୍କା ଅର୍ଥ ରୋଜଗାର କରୁଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକାରୀଠାରୁ ବିଲ୍ ପଇଠ ପର୍ଯ୍ୟନ୍ତ ସବୁଠ ଅର୍ଥ ଆଦାୟ କରୁଛନ୍ତି। ଏଠାରେ ବିଡିଓ ଜନପ୍ରତିନିଧିମାନଙ୍କୁ ଜାଣିଶୁଣି ଅଣଦେଖା କରୁଛନ୍ତି। ଏଠାରେ ବିଡିଓ ଯୋଗଦେବା ପରଠାରୁ ନିଜର ଏକ ଗୋଷ୍ଠୀ ଗଠନ କରିଛନ୍ତି। ଅତୀତରେ ବିଡିଓଙ୍କ ମନମୁଖି କାର୍ଯ୍ୟ ଏବଂ ଜନପ୍ରତିନିଧିଙ୍କୁ ଅଣଦେଖା ନେଇ ଅନେକଥର ମୁହାଁମୁହିଁ, ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଗତ ୫ ତାରିଖରେ ବଡ଼କୁମାରୀ ପଞ୍ଚାୟତରେ ଜନଶୁଣାଣୀ ପାଇଁ ଗ୍ରାମବାସୀ ବାହାରେ ଅପେକ୍ଷା କରିଥିବା ବେଳେ ଭିତରେ ବିଡିଓ ନିଜ ବ୍ୟକ୍ତିଗତ ଗାଡି ଡ୍ରାଇଭରଙ୍କ ଜନ୍ମଦିନ କେକ୍‌କାଟି ପାଳନ କରିଥିଲେ। ଏହା ତଦନ୍ତ ସାପେକ୍ଷ। ସରକାରୀ ଗାଡିକୁ ବ୍ୟକ୍ତିଗତ କାମରେ ବ୍ୟବହାର କରୁଛନ୍ତି। କ୍ଲବସ୍ତରୀୟ ବିଭିନ୍ନ ଷ୍ଟାଣ୍ଡିଂ କମିଟି ବୈଠକ କରାଯାଉ ନାହିଁ ବୋଲି ଦାବିରେ ଉଲ୍ଲେଖ ରହିଛି।

ଏନେଇ ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନ କହିଛନ୍ତି ଯେ, ବିଡିଓ ସରକାରୀ ଯୋଜନାର ଅର୍ଥ ଆତ୍ମସାତ କରୁଛନ୍ତି। ଯୋଜନା କାର୍ଯ୍ୟକାରିତା ପାଇଁ ୧୧ପ୍ରତିଶତ ଅର୍ଥ ଦାବି କରୁଛନ୍ତି। ଜନପ୍ରତିନିଧିଙ୍କ ପ୍ରତି ତାଙ୍କର କୌଣସି ସମ୍ମାନ ନାହିଁ। ଯୋଗାଦାନ ପରଠାରୁ ଅଣଦେଖା କରି ଆସୁଛନ୍ତି। ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

**ବ୍ଲକ ଅଧକ୍ଷାଙ୍କ ସମେତ ଜନପ୍ରତିନିଧି ଆଣିଲେ ଅଭିଯୋଗ**

- ୭ ଦିନରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ
- ଅଭିଯୋଗ ଭିତ୍ତିହୀନ: ବିଡିଓ

କରୁଛୁ। ସେହିପରି ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ ମଧ୍ୟ ଅନୁରୂପ ଭାବେ ଅଭିଯୋଗ ଆଣିଥିବା ବେଳେ ସାଧାରଣତନ୍ତ୍ର ଦିବସ ଉତ୍ସବକୁ ବନ୍ଦ କରି କେବଳ ଦେଶକୁ ନୁହଁ ବରଂ ସମ୍ବିଧାନକୁ ଅସମ୍ମାନ କରିଛନ୍ତି। ତେଣୁ ତାଙ୍କ ବିରୋଧରେ ଦେଶ ବିରୋଧୀ କାର୍ଯ୍ୟ ପାଇଁ ଆଇନତଃ କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି ସେ କହିଛନ୍ତି। ଅତିରିକ୍ତ ଜିଲାପାଳ ପ୍ରଧାନ କହିଛନ୍ତି ଯେ, ପୂର୍ବରୁ ବୋଲଗଡ଼ ବିଡିଓଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ତେବେ ବୋଲଗଡ ଜନପ୍ରତିନିଧିମାନେ ଆଣିଥିବା ଅଭିଯୋଗ ସଂକ୍ରାନ୍ତରେ ଜିଲାପାଳଙ୍କ ସହ ଆଲୋଚନା କରାଯିବ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅଭିଯୋଗପତ୍ର ପଠାଯିବ। ଅନ୍ୟପକ୍ଷରେ ବିଡିଓ ସୁମନ ସୁଧା କୁଣ୍ଡୁ କହିଛନ୍ତି ଯେ, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ। ଅଯଥାରେ ତାଙ୍କୁ ହଇରାଣ କରାଯାଉଛି।

## ଇନ୍‌ଡୋର ଷ୍ଟାଡିୟମ ପାଇଁ ଜମି ଚିହ୍ନଟ



**ନିରାକାରପୁର,୩୧।୧(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଇନ୍‌ଡୋର ଷ୍ଟାଡିୟମ ପାଇଁ ଟାଙ୍ଗୀ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଶନିବାର ରାଉଳହଜ୍ ମୌଜାର ପ୍ଲଟ ନଂ.୧/୨୬୩, ୩୯ ଓ ୪୧ ୧୦ଏକର ଜମି ଚିହ୍ନଟ ହୋଇଛି। ଏଥିସହିତ କେତେକ ସ୍ଥାନରେ ପଥର ପୋତା ହୋଇଛି। ଉକ୍ତ ଷ୍ଟାଡିୟମ ନିର୍ମାଣ ପାଇଁ ପ୍ରାୟ ୧୯କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି। ଏହି ଜମି ଚିହ୍ନଟ ସମୟରେ ଜିଲା ସ୍ପୋର୍ଟ୍ସ ଅଧିକାରିଣୀ ଗୀତାଞ୍ଜଳି ପଣ୍ଡା, ଆରଡ଼ବ୍ଲୁ ସେକ୍ସନ-୨ର କନିଷ୍ଠ ଯନ୍ତ୍ରୀ ଚକ୍ରଧର ବେହେରା, ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ଯୋଗେଶ ଚନ୍ଦ୍ର ନାୟକ, ଅମିନ ସୋମନାଥ ନାୟକ, ସ୍ଥାନୀୟ ପୋଲିସ ଉପସ୍ଥିତ ଥିଲେ। ତେବେ ଏନେଇ ଆରଡ଼ବ୍ଲୁସେକ୍ସନ-୨ର କନିଷ୍ଠ ଯନ୍ତ୍ରୀ ବେହେରା କହିଛନ୍ତି ଯେ, କେବଳ ଜମି ଚିହ୍ନଟ କରାଯାଇଛି। ଏଷ୍ଟିମେଟ ପରେ ଟେଣ୍ଡର ହେବ। ଏଥିସହ ଏଗ୍ରିମେଣ୍ଟ ହେବ ପରେ କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି। ତେବେ ପୂର୍ବରୁ ଏଠାରେ ମପାଚୁପା କାର୍ଯ୍ୟ ଚାଲିଥିବା ବେଳେ କେତେଜଣ ବ୍ୟକ୍ତି ପହଞ୍ଚି ଧମକ ଦେବାରୁ ଜମି ଚିହ୍ନଟ ହୋଇପାରି ନ ଥିଲା। ଶନିବାର ପୋଲିସ ଫୋର୍ସ ବଳୟ ଭିତରେ ମପାଚୁପା ଶାନ୍ତିପୂର୍ଣ୍ଣ ଭାବେ ହେଲା ବୋଲି ଉପସ୍ଥିତ ଅଧିକାରୀମାନେ କହିଛନ୍ତି।

## ପଞ୍ଚପଲ୍ଲୀ ବାଉତୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ବାଘମାରୀ,୩୧।୧(ମିହିର ରଞ୍ଜନ ମହାପାତ୍ର)**

ବେଗୁନିଆ ବ୍ଲକ ସାରୁଅ-ଜୟମଙ୍ଗଳ ସ୍ଥିତ ପଞ୍ଚପଲ୍ଲୀ ବାଉତୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣେଶ୍ୱର ମିଶ୍ରଙ୍କ ପୌରୋହିତ୍ୟରେ ସ୍ଥାନୀୟ ସରପଞ୍ଚ ରଞ୍ଜିତା ମହାଭୋଇ ମୁଖ୍ୟ ଅତିଥି, ଗାନ୍ଧୀ ବିଜ୍ଞାନ ମହାବିଦ୍ୟାଳୟର ଡିନ୍ ଡ.ପ୍ରଶାନ୍ତ କୁମାର ନାୟକ ମୁଖ୍ୟ ଅତିଥି ଏବଂ ପ୍ରଧାନ ଶିକ୍ଷୟିତ୍ରୀ ମନୀଷା ସ୍ୱାଇଁ, ପ୍ରଭାତୀ ମଞ୍ଜରୀ ମହାପାତ୍ର, ସସ୍ମିତା କୁମାରୀ ମହାପାତ୍ର, ବେଗୁନିଆ ବ୍ଲକ ଓଷ୍ଟା ସମ୍ପାଦକ ରତିକାନ୍ତ କହଳସିଂହ, ସିଆର୍‌ସିସି ରଞ୍ଜନ କୁମାର ସିଂ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପାଠପଢି ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଅର୍ଚ୍ଚନା ଦଳେଇ ଧନ୍ୟବାଦ ଦେଇଥିଲେ।

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା



ଶିକ୍ଷଣ ସାମଗ୍ରୀ କର୍ମଶାଳାରେ ଉପସ୍ଥିତ ଶିକ୍ଷୟିତ୍ରୀମାନେ।

**ଖୋର୍ଦ୍ଧା,୩୧।୧(ପ୍ରଭାତ ପାଣିଗ୍ରାହୀ)**

ଜରିପୁଟ ଆଞ୍ଚଳିକ ସାଧନକେନ୍ଦ୍ର ଆନୁକୂଲ୍ୟରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜରିପୁଟଠାରେ ଦ୍ୱି ଦିବସୀୟ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜିକା ଗୀତାଞ୍ଜଳି ସାହୁ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ନନ୍ଦ କର୍ମଶାଳାର ଆଭିମୁଖ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ। ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତିର ଗୁରୁତ୍ୱପୂର୍ଣ୍ଣ ଦିଗ ଶିକ୍ଷାର୍ଥୀମାନଙ୍କ ସର୍ବାଙ୍ଗୀନ ବିକାଶର ମୁଖ୍ୟ ଅବଲମ୍ବନ ଭାବେ ଗ୍ରହଣ କରାଯିବାର ସହାୟକ ହେବ ବୋଲି ବିଚାର କରାଯାଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଏହି କ୍ଲଷ୍ଟରର ୧୦ଟି ବିଦ୍ୟାଳୟରୁ ୨୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ୫ଜଣ ସାଧନକର୍ମୀଙ୍କ ମିଳିତ ଉଦ୍ୟମରେ ୬୦ରୁ ଅଧିକ ଶିକ୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରାଯାଇଛି।

## ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର, ଯୁବକ ଗିରଫ

**ଟାଙ୍ଗୀ,୩୧।୧(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଧନଞ୍ଜୟ ବଡ଼ଜେନା (୩୨)। ଏନେଇ ଥାନାରେ (ନଂ.୨୫/୨୦୨୬)ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି।

## ସପ୍ତମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

**ବାଘମାରୀ, ୩୧।୧(ମିହିର ରଞ୍ଜନ ମହାପାତ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ ସରକାରୀ ଉ.ପ୍ରା ବିଦ୍ୟାଳୟ ଗଁପୁର-କଣ୍ଟାମଳିମ ଠାରେ ସରକାରୀ ଉଚ୍ଚ ବିଦ୍ୟାଳୟ ପୋଡ଼ାଡିହ କ୍ଲଷ୍ଟରର ସପ୍ତମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦାଶରଥି ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ସରକାରୀ ଉଚ୍ଚ ବିଦ୍ୟାଳୟ ପୋଡାଡ଼ିହର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ରାଣୀ ମହାପାତ୍ର ଏବଂ ଗଁପୁର-କଣ୍ଟାମଳିମ ସରକାରୀ ଉ. ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ସେଠୀ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାର ବରିଷ୍ଠ ଶିକ୍ଷା ପ୍ରଶିକ୍ଷିକା ଶିଖା ଶିଆଳ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ସରକାରଙ୍କ ଦ୍ୱାରା ନୂତନ ଭାବେ ଆରମ୍ଭ ହୋଇଥିବା ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ବୋର୍ଡ ପରୀକ୍ଷାର ସଫଳ ରୂପାୟନ ସମ୍ବନ୍ଧୀୟ ସମସ୍ତ ଆଲୋଚନା କରାଯିବା ସହ ଶିକ୍ଷା ସମ୍ବନ୍ଧୀୟ ଅନ୍ୟାନ୍ୟ ଆଲୋଚନା କରାଯାଇଥିଲା। ଶିକ୍ଷକ ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ଅବସର ଦିନ ଶିକ୍ଷକ ପାଇଲେ ପେନ୍‌ସନ୍ ପତ୍ର



**ଟାଙ୍ଗୀ,୩୧।୧(ରଘୁନାଥ ସାହୁ)**

ସିଂଗରମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରବୀନ୍ଦ୍ର ନାଥ ସୁବୁଦ୍ଧିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ ଟାଙ୍ଗୀ ବିଇଓ ପ୍ରଦୀପ କୁମାର ସାହୁ ଯୋଗଦେଇ ଫାଇନାଲ ପେନ୍‌ସନ୍ ପତ୍ର ପ୍ରଦାନ କରିଛନ୍ତି। ବିଇଓଙ୍କ ଏହି କାର୍ଯ୍ୟକୁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ପାଦକ ସନ୍ତୋଷ ବେହେରା କୃତଜ୍ଞତା ଜଣାଇଛନ୍ତି। ଶିକ୍ଷକ ସଂଘ ସଭାପତି ସଲିଲ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ସଂଘ ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ, ସରପଞ୍ଚ ମଧୁସୂଦନ ପଲାଇ, ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ବଳବନ୍ତରାୟ, ଖବରଦାତା ରଘୁନାଥ ସାହୁ, ସିଆର୍‌ସିସି ଦୁଶାସନ ପ୍ରଧାନ, ବିରଞ୍ଚି ନାରାୟଣ ଭୋଳ, ପ୍ରଧାନ ଶିକ୍ଷୟିତ୍ରୀ ଆରତି ବିଶ୍ୱାଳ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଶିକ୍ଷକ ନାଥଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ଶ୍ୟାମ ସୁନ୍ଦର ବିଶ୍ୱାଳ, ସଂସାରୀ ବାରିକ, ପ୍ରଫୁଲ୍ଲ ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ ପ୍ରଧାନ, ସାରଙ୍ଗଧର ପାଲଟାସିଂ ପ୍ରମୁଖ ଯୋଗଦେଇଥିଲେ।

## ମଣ୍ଡଳସ୍ତରୀୟ ପ୍ରତିଭା ଚୟନ ପ୍ରତିଯୋଗିତା

**ବୋଲଗଡ଼,୩୧।୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ବାଙ୍କୋଇ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟଠାରେ ମଣ୍ଡଳସ୍ତରୀୟ ପ୍ରତିଭା ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୮୦ଜଣ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଜିଲା ଶିକ୍ଷାଧିକାରୀ ସୋନାମିକା ରାୟଙ୍କ ନିର୍ଦ୍ଦେଶକ୍ରମେ ଦେଶ ସ୍ୱାଧୀନତା ସଂଗ୍ରାମ ଏବଂ ପୌରାଣିକ ତଥ୍ୟ ଉପରେ ଆଧାରିତ ଏହି ପ୍ରତିଯୋଗିତାକୁ ବୋଲଗଡ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦଳେଇଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ବିଆର୍‌ସିସି କୈଳାସନାଥ ସ୍ୱାଇଁ ମୁଖ୍ୟ ବକ୍ତା, ସ୍ଥାନୀୟ ସରପଞ୍ଚ ରଶ୍ମିତା ରାଉତରାୟ ଏବଂ ଏସ୍‌ଏମ୍‌ସି ସଭାପତି ସସ୍ମିତା ବଳିୟାରସିଂହ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସିଆର୍‌ସିସି ଲୋକନାଥ ସାହୁ ମଞ୍ଚ ସଂଯୋଜନା କରିଥିବା ବେଳେ ପ୍ରକାଶ ସାହୁ, ପ୍ରଫୁଲ୍ଲ ଦାସ, ମହମ୍ମଦ ମୁସ୍ତାକ ଅଲ୍ଲୀ, ପ୍ରଦୀପ ବଳବନ୍ତରାୟ, ବିପିନ ବିହାରୀ ସ୍ୱାଇଁଙ୍କ ସମେତ ଶିକ୍ଷକ ବାସୁଦେବ ଦାସ, ଶାନ୍ତନୁ ଶ୍ରୀଚନ୍ଦନ ଏବଂ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାତ୍ର ସହଯୋଗ କରିଥିଲେ। ଶିକ୍ଷକ ଧୀରେନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଲଗାନ୍ ଫାଇଟରକୁ ହରାଇ ନାଇଟ୍ ରାଇଡର ଚାମ୍ପିୟନ

**ଜଟଣୀ,୩୧।୧(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ଗ୍ରାମ କେସିସି ଖେଳପଡିଆରେ ଲଣ୍ଡୁ ମେମୋରିଆଲ କୁଦିଆରି ପ୍ରିମିୟର ଲିଗ୍ ଟି-୨୦ ଟୁର୍ନାମେଣ୍ଟରେ ନାଇଟ୍ ରାଇଡର ଟିମ୍ ଚାମ୍ପିୟନ ହୋଇଛି। ଶନିବାର ଫାଇନାଲ ମ୍ୟାଚ୍ ଲଗାନ ଫାଇଟର ଏବଂ ନାଇଟ୍ ରାଇଡର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଲଗାନ ଫାଇଟର ଟିମ୍ ପ୍ରଥମେ ବ୍ୟାଟି କରି ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୮ରନ ସଂଗ୍ରହ କରିଥିଲା। ଜବାବରେ ନାଇଟ୍ ରାଇଡର ଟିମ୍୧୭.୧ଓଭରରେ ୪ ଉଇକେଟ ବିନିମୟରେ ୧୩୨ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା।

ରାକେଶ ଶର୍ମା ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ସଞ୍ଜୀବ କୁମାର ପାଇକରା ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଶ୍ରମିକ କଂଗ୍ରେସ ଶାଖା ସମ୍ପାଦକ ଏଲ୍. ଡି ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ଓ ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ଭାଜପା ନେତା ସୁଦୀପ୍ତ ରାୟ, ଶ୍ରମିକ କଂଗ୍ରେସ କେନ୍ଦ୍ରୀୟ ପଦାଧିକାରୀ ପ୍ରମୋଦ ସାହାଣୀ, ଅଶୋକ ମଙ୍ଗରାଜ, ପ୍ରଶାନ୍ତ ପ୍ରଧାନ, କାଉନ୍‌ସିଲର ଅମ୍ରିତା ଦାସ, ଜଗଦୀଶ ଅଗ୍ରୱାଲ ଅତିଥିଭାବେ ଉପସ୍ଥିତ ଥିଲେ। କୁଦିଆରି କ୍ରିକେଟ କ୍ଲବ ସମ୍ପାଦକ ଅନ୍ତର୍ଯ୍ୟାମୀ ଦାସଙ୍କୁ ତାଙ୍କର ଖେଳ ଓ ଟୁର୍ନାମେଣ୍ଟ ପାଇଁ ମୁଖ୍ୟ ଅତିଥି ରାଉତରାୟ ସମ୍ମାନିତ କରିଥିଲେ। ଶୁଭମ ପଣ୍ଡା, ଆଲୋକ ପ୍ରଧାନ, ଉମେଶ ଦାସ, ଦୀପକ ମହାନ୍ତି, ରୁପନ ମହାନ୍ତି, ବାପି ଦାସ, ଜିମା ସାହାଣୀ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

## କୁରୁପାଳରେ ୨୪ପ୍ରହର ନାମଯଜ୍ଞ

**କୃଷ୍ଣପ୍ରସାଦ,୩୧।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡ଼ଖାଡ଼ ପଞ୍ଚାୟତର କୁରୁପାଳ ଗ୍ରାମଠାରେ ଶ୍ରୀ ଭାଗବତ ଦେବଙ୍କ ପୂଜା ସହିତ ୧୯ତମ ୨୪ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଯଜ୍ଞ କାର୍ଯ୍ୟ ପରିଚାଳନା ପାଇଁ ନିର୍ମଳଝର ମଠ ମହାରାଜ ଯମୁନା ବିହାରୀ ଦାସଙ୍କ ନେତୃତ୍ୱରେ ୮ଜଣ ପଣ୍ଡିତ ନିୟୋଜିତ ହୋଇଛନ୍ତି। କୁରୁପାଳ ଗ୍ରାମ୍ୟ କମିଟି ସଭାପତି ବିଦ୍ୟାଧର ଜେନା, ଭରତ ଚନ୍ଦ୍ର ଜେନା, ଦିଗମ୍ବର ଜେନା, ସାଧୁ ଚରଣ ସ୍ୱାଇଁ, ଉପେନ୍ଦ୍ର ଜେନା, ବଳଭଦ୍ର ଜେନା, ଟୁକୁନା ଜେନା, ଦାଶରଥି ଜେନା, ରମେଶ ଜେନା ପ୍ରମୁଖ ସହଯୋଗ କରୁଛନ୍ତି।

**GOVERNMENT OF ORISSA**
**OFFICE OF THE SUPERINTENDING ENGINEER : GANJAM (R&B) DIVISION NO.I, BERHAMPUR**
Phone/Fax : (0680) 2233683, e-mail : eernb1_bam@yahoo.com
Letter No.1004 / Dated 29.01.2026
**Ist Corrigendum to Bid Identification No.S.E. (R&B) Divn. No.I Bam. 57/2025-26 vide letter No.665 dtd 20.01.2026**
**No. 34001/11/2526** : The tender invited vide Bid Identification No.57/2025-26 bearing letter No.665 dated 20.01.2026 the sale and receipt of Tenders invited for 03 no. of work may be read as from 30.01.2026 to 06.02.2026 instead of 27.01.2026 to 04.02.2026 and opening of tender on 07.02.2026 in place of 05.02.2026.
Other terms and conditions remain unchanged
OIPR-34001/34109/1/25-26/0011
Sd./- Superintending Engineer, Ganjam R&B Division No. I

**Government of Odisha "e" procurement Notice**
INVITATION FOR BIDS (IFB)
No.27001/6/2526
**OFFICE OF THE DISTRICT PROJECT OFFICE, SAMAGRA SHIKSHA, DHENKANAL**
Bid Identification No.SS/DKL/02/2025-2026

| | | | |
|---|---|---|---|
| 1. | The District Project Coordinator, Samagra Shiksha, Dhenkanal, on behalf of Governor of Odisha, invites percentage rate bids in single cover system in **ONLINE MODE** only from eligible contractors for Construction of Building work as detailed below. | | |
| 2. | Nature of work | : | Construction of Additional Classrooms |
| 3. | No. of work | : | 11 Nos. |
| 4. | Cost of Tender Paper | : | 6,000/- |
| 5. | Class of Contractor | : | "C" & "D" |
| 6. | Period of Completion | : | 04 (Four) Calendar Months |
| 7. | Availability of Bid Documents in the website | : | **From 10.00 A.M. of 04.02.2026 to 5.30 P.M. of 18.02.2026** |
| 8. | Date of Opening of Bid | : | **Dt.19.02.2026 at 11:00 A.M.** |
| 9. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

OIPR-27001/27210/1/25-26/0006
Sd./- District Project Coordinator, Samagra Shiksha, Dhenkanal

## ଶାନ୍ କ୍ଲବ ଭୁବନେଶ୍ୱର ଫାଇନାଲରେ

**ନିରାକାରପୁର,୩୧।୧(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାଶୀପୁର ଖେଳପଡ଼ିଆରେ ମା' ଭୈରବୀ ଯୁବ ସଂସଦ ଆନୁକୂଲ୍ୟରେ ଚାଲିଥିବା ୪୩ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶନିବାର ପପୁଲାର କ୍ଲବ ଢେଙ୍କାନାଳ ଏବଂ ଶାନ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୩-୦ ଗୋଲରେ ଶାନ୍ କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ସୁଜିତ ପାତ୍ର ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନରେ ଏମ୍.ଏସ୍. ବାଗ ଏବଂ ଆଲୋକ ଦେହୁରି ସହଯୋଗ କରିଥିଲେ। ହୃଦାନନ୍ଦ ମହତରାୟ, ପ୍ରମୋଦ କୁମାର ଦାସ, ଓମ୍ ପ୍ରକାଶ ମିଶ୍ର, ଭୀମସେନ ବିଶ୍ୱାଳ, ଅକ୍ଷୟ ପଟ୍ଟନାୟକ, ଗଙ୍ଗାଧର ପଟ୍ଟନାୟକ, ଲକ୍ଷ୍ମନ ନାୟକ ପ୍ରମୁଖ ନିଜ ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠାନର ସଭାପତି ପ୍ରଦୀପ୍ତ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥିଭାବେ ସିପିଆଇଏମ୍ ଜିଲା ସମ୍ପାଦକ ଗିରିଶ ମହାରଣା, ଟାଙ୍ଗୀ ବ୍ଲକ ଉପାଧକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, ଡିଆ ସରପଞ୍ଚ ପ୍ରଶାନ୍ତ ବେହେରା, ନାଏବ ସରପଞ୍ଚ ପୁଷ୍ପଲତା ଦାଶ, ଅନୁଷ୍ଠାନର ମୁଖ୍ୟ ସଂଯୋଜକ ସନ୍ତୋଷ ଦଳେଇ, ସିପିଏମ୍ ନେତା ବିଧୁଭୂଷଣ ମହାରଣା, ଅନୁଷ୍ଠାନର ପୂର୍ବତନ ସଭାପତି ପ୍ରଦୀପ୍ତ ପଟ୍ଟନାୟକ, କିଶୋର ଦାଶ, ଶରତ ସାହୁ, ୱାର୍ଡସଭ୍ୟା ସଂଯୁକ୍ତା ମିଶ୍ର, ରଶ୍ମିତା ବେହେରା, ପାର୍ବତୀ ପ୍ରଧାନ, ରିନା ବିଶ୍ୱାଳ, ଉଷାରାଣୀ ଦାଶ, ୱାର୍ଡସଭ୍ୟ ବିପିନ ସାହୁ, ନକୁଳ ସାହୁ, ସ୍ୱରାଜ ମହାନ୍ତି, ଆରତ ନାୟକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳିଭାବେ ଶାନ୍ କ୍ଲବର ୮ନମ୍ବର ଜର୍ସି ଜଲିଆ କୁମାରଙ୍କୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କମଳ ଲୋଚନ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ନୃସିଂହ ଦଳେଇ ଧନ୍ୟବାଦ ଦେଇଥିଲେ। ରବିବାର ଫାଇନାଲ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।

**ରାଜ୍ୟସ୍ତରୀୟ ମା'ଭୈରବୀ ଫୁଟ୍‌ବଲ ଟୁର୍ନାମେଣ୍ଟ**

**ODISHA MINING CORPORATION LTD**
(A Gold Category State PSU)
Registered Office : OMC House, Bhubaneswar-751 001
CIN : U13100OR1956SGC000313
ODISHA MINING CORPORATION LTD. — Mining Happiness —
No.30001/4/2526 **NOTICE INVITING REQUEST FOR PROPOSAL (RFP)**
**RfP No.01/OMC/CIVIL/2026** **Dated : 30.01.2026**
1. Request for Proposal (RfP) for the following work is invited on-line through the e-procurement portal of Govt. of Odisha.

| Sl No. | Name of Project | EMD in INR | Bid Processing Fee in INR | Period of Services |
|---|---|---|---|---|
| 1 | **Design, Manufacturing, Supply and Installation of PEB (Pre-Engineered Building) Core Box shed 2 (two) nos including civil foundation, E/I and others on Turnkey basis at Dubuna camp of Barbil region in the district of Keonjhar** | 1,67,000/- | 10,000/- plus 18% GST | 08 (Eight Months) |

2. The bidders must participate in on-line bidding at the site : **https://www.tendersodisha.gov.in**
3. Bid documents will be available in the above website from Dt.03.02.2026 to Dt.18.02.2026 up to 05:00 P.M.
4. Last date and time for on-line submission of bid in web portal is Dt.18.02.2026 up to 05:00 P.M.
5. The tender will be opened on Dt.19.02.2026 at 11:00 A.M.
6. The bidder must possess compatible Digital Signature Certificate (DSC) of Class-III.

All other details can be seen from RfP Document at **https://www.tendersodisha.gov.in**.
Odisha Mining Corporation Limited reserves the right to reject any or all RfPs received without assigning any reasons thereof.
**OIPR-30001/30005/1/25-26/0004** **Sd./- GM (Civil)**

## ସଂକ୍ଷେପରେ

### ଆରମ୍ଭ ହେଲା ଖଦି ମହୋତ୍ସବ

**ଭୁବନେଶ୍ୱର,୩୧।୧(ଅନୁରାଧା ମହାରଣା):** ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଖଦି ମହୋତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ (କେଭିଆଇସି) ପକ୍ଷରୁ ଆୟୋଜିତ ଏହି ଜୋନ୍‌ସ୍ତରୀୟ ଖଦୀ ପ୍ରଦର୍ଶନୀ ଓ ଖଦୀ ଫ୍ୟାଶନ ଶୋ'କୁ କେଭିସିଆଇର ଚେୟାରମ୍ୟାନ ମନୋଜ କୁମାର, ରାଜ୍ୟ ଏମଏସ୍ଏମ୍ଇ ବିଭାଗର କମିଶନର ତଥା ସେକ୍ରେଟାରୀ ପ୍ରଶାନ୍ତ ରେଡ୍ଡି, ଭାଜପା ଜିଲା ସଭାପତି ନିରଞ୍ଜନ ମିଶ୍ର, କେଭିଆଇସି ରାଜ୍ୟ ନିର୍ଦ୍ଦେଶକ ସୁବାଶ ଛେତ୍ରୀ, ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ସେକ୍ରେଟାରୀ ଏସ୍ କେ ମିଶ୍ର ଓ କେଭିଆଇସିର ଡେପୁଟି ସିଇଓ ଜେ.କେ ଗୁପ୍ତା ଉଦଘାଟନ କରିଥିଲେ। ମହୋତ୍ସବରେ ଖଦି ଓ ଗ୍ରାମୋଦ୍ୟୋଗ ସାମଗ୍ରୀ ଯଥା ଘଣା ପେଡ଼ା ସୋରିଷ ତେଲ, ମହୁ, କନ୍ଧମାଳ ହଳଦୀ, ବିଭିନ୍ନ ମସଲା, ଆଚାର, ଧୂପକାଠି, ଚାନ୍ଦୁଆ, ଶାଢୀ, ଗାମୁଛା, ଖଦି ବସ୍ତ୍ର, ଶାଲ, ଜ୍ୟାକେଟ ଆଦି ସାମଗ୍ରୀ ପ୍ରଦର୍ଶନ ସହ ବିକ୍ରୟ ବ୍ୟବସ୍ଥା ରହିଛି। ଏଥିସହ ଅରଟରେ ସୂତାକଟା, ତନ୍ତରେ ଲୁଗାବୁଣା ଆଦି ଜୀବନ୍ତ ପ୍ରଦର୍ଶନ ନିଆରା ଅନୁଭବ ଦେଉଛି।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଯାଁଳା,୩୧।୧(ବୁଲା ବାରିକ):** ଯାଁଳା ପଞ୍ଚାୟତ ରାଧାଚରଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତ୍ରିନାଥ ଦେହୁରିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ମୁଖ୍ୟ ବକ୍ତାଭାବେ ଯୋଗେଶ ଚନ୍ଦ୍ର ସାମନ୍ତ ସିଂହାର ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସସ୍ମିତା ମହାଲିକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଯାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ପ୍ରଦୀପ୍ତ କୁମାର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା, ମନ୍ମଥ ମହାପାତ୍ର, ଡ.ସବିତା ପାଣିଗ୍ରାହୀ, ପ୍ରମିଳା ସାହୁ, ମହେଶ କୁମାର ଅଗ୍ରୱାଲ, ପୁଷ୍ପଲତା ପରିଡା, ଗୌତମ ମାଝୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଅସହାୟ ବୃଦ୍ଧାବୃଦ୍ଧଙ୍କୁ ସହାୟତା

**ବେଗୁନିଆ,୩୧।୧(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ରାଜୀବଗାନ୍ଧୀ ସେବା କେନ୍ଦ୍ର ପରିସରରେ ମା'ଖମେଶ୍ୱରୀ ଏଣ୍ଟର ପ୍ରାଇଜେସ ପକ୍ଷରୁ ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସେବା ସମବାୟ ସମିତିର ସଭାପତି ସୁଦର୍ଶନ ମାଣିକଙ୍କ ଅଧ୍ୟକ୍ଷତା ଏବଂ ଯୋଗେଶ୍ୱର ପଣ୍ଡାଙ୍କ ସଂଯୋଜନାରେ ବରିଷ୍ଠ ପ୍ରଯୋଜକ ରାଜେନ୍ଦ୍ର ପ୍ରସାଦ ପାତ୍ର ମୁଖ୍ୟ ଅତିଥି, ଅଭିନେତା ଦୁର୍ଗା ମାଧବ ପାତ୍ର, ଓଡ଼ିଶୀ ନୃତ୍ୟ ଶିଳ୍ପୀ ମୋନାଲି ଷଡ଼ଙ୍ଗୀ, ସରପଞ୍ଚ ଲତା ସେଠୀ, ବାଉରି ଶ୍ରୀଚନ୍ଦନ, ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ଯୁବପିଢ଼ୀ ଗୁରୁଜନମାନଙ୍କୁ ସମ୍ମାନ ଦେବା ସହ ସମାଜସେବାରେ ବ୍ରତୀ ହୋଇ ଅନ୍ୟ ମୁହଁରେ ହସ ଫୁଟାଇବା ପାଇଁ ଆହ୍ୱାନ ଦେଇ କମ୍ବଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ।

# ଚିଲିକାରୁ ୨୮୨ ଏକର ଘେରି ଉଚ୍ଛେଦ

**ବାଲୁଗାଁ,୩୧।୧(ସଂଗ୍ରାମ ପାଇକରାୟ)**



ଚିଲିକାରୁ ଘେରି ଉଚ୍ଛେଦ କରାଯାଉଛି।

ପ୍ରଶାସନ ପକ୍ଷରୁ ଚିଲିକାରେ ବେଆଇନ ଘେରି ଉଚ୍ଛେଦ ଅଭିଯାନ ଜାରି ରହିଛି। ଶନିବାର ଦ୍ୱିତୀୟ ଦିନରେ ବାଲୁଗାଁ ନିକଟ ଘିଅଖେଲା, ପାଙ୍କଶାଣିପୁର ଏବଂ ଖଣ୍ଡୁଆଳକୋଟ ଶାସନ ଗ୍ରାମ ନିକଟ ଚିଲିକାରୁ ୨୮୨ ଏକର ଜିରୋ ନେଟ ସମେତ ଘେରି ଉଚ୍ଛେଦ କରାଯାଇଛି। ଘେରିରେ ବ୍ୟବହୃତ ୭ କୁଇଣ୍ଟାଲ ଜାଲ, ବାଉଁଶ ଆଦି ଜବତ ପରେ ସେଗୁଡ଼ିକୁ ପ୍ରଶାସନ ପକ୍ଷରୁ ପୋଡ଼ି ଦିଆଯାଇଛି। ଶୁକ୍ରବାର ପ୍ରଥମ ଦିନରେ ଅଠରବାଟିଆ, ଛେଡ଼ାପଦର, ଗବପଦର ମୌଜା ଅଧୀନ ଚିଲିକାରୁ ୨ହଜାର ଏକର ପରିବ୍ୟାପ୍ତ ଜିରୋ ନେଟ ଉଚ୍ଛେଦ କରାଯାଇଥିଲା।

ସୂଚନାଥାଉ କି, ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ବେଆଇନ ଘେରି ଯୋଗୁ ମତ୍ସ୍ୟଜୀବୀମାନେ ଚିଲିକା ମଧ୍ୟକୁ ଡଙ୍ଗା ନେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ଦ୍ୱାରା ମାଛ ଧରିବାକୁ ଯାଇ ନ ପାରି ସେମାନଙ୍କ ଜୀବନ ଜୀବିକା କ୍ଷେତ୍ରରେ ଘୋର ପ୍ରଭାବ ପଡୁଛି। ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ଖୋର୍ଦ୍ଧା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଚିଲିକା ତହସିଲଦାର କାହ୍ନୁ ଚରଣ ଘଡ଼େଇଙ୍କ ତତ୍ତ୍ୱାବଧାନରେ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ଉଚ୍ଛେଦ କାର୍ଯ୍ୟ ଜାରି ରହିଥିଲା। ଏଥିରେ ଚିଲିକା ତହସିଲଦାରଙ୍କ ସମେତ ସିଡିଏ, ଜଙ୍ଗଲ ବିଭାଗ, ମତ୍ସ୍ୟ ବିଭାଗ, ସ୍ଥାନୀୟ ପୋଲିସ ଏବଂ ରାଜସ୍ୱ କର୍ମଚାରୀ ସାମିଲ ହୋଇଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ଟାଙ୍ଗୀ,୩୧।୧(ରଘୁନାଥ ସାହୁ)**

ଟାଙ୍ଗୀ ଥାନା ପୋଲିସ ଏବଂ ଟାଙ୍ଗୀ ଦୁର୍ଗା ଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ମିଳିତଭାବେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଙ୍ଗୀ ଥାନା ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳ, ସବଇନ୍‌ସ୍ପେକ୍ଟର ପ୍ରଫୁଲ୍ଲ କୁମାର ସାହୁ, କଲେଜ ଅଧ୍ୟକ୍ଷ ମହେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଜୀବନର ମୂଲ୍ୟ ସମ୍ପର୍କରେ ବୁଝାଇଥିଲେ। କଲେଜ ପରିସରରୁ ଏକ ଶୋଭାଯାତ୍ରା ବାହାରି ଟାଙ୍ଗୀ ଗୋଲେଇ ଛକ ପର୍ଯ୍ୟନ୍ତ ଯିବା ପରେ ଏକ ପଥପ୍ରାନ୍ତ ସଭା ସହ ପ୍ଲାକାର୍ଡ ଧରି ଛାତ୍ରୀଛାତ୍ରମାନେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଦେଇଥିଲେ। ଶୋଭାଯାତ୍ରା ସମୟରେ ବାଇକ୍ ଆରୋହୀ, କାର୍ ଚାଳକଙ୍କୁ ଲିଫଲେଟ ବଣ୍ଟନ କରି ସଚେତନ କରାଇଥିଲେ। ଏହା ସହ ବିନା ହେଲମେଟ୍‌ଧାରୀଙ୍କୁ ଚକୋଲେଟ ଦେଇ ହେଲମେଣ୍ଟ ପିନ୍ଧିବା ପାଇଁ ସଚେତନ କରିଥିଲେ।

## ମହର୍ଷି ଇଂଲିଶ ମିଡିୟମ ସ୍କୁଲର ବାର୍ଷିକୋତ୍ସବ

**ଟାଙ୍ଗୀ,୩୧।୧(ରଘୁନାଥ ସାହୁ)**

ଚାନ୍ଦପୁର ମହର୍ଷି ଇଂଲିଶ ମିଡିୟମ ସ୍କୁଲର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶିକ୍ଷକ ବିଜୟ କୁମାର ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ପାଠପଢ଼ି ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ ସାହୁ, ଚାନ୍ଦପୁର ଆଇଆଇସି ଅଭୟ ବେହେରା, ଟାଙ୍ଗୀ ଥାନା ଅତିରିକ୍ତ ଆଇଆଇସି ଶ୍ରଦ୍ଧା ନାୟକ, ବିଦ୍ୟାଳୟ ଚେୟାରମ୍ୟାନ ଶ୍ରୀନିବାସ ସାହୁ, ସିଆର୍‌ସିସି ପବିତ୍ର ପ୍ରଧାନ, ପଦ୍ମ ଚରଣ ପ୍ରଧାନ, ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଳନ୍ଧର ମହାରଣା, ସମ୍ପାଦକ ପ୍ରଭାସିନୀ ସାହୁ, କୋଷାଧ୍ୟକ୍ଷ ମିତାଞ୍ଜଳି ସାହୁ, ଟ୍ରଷ୍ଟି ସଭାପତି ସନ୍ତୋଷ ଚମ୍ପତି ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟକ୍ଷ ରଘୁନାଥ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ କାଜଲ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଓଡ଼ିଆ ସିନେ କଳାକାର ଶୁଭାଷିଶ ଶର୍ମା ଏବଂ କମେଡିଆନ ସ୍ମୃତି ରଞ୍ଜନ ମହାନ୍ତି ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବା ବେଳେ ଶିକ୍ଷୟିତ୍ରୀ ଅଜଂନୀ ମହାରଣା ଧନ୍ୟବାଦ ଦେଇଥିଲେ।

## ଯୁକ୍ତ୨ ପରୀକ୍ଷା: ପ୍ରଶ୍ନପତ୍ର ସୁରକ୍ଷା ନେଇ ମାର୍ଗଦର୍ଶିକା

**ଭୁବନେଶ୍ୱର,୩୧।୧(ସୁଚିସ୍ମିତା ସାହୁ)**

ଫେବୃଆରୀ ୧୮ରୁ ଯୁକ୍ତ-୨ ଥିଓରି ପରୀକ୍ଷା ଆରମ୍ଭ ହେବ। ପରୀକ୍ଷା ପରିଚାଳନାରେ ସର୍ବାଧିକ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ବିଶେଷକରି ପ୍ରଶ୍ନପତ୍ର ସୁରକ୍ଷା ନେଇ ମାର୍ଗଦର୍ଶିକା ଜାରି କରାଯାଇଛି। ଦୁଇଟି ପର୍ଯ୍ୟାୟରେ ହବ୍‌ଗୁଡ଼ିକରେ ପ୍ରଶ୍ନପତ୍ର ପହଞ୍ଚିବ। ମୋଟ୍ ୨୧୧ଟି ପରୀକ୍ଷା ପରିଚାଳନା ହବ୍ (ଇଏମ୍ଏଚ୍ଏସ୍) ହୋଇଥିବାବେଳେ ଫେବୃଆରୀ ୧୨ରୁ ୧୪ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଏବଂ ମାର୍ଚ୍ଚ ୪ରୁ ୬ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶ୍ନପତ୍ର ହବ୍‌କୁ ପ୍ରେରଣ କରାଯିବ। ନିର୍ଦ୍ଧାରିତ ସମୟରେ ପ୍ରଶ୍ନପତ୍ର ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଗ୍ରହଣ କରିବାକୁ ପରିଷଦ ପକ୍ଷରୁ ସମସ୍ତ ହବ୍‌ର ସୁପରଭାଇଜର୍,ଡେପୁଟି ସୁପରଭାଇଜର ଏବଂ ଇଏମ୍ଏଚ୍‌ଙ୍କୁ ଅବଗତ କରାଯାଇଛି।

## ଡିଙ୍ଗର ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

**ବେଗୁନିଆ,୩୧।୧(ହର ପ୍ରସନ୍ନ ପଣ୍ଡା)**



ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦିବାକର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବେଗୁନିଆ ମଣ୍ଡଳ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ବକ୍ତାଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ସେଠୀ, ଅବସରପ୍ରାପ୍ତ ଶିକ୍ଷକ ମୀର ରହେମତ୍ ଅଲ୍ଲି, ଅବସରପ୍ରାପ୍ତ ଶିକ୍ଷକ ବିବେକାନନ୍ଦ ପଟ୍ଟନାୟକ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଅତଶି ରଞ୍ଜନ ସୁବୁଦ୍ଧି, ଗ୍ରାମ୍ୟ କମିଟି ସଭାପତି ସଚ୍ଚିଦାନନ୍ଦ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନ୍ମଥ କୁମାର ରଥ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଶିବ ପ୍ରସାଦ ଦାସ, ଡିଙ୍ଗର ସରପଞ୍ଚ ବିଜୟଲକ୍ଷ୍ମୀ ବେହେରା, ପଲା ତୋଟାପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ରାନନ୍ଦ ମହାକୁଡ଼ ଓ ବେଲପଡ଼ା ତୋଟାପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଗ୍ରସେନ ସୁନ୍ଦରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ପାଠପଢ଼, ଉତ୍ତମ ଚରିତ୍ର ଗଠନ କର, ଦାୟିତ୍ୱବାନ ନାଗରିକ ହେବା ପୂର୍ବରୁ ସତ୍ ପଥକୁ ଅନୁସରଣ କର। ପ୍ରତିଯୋଗିତାମୂଳକ ଶିକ୍ଷାଲାଭ ଦିଗରେ ଅଗ୍ରସର ହୁଅ। ସେହିପରି ଶୃଙ୍ଖଳିତ ହେବା ସହ ସତ୍ୟ ଧର୍ମ ଓ ନ୍ୟାୟର ପଥିକ ହେବାକୁ ପିଲାମାନଙ୍କୁ ମୁଖ୍ୟ ଅତିଥି ଜେନା ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

**ଟାଙ୍ଗୀ,୩୧।୧(ରଘୁନାଥ ସାହୁ)**

ସୁନ୍ଦରପୁର ପଞ୍ଚାୟତର ଚଣ୍ଡୀ ମଙ୍ଗଳା ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁକ୍ତେଶ୍ୱର ଦେବ କ୍ଲଷ୍ଟରସ୍ତରୀୟ ସପ୍ତମ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସତ୍ୟ ନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଲଳିତ ନାରାୟଣ ମହାପାତ୍ର, ପ୍ରକାଶ ବେହେରା, ପ୍ରିୟମ୍ବଦା ଜେନା, କବିତା ମହାପାତ୍ର, ସୁଜାତା ଜେନା, ମାନତୀ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ଭୌତିକ ପରିବେଶ, ଶୈକ୍ଷିକ ପରିବେଶ ଅଧିକ ଆକର୍ଷଣୀୟ କରିବା ପାଇଁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା ଏବଂ ସ୍ୱଚ୍ଛତା, ସବୁଜିମାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ବୁଲୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ପୂର୍ବ ବିବରଣୀ ପଠନ ଓ ଦୃଢ଼ୀକରଣ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ବାର୍ଷିକ ପରୀକ୍ଷା, ଶୈକ୍ଷିକ କ୍ୟାଲେଣ୍ଡର, ବହୁ ଶ୍ରେଣୀ ଶିକ୍ଷାଦାନ, ପାଠ ଟୀକା ପ୍ରସ୍ତୁତି, ସୋପାନ ରେଜିଷ୍ଟର, ଜିଲା ଭିତ୍ତିକ ଶୈକ୍ଷିକ ଆଲୋଚନା, ବିଦ୍ୟାଳୟ ପରିଦର୍ଶନ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଶିକ୍ଷୟିତ୍ରୀ କାଦମ୍ବିନୀ ବେହେରା ବହୁ ଶ୍ରେଣୀ ଆଦର୍ଶ ଶିକ୍ଷାଦାନ ଦେଇଥିଲେ। ଶିକ୍ଷୟିତ୍ରୀ ମଞ୍ଜୁବାଳା ଦେଇ, ସବିତା ସୁବୁଦ୍ଧି, ମମତା ଦାସ, ଜ୍ୟୋତ୍ସ୍ନା ସିଂ, କାଦମ୍ବିନୀ ବେହେରା, ବିଷ୍ଣୁପ୍ରିୟା ସେଠୀ, ସୋନାଲୀ ମୁର୍ମୁ, ପ୍ରୀତି ପୁଷ୍ପ ଶ୍ରୀଚନ୍ଦନ, ଇତିଶ୍ରୀ ରାଉତ, ପ୍ରିୟଙ୍କା ପ୍ରିୟମ୍ବଦା ବେହେରା, ମନୋରମା ସାହୁ, ଦୀପିକା ମଣ୍ଡଳ, ରଶ୍ମିତା ସେଠୀ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ସୁଶାନ୍ତ ପରିଡ଼ା, ଉର୍ମିଳା ପରିଡ଼ା, ନୀବା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାର୍ଷିକ ସାରସ୍ୱତ ସମାରୋହ, କବିତା ପାଠୋତ୍ସବ

**ବାଲୁଗାଁ,୩୧।୧(ସଂଗ୍ରାମ ପାଇକରାୟ)**

ବାଲୁଗାଁ ମହାବିଦ୍ୟାଳୟ ଓଡ଼ିଆ ସାହିତ୍ୟ ପରିଷଦର ବାର୍ଷିକ ସାରସ୍ୱତ ସମାରୋହ, କବିତା ପାଠୋତ୍ସବ ଏବଂ ପୁରସ୍କାର ବିତରଣ ଉତ୍ସବ ଶନିବାର ଅଧ୍ୟକ୍ଷ ଡ.ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଗାଳ୍ପିକ ଶିବ ମିଶ୍ର ଏବଂ ମୁଖ୍ୟ ବକ୍ତାଭାବେ ପ୍ରାଧ୍ୟାପିକା ଡ.ଜୟନ୍ତୀ ସାମଲ ଯୋଗଦେଇ ଭାଷା ସାହିତ୍ୟର ବିକାଶ ପାଇଁ ଛାତ୍ରୀଛାତ୍ରମାନଙ୍କ ଉତ୍ତରଦାୟିତ୍ୱ ସମ୍ପର୍କରେ ଅବତାରଣା କରିବା ସହ ଗଳ୍ପ, କବିତା ଓ ସର୍ଜନଶୀଳ ଲେଖାର ଶୈଳୀ ଓ ମାନଶୀଳତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଓଡ଼ିଆ ସାହିତ୍ୟ ପରିଷଦର ଉପଦେଷ୍ଟା ଅଧ୍ୟାପକ ଡ.କୈଳାସ ଚନ୍ଦ୍ର ମହାରଣା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଝରଣା ନାଥଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା । ଏଥିରେ ୪୦ଜଣ ଛାତ୍ରୀଛାତ୍ର ସ୍ୱରଚିତ କବିତା ପାଠ କରିଥିଲେ। ଅଧ୍ୟାପିକା ଶୁଭଦର୍ଶିନୀ ବିଶ୍ୱାଳଙ୍କ ମଞ୍ଚ ସଂଯୋଜନାରେ ଅନୁଷ୍ଠିତ ସାରସ୍ୱତ ସଭାରେ ସଭାପତି ଡ.ଲକ୍ଷ୍ମୀଧର ସୁବୁଦ୍ଧି, ମୁଖ୍ୟ ଅତିଥି କଥାକାର ଶିବ ମିଶ୍ର, ମୁଖ୍ୟ ବକ୍ତା ଡ.ଜୟନ୍ତୀ ସାମଲ, ଉପଦେଷ୍ଟା ଡ.କୈଳାସ ଚନ୍ଦ୍ର ମହାରଣା ଏବଂ ସମ୍ମାନିତ ଅତିଥିଭାବେ କବି ରବୀନ୍ଦ୍ର ପ୍ରଧାନ, ରବୀନ୍ଦ୍ର ମାନସିଂହ, ବ୍ୟଙ୍ଗକବି ରୋଜି ମିଶ୍ର, ଗାଳ୍ପିକ ସୁଶାନ୍ତ ଦାଶ, କବି ଶଶୀଭୂଷଣ ବରାଳ, ବ୍ରଜ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହା ପରେ ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପରିଷଦ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ଅଧ୍ୟାପକ ଧୋବୀଚରଣ ପରିଡ଼ା ଧନ୍ୟବାଦ ଦେଇଥିବା ବେଳେ ଅଧ୍ୟାପିକା ଝରଣା ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# କ୍ରିଷ୍ଣା ରାଇଜିଂଷ୍ଟାର ଚାମ୍ପିୟନ

**ବୋଲଗଡ଼,୩୧।୧(ଦେବବ୍ରତ ହୋତା)**



ବୋଲଗଡ଼ ବ୍ଲକ ଦଳେଇସାହି ପଞ୍ଚାୟତ ଅନ୍ତର୍ଗତ ମାଣିକାଗୋଡ଼ା କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଇଣ୍ଡଷ୍ଟ୍ରିଆଲ ପଡ଼ିଆରେ ଚାଲିଥିବା ମାଣିକାଗୋଡ଼ା ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାରେ କ୍ରିଷ୍ଣା ରାଇଜିଂଷ୍ଟାର ଟିମ୍ ଚାମ୍ପିୟନ ହୋଇଛି। ଶନିବାର ଫାଇନାଲ ମ୍ୟାଚ୍ କ୍ରିଷ୍ଣା ରାଇଜିଂଷ୍ଟାର ଏବଂ ଆଇସା ୱାରିଅର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଆଇସା ୱାରିଅର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୪.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୬ରନ ସଂଗ୍ରହ କରିଥିଲା। ଜବାବରେ କ୍ରିଷ୍ଣା ରାଇଜିଂଷ୍ଟାର ଟିମ୍ ୧୪.୧ ଓଭରରେ ୫ଉଇକେଟ ବିନିମୟରେ ୧୨୨ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଅତିଥିଭାବେ ଶିକ୍ଷାବିତ୍ ଇଂ.କର୍ପୁର ସାହୁ, ସରପଞ୍ଚ ସୁଶାନ୍ତ ପରିଡ଼ା, ସମିତିସଭ୍ୟାଙ୍କ ପ୍ରତିନିଧି ଶରତ ଦଳେଇ, ଭୀମସେନ ଦଳେଇ, ବୀରଞ୍ଚି ପ୍ରଧାନ, ରସିଦ ଅଲ୍ଲୀ ଖାଁ, ରବୀନ୍ଦ୍ର ମହାପାତ୍ର, ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାନ ଅଫ ଦି ଫାଇନାଲ ରାମକୃଷ୍ଣ ସାହୁଙ୍କ ସମେତ ଅନ୍ୟାନ୍ୟ ବହୁ ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଅଭିମନ୍ୟୁ ଦଳେଇ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିବା ବେଳେ ଶେଖ ୟୁସୁଫ, ମୋହରମ ଖାଁ, ଚାନ୍ଦ ଖାଁ, ଅଜିତ ମହାପାତ୍ର ଓ ମନୋହର ହୁସେନ ମ୍ୟାଚ୍ ପରିଚାଳନା କରିଥିଲେ। ସୁନୀଲ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୂର୍ଯ୍ୟକାନ୍ତ



@ ଗୌତମ



@ ବଳରାମ



@ ଶୁଭଦା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ

## ଶ୍ରୀଲିଙ୍ଗରାଜଙ୍କ ଜାଗରଯାତ୍ରା ପ୍ରସ୍ତୁତି

# ଶୃଙ୍ଖଳିତ ନୀତି, ଦର୍ଶନ ଉପରେ ଗୁରୁତ୍ୱ

ପୁରୁଣା ଭୁବନେଶ୍ୱର,୩୧।୧
(ସୁବାସ ଚନ୍ଦ୍ର ପ୍ରଧାନ)

ଆସନ୍ତା ୧୫ତାରିଖରେ ମହାଶିବରାତ୍ରି ତଥା ଜାଗରଯାତ୍ରା। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା ମହାସମାରୋହରେ ପାଳନ କରାଯିବ। ଏନେଇ ଶନିବାର ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସ୍ ପ୍ରେକ୍ଷାଳୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ରିତ୍ ଋତୁରାଜ ଅଧ୍ୟକ୍ଷତା କରିଥିଲେ। ଶୃଙ୍ଖଳିତ ଦର୍ଶନ, ଶାନ୍ତିପୂର୍ଣ୍ଣ ଭାବେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତି ସମ୍ପନ୍ନ ଏବଂ ଠିକ୍ ସମୟରେ ମହାଦୀପ ଉଠିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଶିବରାତ୍ରିର ଭିନ୍ନ ଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି।

ଜାଗର ପୂର୍ବଦିନ ମନ୍ଦିର ଭିତର ବେଢ଼ା ପରିଷ୍କାର ରଖିବା, ଯାନବାହନ ରଖିବା ନିମନ୍ତେ ବିଏମ୍ ହାଇସ୍କୁଲ, ଗୋସାଗୋରେଶ୍ୱର ଉ.ପ୍ରା ବିଦ୍ୟାଳୟ ପରିସରରେ ବ୍ୟବସ୍ଥା କରିବା, ଆଲୋକୀକରଣ, ସିଂହଦ୍ୱାରରେ ଫୁଲ ସଜାଇବା, ଶ୍ରଦ୍ଧାଳୁଙ୍କୁ ପାଣି ବୋତଲ ଯୋଗାଇବା, ମନ୍ଦିର ଭିତର ସମସ୍ତ ଫକେଡ ଲାଇଟ ଯାଞ୍ଚ କରିବା ଆଦି ଦାୟିତ୍ୱ ବଣ୍ଟନ କରାଯାଇଛି। ଆର୍‌ଆଣ୍ଡବି ବିଭାଗ ବ୍ୟାରିକେଡ୍ ବ୍ୟବସ୍ଥା କରାଇବା, ମନ୍ଦିର ଗର୍ଭ ଗୃହ, ଜଗମୋହନ, ନାଟ ମଣ୍ଡପ ଓ ଭୋଗ ମଣ୍ଡପକୁ ନୂତନ ଭାବେ ଇଲେକ୍ଟ୍ରିକ ୱାରିଂ କରାଇବା, କେବୁଲ ଲାଇନ ଓ ପ୍ୟାନେଲ ବୋର୍ଡ ଆଦି ଯାଞ୍ଚ କରାଇବା, ନିୟନ୍ତ୍ରଣ କକ୍ଷ ଏବଂ ଭକ୍ତଙ୍କ ପାଇଁ ଅସ୍ଥାୟୀ ସେଡ୍ ବ୍ୟବସ୍ଥା, ବେଢ଼ାରେ ଖରାରୁ ରକ୍ଷା ପାଇବା ପାଇଁ ଦର୍ଶନ ଧାଡ଼ି ଉପରେ ଆବରଣ କରାଇବା ଆଦି ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିଭଳି ୭ଟି ପାଣି ଟ୍ୟାଙ୍କର ବିଭିନ୍ନ ସ୍ଥାନରେ ଭକ୍ତମାନଙ୍କ ପାଇଁ ରଖିବା ଏବଂ ମନ୍ଦିର ପରିସରରେ ଥିବା କୂଅ ପରିଷ୍କାର ରଖିବାକୁ ଦାୟିତ୍ୱ ଦିଆଯାଇଛି। ଭିଆଇପି ପାସ୍ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନେଇ କେତେଜଣ ପ୍ରସ୍ତାବ ଦେଇଥିବା ବେଳେ କିଛି ପାସ କରାଯାଉ ଏବଂ ତାହା କଡ଼ାକଡ଼ି ଭାବେ ହୋଲୋଗ୍ରାମ ଲଗାଇ ଛପାଯିବା ପାଇଁ ଜିଲାପାଳଙ୍କୁ ନିବେଦନ କରାଯାଇଛି। ଯାନବାହନ ନିୟନ୍ତ୍ରଣର ସୁବ୍ୟବସ୍ଥା, ଯାତ୍ରୀଙ୍କୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା, ଟ୍ରାଫିକ ଏବଂ ଆଇନ ଶୃଙ୍ଖଳା ବ୍ୟବସ୍ଥା ରକ୍ଷା କରିବା ନେଇ ପୋଲିସ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିଭଳି ବିଦ୍ୟୁତ୍ ବିଭାଗକୁ ଆସନ୍ତା ୧୪ରୁ ୧୬ତାରିଖ ପର୍ଯ୍ୟନ୍ତ ମନ୍ଦିର ଭିତରେ ବିଦ୍ୟୁତ୍ ସର୍ଭର ଅବ୍ୟାହତ ରଖିବାକୁ ଦାୟିତ୍ୱ ଦିଆଯାଇଛି। ସୂଚନା କେନ୍ଦ୍ର ଖୋଲାଯିବା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ନେଇ ୧୦ଟି ଶଯ୍ୟା ବିଶିଷ୍ଟ ଏସି ପ୍ରକୋଷ୍ଠ ଚିକିତ୍ସା କରିବା ପାଇଁ ଡକ୍ଟର ଏବଂ ଷ୍ଟାଫଙ୍କ ସହିତ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ବିଏମ୍‌ସି ହସ୍ପିଟାଲର ସିଏମ୍‌ଓଙ୍କୁ ପରାମର୍ଶ ଦିଆଯାଇଛି। ମାଗଣା ଜୋତା ଓ ମୋବାଇଲ ଷ୍ଟାଣ୍ଡ, ଶୌଚାଳୟ ବ୍ୟବସ୍ଥା କରିବା ଆଦି ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଠକରେ ମନ୍ଦିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ଜେନା, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ ଭାରିମଲ,ଏକାମ୍ର ବିଧାୟକ ବାବୁ ସିଂ, ବିଏମ୍‌ସି ମେୟର ସୁଲୋଚନା ଦାସ, ଅତିରିକ୍ତ ଡିସିପି ସୁନାରାମ ହେମ୍ବ୍ରମ, ଜୋନ-୨ ଏସିପି କୃଷ୍ଣ ଚନ୍ଦ୍ର ପଲାଇ, ଏସିପି ଡିଆଇପି କମଳ ଲୋଚନ ଭୂୟାଁ, ଲିଙ୍ଗରାଜ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପୂଜାପଣ୍ଡା ନିଯୋଗ ସଭାପତି ପ୍ରସନ୍ନ ପୂଜାପଣ୍ଡା, ସମର୍ଥା ନିଯୋଗ ସଭାପତି ରାଜେନ୍ଦ୍ର ସମର୍ଥା ଏବଂ ସମସ୍ତ ନିଯୋଗ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସଙ୍କ ସହ ଅନ୍ୟମାନେ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସୂର୍ଯ୍ୟକାନ୍ତ


@ ଗୌତମ


@ ବଳରାମ


@ ଶୁଭଦା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ ପକ୍ଷରୁ ଶନିବାର ପ୍ରଦର୍ଶନୀ ପଡ଼ିଆରେ ଉଦ୍‌ଘାଟିତ ଖଦି ମହୋତ୍ସବରେ ଅନୁଷ୍ଠିତ ଫ୍ୟାଶନ ଶୋ'।

# ଆରମ୍ଭ ହେଲା ଖଦି ମହୋତ୍ସବ



ମହୋତ୍ସବର ଉଦ୍‌ଘାଟନୀ ଅବସରରେ ଯୋଗ ଦେଇଥିବା ଅତିଥି।

ଭୁବନେଶ୍ୱର, ୩୧।୧(ଅନୁରାଧା ମହାରଣା)

ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଖଦି ମହୋତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ଖଦି ଓ ଗ୍ରାମୋଦ୍ୟୋଗ କମିଶନ (କେଭିଆଇସି) ପକ୍ଷରୁ ଆୟୋଜିତ ଏହି ଜୋନ୍‌ସ୍ତରୀୟ ଖଦି ପ୍ରଦର୍ଶନୀ ଓ ଖଦି ଫ୍ୟାଶନ ଶୋ'କୁ କେଭିସିଆଇର ଚେୟାରମ୍ୟାନ ମନୋଜ କୁମାର, ରାଜ୍ୟ ଏମ୍ଏସ୍ଏମ୍ଇ ବିଭାଗର କମିଶନର ତଥା ସେକ୍ରେଟାରି ପ୍ରଶାନ୍ତ ରେଡ୍ଡି, ଭାଜପା ଜିଲା ସଭାପତି ନିରଞ୍ଜନ ମିଶ୍ର, କେଭିଆଇସି ରାଜ୍ୟ ନିର୍ଦ୍ଦେଶକ ସୁବାସ ଛେତ୍ରୀ, ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ସେକ୍ରେଟାରି ଏସ୍.କେ. ମିଶ୍ର ଓ କେଭିଆଇସିର ଡେପୁଟି ସିଇଓ ଜେ.କେ. ଗୁପ୍ତା ଉଦ୍‌ଘାଟନ କରିଥିଲେ। ମହୋତ୍ସବରେ ଖଦି ଓ ଗ୍ରାମୋଦ୍ୟୋଗ ସାମଗ୍ରୀ ଯଥା ଘଣାପେଡ଼ା ସୋରିଷତେଲ, ମହୁ, କନ୍ଧମାଳ ହଳଦୀ, ବିଭିନ୍ନ ମସଲା, ଆଚାର, ଧୂପକାଠି, ଚାନ୍ଦୁଆ, ଶାଢ଼ି, ଗାମୁଛା, ଖଦି ବସ୍ତ୍ର, ଶାଲ, ଜ୍ୟାକେଟ ଆଦି ସାମଗ୍ରୀ ପ୍ରଦର୍ଶନ ସହ ବିକ୍ରୟ ବ୍ୟବସ୍ଥା ରହିଛି। ଏଥିସହ ଅରଟରେ ସୂତାକଟା, ତନ୍ତରେ ଲୁଗାବୁଣା ଆଦିର ଜୀବନ୍ତ ପ୍ରଦର୍ଶନ ନିଆରା ଅନୁଭବ ଦେଉଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ସେଲ୍‌ଫି କର୍ନର ଆଦିର ବନ୍ଦୋବସ୍ତ କରାଯାଇଛି। ପ୍ରଥମ ସନ୍ଧ୍ୟାରେ ଖଦିବସ୍ତ୍ର ପରିଧାନକରି ମଡେଲମାନେ ର୍‍ୟାମ୍ପ ୱାକ୍ କରିଥିଲେ। ଫେବୃଆରୀ ୧୪ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଚାଲିବ।

# ଆଜି ଖଣ୍ଡଗିରି କୁମ୍ଭମେଳା ପୂର୍ଣ୍ଣାହୁତି

ଭୁବନେଶ୍ୱର,୩୧।୧
(ସୌମ୍ୟରଞ୍ଜନ ରାଉତ)

ପବିତ୍ର ଖଣ୍ଡଗିରି କୁମ୍ଭମେଳା ଶନିବାର ଥିଲା ଅଷ୍ଟମ ଦିବସ। ସାଧୁସନ୍ଥଙ୍କ ଦର୍ଶନ ଲାଭ ନିମିତ୍ତ ପାହାଡ ଉପରେ ଶ୍ରଦ୍ଧାଳୁଙ୍କ ଭିଡ ବଢ଼ିଥିଲା। ରବିବାର ହେଉଛି ପବିତ୍ର ମାଘ ପୂର୍ଣ୍ଣିମା। ଜାନୁଆରୀ ୨୫ରୁ ଆରମ୍ଭ ହୋଇଥିବା ଖଣ୍ଡଗିରି କୁମ୍ଭମେଳାର ଏହା ହେଉଛି ଶେଷ ଦିନ। ଚଳିତବର୍ଷ ପୂର୍ଣ୍ଣିମା ରବି ପୁଷ୍ୟା ଯୋଗରେ ପଡୁଥିବାରୁ ରବିବାର ଅପରାହ୍ନ ୩ଟାରୁ ଚାଲିଥିବା ଯଜ୍ଞର ପୂର୍ଣ୍ଣାହୁତି ଦିଆଯିବ। ଏଥିସହ ସାଧୁସନ୍ଥ ସମ୍ମିଳନୀ ଓ ସାଧୁ ପୂଜନ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

# ପଦ୍ମଶ୍ରୀ ଶଙ୍କର କୁମାର ପାଲ ଆଇଆଇଆଇଟି ଭୁବନେଶ୍ୱରର 'ପ୍ରାଇମ ମିନିଷ୍ଟର ପ୍ରଫେସର'

ଭୁବନେଶ୍ୱର,୩୧।୧
(ସୁଚିସ୍ମିତା ସାହୁ)

ପ୍ରଦ୍ମଶ୍ରୀ ପ୍ରଫେସର ଶଙ୍କର କୁମାର ପାଲ ଭୁବନେଶ୍ୱରସ୍ଥିତ ଆଇଆଇଆଇଟିରେ 'ପ୍ରାଇମ ମିନିଷ୍ଟର ପ୍ରଫେସର' ଭାବେ ଯୋଗଦେଇଛନ୍ତି। ଭାରତ ସରକାରଙ୍କ ଅନୁସନ୍ଧାନ ନ୍ୟାଶନାଲ ରିସର୍ଚ୍ଚ ଫାଉଣ୍ଡେଶନ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ପ୍ରମୁଖ ପଦକ୍ଷେପ ହେଉଛି ପ୍ରାଇମ ମିନିଷ୍ଟର ପ୍ରଫେସରଶିପ୍। ଏହାର ଲକ୍ଷ୍ୟ ଉଦୀୟମାନ ଅନୁସନ୍ଧାନ କ୍ଷମତା ଥିବା ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଶିଷ୍ଟ ବୈଜ୍ଞାନିକ ଓ ବିଦ୍ୱାନମାନଙ୍କୁ ନିଯୁକ୍ତକରି ଭାରତର ଗବେଷଣା ବ୍ୟବସ୍ଥାକୁ ସୁଦୃଢ଼ କରିବା। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ପଦରେ ଅବସ୍ଥାପିତ ପ୍ରଫେସର ପାଲ ଜଣେ ବିଶ୍ୱ ପ୍ରସିଦ୍ଧ କମ୍ପ୍ୟୁଟର ବୈଜ୍ଞାନିକ। ସେ କୋଲକାତା ବିଶ୍ୱବିଦ୍ୟାଳୟ ଏବଂ ଲଣ୍ଡନର ଇମ୍ପେରିଆଲ କଲେଜରୁ ଦୁଇଟି ପିଏଚ୍.ଡି. ଡିଗ୍ରୀ ହାସଲ କରିଛନ୍ତି। ସେ ଭାରତୀୟ ପରିସଂଖ୍ୟାନର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ସେଠାରେ ସେ ସଭାପତି ଅଛନ୍ତି। ତାଙ୍କ ନାମରେ ୫୦୦ରୁ ଅଧିକ ଗବେଷଣାପତ୍ର, ୨୧ଟି ବହି ଏବଂ ଦୁଇଟି ଆମେରିକୀୟ ପେଟେଣ୍ଟ ରହିଛି। ସେ ପଦ୍ମଶ୍ରୀ, ଶାନ୍ତିସ୍ୱରୂପ ଭଟ୍ଟନାଗର ପୁରସ୍କାର ଏବଂ ନ୍ୟାଶନାଲ ସାଇନ୍ସ ଚେୟାର ସମ୍ମାନରେ ସମ୍ମାନିତ ହୋଇଛନ୍ତି। ମେଶିନ ଇଣ୍ଟେଲିଜେନ୍ସ, ଫଜି ଲଜିକ, ସଫ୍ଟ କମ୍ପ୍ୟୁଟିଂ, ପ୍ୟାଟର୍ନ ଚିହ୍ନଟ ଏବଂ ହାଇବ୍ରିଡ୍ ଇଣ୍ଟେଲିଜେଣ୍ଟ ସିଷ୍ଟମ ଆଦି କ୍ଷେତ୍ରରେ ତାଙ୍କର ବଡ଼ ଦକ୍ଷତା ରହିଛି। ପ୍ରଫେସର ପାଲ ଆଇଆଇଆଇଟି ଭୁବନେଶ୍ୱରରେ ଅନୁସନ୍ଧାନର ମାନ ବୃଦ୍ଧି କରିବା ସହ ଅତ୍ୟାଧୁନିକ ପଦ୍ଧତିଗୁଡ଼ିକୁ ଏକାଡେମିକ କାର୍ଯ୍ୟକ୍ରମରେ ସାମିଲକରିବା ପାଇଁ ନେତୃତ୍ୱ ନେବେ। ତାଙ୍କ ଉପସ୍ଥିତି କେବଳ ଆଇଆଇଆଇଟି ଭୁବନେଶ୍ୱର ନୁହେଁ, ବରଂ ଓଡ଼ିଶାକୁ ଏକ ବିଜ୍ଞାନ ଓ ନବସୃଜନର ପ୍ରମୁଖ କେନ୍ଦ୍ର ଭାବେ ଗଢ଼ିତୋଳିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।


ପଦ୍ମଶ୍ରୀ ଶଙ୍କର କୁମାର ପାଲ

# ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ

ବାଲିପାଟଣା,୩୧।୧(ଅଭିମନ୍ୟୁ ନାୟକ)

ବାଲିପାଟଣା ତହସିଲ ଅଧୀନ ଗାରେଡ଼ିପାଞ୍ଚଣ ଅଞ୍ଚଳର ଖାତା ନମ୍ବର୧୦୫୧ ଓ ପ୍ଲଟ ନମ୍ବର ୧୨୦୬ ଗୋଚର ଜମିରୁ ଶନିବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଉକ୍ତ ଗୋଚର ଜମିରେ କେତେଜଣ ଅଣଓଡ଼ିଆ ବେଆଇନ ଭାବେ ଘର କରି ଦୀର୍ଘ ବର୍ଷ ଧରି ରହିଆସୁଥିଲେ। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ପରେ ତଦନ୍ତ ପରେକ ୫ଜଣ ଅବିନାଶ ମଜୁମଦାର, ସବିତା ସାହୁ, ନରେନ ମଜୁମଦାର, ଗଣେଶ ଜେନା, ଲାବଣ୍ୟ ମଜୁମଦାରଙ୍କ ଘର ଉଚ୍ଛେଦ କରାଯାଇଛି। ତେବେ ଅଦାଲତଙ୍କ ଆଦେଶ ମିଳିବା ପରେ ଅନ୍ୟ ଜଣଙ୍କ ଘର ଉଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ଉଚ୍ଛେଦ କାର୍ଯ୍ୟକ୍ରମରେ ତହସିଲଦାର କଳ୍ପନା ଦାସ, ଅନ୍ୟ ପ୍ରଶାସନିକ ଅଧିକାରୀ ଏବଂ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ଆଜି ଭାରତୀୟ ତଟରକ୍ଷା ବାହିନୀର ୫୦ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୩୧।୧(ଅନୁରାଧା ମହାରଣା)

## ଅଭିନନ୍ଦନ ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

ଭାରତୀୟ ତଟରକ୍ଷା ବାହିନୀ (ଆଇସିଜି)ର ରବିବାର ୫୦ତମ ପ୍ରତିଷ୍ଠା ଦିବସ (ରେଜିଂ ଡେ') ପାଳନ କରିବ। ୧୯୭୭ ମସିହାରେ ମାତ୍ର ୭ଟି ଜାହାଜ ସହ ଆରମ୍ଭ ହୋଇଥିବା ଏହି ବାହିନୀ ବର୍ତ୍ତମାନ ୧୫୫ଟି ଜାହାଜ ଓ ୮୦ଟି ବିମାନ ସହ ଏକ ଶକ୍ତିଶାଳୀ ସମୁଦ୍ରୀୟ ବାହିନୀରେ ପରିଣତ ହୋଇଛି। ୨୦୩୦ ସୁଦ୍ଧା ୨୦୦ ଜାହାଜ ଓ ୧୦୦ ବିମାନର ଶକ୍ତି ହାସଲ ପାଇଁ ଲକ୍ଷ୍ୟ ରଖାଯାଇଛି। ଦେଶର ୨.୦୧ ମିଲିୟନ ବର୍ଗ କିଲୋମିଟର ଏକ୍ସକ୍ଲୁସିଭ ଇକୋନୋମିକ ଜୋନ୍ ଓ ୧୧,୦୯୮ କିଲୋମିଟର ଉପକୂଳରେ ସତର୍କ ପହରା ଦେଉଥିବା ଭାରତୀୟ ତଟରକ୍ଷୀ ବାହିନୀ ସମୁଦ୍ରୀୟ ଆଇନ ପ୍ରୟୋଗ, ଉପକୂଳ ସୁରକ୍ଷା, ସର୍ଚ୍ଚ ଆଣ୍ଡ ରେସ୍କ୍ୟୁ, ପରିବେଶ ସୁରକ୍ଷା ଓ ମାନବୀୟ ସହାୟତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସିଛି। ପ୍ରତିଷ୍ଠା ପରଠାରୁ ୧୧,୮୦୦ରୁ ଅଧିକ ଜୀବନ ଉଦ୍ଧାର କରିଛି। ଆତ୍ମନିର୍ଭର ଭାରତ ଓ ମେକ୍ ଇନ୍ ଇଣ୍ଡିଆ ଅନୁସାରେ ଦେଶୀୟ ଜାହାଜ, ବିମାନ ଓ ସର୍ଭେଲାନ୍ସ ସିଷ୍ଟମ ଗ୍ରହଣ କରୁଛି। ମହିଳାମାନଙ୍କୁ ସମାନ ସୁଯୋଗ ପ୍ରଦାନ କରି ଲିଙ୍ଗ ନିରପେକ୍ଷତାକୁ ପ୍ରୋତ୍ସାହନ କରୁଛି। ସାଗର ଓ ମହାସାଗର ନୀତି ଅନୁସାରେ ବିଶ୍ୱ ସ୍ତରରେ ମାରିଟାଇମ ସହଯୋଗ ବଢ଼ାଇଛି। ୨୦୨୫ରେ ବିଶ୍ୱ ତଟରକ୍ଷକ ସମ୍ମିଳନୀର ଅଧ୍ୟକ୍ଷତା ଦାୟିତ୍ୱ ଭାରତୀୟ ତଟରକ୍ଷା ବାହିନୀକୁ ମିଳିବା ଗର୍ବର ବିଷୟ। ପ୍ରତିଷ୍ଠା ଦିବସ ପାଳନ କରୁଥିବାରୁ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ ତଟରକ୍ଷା ବାହିନୀର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ସେମାନେ ଏହାର ସମସ୍ତ ଭେଟେରାନ, ପରିବାର ଓ କର୍ମଚାରୀଙ୍କୁ ସମ୍ମାନ ଜଣାଇଛନ୍ତି। 'ସମୁଦ୍ରରେ ରକ୍ଷାକାରୀ' ଭାବେ ପରିଚିତ ଭାରତୀୟ ତଟରକ୍ଷକ ଦେଶର ସମୁଦ୍ରୀୟ ସୁରକ୍ଷା ଓ ସମୃଦ୍ଧିର ମଜଭୁତ ସ୍ତମ୍ଭ ଭାବେ ଉଭାହୋଇଥିବା ସେମାନେ କହିଛନ୍ତି।

# ଏନ୍‌ସିସି କ୍ୟାଡେଟ୍‌ଙ୍କ ସହ ଭାବବିନିମୟ କଲେ ରାଜ୍ୟପାଳ


ଏନ୍‌ସିସି ଦଳ ସହ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ଏନ୍‌ସିସି ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ କମୋଡୋର ବିକ୍ରମ ସିଂ, କ୍ରୀଡ଼ା ଏବଂ ଯୁବ ସେବା ବିଭାଗର କମିଶନର ସଚିନ ରାମଚନ୍ଦ୍ର ଯାଦବ ଓ ଅନ୍ୟମାନେ।

ଭୁବନେଶ୍ୱର,୩୧।୧(ସୁଚିସ୍ମିତା ସାହୁ)

## 'ଦେଶ ନିର୍ମାଣରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ବିକଶିତ ଭାରତ ଅଭିମୁଖେ ଭାରତର ଯାତ୍ରା କେବଳ ନୀତି ଓ ଯୋଜନା ଉପରେ ନିର୍ଭର କରେ ନାହିଁ, ବରଂ ଏହା ଦେଶର ଯୁବବର୍ଗଙ୍କ ଚରିତ୍ର, ଦକ୍ଷତା ଏବଂ ପ୍ରତିବଦ୍ଧତା ଉପରେ ନିର୍ଭର କରେ। ଦେଶ ନିର୍ମାଣରେ ଯୁବବର୍ଗଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶପ୍ରେମ, ଐକ୍ୟ ହେଉଛି ଯୁବ ସଂକଳ୍ପର ପ୍ରତୀକ। ସେମାନେ କେବଳ କ୍ୟାଡେଟ ନୁହନ୍ତି, ବରଂ ଭାରତ ଗୌରବର ଆଲୋକବର୍ତ୍ତିକା ଏବଂ ଆମ ଦେଶର ଭବିଷ୍ୟତର ଜୀବନ୍ତ ପ୍ରତିଶ୍ରୁତି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିକହିଛନ୍ତ। ନୂଆଦିଲ୍ଲୀଠାରେ ୭୭ତମ ଗଣତନ୍ତ୍ର ଦିବସ ପରେଡରେ ଅଂଶଗ୍ରହଣ କରି ଫେରିଥିବା ଓଡ଼ିଶା ଜାତୀୟ କ୍ୟାଡେଟ କର୍ପ୍ସ (ଏନ୍‌ସିସି) ଦଳ ଶନିବାର ଲୋକ ଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଅନୁଷ୍ଠିତ 'ଆଟ୍-ହୋମ' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟପାଳ ଏନ୍‌ସିସି କ୍ୟାଡେଟମାନଙ୍କ ସହ ଭାବବିନିମୟ କରିବା ସହିତ ପ୍ରତିରକ୍ଷା ସେବାରେ ଯୋଗଦାନ, ସରକାରୀ ଚାକିରି ଏବଂ ଉଚ୍ଚଶିକ୍ଷା ବିଷୟରେ ପଚାରି ବୁଝିଥିଲେ। ସେମାନଙ୍କୁ ପ୍ରଶଂସା କରି ରାଜ୍ୟପାଳ କହିଲେ, କ୍ୟାଡେଟମାନେ ନିଷ୍ଠା, ଶିଷ୍ଟାଚାର ଏବଂ ଜାତୀୟ ସେବା ପ୍ରତି ପ୍ରତିବଦ୍ଧତାର ପ୍ରତୀକ। ଜାତୀୟ ଗଣତନ୍ତ୍ର ଦିବସ ପରେଡରେ ସେମାନଙ୍କ ସୁନ୍ଦର ପରିଧାନ, ନିର୍ଭୁଲ ଡ୍ରିଲ ଏବଂ ଅଦମ୍ୟ ଉତ୍ସାହ କେବଳ ବ୍ୟକ୍ତିଗତ ଉତ୍କର୍ଷ ନୁହେଁ, ବରଂ ଏନ୍‌ସିସିର ଚିରସ୍ଥାୟୀ ମୂଲ୍ୟବୋଧକୁ ପ୍ରଦର୍ଶନ କରିଥିଲା। ଏନସିସି କେବଳ ତାଲିମ କ୍ୟାମ୍ପ ଓ ପରେଡରେ ସୀମିତ ନ ରହି ଏହା ଚରିତ୍ର ଗଠନ, ନେତୃତ୍ୱକୁ ସୁଦୃଢ଼ କରିବା ଏବଂ ସମାଜ ପ୍ରତି ଗଭୀର ଦାୟିତ୍ୱବୋଧ ସୃଷ୍ଟି କରେ ବୋଲି ରାଜ୍ୟପାଳ ଅବତାରଣା କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ କମୋଡୋର ବିକ୍ରମ ସିଂ ବକ୍ତବ୍ୟ ରଖିଥିଲେ। କ୍ରୀଡ଼ା ଓ ଯୁବ ସେବା ବିଭାଗର କମିଶନର ସଚିନ ରାମଚନ୍ଦ୍ର ଯାଦବ ଉପସ୍ଥିତ ଥିଲେ।

# ରେଳଷ୍ଟେଶନ ଯାଞ୍ଚ, ପୁରୀ ମେଡିକାଲ୍‌ରେ ସମୀକ୍ଷା

## ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ବ୍ୟାପକ ବ୍ୟବସ୍ଥା

ପୁରୀ,୩୧।୧(ଅଜିତ୍ କୁମାର ମହାନ୍ତି)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚତୁର୍ଥଥର ପାଇଁ ପୁରୀ ଗସ୍ତରେ ଆସୁଛନ୍ତି। ଏହାକୁ ନେଇ ପୁରୀବାସୀଙ୍କ ସହ ସେବାୟତଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି। ଫେବୃଆରୀ ୩ରେ ବାୟୁସେନାର ଏକ ସ୍ୱତନ୍ତ୍ର ହେଲିକପ୍ଟରରେ ଆସି ହେଲିପ୍ୟାଡ୍‌ରେ ପହଞ୍ଚିବା ପରେ ସେଠାରେ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯିବ। ପରେ କଡ଼ା ସୁରକ୍ଷା ମଧ୍ୟରେ ଲୋକଭବନ ଯାଇ ସେଠାରେ ରାତ୍ରିଯାପନ କରିବେ। ୪ ତାରିଖ ସକାଳେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ୱେତଗଙ୍ଗା ପୁଷ୍କରିଣୀରେ ପିଣ୍ଡଦାନ କରି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ହେଲିପ୍ୟାଡ୍‌ଠାରୁ ଆରମ୍ଭକରି ଲୋକଭବନ, ଶ୍ୱେତଗଙ୍ଗା ପୁଷ୍କରିଣୀ ଚତୁଃପାର୍ଶ୍ୱ, ବଡ଼ଦାଣ୍ଡ, ଶ୍ରୀମନ୍ଦିର ଭିତର, ବାହାର ଓ ସମ୍ପୂର୍ଣ୍ଣ ପୁରୀ ସହରକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯିବ। ରାଷ୍ଟ୍ରପତିଙ୍କ କାରକେଡ୍ ଲୋକଭବନରୁ ସିଧାସଳଖ ଶ୍ରୀମନ୍ଦିର ଅଭିମୁଖେ ଆସିବାକୁ ଥିବାରୁ ସୁରକ୍ଷା ଦୃଷ୍ଟିରୁ ବଡ଼ଦାଣ୍ଡର ଉଭୟପାର୍ଶ୍ୱରେ ବ୍ୟାରିକେଡ୍ କରାଯାଇଛି। ବ୍ଲୁ ବୁକ୍ ସୁରକ୍ଷା ଅନୁଯାୟୀ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ ସମୁଦାୟ ୩୦ ପ୍ଲାଟୁନ ଫୋର୍ସ ମୁତୟନ ହେବା ସହ ସହରର ବିଭିନ୍ନ ଜାଗାରେ ୬ ଜଣ କମାଣ୍ଡାଣ୍ଟ ର୍‍ୟାଙ୍କ୍‌ର ଅଧିକାରୀ ନିୟୋଜିତ ହେବେ ବୋଲି ଏସ୍‌ପି ପ୍ରତୀକ ସିଂ କହିଛନ୍ତି।

ଶନିବାର ପୁରୀ ପୋଲିସ, ରେଲ୍‌ୱେ ଜିଆର୍‌ପି ଓ ଆର୍‌ପିଏଫ୍ ତରଫରୁ ରେଳଷ୍ଟେଶନରେ କଡ଼ାକଡ଼ି ଯାଞ୍ଚ କରାଯାଇଛି। ଅପରାହ୍ନରେ ପୋଲିସର ବରିଷ୍ଠ ଅଧିକାରୀ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟ ଯାଇ ମେଡିକାଲର ସମୀକ୍ଷା କରିବା ସହ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ୪ ତାରିଖ ସକାଳେ ରାଷ୍ଟ୍ରପତିଙ୍କ ଦର୍ଶନ ଥିବା ହେତୁ ଦର୍ଶନର ୨ ଘଣ୍ଟା ପୂର୍ବରୁ ଅର୍ଥାତ୍ ସକାଳ ପ୍ରାୟ ୬ଟାରୁ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ରାଷ୍ଟ୍ରପତି ଦର୍ଶନ କରି ଫେରିବା ପରେ ପୁନର୍ବାର ସାଧାରଣ ଦର୍ଶନ ଆରମ୍ଭ ହେବ।


ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ଏସ୍‌ପି ପ୍ରତୀକ ସିଂ ମେଡିକାଲରେ ସମୀକ୍ଷା କରୁଛନ୍ତି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)


ପୁରୀ ନରେନ୍ଦ୍ର ପୁଷ୍କରିଣୀ ପରିସରରେ ଥିବା ହିନ୍ଦୁ ମୂର୍ତ୍ତିକୁ ଦୁର୍ବୃତ୍ତମାନେ ବିକୃତ କରିଛନ୍ତି ।

## ନାବାଳିକାଙ୍କୁ ଅପହରଣ, ଅଭିଯୁକ୍ତଙ୍କୁ ୩ ବର୍ଷ ଦଣ୍ଡାଦେଶ

ପୁରୀ,୩୧।୧(ଅଜିତ୍ କୁମାର ମହାନ୍ତି)

ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ପୁରୀ ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟ ଅଭିଯୁକ୍ତଙ୍କୁ ୩ବର୍ଷ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଅଭିଯୁକ୍ତ ହେଉଛନ୍ତି ପୁରୀ ବାସେଲିସାହି ବନଦୁର୍ଗା ଲେନ୍‌ର ରୋହନ୍ ଦଳାଇ। ଗତ ୨୦୨୪ ନଭେମ୍ବର ୨୮ ତାରିଖରେ ଝିଅ ଟ୍ୟୁଶନ ଯାଇ ଆଉ ଘରକୁ ଫେରି ନ ଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଝିଅଟି ଟ୍ୟୁଶନ ଯିବା ପରିବର୍ତ୍ତେ ତା'ର ଦୁଇ ସାଙ୍ଗଙ୍କ ସହ ପୁରୀ ବେଳାଭୂମିରେ ଚାଲିଥିବା ନୌସେନା ଦିବସର ଏୟାର ଶୋ' ଦେଖିବା ପାଇଁ ଯାଇଥିଲେ। ହେଲେ ସେଠାରୁ ଅଭିଯୁକ୍ତ ରୋହନ ତାଙ୍କୁ ଅପହରଣ କରି ନେଇଥିବା ପରଦିନ ଅର୍ଥାତ୍ ୨୯ ତାରିଖରେ ନାବାଳିକାଙ୍କ ମା'ଅଭିଯୋଗ କରିଥିଲେ। ଉକ୍ତ ମାମଲାର ବିଚାର କରି ପୁରୀ ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ରମାନାଥ ପଣ୍ଡା ଶନିବାର ମାମଲାର ଶୁଣାଣିକରି ଅଭିଯୁକ୍ତଙ୍କୁ ୩ ବର୍ଷ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏଥିସହ ନାବାଳିକାଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଆଦେଶ ଦେଇଛନ୍ତି। ସରକାରୀ ଓକିଲ ମଧୁସୂଦନ ଦାସ ମାମଲା ପରିଚାଳନା କରିଥିଲେ।

## ସପ୍ତମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

କୋଣାର୍କ,୩୧।୧(ଜ୍ୟୋତିରାଜ ମହାନ୍ତି)

ଖରାଗାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ସପ୍ତମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପିଲାଙ୍କ ବାର୍ଷିକ ପରୀକ୍ଷା, ସଂଖ୍ୟାଜ୍ଞାନ, ଶିକ୍ଷଣରେ ବହୁଶ୍ରେଣୀ ପରିଚାଳନା ସମ୍ପର୍କିତ ପାଠ୍ୟଟୀକା ପ୍ରସ୍ତୁତି ଓ ଉପସ୍ଥାପନା ସମେତ ମୁଖ୍ୟତଃ ଶ୍ରେଣୀ ପର୍ଯ୍ୟବେକ୍ଷଣ ସାଧନୀ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ସଂଯୋଜନାରେ ଶୈକ୍ଷିକ କାର୍ଯ୍ୟକ୍ରମରେ ଏବିଇଓ ସମ୍ରାଟ ଭଞ୍ଜ ଭୋଇ ଯୋଗଦେଇ ଉପାଦେୟ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ସେଠୀ, ପ୍ରଧାନଶିକ୍ଷକ ଗଙ୍ଗାଧର ରାଉତ, ଚିତ୍ତରଞ୍ଜନ ଦାଶ, ନିରଞ୍ଜନ ଦାସ, ବାନାମ୍ବର ବେହେରା, ସୁପ୍ରିୟା ନାୟକ ଓ ସ୍ୱର୍ଣ୍ଣଲତା ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କ ଉତ୍ତମ ଶିକ୍ଷାଦାନ ପାଇଁ ଭିତ୍ତିଭୂମିର ବିକାଶ କରାଯିବ

## ସରସ୍ୱତୀ ଶିଶୁମନ୍ଦିର ବାସୁକେରାର ବାର୍ଷିକ ଉତ୍ସବ

ସାକ୍ଷୀଗୋପାଳ,୩୧।୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପଞ୍ଚବିଂଶତମ ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଦେବ କୁମାର ମିଶ୍ର ସଭାପତିତ୍ୱ କରିବା ସହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ସମ୍ମାନିତ ଅତିଥିଭାବେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶାର କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକଙ୍କ ସହ ଶିକ୍ଷା ବିକାଶ ସମିତିର ପ୍ରମୁଖ କର୍ମକର୍ତ୍ତା ଦେବେନ୍ଦ୍ର ପଟ୍ଟନାୟକ ଓ ଶିରିଶ କୁମାର ହାତୀ ପ୍ରମୁଖ ଅତିଥି ଯୋଗଦେଇଥିଲେ।

ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଏକ ଉତ୍ତମ ଶୈକ୍ଷିକ ଢାଞ୍ଚାରେ କିଭଳି ଶିକ୍ଷାଦାନ ଦିଆଯିବ, ସେଥିପାଇଁ ବିଦ୍ୟାଳୟ ଭିତ୍ତିଭୂମିର ଖୁବ୍‌ଶୀଘ୍ର ଉନ୍ନତି କରାଯିବା ନେଇ ସମସ୍ତ ସହଯୋଗ ଯୋଗାଇଦେବା ଲାଗି ମୁଖ୍ୟ ଅତିଥି ବିଧାୟକ ମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି। ସେହିଭଳି ଛାତ୍ରୀଛାତ୍ରଙ୍କୁ ଖାଲି ପାଠ ନୁହେଁ, ସେମାନଙ୍କ ରୁଚି ଅନୁଯାୟୀ ଶିକ୍ଷା ଯୋଗାଇ ଦେବାକୁ ସେମାନଙ୍କ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ପରିଚାଳନା ସମିତି ସମ୍ପାଦକ ବାଉରୀବନ୍ଧୁ ସ୍ୱାଇଁ ବିବରଣୀ ପାଠ କରିଥିଲେ। ଗତବର୍ଷ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାମୂଳକ ପରୀକ୍ଷା, ବୃତ୍ତି ପରୀକ୍ଷା, ବିଜ୍ଞାନ ମେଳା, କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେବା ସହ ସେମାନଙ୍କ ଅଭିଭାବକଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'ପଞ୍ଚଶିଖା' ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ପୂର୍ବତନ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ବିଦ୍ୟାଳୟ ମୁଖପତ୍ରିକା ଉନ୍ମୋଚିତ କରୁଛନ୍ତି ଯୋଗ ଦେଇଥିବା ଅତିଥିମାନେ ।




## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୩୧।୧।୨୦୨୬

| ୫,୨୭,୮୮୩ ଟଙ୍କା | |
|---|---|
| ସୁନା | ୧.୯୦୦ ଗ୍ରାମ୍ |
| ରୁପା | ୩୮ ଗ୍ରାମ୍ |

## ସଂକ୍ଷେପରେ

### ସମୁଦ୍ରରେ ଭାସିଯାଇ ମା'ପୁଅ ମୃତ

ପୁରୀ,୩୧।୧(ଅଜିତ୍ କୁମାର ମହାନ୍ତି)

ପୁରୀ ସମୁଦ୍ରରେ ଶନିବାର ଏକ ଅଘଟଣ ଘଟିଛି। ସମୁଦ୍ରରେ ସ୍ନାନ କରୁଥିବା ବେଳେ ରିପ୍ କରେଣ୍ଟ ଯୋଗୁ ମା'ପୁଅଙ୍କ ଜୀବନ ଯାଇଛି। ମୃତକ ହେଉଛନ୍ତି ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳର କୁସୁମ ଓ ଅଙ୍କିତ ଗୁପ୍ତା। ଏହି ମୃତ୍ୟୁକୁ ନେଇ ପୁରୀ ହସ୍ପିଟାଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ସକାଳେ କୁସୁମ ଓ ଅଙ୍କିତ ପରିବାର ଲୋକଙ୍କ ସହ ପୁରୀ ଚକ୍ରତୀର୍ଥ ରୋଡ୍ ପିଙ୍କ ହାଉସ ନିକଟ ବେଳାଭୂମିରେ ସ୍ନାନ କରୁଥିଲେ। ଏହି ସମୟରେ ଏକ ବଡ଼ ଲହଡ଼ି ମାଡ଼ରେ କୁସୁମ ସମୁଦ୍ର ଭିତରକୁ ଚାଲି ଯାଇଥିଲେ। ମା'ଙ୍କୁ ବଞ୍ଚାଇବାକୁ ଯାଇ ପୁଅ ଅଙ୍କିତ ସମୁଦ୍ର ଭିତରକୁ ଯିବାରୁ ସେ ମଧ୍ୟ ରିପ୍ କରେଣ୍ଟରେ ପଡ଼ି ଗଭୀର ସମୁଦ୍ରକୁ ଚାଲି ଯାଇଥିଲେ। ପରିବାରର ଅନ୍ୟ ସଦସ୍ୟମାନେ ଚିତ୍କାର କରିବାରୁ ସେଠାରେ ଉପସ୍ଥିତ ଥିବା ପ୍ରାଇଭେଟ୍ ଲାଇଫ୍ ଗାର୍ଡ ଓ ମତ୍ସ୍ୟଜୀବୀ ସମୁଦ୍ର ଭିତରକୁ ଯାଇ ମା'ପୁଅଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ହସ୍ପିଟାଲରେ ଡାକ୍ତର ତାଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ଚକ୍ରତୀର୍ଥ ବେଳାଭୂମି ପଟେ ଲାଇଫ ଗାର୍ଡ ମୁତୟନ ହୋଇ ନ ଥିବାରୁ ଏଭଳି ଅଘଟଣ ଘଟୁଛି। ତୁରନ୍ତ ଜିଲା ପ୍ରଶାସନ ଏ ଦିଗରେ ଧ୍ୟାନଦେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି।

### ବାଇକ୍ ଡିକି ଭାଙ୍ଗି ୧.୨୬ ଲକ୍ଷ ଲୁଟିଲେ

ନିମାପଡ଼ା,୩୧।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଜନଗହଳିପୂର୍ଣ୍ଣ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ନିକଟରୁ ସ୍ପଷ୍ଟ ଦିବାଲୋକରେ କେହି ଲୁଟେରା ଶିକ୍ଷକଙ୍କ ବାଇକ୍ ଡିକି ଭାଙ୍ଗି ୧ଲକ୍ଷ ୨୬ହଜାର ୬୫୦ଟଙ୍କା ଲୁଟିନେଇଥିବା ଜଣାପଡ଼ିଛି। ଚାରିଛକ ଥାନା ଅନ୍ତର୍ଗତ ଅଳକୁଣ୍ଡ ଗ୍ରାମର ସନ୍ତୋଷ କୁମାର ମହାନ୍ତି ନାମକ ଜଣେ ଶିକ୍ଷକ ଶନିବାର ମଧ୍ୟାହ୍ନରେ ନିମାପଡ଼ାସ୍ଥିତ ୟୁକୋ ବ୍ୟାଙ୍କ ଶାଖାରୁ ୧ଲକ୍ଷ ୨୫ହଜାର ଟଙ୍କା ଉଠାଇଥିଲେ। ତାଙ୍କ ପାଖରେ ଆଉ ୧ହଜାର ୬୫୦ଟଙ୍କା ଥିଲା। ତାଙ୍କର ଏଟିଏମ୍ କାର୍ଡ, ବ୍ୟାଙ୍କ ପାସ ବହି, ଚେକ୍ ବହି ଆଦି ଦରକାରୀ କାଗଜପତ୍ରକୁ ବ୍ୟାଗ ସହ ବାଇକ ଡିକିରେ ରଖିଥିଲେ। ପରେ ଶିକ୍ଷକ ଜଣକ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ନିକଟରେ ତାଙ୍କ ବାଇକକୁ ରଖି ମୁଖ୍ୟରାସ୍ତା ସେପଟକୁ ପାସ୍ ବସିବାକୁ ଯାଇଥିଲେ। ସେ ଫେରିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ବାଇକ ଡିକି ଭାଙ୍ଗି ଟଙ୍କା ଭର୍ତ୍ତି ବ୍ୟାଗ୍‌ଟିକୁ ଲୁଟିନେଇ ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ ଶିକ୍ଷକ ସନ୍ତୋଷ କୁମାର ମହାନ୍ତି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଏସ୍‌ଆଇ ଦିଲ୍ଲୀପ କୁମାର ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍‌କୁ ଯାଞ୍ଚକରି ଘଟଣାର ତଦନ୍ତ ଚଳାଇଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ଥାନାରେ ଏ ସମ୍ପର୍କରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଥାନା ସୂତ୍ରରୁ ଜଣାପଡ଼ିଛି। ସ୍ପଷ୍ଟ ଦିବାଲୋକରେ ଜନଗହଳିପୂର୍ଣ୍ଣ ପିଏନ୍‌ବି ଛକ ନିକଟରେ ଏଭଳି ଲୁଟ୍ ହେବା ଘଟଣା ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଆଲୋଡ଼ନ ସୃଷ୍ଟି କରିଛି।

### ଜାଗାବାଡ଼ିକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ

ବଳଙ୍ଗା,୩୧।୧(କେଦାରେଶ୍ୱର ନନ୍ଦ)

ଜାଗାବାଡ଼ିକୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ ହରିପୁର ଗ୍ରାମରେ ଏକ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ବିଶ୍ୱ ପ୍ୟାରୀମୋହନ ଆଚାର୍ଯ୍ୟ କରିଥିବା ଅଭିଯୋଗ ଅନୁଯାୟୀ, ଶନିବାର ଗାଁର ଫଗୁଆ ବେହେରା, ଗୋପାଳ ବେହେରା, ତୋଫାନ ବେହେରା, ବଳିଆ ବେହେରା ଓ ସୁବାସ ବେହେରା ଘରକୁ ଆସି ମୋତେ ଆକ୍ରମଣ କରିଥିଲେ। ଯନ୍ତ୍ରଣାରେ ପାଟି କରିବାରୁ ପଡ଼ୋଶୀ ଆସି ଉଦ୍ଧାର କରି ପିପିଲି ଡାକ୍ତରଖାନାକୁ ନେଇଥିଲେ। ବଳଙ୍ଗା ଥାନାରେ ଅଭିଯୋଗ ପରେ ଥାନାଧିକାରୀ ୩୫/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସୂର୍ଯ୍ୟକାନ୍ତ


@ ଗୌତମ


@ ବଳରାମ


@ ଶୁଭଦା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଗଜଉଦ୍ଧାରଣ ବେଶ

ପୁରୀ,୩୧।୧(ଅଜିତ୍ କୁମାର ମହାନ୍ତି)

ମାଘମାସ ପୂର୍ଣ୍ଣିମା ଅବସରରେ ରବିବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଗଜଉଦ୍ଧାରଣ ବେଶ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଦ୍ୱିପ୍ରହର ଧୂପ ସରିବା ପରେ ପଡନି ଲାଗି କରାଯିବ। ଗଜ ଉଦ୍ଧାରଣ ବେଶରେ ଜଗନ୍ନାଥ ଓ ବଳଭଦ୍ର ଚତୁଃହସ୍ତ ରୂପେ ଏବଂ ସୁଭଦ୍ରା ଦ୍ୱିଭୁଜ ବିଶିଷ୍ଟା ହୁଅନ୍ତି। ଉଡ଼ୟନରତ ଭଙ୍ଗୀରେ ଥିବା ଦୁଇଟି ପକ୍ଷ ବିଶିଷ୍ଟ ଗରୁଡ଼ ଉପରେ ମହାପ୍ରଭୁ ଉପବେସନ ମୁଦ୍ରାରେ ରହିବେ। ମୁଖ୍ୟତଃ କାଠ, ଶୋଲ ଏବଂ ଜରିରେ ଏହା ନିର୍ମିତ ହୋଇଥାଏ। ଗଜଉଦ୍ଧାରଣ ବେଶରେ ତିନି ଠାକୁରଙ୍କ ମଥାରେ ଚୂଳ ଓ କିରୀଟ ସହ ସୁବର୍ଣ୍ଣ ନିର୍ମିତ ପଦ୍ମମାଳି, କଦମ୍ବମାଳି ପ୍ରଭୃତିରେ ଭୂଷିତ ହେବେ। ପରେ ସନ୍ଧ୍ୟା ଧୂପରେ ମହାପ୍ରଭୁଙ୍କୁ ଖୀରି ଓ ଅମାଲୁ ଭୋଗ କରାଯିବ। ରାତିରେ ବେଶ ଓଲାଗି କରାଯାଇ ବଡ଼ସିଂହାର ନୀତି ସମ୍ପନ୍ନ ହେବ।

# ଶ୍ରୀଲୋକନାଥ ଦେବଙ୍କ ମହାଶିବରାତ୍ରି ପାଇଁ ସମୀକ୍ଷା

ପୁରୀ,୩୧।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀଲୋକନାଥ ଦେବଙ୍କ ଜାଗରଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ ସହିତ ଶ୍ରଦ୍ଧାଳୁମାନେ ଯେପରି ସୁଖପ୍ରଦ ଅନୁଭୂତି ନେଇ ବାହୁଡ଼ିବେ ସେଥିପ୍ରତି ପ୍ରତ୍ୟେକେ ଯତ୍ନବାନ୍ ହେବାକୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ସନ୍ଧ୍ୟାରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଜିଲାପାଳ ପରିଡ଼ା ଶ୍ରୀଲୋକନାଥ ଦେବଙ୍କ ଜାଗରଯାତ୍ରାର ସମୀକ୍ଷା କରିଥିଲେ।

ଚଳିତବର୍ଷ ଫେବୃଆରୀ ୧୫ରେ ମହାଶିବରାତ୍ର। ଗତବର୍ଷ ତୁଳନାରେ ଚଳିତବର୍ଷ ଜାଗର ଯାତ୍ରାରେ ଅଧିକ ଜନସମାଗମ ହେବାର ସମ୍ଭାବନା ରହିଛି। ଚଳିତ ଯାତ୍ରାକୁ ଅତ୍ୟନ୍ତ ଶୃଙ୍ଖଳିତ ପରିଚାଳନା ସହ ଯେପରି ଶ୍ରଦ୍ଧାଳୁଙ୍କୁ କୌଣସି ଅସୁବିଧା ନ ହୁଏ ସେଥିପାଇଁ ସମସ୍ତ ବିଭାଗ ଓ ମନ୍ଦିର କମିଟି ଯତ୍ନବାନ୍ ହେବାକୁ ସେ ପରାମର୍ଶ ଦେଇଥିଲେ। ଫେବୃଆରୀ ୧୩ରେ ପଙ୍କୋଦ୍ଧାର ଏକାଦଶୀ ଓ ୧୫ରେ ଶିବରାତ୍ରି। ପୂର୍ବ ବୈଠକରେ ଜାଗରଯାତ୍ରାର ନୀତିକାନ୍ତି, ସମୟ ନିର୍ଘଣ୍ଟର ସୂଚନା ଦିଆଯିବା ସହ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ଉପଜିଲାପାଳ ରାଜକିଶୋର ଜେନା ସମସ୍ତଙ୍କୁ ସ୍ୱାଗତ କରିବା ସହ ପୂର୍ବ ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ପ୍ରୋଟୋକଲ) ନୀଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ବରିଷ୍ଠ ସେବାୟତ ରବି ନାରାୟଣ ପଣ୍ଡା ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀ, ସେବାୟତ ନିଯୋଗ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୨ରୁ ସେବାୟତ ପ୍ରିମିୟର ଲିଗ୍ କ୍ରିକେଟ

ପୁରୀ,୩୧।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଟ୍ରଫି ସେବାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ୨ରୁ ୯ ତାରିଖ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଏଥିରେ ୨୨ଟି ଟିମ୍ ଅଂଶଗ୍ରହଣ କରିବେ ବୋଲି ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଶନିବାର ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଅତିରିକ୍ତ ଜିଲାପାଳ କହିଥିଲେ, ଖେଳ ମାଧ୍ୟମରେ ଭାଇଚାରା ଓ ପାରସ୍ପରିକ ସଦ୍‌ଭାବନା ପ୍ରତିଷ୍ଠା ସେବାୟତ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟର ମୂଳ ଲକ୍ଷ୍ୟ। ଚଳିତ ସିଜନ୍‌ରେ ଅଂଶଗ୍ରହଣ କରୁଥିବା ୨୨ଟି ଟିମ୍‌କୁ ୮ଟି ଗ୍ରୁପରେ ରଖାଯାଇଛି। ୮ ଦିନର ଏହି ଦିବାରାତ୍ର ଟୁର୍ନାମେଣ୍ଟରେ ୨୮ଟି ମ୍ୟାଚ ଖେଳାଯିବ। ମୋଟ ୩୫୨ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଗ୍ରୁପ–ଏ ରେ ସୁଆର ମହାସୁଆର ନିଯୋଗ, ହଡ଼ପ ନାୟକ ନିଯୋଗ ଓ ଦୟଣାମାଳି ସେବା ନିଯୋଗ, ଗ୍ରୁପ–ବି ରେ ଦର୍ପଣିଆ ନିଯୋଗ, ବଡ଼ୁସୁଆର ନିଯୋଗ, ସାବୁତ ନିଯୋଗ, ଗ୍ରୁପ–ସି ରେ ବିମାନବଡୁ ନିଯୋଗ, ପାଳିଆ ମେକାପ ନିଯୋଗ, ଚୁନରା ଗରୁଡ଼ ନିଯୋଗ, ଗ୍ରୁପ–ଡି ରେ ମୁଦୁଲି ନିଯୋଗ, କୋଠଭୋଗ ପାଣିଆ ନିଯୋଗ, ପ୍ରତିହାରୀ ନିଯୋଗ, ଗ୍ରୁପ–ଇ ରେ ପାଟରା ବିଶୋଇ ନିଯୋଗ, ଖୁଣ୍ଟିଆ ନିଯୋଗ, ସୁଆର ବଡୁ–ପତ୍ରିବଡୁ ନିଯୋଗ, ଗ୍ରୁପ–ଏଫ୍‌ରେ ଦଇତାପତି ନିଯୋଗ, ଶୁଦ୍ଧ ସୁଆର ନିଯୋଗ, ପୂଜାପଣ୍ଡା ନିଯୋଗ, ଗ୍ରୁପ–ଜି ରେ ବଲ୍ଲଭ ଯୋଗାଣିଆ ନିଯୋଗ, ପୁଷ୍ପାଳକ ନିଯୋଗ, ଗ୍ରୁପ–ଏଚ୍ ରେ ଗରାବଡୁ ନିଯୋଗ ଓ ପୁରୀ ଘଣ୍ଟୁଆ ନିଯୋଗ ରହିଛନ୍ତି ବୋଲି କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କ୍ରୀଡ଼ା ସଂସଦର ପ୍ରାକ୍ତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର, କେଦାର ନାଥ ଖୁଣ୍ଟିଆ, ମାଧବ ପୂଜାପଣ୍ଡା, ନାରାୟଣ ଗୋଛିକାର ପ୍ରମୁଖ ଉପସ୍ଥିତ ଥିଲେ।



ସେବାୟତ ପ୍ରିମିୟର ଲିଗ୍‌ର ଜର୍ସି ଉନ୍ମୋଚନ କରାଯାଉଛି ।

**କେଶରପୁର ମହଲ୍ଲା କମିଟିର ନୂତନ କର୍ମକର୍ତ୍ତା ଚୟନ**

କଟକ,(ଶିକ୍ଷା ପ୍ରିୟଦର୍ଶିନୀ): କେଶରପୁର ମହଲ୍ଲା କମିଟିର ନୂତନ କର୍ମକର୍ତ୍ତା ଚୟନ ପାଇଁ ଏକ ବୈଠକ କେଶରପୁର କବରିସ୍ତାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କମିଟି ନୂତନ ସଭାପତି ଭାବେ ସେକ୍ ଖାଲିଦ, ସମ୍ପାଦକ ଭାବେ ସେକ୍ ଆବିଦ୍(ଆଦିଲ), ଉପସଭାପତି ଭାବେ ସେକ୍ ରହିମ୍, ଯୁଗ୍ମସମ୍ପାଦକ ଭାବେ ନଇମ୍ ଅକ୍ତର ଖାଁନ୍, ସହଯୁଗ୍ମ ସମ୍ପାଦକ ଭାବେ ସେକ୍ ଅକ୍ତର, କୋଷାଧ୍ୟକ୍ଷ ଭାବେ ରିଆଜ ସରିଫ୍ ଓ ସହ କୋଷାଧ୍ୟକ୍ଷ ଭାବେ ଇମ୍ରାନ ଖାଁନଙ୍କୁ ଚୟନ କରାଯାଇଛି। ବୈଠକରେ କମିଟିର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।

# ନିଜ ପ୍ରତିଭାକୁ ବିନିଯୋଗ କରନ୍ତୁ ଛାତ୍ରୀଛାତ୍ର: ରାଜ୍ୟପାଳ

**ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ**

- ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡା, ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରାଙ୍କୁ ଡକ୍ଟରେଟ୍ ପ୍ରଦାନ
- ୧୮ ବିଦ୍ୟାର୍ଥୀଙ୍କୁ ସ୍ୱର୍ଣ୍ଣପଦକ, ୬୯୮ ଜଣଙ୍କୁ ଡିଗ୍ରୀ

କଟକ,୩୧।୧(କାର୍ତ୍ତିକ ସାହୁ)

ଛାତ୍ରୀଛାତ୍ରମାନେ ଆତ୍ମବିଶ୍ୱାସ, ଦକ୍ଷତା ଓ ଚରିତ୍ରବତ୍ତାର ସହ ଆଗକୁ ବଢ଼ନ୍ତୁ। ବିକଶିତ ଓଡ଼ିଶା ଓ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ସେମାନେ ନିଜ ପ୍ରତିଭାକୁ ବିନିଯୋଗ କରନ୍ତୁ। ସତ୍ୟତା ଓ ସେବା ମାଧ୍ୟମରେ ରାଜ୍ୟ ତଥା ଦେଶକୁ ସଶକ୍ତ କରିବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଶନିବାର କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଛାତ୍ରୀଛାତ୍ରମାନଙ୍କୁ ଦିଗ୍‌ଦର୍ଶନ ଦେଇଛନ୍ତି।

ସମାବର୍ତ୍ତନ ଉତ୍ସବରେ ପୌରୋହିତ୍ୟ କରି ରାଜ୍ୟପାଳ କହିଲେ ଡିଗ୍ରୀ ହାସଲ ଶିକ୍ଷାର ପରିସମାପ୍ତି ନୁହେଁ, ଶିକ୍ଷା ହେଉଛି ଏକ ଅନ୍ତହୀନ ଯାତ୍ରା। ଛାତ୍ରୀଛାତ୍ରମାନେ କୌଣସି ପଥ ବାଛନ୍ତୁ, ନିଜ କାର୍ଯ୍ୟରେ ସମର୍ପଣ, ନୂତନ ଚିନ୍ତାଧାରା ଓ ନୀତିନିଷ୍ଠତା ପ୍ରତିବିମ୍ବିତ ହେବା ଦରକାର ବୋଲି ରାଜ୍ୟପାଳ କହିଥିଲେ। ମୁଖ୍ୟ ଅତିଥି ଭାବେ ଭାରତର ପୂର୍ବତନ ବୈଦେଶିକ ସଚିବ ଲଳିତ ମାନସିଂହ 'ଓଡ଼ିଶା: ଗତକାଲି, ଆଜି ଏବଂ ଆଗାମୀ କାଲି' ପ୍ରସଙ୍ଗରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ହୀରାକୁଦ ନଦୀବନ୍ଧ ଯୋଜନା, ରାଉରକେଲାରେ ଦେଶର ପ୍ରଥମ ସମନ୍ୱିତ ଇସ୍ପାତ କାରଖାନା, ବ୍ରହ୍ମପୁର ଓ ସମ୍ବଲପୁରରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଭଳି ଅନେକ ଉଲ୍ଲେଖନୀୟ କାର୍ଯ୍ୟ ହୋଇଛି। ୧୯୯୧ରେ ଦେଶର ଅର୍ଥନୈତିକ କ୍ଷେତ୍ରରେ ସୁଧାର ଆସିବା ପରେ ଅନେକ ଉଦ୍ୟୋଗ ସ୍ଥାପନ ହୋଇଛି। ରାଜ୍ୟ ସରକାରଙ୍କ 'ବିକଶିତ ଓଡ଼ିଶା-୨୦୩୬' ସଂକଳ୍ପ ସାକାର ଲାଗି ଉଦ୍ୟମ ଜାରି ରହିଥିବା ସେ କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ବିବରଣୀ ପ୍ରଦାନ କରିଥିଲେ। ସହଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ ସ୍ୱାଗତ ସୂଚନା ଓ ରେଜିଷ୍ଟ୍ରାର କୃଷ୍ଣପ୍ରସାଦ ପତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡା ଓ ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରାଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା। ପରୀକ୍ଷାରେ ସର୍ବୋଚ୍ଚ ସଫଳତା ହାସଲ କରିଥିବା ୧୮ଜଣ କୃତୀ ବିଦ୍ୟାର୍ଥୀଙ୍କୁ ସ୍ୱର୍ଣ୍ଣପଦକ ଓ ୬୯୮ଜଣଙ୍କୁ ଡିଗ୍ରୀ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମସ୍ତଙ୍କୁ ସ୍ୱାଗତ କରିବା ସହିତ କୃତଜ୍ଞତା ଜଣାଇଥିଲେ। ବିଶ୍ୱବିଦ୍ୟାଳୟ ବୋର୍ଡ ଅଫ ଗଭର୍ନର ସଦସ୍ୟ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ଇଂ ଡ. ପ୍ରଭାକର ସ୍ୱାଇଁ, ପ୍ରଫେସର ଡ. ବିଜୟାନନ୍ଦ ସିଂହ ପ୍ରମୁଖ ଯୋଗଦେଇଥିଲେ। ପ୍ରାଧାପିକା ଅନୁରେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମାବର୍ତ୍ତନ ସମାରୋହର ଆବାହକ ଡ. ବିଶ୍ୱରଞ୍ଜନ ମହାନ୍ତି, ଡେପୁଟି ରେଜିଷ୍ଟ୍ରାର ଇଂ. ଶିଶିର କୁମାର ସାହୁ, ପଦ୍ମିନୀ କେୟାର ପରିଚାଳନା ନିର୍ଦ୍ଦେଶିକା ନୀଳଞ୍ଜନା ମୁଖାର୍ଜୀ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ଅରିନ୍ଦମ ରାୟ, ବିସି ମହାନ୍ତି, ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଏସ୍‌ପି ଭିନୀତ୍ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି, ଭାରତର ପୂର୍ବତନ ବୈଦେଶିକ ସଚିବ ଲଳିତ ମାନସିଂହ, ଡ୍ରିମ୍ସ ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ଡ. ପ୍ରକାଶ କୁମାର ହୋତା ପ୍ରମୁଖ ଉପସ୍ଥିତ।

## ଅଖିଳ ଭାରତ ମୋଟର ପରିବହନ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ରବି ଶତପଥୀ

କଟକ,୩୧।୧(କାର୍ତ୍ତିକ ସାହୁ)



ଅଖିଳ ଭାରତ ମୋଟର ପରିବହନ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ଭାବେ କଟକର ରବି ନାରାୟଣ ଶତପଥୀ ମନୋନୀତ ହୋଇଛନ୍ତି। ସେ ଗାଡ଼ି ମାଲିକମାନଙ୍କ ସମସ୍ୟାକୁ ନେଇ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରିବେ। ସଙ୍ଗଠନର ରାଷ୍ଟ୍ରୀୟ ସଭାପତି ଡ. ହରିଶ ଶବରୱାଲ ଦିଲ୍ଲୀଠାରେ ଅନୁଷ୍ଠିତ ବୈଠକରେ ତାଙ୍କୁ ଏହି ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ରାଜ୍ୟର ବିଭିନ୍ନ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି। ସୂଚନାନୁସାରେ, ଅଖିଳ ଭାରତ ମୋଟର ପରିବହନ କଂଗ୍ରେସ ୧୯୩୬ ମସିହାରେ ଏକ ଅଣ ରାଜନୈତିକ ପରିବହନ ବ୍ୟବସାୟିକ ସଙ୍ଗଠନ ଭାବେ ଅବିଭକ୍ତ ଭାରତର ଲାହୋରଠାରେ ଗଠନ ହୋଇଥିଲା। ଦେଶ ସ୍ୱାଧୀନ ହେବା ପରେ ଏହା ଦିଲ୍ଲୀଠାରେ ସମସ୍ତ ବ୍ୟବସାୟିକ ଯାନ ଓ ପରିବହନ କମ୍ପାନୀର ସର୍ବୋଚ୍ଚ ସଂଗଠନ ଭାବେ କାର୍ଯ୍ୟ କରି ଆସୁଅଛି। ଏହି ସଙ୍ଗଠନ ଟ୍ରକ୍ ଓ ବସ୍ ଆଦି ବ୍ୟବସାୟିକ ଗାଡ଼ିଗୁଡିକର ନ୍ୟାଯ୍ୟ ଦାବି ପୂରଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହିତ ସମ୍ପର୍କ ରକ୍ଷା କରି କାର୍ଯ୍ୟକରେ।



କଟକ ଜୁଡିସିଆଲ ଛକସ୍ଥିତ ଭେଲଭ୍ୟୁ ପାର୍କ ପରିସରରେ ଅନୁଷ୍ଠିତ ପୁଷ୍ପ ପ୍ରଦର୍ଶନୀକୁ ଶନିବାର ମହିଳା ଓ ଯୁବତୀମାନେ ବୁଲି ଦେଖୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

## ପୁସ୍ତକ ଅଧ୍ୟୟନ ହିଁ ଜ୍ଞାନ ଅର୍ଜନର ମୂଳାଧାର

କଟକ,୩୧।୧(ଶିକ୍ଷା ପ୍ରିୟଦର୍ଶିନୀ)

ଖ୍ରୀଷ୍ଟ କଲେଜର ବାର୍ଷିକ ଉତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଦାଶବେନହୁର ଯୋଗଦେଇ କହିଛନ୍ତି, ପୁସ୍ତକ ଅଧ୍ୟୟନ ହିଁ ଜ୍ଞାନ ଅର୍ଜନର ମୂଳାଧାର, ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଶିକ୍ଷା ଓ ଶିକ୍ଷିତମାନଙ୍କ ମଧ୍ୟରେ ଲୁଚି ରହିଥିବା ଉଚ୍ଚ ଆଦର୍ଶଗତ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ସଭାପତି ଅନୁପମ ପାତ୍ର ଓ ସମ୍ପାଦକ ଶୁଭାଶିଷ ସାହୁ ଯୋଗଦେଇଥିଲେ। ଏହି ଅବସରରେ କଲେଜର ସ୍ନାତକୋତ୍ତର, ସ୍ନାତକ ଓ ଯୁକ୍ତ୨ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥଙ୍କୁ ଅତିଥିଙ୍କ ଦ୍ୱାରା ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରାଧ୍ୟାପକ ଡ. ଦୈତାରୀ ଶୁକ୍ଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ସାରଦା ପ୍ରସାଦ କର, ଅଧ୍ୟାପିକା ରିଙ୍କୁ ମହାପାତ୍ର, ବିଶ୍ୱରୂପା ମହାନ୍ତି ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ନୃତ୍ୟ, ଗୀତ, ବାଦ୍ୟ ଓ ଏକକ ଅଭିନୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂଯୋଜିକା ଅଧ୍ୟାପିକା ଡ. ଜିତା ରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ଶୋଭନ ପଣ୍ଡା, ଡ. ଅଶୋକ କୁମାର ସାହୁ, ସୁବ୍ରତ ବଳ ଓ ସୁରେନ୍ଦ୍ର କୁମାର ସାହୁ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ଜ୍ଞାନେଶ୍ୱର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା ସମିତି ସଭ୍ୟ ଚନ୍ଦନ ଦାସ, ସୌମେନ୍ଦ୍ର ଦାସ, ପ୍ରଦୀପ୍ତ ଚୌଧୁରୀ, ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ।

## ଟ୍ରାଫିକ୍ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା

ଫୁଲନଖରା,୩୧।୧(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ଜାତୀୟ ରାଜପଥ ଟ୍ରାଫିକ ଥାନା ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି। ଏହି ଉପଲକ୍ଷେ ଏକ ସଚେତନତା ରାଲି ଫୁଲନଖରା ଟ୍ରାଫିକ ଛକରୁ ବାହାରି ନିଆଳି ରାସ୍ତାର ଡିପିଏସ ଛକ ପର୍ଯ୍ୟନ୍ତ ଯାଇଥିଲା। ହେଲ୍‌ମେଟ୍ ପିନ୍ଧି ଓ ସିଟ୍‌ବେଲ୍ଟ ବ୍ୟବହାର କରି ଯାଉଥିବା ଚାଳକମାନଙ୍କୁ ଗୋଲାପ ଫୁଲ ଓ ଚକୋଲେଟ ଦେଇ ପ୍ରୋତ୍ସାହନ କରାଯାଇଥିଲା। ହେଲ୍‌ମେଟ ଓ ସିଟ୍‌ବେଲ୍ଟ ବ୍ୟବହାର କରି ନ ଥିବା ଚାଳକଙ୍କୁ ଟ୍ରାଫିକ ନିୟମ ବିଷୟରେ ସଚେତନ କରାଯାଇଥିଲା। ଏଥିରେ ଟ୍ରାଫିକ ଏସିପି ଜୟନ୍ତ କୁମାର ଦୋରା, ଟ୍ରାଫିକ ଥାନା ଅଧିକାରୀ ଦୁର୍ଗାପ୍ରସାଦ ଜେନା, କଟକ ସଦର ଥାନା ଅଧିକାରୀ ତୁଷାରକାନ୍ତ ସେଠୀ, ଟ୍ରାଫିକ ଏଏସ୍‌ଆଇ ବରୁଣ କୁମାର ନାୟକ, ସରୋଜ କାନ୍ତ ଦାସ, ପ୍ରମୋଦ କୁମାର ମାଝୀ ପ୍ରମୁଖ ପୋଲିସ କର୍ମଚାରୀ ଯୋଗଦେଇଥିଲେ। ଏହି ସମୟରେ ପୋଲିସ କର୍ମଚାରୀମାନେ ହାତରେ ଫ୍ଲାକକାର୍ଡ ଧରି ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। କାର୍ଯ୍ୟକ୍ରମ କଟକ ସହରାଞ୍ଚଳ ଭାରପ୍ରାପ୍ତ ଏସିପି ସରୋଜ କୁମାର ମଲ୍ଲିକ, ଶେଷଦେବ ଶତପଥି ଓ ଅନ୍ୟମାନେ ପରିଚାଳନା କରିଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୂର୍ଯ୍ୟକାନ୍ତ



@ ଗୌତମ



@ ବଳରାମ



@ ଶୁଭଦା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସେଣ୍ଟ ଜାଭିୟର ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

କଟକ,୩୧।୧(କାର୍ତ୍ତିକ ସାହୁ)

ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ ଯୋବ୍ରା ଓ ଶିଖରପୁରର ୧୪ତମ ବାର୍ଷିକ ଉତ୍ସବ ଜଗତପୁରସ୍ଥିତ ନିମପୁର କ୍ରିକେଟ ଗ୍ରାଉଣ୍ଡଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ବି. କେ. ନାୟକ, ମୁଖ୍ୟବକ୍ତା ଭାବେ ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ, ସମ୍ମାନିତ ଅତିଥି ଚଳଚ୍ଚିତ୍ର ଅଭିନେତ୍ରୀ ଈଶା ବେବୋର୍ତ୍ତା, ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରସନ୍ନ ମହାପାତ୍ର, ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ଅନୁଷ୍ଠାନର ପ୍ରଫେସର ଡ. ସୁବ୍ରତ କୁମାର ସାମନ୍ତରା, ଖ୍ରୀଷ୍ଟ କଲେଜର ରସାୟନ ବିଜ୍ଞାନ ପ୍ରଫେସର ଆଲୋକ ମିଶ୍ର, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, କର୍ପୋରେଟର ନଳିନୀ ପ୍ରଭା ବେହେରା ଓ ଇଂ. ହରିହର ସେଠୀ ଯୋଗଦେଇଥିଲେ। ସ୍କୁଲ ଚେୟାରମ୍ୟାନ ସୋମକାନ୍ତ ସେଠୀ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ସ୍କୁଲ ପ୍ରିନ୍ସିପାଲ ଅମ୍ବିକା ବିଶ୍ୱାଳ ସ୍ୱାଗତ ଭାଷଣ ଓ ଭାଇସ ପ୍ରିନ୍ସିପାଲ ଚିନ୍ମୟୀ ସାମନ୍ତରାୟ ବିବରଣୀ ପାଠ କରିଥିଲେ। ସାମାଜିକ କର୍ମୀ ପ୍ରଶାନ୍ତ କୁମାର ରାଉତ ଓ ଭାରତୀୟ ରକ୍ତଦାନ ସଙ୍ଗଠନ ମହାସଂଘର ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ଦାସଙ୍କୁ ତାଙ୍କର ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲର ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ଶ୍ରେଷ୍ଠ ଶୃଙ୍ଖଳା, ସର୍ବୋତ୍ତମ ଆଚରଣ, ବେଷ୍ଟ ଭଲ୍ୟୁଟିୟର୍ସ, ୧୦୦% ଉପସ୍ଥାନ, ବେଷ୍ଟ ସ୍କଲାର ଏବଂ ଅଲରାଉଣ୍ଡର, କ୍ରିକେଟ ଚାମ୍ପିୟନ, ବର୍ଷର ଶ୍ରେଷ୍ଠ ଛାତ୍ର, ଉତ୍କୃଷ୍ଟ ଶିକ୍ଷାଗତ ପ୍ରଦର୍ଶନ, ଶ୍ରେଷ୍ଠ ମା' ପ୍ରତିଯୋଗିତା ଓ ଫୁଡ କୋର୍ଟରେ ପୁରସ୍କୃତ କରାଯାଇଥିଲା। ସୋଭେନିୟର ଦି ବ୍ରେନଚାଇଲଡ ଉନ୍ମୋଚନ କରାଯାଇଥିଲା। ଶିକ୍ଷୟିତ୍ରୀ ଶ୍ରୀୟା ମହାନ୍ତି ଓ ମାହି ଦତ୍ତା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଅନନ୍ୟା ପବ୍ଲିକ୍ ସ୍କୁଲର ୪ର୍ଥ ବାର୍ଷିକ ଉତ୍ସବ

ଖୁଣ୍ଟୁଣୀ,୩୧।୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଷ୍ଟେଶନ ରୋଡ୍‌ରେ ଥିବା ଅନନ୍ୟା ପବ୍ଲିକ ସ୍କୁଲର ୪ର୍ଥ ବାର୍ଷିକ ଓ ପୁରସ୍କାର ବିତରଣ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଅସ୍ଥି ଚିକିତ୍ସକ ସାମାଜିକ କର୍ମୀ ଗିରୀଶ ଚନ୍ଦ୍ର ବେଉରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସ୍କୁଲ ପରିଚାଳନା ନିର୍ଦ୍ଦେଶିକା ରାଜେଶ୍ୱରୀ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ମିଳନ ମହାପାତ୍ର, ସଭାପତି ବିଶ୍ୱଜିତ ମହାପାତ୍ର, ପ୍ରିନ୍ସିପାଲ ସ୍ମିତା ମିଶ୍ର, ଡମପଡା ପ୍ରିନ୍ସପାଲ ରାଜଲକ୍ଷ୍ମୀ ପଣ୍ଡା, ବାଙ୍କୀର ବରିଷ୍ଠ ଓକିଲ ଭକ୍ତି ପଟ୍ଟନାୟକ, ଶିକ୍ଷାବିତ ଜ୍ୟୋତିରଞ୍ଜନ, ନିରାକାର, ବରିଷ୍ଠ ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା, ସାମାଜିକ କର୍ମୀ ଗୌରହରି ମହାନ୍ତି, ବିପିନ ବିହାରୀ ପ୍ରଧାନ, ଅଧ୍ୟାପକ ମନୋରଞ୍ଜନ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍କୁଲ ଏବଂ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଚଳିତବର୍ଷର ଶ୍ରେଷ୍ଠ ବ୍ୟକ୍ତିତ୍ୱ ଗୌରହରି ମହାନ୍ତି, ଆଠଗଡ଼ର ବରିଷ୍ଠ ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା, ଅଧ୍ୟାପକ ମନୋରଞ୍ଜନ ମହାନ୍ତି ଏବଂ ମାନସ ରଞ୍ଜନ ବସ୍ତିଆଙ୍କୁ ଅନନ୍ୟା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ କ୍ରୀଡା ପ୍ରଦର୍ଶନ କରାଯାଇଥିଲା।



ଅନନ୍ୟା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ୱିଜ୍‌ଡମ୍ ସ୍କୁଲର ବାର୍ଷିକୋତ୍ସବ




ୱିଜ୍‌ଡମ୍ ସ୍କୁଲର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

କଟକ ସଦର,୩୧।୧(ସୁଶାନ୍ତ କୁମାର ଜେନା)

କିଶନନଗର ଥାନା ଅନ୍ତର୍ଗତ ସାମନ୍ତରାପୁରସ୍ଥିତ ୱିଜଡମ୍ ସ୍କୁଲର ବାର୍ଷିକୋତ୍ସବ ଶନିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କିଶନନଗର ଅତିରିକ୍ତ ତହସିଲଦାର ଜ୍ୟୋତିରଞ୍ଜନ ବେହେରା, ମୁଖ୍ୟବକ୍ତା ଭାବେ କିଶୋରନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅରୁଣ କୁମାର ବୋଷ, ପ୍ରଦୀପ୍ତ କୁମାର ଆଚାର୍ଯ୍ୟ, ସ୍କୁଲ ପରିଚାଳନା ନିର୍ଦ୍ଦେଶକ ପ୍ରୀତମ ଚୌଧୁରୀ, ଗଣେଶ ପ୍ରସାଦ ବେହେରା ଓ ଅମ୍ବିକା ତ୍ରିପାଠୀ ଯୋଗଦେଇଥିଲେ। ପ୍ରାରମ୍ଭରେ ଗୀତାଞ୍ଜଳି ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ କୁନି ପିଲାମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ମୁସ୍ତାକ ଅହମ୍ମଦ, ରଶ୍ମିରଞ୍ଜନ ରଣା, ମୌସୁମୀ ମହାନ୍ତି, ସାହେବା ଅଞ୍ଜୁମ, ବନଜା ବାସିନୀ ଦାସ, ଇସ୍ତେୟାକ ଅହମଦ, ପ୍ରଜ୍ଞା ପଣ୍ଡା, ସିଦ୍ଧେଶ୍ୱର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏସ୍‌ସିବି ରେଡିଓଲୋଜି ବିଭାଗକୁ ଅଣଦେଖା




- ୧୫ ବର୍ଷ ହେବ ୬ ପିଜି ସିଟ୍‌ରେ ଅଟକିଛି ବିଭାଗ
- ଫାଙ୍କା ପଡ଼ିଛି ଡାକ୍ତର ପଦବୀ

କଟକ,୩୧।୧(ଶିକ୍ଷା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ର ରେଡିଓଲୋଜି (ରଞ୍ଜନରଶ୍ମି) ବିଭାଗରେ ଅବ୍ୟବସ୍ଥା ଲାଗି ରହିଛି। ଉକ୍ତ ବିଭାଗରେ ଡାକ୍ତର ପଦବୀଠାରୁ ଆରମ୍ଭ କରି ପାଠ୍ୟକ୍ରମ ଲାଗି ବିଭାଗରେ ପିଜି ସିଟ୍ ସଂଖ୍ୟା ବୃଦ୍ଧି ହୋଇପାରୁନି। ଏଠାରେ ୧୪ ରେସିଡେଣ୍ଟ ଡାକ୍ତର ପଦବୀ ରହିଥିବାବେଳେ ମାତ୍ର ୨ଜଣ ଅଛନ୍ତି। ସେହିପରି ଦୀର୍ଘ ୧୫ବର୍ଷ ହେବ ୬ଟି ପିଜି ସିଟ୍‌ରେ ଏସ୍‌ସିବି ରେଡିଓଲୋଜି ବିଭାଗ ସୀମିତ ରହିଛି। ଏପରିକି ଅନ୍ୟ ବିଭାଗ ତୁଳନାରେ ଏହି ସ୍ନାତକୋତ୍ତର ବିଭାଗ ପଛରେ ରହିଯାଇଛି। ବିଭାଗ ଆରମ୍ଭରୁ ଯେଉଁ ଗୋଟିଏ ୟୁନିଟ୍ ଥିଲା ଆଜି ବି ସେତିକି ରହିଛି। ଏହି ବିଭାଗରେ ରୋଗୀଙ୍କ ପରୀକ୍ଷା ନିରୀକ୍ଷା ପାଇଁ ଅଲଟ୍ରାସାଉଣ୍ଡ ମେଶିନଠାରୁ ଆରମ୍ଭ କରି ଏକ୍ସ-ରେ, ସିଟି ସ୍କାନ ଓ ଏମ୍‌ଆର୍‌ଆଇ ମେଶିନ ରହିଛି। ହେଲେ ଏଠାରେ ଡାକ୍ତର ଅଧିକ ସୃଷ୍ଟି ହେବାର ସମସ୍ୟା ରହିଛି।

ଜଣେ ଡାକ୍ତରଙ୍କ ସହ ଆଲୋଚନାରୁ ମିଳିଥିବା ସୂଚନା ମୁତାବକ, ଏସ୍‌ସିବିରେ ସ୍ପେଶାଲିଷ୍ଟ ଓ ସୁପରସ୍ପେଶାଲିଷ୍ଟ ବିଭାଗରେ ଡାକ୍ତରୀ ସିଟ୍ ସଂଖ୍ୟା ସମୟାନୁକ୍ରମେ ବଢୁଥିଲେ ମଧ୍ୟ ରେଡିଓଲୋଜି ବିଭାଗରେ ଏହାର ବ୍ୟତିକ୍ରମ ହୋଇଛି ଯେ ଏହା ଦୁଇଅଙ୍କ ମଧ୍ୟ ଛୁଇଁପାରିନାହିଁ। ଉକ୍ତ ବିଭାଗରେ ଦିନକୁ ୭ ଶହରୁ ଅଧିକ ରୋଗୀଙ୍କ ଏକ୍ସ-ରେ ହେଉଥିବାବେଳେ ୨ଶହ ରୋଗୀଙ୍କ ଅଲଟ୍ରାସାଉଣ୍ଡ ଓ ଶହେରୁ ଅଧିକ ରୋଗୀଙ୍କ ସିଟି ସ୍କାନ ପରୀକ୍ଷା କରାଯାଉଛି। ଗୋଟିଏ ୟୁନିଟ୍‌ରେ ଜଣେ ପ୍ରଫେସର, ୨ଜଣ ଆସୋସିଏଟ୍ ପ୍ରଫେସର ଓ ୪ଜଣ ଆସିଷ୍ଟାଣ୍ଟ ପ୍ରଫେସର ରହିଛନ୍ତି। ୧୪ଟି ରେସିଡେଣ୍ଟ ଡାକ୍ତର ପଦବୀରୁ ମାତ୍ର ୨ଜଣ ରହିଥିବାବେଳେ ୧୨ଟି ପଦବୀ ଖାଲି ରହିଛି। ୟୁନିଟ୍ ସଂଖ୍ୟା ବଢ଼ିଲେ ବିଭାଗୀୟ ବିଶେଷଜ୍ଞ ପଦବୀ ବଢ଼ିବା ସହ ପିଜି ସିଟ୍ ସଂଖ୍ୟା ବୃଦ୍ଧି ହୋଇପାରନ୍ତା। ମାତ୍ର ୟୁନିଟ୍ ସଂଖ୍ୟା ବଢୁ ନ ଥିବାରୁ ବିଭାଗୀୟ ଡାକ୍ତର ପଦବୀ ବୃଦ୍ଧି ହୋଇପାରୁନାହିଁ। ରୋଗୀ ସେବା ଓ ଡାକ୍ତରୀ ଶିକ୍ଷା ବ୍ୟବସ୍ଥା ପ୍ରଭାବିତ ହେଉଛି। ହେଲେ ଏଦିଗରେ ସରକାରୀସ୍ତରରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଅନ୍ୟପଟେ ଏସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

**ବନ୍ଧୁକ ଦେଖାଇ ସୁନାଗହଣା, ଟଙ୍କା ନେଇଗଲେ**

ପାଟଣା, (ବୀର କିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଖୀରେଇଟାଙ୍ଗିରୀ ଗ୍ରାମରେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଶନିବାର ସନ୍ଧ୍ୟାରେ ଗ୍ରାମର ଡା. ସଞ୍ଜୀବ ଘଣାଙ୍କ ଘରେ ପଶି ବନ୍ଧୁକ, ଭୁଜାଲି ଦେଖାଇ ଟଙ୍କା, ସୁନା ଅଳଙ୍କାର ନେଇଯାଇଛନ୍ତି। ପୋଲିସ ସୂଚନା ପାଇ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ୫ ଦୁର୍ବୃତ୍ତ ପାଣି ପିଇବା ବାହାନାରେ ସଞ୍ଜୀବଙ୍କ ଘରକୁ ଯାଇଥିଲେ। ପରେ ବନ୍ଧୁକ ଓ ଭୁଜାଲି ଦେଖାଇ ସମସ୍ତଙ୍କୁ ଭୟଭୀତ କରାଇଥିଲେ। ଗୋଟିଏ ଘରେ ସମସ୍ତଙ୍କୁ ପୂରାଇଦେଇ ସୁନାଗହଣା ସହ ନଗଦ ଟଙ୍କା ନେଇଯାଇଛନ୍ତି।

# ସିବିଆଇ ଜାଲରେ ସିବିଆଇ ଏଏସ୍ଆଇ

- ଏମ୍ସିଏଲ୍‌ରେ ଚଢ଼ାଉ ପରେ ଭୁବନେଶ୍ୱର ସିବିଆଇ ଶାଖାର ଏଏସ୍ଆଇଙ୍କ ଲିଙ୍କ୍
- ଏଏସ୍ଆଇ ପ୍ରଶାନ୍ତ, ଏମ୍ସିଏଲ୍‌ର ଡେସ୍‌ପାଚ୍ ଅଫିସରଙ୍କ ନାମରେ ମାମଲା
- ପ୍ରତି ମାସରେ କୋଇଲା ଉତ୍ତୋଳନକାରୀଙ୍କଠାରୁ ନେଉଥିଲେ ବଟି

ଭୁବନେଶ୍ୱର,୩୧।୧ (ତ୍ରିନାଥ ମହାନ୍ତି)

ସିବିଆଇ ଜାଲରେ ପଡ଼ିଛନ୍ତି ଖୋଦ୍ ସିବିଆଇର ଜଣେ ଏଏସ୍ଆଇ। ବେଆଇନ ଅର୍ଥ କାରବାର ଅଭିଯୋଗରେ ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟର ଏଏସ୍ଆଇ ପ୍ରଶାନ୍ତ କୁମାର ପଲେଇ ଏବଂ ଏମ୍ସିଏଲ୍ ଡେସ୍‌ପାଚ୍ ଅଫିସର ସାରଦା ପ୍ରସାଦ ସେଠୀଙ୍କ ନାମରେ ଦିଲ୍ଲୀ ସିବିଆଇ ଏକ ମାମଲା ରୁଜୁ କରିଛି। ଦିଲ୍ଲୀ ସିବିଆଇ କେସ୍ ନଂ-ଆର୍‌ସି ୨୧୬୨୦୨୬ଏ୦୦୦୧ରେ ବିଏନ୍ଏସ୍ ଦଫା ୬୧(୨), ୩୧୮(୪), ୭ ଏବଂ ୮ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସିବିଆଇ ଅଧିକାରୀମାନେ ଏଏସ୍ଆଇ ପ୍ରଶାନ୍ତ ଏବଂ ସାରଦାଙ୍କୁ ଉଠାଇ ନେଇ ପଚରାଉଚରା କରୁଥିବା ଜଣାପଡ଼ିଛି।

ବସୁନ୍ଧରା ଅଞ୍ଚଳରେ ଏମ୍ସିଏଲ୍ ଗର୍ଜନବାହାଲ ଓପନ କାଷ୍ଟ ପ୍ରୋଜେକ୍ଟର ଡେସ୍‌ପାଚ୍ ଅଧିକାରୀ ସାରଦା ପ୍ରସାଦ ସେଠୀଙ୍କଠାରୁ ପ୍ରଶାନ୍ତ ଟଙ୍କା ସଂଗ୍ରହ କରୁଥିବା ଅଭିଯୋଗ ହୋଇଛି। ସାରଦା ତାଙ୍କ ପଦବୀର ଅପ ବ୍ୟବହାର କରି ବିଭିନ୍ନ କୋଇଲା ଉତ୍ତୋଳନକାରୀଙ୍କ ଠାରୁ ବେଆଇନ ଆର୍ଥିକ ଲାଭ ସଂଗ୍ରହ କରୁଥିଲେ। ସେପଟେ ସାରଦାଙ୍କୁ ସିବିଆଇ ସମେତ ଅନ୍ୟ ତଦନ୍ତକାରୀ ସଂସ୍ଥାଠାରୁ ରକ୍ଷା କରିବା ଲାଗି ପ୍ରଶାନ୍ତ ଟଙ୍କା ନେଉଥିବା



ପ୍ରଶାନ୍ତ କୁମାର ପଲେଇ

ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ସିବିଆଇର ଏଏସ୍ଆଇ ପ୍ରଶାନ୍ତ, ସାରଦା ଓ ଏକାଧିକ ସହଯୋଗୀଙ୍କ ନାମରେ ମାମଲା ରୁଜୁ ହୋଇଛି। ଅପରପକ୍ଷରେ ଏମ୍ସିଏଲ୍ ବସୁନ୍ଧରା ଏରିଆ ଗର୍ଜନବାହାଲ ଖଣି ଓ କନିକା ସାଇଡିଂରେ ଶୁକ୍ରବାରଠାରୁ ଦିଲ୍ଲୀ ସିବିଆଇର ୩ଟି ଦଳ ଚଢ଼ାଉ ଜାରି ରଖିଛି। ୭୫ ହଜାର ଟନ୍ କୋଇଲାର ହିସାବ ମିଳୁ ନ ଥିବା ଅଭିଯୋଗରେ ଚଢ଼ାଉ ଚାଲିଥିବା ଚର୍ଚ୍ଚା ହୋଇଥିଲା। ଅଭିଯୁକ୍ତମାନେ କୋଇଲା ଚୋରାଚାଲାଣ କରି ମୋଟା ଅଙ୍କର ଟଙ୍କା ଚଳୁ କରିଥିବା ଅଭିଯୋଗ ରହିଛି।

ମିଳିଥିବା ସୂଚନାନୁସାରେ, ସାରଦାଙ୍କୁ ମନ ପସନ୍ଦର ସ୍ଥାନରେ ନିଯୁକ୍ତି ଦେବାକୁ ସଂସ୍ଥାର ମହା ପ୍ରବନ୍ଧକଙ୍କୁ ପ୍ରଶାନ୍ତ ଧମକ୍ ଦେଉଥିଲେ। ପ୍ରଶାନ୍ତ, ତାଙ୍କ ପୁଅ ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କ ଆକାଉଣ୍ଟ ଜରିଆରେ ସାରଦାଙ୍କଠାରୁ ଲାଞ୍ଚ ଟଙ୍କା ନେଇଥିବା ଅଭିଯୋଗ ରହିଛି। ଏ କଥା ଜଣାପଡ଼ିବା ପରେ ସିବିଆଇର ଏକ ସ୍ୱତନ୍ତ୍ର ଦଳ ଭୁବନେଶ୍ୱର, ସୁନ୍ଦରଗଡ଼, ରାଉରକେଲା ଓ ବ୍ରହ୍ମପୁରରେ ଚଢ଼ାଉ ଜାରି ରଖିଥିବା ସୂଚନା ମିଳିଛି। ସାରଦା ବିଭିନ୍ନ ପରିବହନକାରୀ/କୋଇଲା ଉତ୍ତୋଳନକାରୀଙ୍କଠାରୁ ବେଆଇନ ଟଙ୍କା ନେଇଥିବା ଅଭିଯୋଗ ହୋଇଥିଲା। କମ୍ପାନିକୁ କାଗଜପତ୍ରରେ ନିମ୍ନ ମାନର କୋଇଲା ବିକ୍ରି କରିଥିବା ଦର୍ଶାଇ ଉଚ୍ଚ ମାନର କୋଇଲା ଯୋଗାଇ ଦେଉଥିଲେ। ମାମଲାରେ ସିବିଆଇ ଶୁକ୍ରବାର କନିକା ରେଳ ସାଇଡିଂ ଦାୟିତ୍ୱରେ ଥିବା ସାରଦାଙ୍କୁ ତାଙ୍କ ଏମ୍ସିଏଲ ନିବାସରୁ ଉଠାଇ ଆଣି ସାଇଡିଂ କାର୍ଯ୍ୟାଳୟରେ ପଚରାଉଚରା କରିଥିଲା। ପରେ ଦୁଇଜଣ ବ୍ୟାଙ୍କ କର୍ମଚାରୀଙ୍କ ସହ ତିନିଜଣ ସିବିଆଇ ଅଧିକାରୀ ଆସି ଚଢ଼ାଉ କରିଥିଲେ। ଆହୁରି ମଧ୍ୟ ବେଆଇନ ଅର୍ଥ କାରବାର ନେଇ ମଧ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଓ ଖଣି ବିଭାଗର ଏକ ଦଳ ମଧ୍ୟ ଏମ୍ସିଏଲ୍‌ରେ ପହଞ୍ଚି ଚଢ଼ାଉରେ ସାମିଲ ହୋଇଥିଲେ। ଶୁକ୍ରବାରଠାରୁ ସାରଦାଙ୍କୁ ଏମ୍ସିଏଲ୍ ଅତିଥି ଭବନରେ ଅଟକ ରଖାଯାଇଛି। ଗର୍ଜନବାହାଲ ଖଣି କାର୍ଯ୍ୟାଳୟ, କନିକା ସାଇଡିଂ, ବସୁନ୍ଧରା ମହା ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଓ ସାରଦାଙ୍କ ଘରୁ ବହୁ କାଗଜପତ୍ର ଜବତ କରାଯାଇଛି। ଶନିବାର ସକାଳୁ ପୁଣି ଦିଲ୍ଲୀ ସିବିଆଇ ପକ୍ଷରୁ ଚଢ଼ଉ କରାଯାଇଥିଲା। ଏଏସ୍ଆଇ ପ୍ରଶାନ୍ତ ନିଜ ପୁଅ ଏବଂ ସ୍ତ୍ରୀଙ୍କ ଆକାଉଣ୍ଟକୁ ଟଙ୍କା ନେଇଥିଲେ। ଆହୁରି ମଧ୍ୟ ପ୍ରତି ମାସରୁ ଏକାଧିକ କୋଇଲା ଉତ୍ତୋଳନ ସଂସ୍ଥାଠାରୁ ବଟି ନେଉଥିଲେ ବୋଲି ତଦନ୍ତରୁ ଜଣାପଡ଼ିବା ପରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

**ପୋଲିସ କବ୍‌ଜାରେ ଆନ୍ତଃ ରାଜ୍ୟ ଚୋର ଗ୍ୟାଙ୍ଗ**

# ପଶ୍ଚିମବଙ୍ଗର ୨୧ ଗିରଫ

- ୧୦୬୬ ମୋବାଇଲ ଫୋନ, ୧୨୭୫ ବ୍ୟାଟେରି ଜବତ
- ବିଦେଶ ଲିଙ୍କ୍‌ର ଖୋଳତାଡ଼ ହେବ, ଭଙ୍ଗା ମୋବାଇଲ ବିକ୍ରି କରନ୍ତୁ ନାହିଁ : ପୋଲିସ



ପୋଲିସ ଜବତ କରିଥିବା ମୋବାଇଲ ଫୋନ ଓ ଅନ୍ୟାନ୍ୟ ସାମଗ୍ରୀ।

ଭଞ୍ଜନଗର,୩୧।୧ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ପୋଲିସ ଏକ ଆନ୍ତଃ ରାଜ୍ୟ ଚୋର ଗ୍ୟାଙ୍ଗର ୨୧ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୧୦୬୬ ମୋବାଇଲ ଫୋନ, ୧୨୭୫ ବ୍ୟାଟେରି, ୪୨୫ ଫୋନର ମଦର୍ ବୋର୍ଡ, ୫ ଟାବ୍‌ଲେଟ, ନକଲି ଗହଣା ଏବଂ ୧୦ ହଜାର ଟଙ୍କା ଜବତ କରାଯାଇଛି। ଗିରଫ ସମସ୍ତ ଅଭିଯୁକ୍ତଙ୍କ ଘର ପଶ୍ଚିମବଙ୍ଗରେ ବୋଲି ଶନିବାର ଭଞ୍ଜନଗର ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏଏସ୍‌ପି ରଞ୍ଜନ ଦେ କହିଛନ୍ତି।

ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ଏସ୍‌ଡିପିଓ ଡ. ଦୀପକ ମିଶ୍ର କହିଛନ୍ତି, ଗିରଫ ଅଭିଯୁକ୍ତମାନଙ୍କ ବିଦେଶ ଲିଙ୍କ ରହିଛି କି ନାହିଁ ଖୋଳତାଡ଼ ହେବ। ମୋବାଇଲ ଫୋନ୍ ଖରାପ ହୋଇଗଲେ ତାହାକୁ ନଷ୍ଟ କରିଦିଅନ୍ତୁ। ବୁଲା ବ୍ୟବସାୟୀଙ୍କୁ ବିକ୍ରି କରନ୍ତୁ ନାହିଁ। ସେମାନେ ତାହାକୁ ନେଇ କୌଣସି ବେନିୟମ କାର୍ଯ୍ୟରେ ଲଗାଇବା ସମ୍ଭାବନା ରହିଛି ବୋଲି ସୂଚନା ଦେଇଛନ୍ତି। ଏଥିସହ ଅଭିଯୁକ୍ତମାନଙ୍କଠାରୁ ଜବତ ମୋବାଇଲ ଫୋନ ସମ୍ପର୍କରେ ତଦନ୍ତ କରାଯିବ ବୋଲି ଏସ୍‌ଡିପିଓ ମିଶ୍ର କହିଥିଲେ। ଗିରଫ ଅଭିଯୁକ୍ତମାନେ ସାଇକେଲ ଏବଂ ବାଇକ୍‌ରେ ଏଠାରେ ବୁଲିବୁଲି ବ୍ୟବସାୟ କରନ୍ତି। ସେମାନଙ୍କ ଚାଲିଚଳଣିକୁ ନେଇ ବିଭିନ୍ନ ଆଡୁ ଅଭିଯୋଗ ହୋଇଥିଲା। ଏହାକୁ ଗୁରୁତ୍ୱ ଦେଇ ପୋଲିସ ସେମାନଙ୍କ ଗତିବିଧି ଉପରେ ନଜର ରଖିଥିଲା। ଶୁକ୍ରବାର ସେମାନେ ଗୋଟିଏ ସ୍ଥାନରେ ଏକାଠି ହୋଇଥିବା ବେଳେ ପୋଲିସ ସେମାନଙ୍କୁ ଥାନାକୁ ସନ୍ଦେହରେ ନେଇ ପଚରାଉଚରା କରିବା ପରେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲା। ଅଭିଯୁକ୍ତମାନେ ଜବତ ମୋବାଇଲ ଫୋନ୍‌ର କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ସେମାନଙ୍କୁ ଚୋରି ମାମଲାରେ ଗିରଫ କରିଛି ବୋଲି ଏସ୍‌ଡିପିଓ କହିଥିଲେ।

ଖବରଦାତା ସମ୍ମିଳନୀରେ ଆଇଆଇସି ଜୀବନାନନ୍ଦ ଜେନା, ଏସ୍ଆଇ ସମୀର ସେଠୀ, ଲକ୍ଷ୍ମୀଧର ମହାନ୍ତି, ଲିପିନା ବିଶ୍ୱାଳ, ଜ୍ୟୋତ୍ସ୍ନାମୟୀ ସାହୁ, ଏଏସ୍ଆଇ ବିଦେଶୀ ବେହେରା, ସତ୍ୟ ନାରାୟଣ ମଲ୍ଲିକ, ରୁଦ୍ର ପ୍ରସାଦ କହଁର, କନଷ୍ଟେବଲ ସନ୍ତୋଷ ନାୟକ, ଅମିତ୍ ବିଶ୍ୱାଳ, ନରେଶ ଶବର, ଗୃହରକ୍ଷୀ ଗଜେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଜବତ ମୋବାଇଲ ଫୋନଗୁଡ଼ିକୁ ଆଗାମୀ ଦିନରେ ତା'ର ପ୍ରକୃତ ମାଲିକମାନଙ୍କୁ ଫେରାଇବା ପାଇଁ ଥାନା ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ଭଞ୍ଜନଗର ଥାନାରେ ନଂ. ୯୨/୨୬ରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

**ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ପରିଚାଳନା ଅନିୟମିତତା**

# ୬ ଜଣଙ୍କୁ ଗିରଫ କଲା ଲାଲ୍‌ବାଗ ଥାନା ପୋଲିସ

କଟକ,୩୧।୧ (କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ଏଏସ୍‌ଓ ପରୀକ୍ଷା-୨୦୨୪ ପରିଚାଳନାରେ ଅନିୟମିତତା ମାମଲାରେ ଲାଲ୍‌ବାଗ ଥାନା ପୋଲିସ ଶନିବାର ୬ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଶକ୍ତି ବିହାରର ହିମାଂଶୁ ଶେଖର ଦାସ, ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନ ବିହାର ଡୁଆଲ ହାଇଟ ଆପାର୍ଟମେଣ୍ଟର ଶ୍ରୀଧାରା ମନ୍ତ୍ରୀ, ଭୁବନେଶ୍ୱର ଖଣ୍ଡଗିରି ଥାନା ଡୁମଡୁମାର ଆଲୋକ ସାହୁ, ବାଲେଶ୍ୱର ଟାଉନ ଥାନା ଅନ୍ତର୍ଗତ ମଣିଖମ, ମୋତିଗଞ୍ଜର ନିର୍ମଳାୟ କୁମାର ଦାସ, କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ନିସ୍ତିପୁରର ଗଙ୍ଗାଧର ଜେନା ଓ ଗଞ୍ଜାମ ଜିଲା ହିଞ୍ଜିଳି ଥାନା ବ୍ରାହ୍ମଣଛାଇର ଜ୍ୟୋତିର୍ମୟୀ ସାହୁ।

ସୂଚନାନୁସାରେ, ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ପ୍ରଶ୍ନପତ୍ରର ମଡେଲ ଉତ୍ତର ଲିକ୍ ଏବଂ ଅନୁଚିତ ଉପାୟ ଅବଲମ୍ବନ ଅଭିଯୋଗରେ ଅଭିଯୁକ୍ତମାନେ ଜଡ଼ିତ ଅଛନ୍ତି। ଏକ ଆଉଟସୋର୍ସିଂ ଏଜେନ୍ସି ଦ୍ୱାରା ଉକ୍ତ ପରୀକ୍ଷା ପରିଚାଳନାରେ ହୋଇଥିବା ଅନିୟମିତତା ସମ୍ପର୍କରେ ଅଭିଯୋଗ ହେବା ପରେ ଲାଲବାଗ ଥାନାରେ ମାମଲା ରୁଜୁ ହୋଇଥିଲା। ସେମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪)/୩୧୬(୨)/୩୧୬(୫)/୧୧୧/୬୧(୨)/୩(୫) ଲାଗୁ କରାଯାଇଛି। ଫୋନ ରେକର୍ଡ ବିଶ୍ଳେଷଣ ସମେତ ବୈଷୟିକ ତଦନ୍ତ, ଏଜେନ୍ସି ଅଧିକାରୀ, ମଧ୍ୟସ୍ଥ ଏବଂ ପ୍ରାର୍ଥୀଙ୍କ ମଧ୍ୟରେ ସନ୍ଦେହଜନକ ଯୋଗାଯୋଗ ଲିଙ୍କ ପୋଲିସ ତଦନ୍ତ ଉନ୍ମୋଚନ କରିଛି। ଡକ୍ୟୁମେଣ୍ଟାରି, ଡିଜିଟାଲ ଏବଂ ବୈଷୟିକ ପ୍ରମାଣ ଆଧାରରେ ଏହି ୬ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କ ଆର୍ଥିକ କାରବାର ଅନୁଧ୍ୟାନ କରାଯାଉଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ଏବଂ ବ୍ୟାପକ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି। ଅପରପକ୍ଷରେ ପୋଲିସ ଏସ୍ଆଇ ଏବଂ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଅନିୟମିତତାରେ ସମ୍ପୃକ୍ତି ପାଇଁ ପୂର୍ବରୁ ବିଚାର ବିଭାଗୀୟ ହାଜତରେ ଥିବା ଅନ୍ୟ ୫ଜଣ ଅଭିଯୁକ୍ତଙ୍କ ସମ୍ପୃକ୍ତି ପ୍ରକାଶ ପାଇଛି। ତଦନ୍ତ ସମୟରେ ସେମାନଙ୍କୁ ଏହି ମାମଲାରେ ରିମାଣ୍ଡରେ ନିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ମାତୃ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ଆଠଗଡ଼,୩୧।୧ (ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ଆଠଗଡ ଏନ୍ଏସି ୱାର୍ଡ ନଂ.୧ର ହେମମାଳପୁର ଗ୍ରାମରେ ୨୦୨୨ ଏପ୍ରିଲ ୯ ରେ ଘଟିଥିବା ହତ୍ୟା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ମା'ସୁଷମା ଦଳାଇଙ୍କୁ ହତ୍ୟା ଅଭିଯୋଗରେ ପୁଅ ବିଭୂତି ଭୂଷଣ ଦଳାଇଙ୍କୁ ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ରାଜ କୁମାର ଦାସ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ମିଳିଥିବା ସୂଚନା ଅନୁଯାୟୀ, ଘଟଣାଦିନ ମା' ସୁଷମାଙ୍କୁ ବିଭୂତି ଟଙ୍କା ମାଗିଥିଲେ। ମାତ୍ର ସୁଷମା ଟଙ୍କା ଦେଇ ନ ଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ବିଭୂତି ମା'ଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ଛାତିରେ ଚଢ଼ିଯାଇଥିଲେ। ଫଳରେ ସୁଷମାଙ୍କ ପଞ୍ଜରା ହାଡ ଭାଙ୍ଗି ଯାଇଥିଲା। ତୁରନ୍ତ ତାଙ୍କୁ ଆଠଗଡ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁଷମାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ତାଙ୍କ ଅନ୍ୟତମ ପୁଅ ବିଶ୍ୱ ଭୂଷଣ ଆଠଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୮୨/୨୨) ରୁଜୁ କରିଥିଲା। ସରକାରଙ୍କ ତରଫରୁ ସରକାରୀ ଓକିଲ ଦେବାଶିଷ ସିଟ ଓ ସୁଶାନ୍ତ କୁମାର ମିଶ୍ର ଏହି ମାମଲା ପରିଚାଳନା କରିଥିଲେ।

## Business

# ଶିବରାତ୍ରି ପାଇଁ ଚାନ୍ଦି ଭଣ୍ଡାରର 'ଭୈରବ କଲେକ୍ସନ'




ଭୁବନେଶ୍ୱର, ୩୧।୧ (ଅନୁରାଧା ମହାରଣା)

ପବିତ୍ର ଶିବରାତ୍ରି ଉପଲକ୍ଷେ ଚାନ୍ଦି ଭଣ୍ଡାର ପକ୍ଷରୁ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର କଲେକ୍ସନ 'ଭୈରବ'ର ଉନ୍ମୋଚନ କରାଯାଇଛି। ଭୁବନେଶ୍ୱର ଶହୀଦନଗର ଷ୍ଟୋରରେ ଶନିବାର ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍‌ସା ହଂସ ଏହାର ଉନ୍ମୋଚନ କରିଛନ୍ତି। କଲେକ୍ସନ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ଲିପ୍‌ସା କହିଛନ୍ତି, ଶିବଙ୍କ ଉଭୟ ଉଗ୍ର ଓ ରକ୍ଷାକାରୀ ରୂପ ଦ୍ୱାରା ଏହି କଲେକ୍ସନ ଅନୁପ୍ରାଣିତ। ୯୨.୫ ଷ୍ଟର୍ଲିଂ ରୁପାରେ ପ୍ରସ୍ତୁତ ଏହି କଲେକ୍ସନରେ ଭକ୍ତ ଏବଂ ବିଶ୍ୱାସର ପ୍ରତୀକ ଭାବେ ନନ୍ଦୀ ପେଣ୍ଡେଣ୍ଟ ସହ ପୁରୁଷ ଓ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଆଷ୍ଟ୍ରୋ ବିଡସ୍ ବ୍ରେସ୍‌ଲେଟ୍ ରେଞ୍ଜ, ପୁରୁଷଙ୍କ ପାଇଁ ବ୍ଲାକ୍ ଅନିକ୍ସ, ହାଓଲାଇଟ୍, ପାଇରାଇଟ୍, ଗ୍ରୀନ୍ ଆଭେଞ୍ଚରିନ୍, ଜେବ୍ରା ଆଗାଟେ ଏବଂ କ୍ଲିୟର କ୍ରିଷ୍ଟାଲ ଆଦି ପଥରର ବ୍ୟବହାର କରାଯାଇଛି। ସେହିପରି ମହିଳାଙ୍କ ବ୍ରେସ୍‌ଲେଟ୍‌ରେ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଆଷ୍ଟ୍ରୋ ବିଡସ୍‌ର ଉପଯୋଗିତା ବିସ୍ତୃତ ସୂଚନା ଦିଆଯିବ ସହ ଅନୁଷ୍ଠିତ ର୍ୟାମ୍ପ ୱାକ୍ ମାଧ୍ୟମରେ କଲେକ୍ସନର ପ୍ରଦର୍ଶନ କରାଯାଇଥିଲା। ଏହା ସହ ଅନ୍ୟ ଏକ ଫେଷ୍ଟିଭ୍ କ୍ୟାମ୍ପେନ୍ 'ଗିଫ୍ଟ ଏ ପାୟଲ'ର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଚାନ୍ଦିଭଣ୍ଡାର ପକ୍ଷରୁ ଫେବୃଆରୀ ୩୦ ପର୍ଯ୍ୟନ୍ତ ଫ୍ଲାଟ୍ ୩୦% ରିହାତି ଅଫର ଘୋଷଣା କରାଯାଇଛି।

# ପତଞ୍ଜଳିରେ 'ଯୋଗ ଅଲିମ୍ପିଆଡ୍ ଓରିଏଣ୍ଟେସନ' ତାଲିମ

ଭୁବନେଶ୍ୱର, ୩୧।୧



ହରିଦ୍ୱାରସ୍ଥିତ ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନ ଓ ୱେଲ୍‌ନେସ୍‌ରେ ୨୨ରୁ ୩୦ ଜାନୁଆରୀ ପର୍ଯ୍ୟନ୍ତ ୯ ଦିନିଆ 'ଯୋଗ ଅଲିମ୍ପିଆଡ୍ ଓରିଏଣ୍ଟେସନ ଓ ଟ୍ରେନିଂ ପ୍ରୋଗ୍ରାମ' ସଫଳତାପୂର୍ବକ ସମ୍ପନ୍ନ ହୋଇଛି। ସିକିମ ସରକାରର ଶିକ୍ଷା ବିଭାଗର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଭାଗନେଇ ଯୋଗ ଦର୍ଶନ, ମନୋବିଜ୍ଞାନ ଓ ଆଧ୍ୟାତ୍ମିକତାର ଅଭ୍ୟାସ କରିଛନ୍ତି। ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଛନ୍ତି, ଯୋଗ ମନ, ଶରୀର ଓ ଆତ୍ମାରେ ସନ୍ତୁଳନ ସ୍ଥାପନ କରି ସମଗ୍ର ସ୍ୱାସ୍ଥ୍ୟ ଉନ୍ନତି କରେ ଏବଂ ଦୁଶ୍ଚିନ୍ତା ହ୍ରାସକରେ। ଯୋଗଗୁରୁ ରାମଦେବ କହିଛନ୍ତି, ପତଞ୍ଜଳି ଓ ସିକିମ ସରକାରଙ୍କ ମିଳିତ ପ୍ରୟାସରେ ବହୁ ସମ୍ଭାବନା ରହିଛି। ପ୍ରାକୃତିକ ଚିକିତ୍ସା ଓ ଆୟୁର୍ବେଦ ଦ୍ୱାରା ଶରୀର ଓ ମନକୁ ସୁସ୍ଥ ରଖାଯାଇପାରିବ। କାର୍ଯ୍ୟକ୍ରମରେ ମେଡିଟେଶନ, ଯଜ୍ଞ, ଯୋଗାସନ, ପ୍ରାଣାୟାମ ଓ ଆଧ୍ୟାତ୍ମିକ ଆଲୋଚନା କରାଯାଇଥିଲା। ପ୍ରତିନିଧିମାନେ ଋଷିକେଶରେ ଗଙ୍ଗା ଆରତି, ପରମାର୍ଥ ନିକେତନ ଓ ପତଞ୍ଜଳିର ଗୌଶାଳା, ହର୍ବଲ ଗାର୍ଡେନ ଭ୍ରମଣ କରିଥିଲେ। ସମାପନୀ ଅନୁଷ୍ଠାନରେ ଆଚାର୍ଯ୍ୟ ବାଲକ୍ରିଷ୍ଣା ପ୍ରତିନିଧିମାନଙ୍କୁ ପ୍ରମାଣପତ୍ର ଓ ସ୍ମୃତିଫଳକ ପ୍ରଦାନ କରି ସମ୍ମାନିତ କରିଛନ୍ତି। ଏହି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରେ ଯୋଗର ପ୍ରସାର ଓ ସମାନତା ପ୍ରୋତ୍ସାହନ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଆଶା କରାଯାଉଛି।

# ଆଜିଠାରୁ ସିଗାରେଟ୍ ଓ ତମାଖୁ ହେବ ମହଙ୍ଗା

ଭୁବନେଶ୍ୱର, ୩୧।୧ (ଅନୁରାଧା ମହାରଣା)

ସିଗାରେଟ୍, ପାନ ମସଲା ଓ ଗୁଟ୍‌ଖା ଦର ରବିବାରଠାରୁ ମହଙ୍ଗା ହେବ। କେନ୍ଦ୍ର ସରକାର ନୂଆ ଏକ୍ସାଇଜ ଡ୍ୟୁଟି ଓ ହେଲ୍‌ଥ ସେସ୍ ଲାଗୁକରିବା ଦ୍ୱାରା ପୂର୍ବ ଜିଏସ୍‌ଟି କମ୍ପେନସେସନ ସେସ୍‌କୁ ବଦଳାଇବ। ଏହି ପରିବର୍ତ୍ତନ କରୋନା କାଳରେ ରାଜ୍ୟଗୁଡ଼ିକର କ୍ଷତି ପୂରଣ ପାଇଁ ନିଆଯାଇଥିବା ୨.୬୯ ଲକ୍ଷ କୋଟି ଋଣ ୨୦୨୬ ଜାନୁଆରୀ ୩୧ ସୁଦ୍ଧା ଶେଷ ହେବା ପରେ ପୁରୁଣା ସେସ୍ ବନ୍ଦ କରି ନୂଆ ଟ୍ୟାକ୍ସ ବ୍ୟବସ୍ଥା ଆଣିବା ପାଇଁ କରାଯାଇଛି। ସିଗାରେଟ୍‌ରେ ୪୦% ଜିଏସ୍‌ଟି ସହ ଅତିରିକ୍ତ ଏକ୍ସାଇଜ ଡ୍ୟୁଟି ଲାଗିବ, ଯାହା ସିଗାରେଟ୍‌ର ଲମ୍ବ ଅନୁଯାୟୀ ପ୍ରତି ୧୦୦୦ ଷ୍ଟିକ୍ ପାଇଁ ୨,୦୫୦ରୁ ୮,୫୦୦ ଟଙ୍କା ପର୍ଯ୍ୟନ୍ତ ହେବ। ଏହାଦ୍ୱାରା ପ୍ରତ୍ୟେକ ସିଗାରେଟ୍ (ଷ୍ଟିକ୍) ପାଇଁ ଦରବୃଦ୍ଧି ଭିନ୍ନ ହେବ। ଛୋଟ ସିଗାରେଟ୍ (୬୫ ମି.ମି. ପର୍ଯ୍ୟନ୍ତ) ପାଇଁ ୨.୦୫ରୁ ୨.୧୦ଟଙ୍କା, ମଧ୍ୟମ (୬୫-୭୦ ମି.ମି.) ପାଇଁ ୩.୬ରୁ ୪ଟଙ୍କା, ଲମ୍ବା ପ୍ରିମିୟମ (୭୦-୭୫ ମି.ମି.) ପାଇଁ ୫.୪ ଟଙ୍କା ଏବଂ ନନ୍‌ଷ୍ଟାଣ୍ଡାର୍ଡ ଡିଜାଇନ ପାଇଁ ସର୍ବାଧିକ ୮.୫୦ଟଙ୍କା ବୃଦ୍ଧି ହେବ। ପାନ ମସଲା ଓ ଗୁଟ୍‌ଖା ଉପରେ ମଧ୍ୟ ଭାରି ଟ୍ୟାକ୍ସ ଲାଗିବ। ଗୁଟ୍‌ଖାରେ ୯୧%, ଜର୍ଦ୍ଦା ଓ ଫିଲ୍ଟର ଖଇନିରେ ୮୨% ଏବଂ ପାନ ମସଲାରେ ପ୍ରାୟ ୮୮% ଏକ୍ସାଇଜ ଡ୍ୟୁଟି ଲାଗୁହେବ। ପାନମସାଲା କମ୍ପାନୀଗୁଡ଼ିକୁ ନୂଆ ରେଜିଷ୍ଟ୍ରେଶନ କରିବାକୁ ପଡ଼ିବ ଏବଂ ପ୍ରତ୍ୟେକ ପ୍ୟାକିଂ ମେଶିନରେ ୨୪ ଘଣ୍ଟା ସିସିଟିଭି ଲଗାଇ ୨୪ ମାସ ଫୁଟେଜ୍ ରଖିବାକୁ ପଡ଼ିବ। ଏହି ଟ୍ୟାକ୍ସରୁ ଆସୁଥିବା ଆୟ ରାଜ୍ୟକୁ ପଠାଯିବ ଏବଂ ସ୍ୱାସ୍ଥ୍ୟ ସଚେତନତା ଅଭିଯାନ ପାଇଁ ବ୍ୟୟ ହେବ। କ୍ରିସିଲ ରେଟିଂସ୍‌ର ରିପୋର୍ଟ ଅନୁସାରେ ଏହି ଟ୍ୟାକ୍ସ ବୃଦ୍ଧି ପରେ ଆସନ୍ତା ଆର୍ଥିକ ବର୍ଷରେ ସିଗାରେଟ୍ ବିକ୍ରି ୬ରୁ ୮% ହ୍ରାସ ପାଇପାରେ। ଶସ୍ତା ଓ ଛୋଟ ସିଗାରେଟ୍ (ମାସ୍ ସେଗ୍‌ମେଣ୍ଟ)ରେ କମ୍ପାନୀଗୁଡ଼ିକ କିଛି ଟ୍ୟାକ୍ସ ନିଜେ ବହନ କରିପାରନ୍ତି। ମାତ୍ର ପ୍ରିମିୟମ ସିଗାରେଟ୍‌ରେ ପୂରା ଟ୍ୟାକ୍ସ ଗ୍ରାହକଙ୍କ ଉପରେ ପଡ଼ିବ ଏବଂ ଏମ୍ଆର୍‌ପି ୨୫% ପର୍ଯ୍ୟନ୍ତ ବଢ଼ିପାରେ। ବର୍ତ୍ତମାନ ଭାରତରେ ସିଗାରେଟ୍‌ରେ ମୋଟ ଟ୍ୟାକ୍ସ ରିଟେଲ ମୂଲ୍ୟର ପ୍ରାୟ ୫୩% , ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ପରାମର୍ଶ ଅନୁସାରେ ୭୫%ଠାରୁ କମ୍ ରହିଛି। ତେଣୁ ଭବିଷ୍ୟତରେ ଏଥିରେ ଆହୁରି ବୃଦ୍ଧିର ସମ୍ଭାବନା ରହିଛି।

# ଓଏଚ୍‌ପିସି ଓ ୟୁବିଆଇ ମଧ୍ୟରେ ଏମ୍ଓୟୁ

ଭୁବନେଶ୍ୱର, ୩୧।୧ (ଅନୁରାଧା ମହାରଣା)



ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ ଲିମିଟେଡ୍ (ଓଏଚ୍‌ପିସି) ପକ୍ଷରୁ ଶନିବାର ଲୋକସେବା ଭବନରେ ଓଏଚ୍‌ପିସିର କର୍ମଚାରୀମାନଙ୍କ ପାଇଁ କଷ୍ଟମାଇଜ୍‌ଡ ୟୁନିୟନ ସୁପର ସାଲାରି ଆକାଉଣ୍ଟ ପାଇଁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି । ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ସମାରୋହ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ କୁମାର ଦେବ, ଓଏଚ୍‌ପିସି ସିଏମ୍‌ଡି ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ, ଶକ୍ତି ବିଭାଗ ଅତିରିକ୍ତ ସଚିବ ପ୍ରଣବ କୁମାର ମହାନ୍ତି, ସନ୍ଦୀପ ପଟ୍ଟନାୟକ, ଅମିୟ କୁମାର ମହାନ୍ତି, ହରେକୃଷ୍ଣ ଦାସଙ୍କ ସମେତ ୟୁବିଆଇ ଏବଂ ଓଏଚ୍‌ପିସି ଓ ୟୁବିଆଇର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଏଚ୍‌ପିସି ପକ୍ଷରୁ ବରିଷ୍ଠ ମହାପ୍ରବନ୍ଧକ (ଅର୍ଥ) ଗଗନ ବିହାରୀ ମହାରଣା ଏବଂ ୟୁବିଆଇର ପ୍ରତିନିଧିତ୍ୱ କରୁଥିବା ଉପ ମହାପ୍ରବନ୍ଧକ ଏନ୍. ବାରିକ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ବୁଝାମଣାପତ୍ର ଅନୁଯାୟୀ, ପ୍ରତ୍ୟେକ ଓଏଚ୍‌ପିସି କର୍ମଚାରୀ ୧.୨୦ କୋଟି ଟଙ୍କାର ବ୍ୟକ୍ତିଗତ ଦୁର୍ଘଟଣା ବୀମା ଏବଂ ୨୦ ଲକ୍ଷ ଟଙ୍କାର ଅତିରିକ୍ତ ଟର୍ମ ଜୀବନ ବୀମା ପାଇବେ। ଏଥିରେ ୩୦୦୦୦ ଟଙ୍କାର ବାର୍ଷିକ ହସ୍ପିଟାଲ ନଗଦ ଲାଭ ମଧ୍ୟ ଅନ୍ତର୍ଭୁକ୍ତ। କର୍ମଚାରୀମାନଙ୍କୁ ସେମାନଙ୍କର ଶୂନ୍ୟ ବାଲାନ୍ସ ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟରେ ଏକ ରୁପେ ସିଲେକ୍ଟ ଡେବିଟ୍ କାର୍ଡ ପ୍ରଦାନ କରାଯିବ, ଯାହା ୧୫ ଲକ୍ଷ ଟଙ୍କାର ଅତିରିକ୍ତ ଦୁର୍ଘଟଣା ବୀମା କଭରେଜ୍ ସହ ଆସିଥାଏ। ଏଥିରେ ମାଗଣା ବିମାନବନ୍ଦର ଲାଉଞ୍ଜ ସୁବିଧା, ତ୍ରୈମାସିକ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ମାଗଣା କାରବାର ସମେତ କୌଣସି ଅତିରିକ୍ତ ମୂଲ୍ୟ ବିନା ୭୫୦୦୦ ଟଙ୍କାର ବାର୍ଷିକ ଜୀବନଶୈଳୀ ଲାଭ ମଧ୍ୟ ଉପଲବ୍ଧ।

# ୧୩ରୁ ବନ୍ଦହେବ ଚାଟଜିପିଟିର ୪ ମଡେଲ

ଭୁବନେଶ୍ୱର, ୩୧।୧ (ଅନୁରାଧା ମହାରଣା)

ଓପନ୍ ଏଆଇ ଘୋଷଣା କରିଛି ଯେ ଫେବୃଆରୀ ୧୩ରୁ ଚାଟ୍‌ଜିପିଟିରେ କେତେକ ପୁରୁଣା ଓ ଲେଗାସି ଏଆଇ ମଡେଲର ଆକ୍ସେସ୍ ବନ୍ଦ ହେବ। ଏହି ମଡେଲଗୁଡ଼ିକରେ ରହିଛି ଜିପିଟି-୪୦, ଜିପିଟି-୪.୧, ଜିପିଟି-୪.୧ ମିନି ଓ ଓପନ୍‌ଏଆଇ ୦୪-ମିନି ରହିଛି। କମ୍ପାନୀର କହିବାନୁସାରେ, ବର୍ତ୍ତମାନ ୯୯.୯% ବ୍ୟବହାରକାରୀ ନୂଆ ଜିପିଟି-୫.୨ ମଡେଲକୁ ସ୍ଥାନାନ୍ତରିତ ହୋଇସାରିଛନ୍ତି। କେବଳ ୦.୧% ବ୍ୟବହାରକାରୀ ଏବେ ମଧ୍ୟ ଜିପିଟି-୪୦ ବ୍ୟବହାର କରୁଛନ୍ତି। ପୁରୁଣା ମଡେଲଗୁଡ଼ିକୁ ରଖିବା ଦ୍ୱାରା ରିସୋର୍ସ ବିଭାଜନ ହେଉଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ନୂଆ ମଡେଲଗୁଡ଼ିକର ଉନ୍ନତି ଉପରେ ଅଧିକ ଧ୍ୟାନ ଦିଆଯିବ। ଏହା ପ୍ରଥମ ଥର ନୁହେଁ। ଗତ ବର୍ଷ ଜିପିଟି-୫ ଲଞ୍ଚ ହେବା ପରେ ଜିପିଟି-୪୦କୁ ବନ୍ଦ କରାଯାଇଥିଲା। ମାତ୍ର ପେଡ୍ ବ୍ୟବହାରକାରୀଙ୍କର ବିରୋଧ ଯୋଗୁ ପୁଣି ଫେରାଇ ଆଣିଥିଲା। ଏଥର ଓପନ୍ ଏଆଇ କହିଛି , ନୂଆ ଜିପିଟି-୫.୧ ଓ ଜିପିଟି-୫.୨ରେ ବ୍ୟବହାରକାରୀଙ୍କ ମତାମତ ଅନୁସାରେ ବହୁ ଉନ୍ନତି କରାଯାଇଛି, ଯେପରିକି ଭଲ ପର୍ସନାଲିଟି, ସୃଜନଶୀଳ ଉତ୍ତର, କଷ୍ଟମାଇଜ ଟୋନ୍ ଆଦି ରହିଛି। ଫେବୃଆରୀ ୧୩ ପର୍ଯ୍ୟନ୍ତ ପୁରୁଣା ମଡେଲରେ ଚାର୍ଟ କରାଯାଇପାରିବ। ତା'ପରେ ସବୁ ଚାର୍ଟ ଆପେଆପେ ଜିପିଟି-୫.୨ କିମ୍ବା ନୂଆ ମଡେଲକୁ ସ୍ଥାନାନ୍ତରିତ ହେବ। ଇମେଜ ଜେନେରେଶନ ମଧ୍ୟ ନୂଆ ମଡେଲ ଦ୍ୱାରା ହେବ। ପୁରୁଣା ମଡେଲରେ ଅଭ୍ୟସ୍ତ ହୋଇଥିବା କେତେଜଣ ବ୍ୟବହାରକାରୀଙ୍କୁ ପ୍ରାରମ୍ଭରେ ପରିବର୍ତ୍ତନ ଅନୁଭବ ହୋଇପାରେ, ମାତ୍ର ପରବର୍ତ୍ତୀ ସମୟରେ ଏହାର ବ୍ୟବହାର ସହଜ ହୋଇପାରିବ। ଏହି ପରିବର୍ତ୍ତନ କେବଳ ଚାଟଜିପିଟି ପାଇଁ ଲାଗୁହେବ, ଏପିଆଇରେ କୌଣସି ପରିବର୍ତ୍ତନ ନାହିଁ।

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଫେବୃଆରୀ ୧/୨୦୨୬ Bhubaneswar, Sunday, February 1/ 2026

# ହିଡେନ୍ ଆପ୍



**ମୋବାଇଲ୍ ଭିତରେ ଏମିତି କିଛି ଆପ୍ ଲୁଚି ରହିଥାଏ, ଯାହାକୁ ଆମେ ଡିସ୍‌ପ୍ଲେ ଆପ୍ ଲିଷ୍ଟରେ ଦେଖି ପାରି ନ ଥାଉ। ହେଲେ ଏହି ହିଡେନ୍ ଆପ୍ ୟୁଜର୍‌ଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପାରେ। କାରଣ, କେବେକେବେ କେତେକ ହିଡେନ୍ ଆପ୍ ହିଁ ସାଇବର ଅପରାଧୀଙ୍କୁ ୟୁଜରଙ୍କ ମୋବାଇଲ୍‌ରେ ମାଲ୍‌ୱେର୍ ଇନ୍‌ଷ୍ଟଲ୍ କରିବା, ଡିଭାଇସ୍‌ର ବିଭିନ୍ନ ଆକ୍ଟିଭିଟି ଉପରେ ନଜର ରଖିବା ସହ ଡାଟା ଚୋରି କରିବାରେ ସାହାଯ୍ୟ କରିଥାଏ। ତେଣୁ ସୁରକ୍ଷା ଦୃଷ୍ଟିରୁ ନିଜ ମୋବାଇଲ୍‌ରେ ହିଡେନ୍ ଆପ୍ ଅଛି କି ନାହିଁ ଯାଞ୍ଚ କରିବା ସହ ଥିଲେ ତୁରନ୍ତ ଏହାକୁ ଡିଲିଟ୍ କରିବା ଆବଶ୍ୟକ...**

କେତେକ କ୍ଷେତ୍ରରେ ୟୁଜରମାନେ ଅନ୍ୟମାନଙ୍କଠାରୁ ସାଙ୍ଗସାଥୀ, ପରିବାର ସଦସ୍ୟ କିମ୍ବା ଅନ୍ୟମାନଙ୍କଠାରୁ ଲୁଚାଇବା ଲାଗି ଫୋନ୍‌ରେ କେତେକ ଆପ୍‌କୁ ହିଡେନ୍ ରଖିଥା'ନ୍ତି। ଆଇଓଏସ୍ ୧୮ ଆସିବା ପରେ ଆପ୍ ହାଇଡ୍ କରି ରଖିବା ଆହୁରି ସହଜ ହୋଇଯାଉଛି। ହିଡେନ୍ ଆପ୍ କେବଳ କୋଡ୍ ବା ପାସ୍‌ୱାର୍ଡ ଦେଇ ଖୋଲି ହେଉଥିବାରୁ ଏହି ଅପ୍ସନ ୟୁଜରଙ୍କୁ ନିଜର ପ୍ରିଭେସି ରକ୍ଷା କରିବାରେ ସାହାଯ୍ୟ କରୁଛି। ହେଲେ କେବେକେବେ ଫୋନ୍‌ରେ ଥିବା କେତେକ ହିଡେନ ଆପ୍ ବିଷୟରେ ୟୁଜର ନିଜେ ଅବଗତ ନ ଥା'ନ୍ତି। ଯାହାକୁ ବ୍ୟବହାର କରି ସାଇବର ଅପରାଧୀମାନେ ଡାଟା ହ୍ୟାକ୍ କରିବା, ବ୍ୟାଙ୍କ୍ ଆକାଉଣ୍ଟରୁ ଟଙ୍କା ଲୁଟି ନେବା ଭଳି ଅବୈଧ କାର୍ଯ୍ୟ ମଧ୍ୟ କରିପାରନ୍ତି। ତେଣୁ ଫୋନ୍‌ରେ ଥିବା ହିଡେନ୍ ଆପ୍ ବିଷୟରେ କିପରି ଜାଣିବେ ଏବଂ ଏହାକୁ କିପରି ଡିଲିଟ୍ କରିବେ ଜାଣି ରଖନ୍ତୁ ସେ ସମ୍ପର୍କରେ...

**ହିଡେନ୍ ଆପ୍ ଥିବା ଜାଣିବେ କିପରି: ମୋବାଇଲର ସ୍ପେସ୍ କମିବା:** ହିଡେନ୍ ଆପ୍ ଥିଲେ ମୋବାଇଲର ସ୍ପେସ୍ କମିଥାଏ। ଯଦି ଅଧିକ ଡାଟା ନ ଥାଇ ମଧ୍ୟ ମୋବାଇଲ୍‌ରେ ଷ୍ଟୋରେଜ୍ ଫୁଲ୍ ଦେଖାଉଛି, ତେବେ ସେଥିରୁ ହିଡେନ୍ ଆପ୍ ଥିବା ଅନୁମାନ କରାଯାଇପାରେ।

**ମୋବାଇଲର ବ୍ୟାଟେରି ଶୀଘ୍ର ଡେନ୍ ହେବା:** ଅଧିକ ସମୟ ଧରି ମୋବାଇଲ୍ ବ୍ୟବହାର ନ କରୁଥିଲେ ସୁଦ୍ଧା ଯଦି ଶୀଘ୍ର ବ୍ୟାଟେରି ଡ୍ରେନ୍ ହେଉଥାଏ ଏବଂ ବାରମ୍ବାର ଚାର୍ଜ କରିବାକୁ ପଡୁଥାଏ, ତେବେ ମୋବାଇଲ୍‌ରେ ହିଡେନ୍ ଆପ୍ ଥିବାର ଏହା ଅନ୍ୟତମ ଲକ୍ଷଣ।

**ମୋବାଇଲ ସ୍ଲୋ ହେବା:** କୌଣସି ଆପ୍ ବ୍ୟବହାର କରିବା ବେଳେ ବିଶେଷକରି ଫୁଲ୍ ନେଟ୍‌ୱର୍କ ଥାଇ ମଧ୍ୟ ଇଣ୍ଟରନେଟ୍ ବ୍ୟବହାର କରିବା ବେଳେ ମୋବାଇଲ ସ୍ଲୋ ହେବା ବି ହିଡେନ୍ ଆପ୍‌ର କାରଣ ହୋଇପାରେ।

**ଅଜଣା ନମ୍ବରରୁ କଲ୍ ଆସିବା:** ବେଳେବେଳେ ଲଗାତାର କିଛି ଦିନ ଧରି ଅନ୍‌ନୋନ୍ ନମ୍ବରରୁ କଲ୍ ଆସିଥାଏ। ଏହା ମଧ୍ୟ ମୋବାଇଲ୍‌ରେ ହିଡେନ୍ ଆପ୍ ଥିବାର କାରଣ ହୋଇପାରେ।

**ମୋବାଇଲର ସେଟିଂ ବଦଳିଯିବା:** ହଠାତ୍ ଦେଖିବା ବେଳକୁ କେବେକେବେ ମୋବାଇଲ୍‌ର ସେଟିଂ ପରିବର୍ତ୍ତନ ହୋଇଯାଇଥିବା ଅନେକେ କୁହନ୍ତି। ଏହା ମଧ୍ୟ ହିଡେନ୍ ଆପ୍‌ର ଉପସ୍ଥିତି ପାଇଁ ହୋଇପାରେ।



**କେଉଁଠୁ ଖୋଜିବେ ଓ କିପରି ଡିଲିଟ୍ କରିବେ:** – ଆଇଫୋନ୍ ୟୁଜର୍ ହୋଇଥିଲେ ମୋବାଇଲର ଆପ୍ଲିକେଶନ ଲିଷ୍ଟ ଚେକ୍ କରନ୍ତୁ: ଅଜଣା ଆପ୍ ଥିଲେ ଜାଣିପାରିବେ। ଏଠାରେ ନ ଥିଲେ ହିଡେନ୍ ଆପ୍ ଫୋଲ୍ଡର ଚେକ୍ କରନ୍ତୁ। ଏହା ବ୍ୟତୀତ ପର୍ଚେଜ୍‌ଡ ସେକ୍ସନ ଚେକ୍ କଲେ ଇନ୍‌ଷ୍ଟଲ୍ ହୋଇଥିବା ଆପ୍ ବିଷୟରେ ଜଣା ପଡ଼ିଯିବ। ଯେଉଁ ଆପ୍ ଆପଣଙ୍କର ଆବଶ୍ୟକ ନୁହେଁ, ତାହା ଉପରେ ପ୍ରେସ୍ କରି ହୋଲ୍ଡ କରିବା ପରେ ରିମୁଭ୍ କିମ୍ବା ଅନ୍‌ଇନ୍‌ଷ୍ଟଲ୍ ଅପ୍ସନ ଆସିବ। ତାହା ଉପରେ କ୍ଲିକ୍ କରି ଆପଣ ଉକ୍ତ ଆପ୍‌କୁ ନିଜ ଫୋନ୍‌ରୁ ଦୂରେଇପାରିବେ।

– ଆଣ୍ଡ୍ରୋଏଡ୍ ଫୋନ୍ ଉପଭୋକ୍ତା ସେଟିଂ ଅନ୍ କରି ଆପ୍ସ ଅପ୍ସନ ଓପନ୍ କରନ୍ତୁ। ଏହାପରେ ଅଲ୍ ଆପ୍ସ ଅପ୍ସନରେ କ୍ଲିକ୍ କରି ସମସ୍ତ ଇନ୍‌ଷ୍ଟଲ୍ କରାଯାଇଥିବା ଆପ୍ ଚେକ୍ କରନ୍ତୁ। ଏଠାରେ ଆପଣଙ୍କୁ ହିଡେନ୍ ଆପ୍ ଥିଲେ ବି ଜଣାପଡ଼ିଯିବ। ଏହା ଉପରେ କ୍ଲିକ୍ କରି ହୋଲ୍ଡ କଲେ ରିମୁଭ୍ ଏବଂ ଅନ୍‌ଇନ୍‌ଷ୍ଟଲ୍ ଅପ୍ସନ ଆସିଯିବ। ଏପରି ଆପଣ ଅନାବଶ୍ୟକ ଆପ୍‌କୁ ଡିଲିଟ୍ କରି ନିଜ ଫୋନ୍‌କୁ ସୁରକ୍ଷିତ ରଖିପାରିବେ।



**ହିଡେନ ଆପ୍‌ଠୁ କିପରି ଦୂରେଇ ରହିବେ:**

– ମୋବାଇଲରେ ପାସ୍‌ୱାର୍ଡ ବ୍ୟବହାର କରନ୍ତୁ ଏବଂ ସିକ୍ୟୁରିଟି ସଫ୍ଟୱେର ବ୍ୟବହାର କରନ୍ତୁ। ଗୁଗୁଲ୍ ପ୍ଲେ ଷ୍ଟୋରକୁ ଯାଇ ନିଜ ପ୍ରୋଫାଇଲ୍ ଆଇକନ୍‌ରେ କ୍ଲିକ୍ କରନ୍ତୁ ଏବଂ ପ୍ଲେ ପ୍ରୋଟେକ୍ଟକୁ ଯାଇ ସ୍କାନ୍ ଆପ୍ସକୁ ଏନାବଲ୍ କରନ୍ତୁ। ଏହାଦ୍ୱାରା ଆପଣ ହିଡେନ୍ ଆପ୍ ଡିଟେକ୍ଟ କରି ରିମୁଭ୍ କରିପାରିବେ।

– ମଝିରେ ମଝିରେ ଫୋନ୍‌ର ସେଟିଂ ଓପନ୍ କରି ଆପ୍ସଗୁଡ଼ିକୁ ଚେକ୍ କରିବାକୁ ଭୁଲନ୍ତୁ ନାହିଁ। ଏପରି କରି ଆପଣ ହିଡେନ୍ ଆପ୍ ଥିଲେ ଜାଣି ପରିବେ।

– ସୁରକ୍ଷା ଦୃଷ୍ଟିରୁ ମୋବାଇଲ୍‌ରେ କୌଣସି ଅଜଣା ଆପ୍ ଆଦୌ ଡାଉନଲୋଡ କରନ୍ତୁ ନାହିଁ। ଯଦି କୌଣସି ଆପ୍ ଦରକାର ହୁଏ, ତେବେ ଡାଲ୍‌ନ୍‌ଲୋଡ୍ କରିବା ପୂର୍ବରୁ ପ୍ଲେଷ୍ଟୋର୍‌ରେ ଏହାର ରିଭ୍ୟୁ ଏବଂ ପରମିଶନ ଚେକ୍ କରନ୍ତୁ। କାମ ସରିବା ପରେ ଅନ୍‌ଇନ୍‌ଷ୍ଟଲ୍ କରିଦିଅନ୍ତୁ।

– ସବୁବେଳେ ସୁରକ୍ଷିତ ବ୍ରାଉଜର୍ ବ୍ୟବହାର କରନ୍ତୁ। ଏହାଦ୍ୱାରା ନିଜ ମୋବାଇଲରେ ମାଲୱେର କିମ୍ବା କୌଣସି ହାନିକାରକ ହିଡେନ ଆପ୍‌କୁ ରୋକିପାରିବେ।

## ଏ ସପ୍ତାହର ପ୍ରଶ୍ନ ?

୧– ଆସୋଲା ଭାଟି ୱାଇଲ୍ଡ ଲାଇଫ୍ ସାଙ୍କ୍‌ଚୁଆରୀ ......... ପର୍ବତମାଳାରେ ଅବସ୍ଥିତ ?
୨– ଗ୍ଲୋବାଲ୍ ରିସ୍କ ରିପୋର୍ଟ ୨୦୨୬ ........... ପକ୍ଷରୁ ପ୍ରକାଶ ପାଇଛି ?
୩– ରୋବୋଟ୍ ସିଷ୍ଟମ୍–୧୫ ........... ଦେଶ ନିର୍ମାଣ କରିଛି ?
୪– ଇଣ୍ଡିଆନ୍ କୋଷ୍ଟଗାର୍ଡ ଶିପ୍ ସଂକଳ୍ପ .............. ଦ୍ୱାରା ନିର୍ମାଣ କରାଯାଇଛି ?
୫– ହିଣ୍ଡନ୍ ନଦୀ ......... ନଦୀର ଉପନଦୀ ?

## ଗତ ଥରର ଉତ୍ତର

୧ ଅରୁଣାଚଳ ପ୍ରଦେଶ
୨ ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏଶନ୍
୩ ଉତ୍ତରାଖଣ୍ଡ
୪ ମୁଣ୍ଡକା ଉପନିଷଦ
୫ ଇଣ୍ଡିଆନ୍ ସାଇବର୍ କ୍ରାଇମ୍ କୋଅର୍ଡିନେଶନ୍ ସେଣ୍ଟର

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର



ଅନ୍ନଦାପ୍ରସାଦ ପଟ୍ଟନାୟକ, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ–ମେଲ୍ ଠିକଣା:** dharitriagamiasha@gmail.com

## ୟୁଥ୍ ଆଲର୍ଟ

# ପୃଥିବୀର ସବୁଠୁ ବିଷାକ୍ତ ସାପ

**ବ୍ଲାକ୍ ମାମ୍ବା:** ଆଫ୍ରିକାରେ ଦେଖାଯାଉଥିବା ଏହି ସାପ ୧୪ ଫୁଟ୍ ପର୍ଯ୍ୟନ୍ତ ଲମ୍ବା ହୋଇଥିବା ବେଳେ ଘଣ୍ଟାକୁ ପ୍ରାୟ ୨୦ କିମି.



ପର୍ଯ୍ୟନ୍ତ ବେଗରେ ଗତି କରିପାରେ ଏବଂ ଖୁବ୍‌ଶୀଘ୍ର ପହଁରିପାରେ ମଧ୍ୟ। ଏହି ସାପର ନାମ ବ୍ଲାକ୍ ମାମ୍ବା। ଏହାର ରଙ୍ଗ କଳା ନୁହେଁ, ବରଂ ଡାର୍କ ବ୍ରାଉନ୍। ହେଲେ ମୁହଁ ଖୋଲିଲେ ପାଟି ଭିତରର ରଙ୍ଗ କଳା ହୋଇଥାଏ। ଏମାନେ ଏତେ ଭୟଙ୍କର ଯେ, ମାତ୍ର କିଛି ସେକେଣ୍ଡ ମଧ୍ୟରେ ଅନେକ ଥର ଦଂଶନ କରିପାରନ୍ତି। ଏହା ମଣିଷକୁ ଦଂଶନ କଲେ ୧୫–୨୦ ମିନିଟ୍ ଭିତରେ ତାଙ୍କ ମୃତ୍ୟୁ ହୋଇଥାଏ। ହେଲେ ଏହି ସାପ ମଣିଷକୁ ଖୁବ୍ କମ୍ କାମୁଡ଼ିଥାନ୍ତି।

**ତାଇପନ୍:** ଅଷ୍ଟ୍ରେଲିଆରେ ଦେଖାଯାଉଥିବା ଏହି ସାପ ଅତ୍ୟନ୍ତ ବିଷାକ୍ତ। ଏହା ଗୋଟିଏଥର କାମୁଡ଼ିଲେ ଯେତିକି ପରିମାଣର ବିଷ ଛାଡ଼ିଥାଏ, ସେଥିରେ ଅତିକମ୍‌ରେ ୧୦୦ ଜଣ ମଣିଷ କିମ୍ବା ୧୨ ହଜାର ଘୁଷୁରିଙ୍କ ମୃତ୍ୟୁ ହୋଇପାରେ। ଏହାର ବିଷ ନ୍ୟୁରୋଟକ୍ସିକ୍ ହୋଇଥାଏ। ଋତୁ ଅନୁଯାୟୀ ପରିବେଶର ତାପମାତ୍ରା ସହ ଖାପ ଖୁଆଇବା ଲାଗି ଏମାନେ ନିଜ ଶରୀରର ରଙ୍ଗ ପରିବର୍ତ୍ତନ କରିପାରନ୍ତି। ଏମାନେ ବିଜୁଳି ବେଗରେ କାମୁଡ଼ିଥାନ୍ତି।

**ଟାଇଗର୍ ସ୍ନେକ୍:** ଏହା ମଧ୍ୟ ଅଷ୍ଟ୍ରେଲିଆରେ ଦେଖାଯାଉଥିବା ଏକ ଅତ୍ୟନ୍ତ ବିଷାକ୍ତ ସାପ। ହଳଦିଆ ରଙ୍ଗରେ ଏବଂ କଳା ପଟାପଟା ଦାଗ ଥିବାରୁ ଏମାନଙ୍କ ନାମ ଏପରି ରଖାଯାଇଛି। ଏମାନେ ଅନ୍ୟ ସାପଙ୍କ ପରି ଅଣ୍ଡା ନ ଦେଇ ଛୁଆ ଜନ୍ମ କରିଥାନ୍ତି। ଏମାନଙ୍କ ବିଷ ନ୍ୟୁରୋଟକ୍ସିକ୍ ହୋଇଥାଏ। ତେଣୁ ଏହା କାମୁଡ଼ିବା ମାତ୍ରେ ପାରାଲିସିସ୍ ହୋଇଯିବା ସହ ତୁରନ୍ତ ଚିକିତ୍ସା ନ ହେଲେ ମାତ୍ର ୩୦ ମିନିଟ୍‌ରୁ ୨୪ଘଣ୍ଟା ମଧ୍ୟରେ ମଣିଷର ମୃତ୍ୟୁ ହୋଇଥାଏ।

**ଫିଲିପିନ୍ କୋବ୍ରା:** ଫିଲିପାଇନ୍ସର ଉତ୍ତର ଭାଗରେ ଏହି ବିଷଧର ସାପ ଅଧିକ ଦେଖିବାକୁ ମିଳନ୍ତି। ଏହା ଅନ୍ୟ କୋବ୍ରା ପ୍ରଜାତିଙ୍କଠାରୁ ବହୁଗୁଣ ଅଧିକ ବିଷାକ୍ତ। କାରଣ ଏମାନେ ଶିକାରକୁ ୩ ମିଟର ଦୂରରୁ ଲମ୍ଫ ପ୍ରଦାନ କରି ଦଂଶନ କରିପାରନ୍ତି। ଏହା ମଣିଷକୁ ଦଂଶନ କଲେ ସାଙ୍ଗେ ସାଙ୍ଗେ ମୁଣ୍ଡ ବୁଲାଇବା, ବିନ୍ଧିବା, ଅତ୍ୟଧିକ ବାନ୍ତି ଲାଗିବା ଏବଂ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ହେବା ସହ ଅଧଘଣ୍ଟା ମଧ୍ୟରେ ମୃତ୍ୟୁ ହେବାର ଆଶଙ୍କା ଅଧିକ।



## ଯୁବ ପ୍ରତିଭା

# ଅଭିନୟ ଦେଇଛି ପରିଚୟ

କେତେବେଳେ କ୍ୟାମେରା ଆଗରେ ତ ଆଉ କେତେବେଳେ କ୍ୟାମେରା ପଛରେ ରହି ନିଜ ଅଭିନୟ ଯାଦୁ ଦେଖାଇବା ସହ ଜଣେ ଦକ୍ଷ ନିର୍ଦ୍ଦେଶକ ଭାବେ ସେ ନା କେବଳ ଦର୍ଶକଙ୍କ ମନ ଜିଣି ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି ବରଂ ସାଉଁଟିଛନ୍ତି ଅନେକ ପୁରସ୍କାର। ନିଜ କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ଓଡ଼ିଶାର କଳା ସଂସ୍କୃତିକୁ



ବିଶ୍ୱ ଦରବାରରେ ପହଞ୍ଚାଇବାରେ ସଫଳ ହୋଇଥିବା ଏହି ଯୁବ ଅଭିନେତା, ନିର୍ମାତା ଓ ନିର୍ଦ୍ଦେଶକ ହେଉଛନ୍ତି ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ନୂଆମଠରେ ରହୁଥିବା ବାପା ଶେଖ୍ ସିଦ୍ଦିକ୍ ଓ ମାଆ ଫାତିମା ବିବିଙ୍କ ପୁଅ ଶେଖ୍ ଗୁଲଜାର୍ ହୁସେନ।

୧୯୯୮ରେ ପଥପ୍ରାନ୍ତ ନାଟକ 'ନିଶା ନିବାରଣ ଓ ଯୌତୁକ ପ୍ରଥା'ରେ ଅଭିନୟରୁ ଆରମ୍ଭ ହୋଇଥିଲା ତାଙ୍କ ଅଭିନୟ ଜଗତରେ ପ୍ରବେଶ। ଏହାପରେ ୧୯୯୯ରେ ଧାରାବାହିକ 'ପ୍ରତିଶୋଧ' ଏବଂ ୨୦୦୨ରେ ଟେଲିଫିଲ୍ମ 'ଜୀବନ ରଙ୍ଗ'ରେ ଅଭିନୟ କରିଥିଲେ। ସେ କୁହନ୍ତି, ଫୁଲ୍ ଅର୍ କାଣ୍ଟେ ଫିଲ୍ମରେ ଅଜୟ ଦେବଗନ୍‌ଙ୍କ ବାଇକ୍ ଷ୍ଟଣ୍ଟ ଦେଖି ମୋ ମନରେ ଅଦ୍ଭୁତ ଫିଲିଙ୍ଗ୍ସ ଆସିଥିଲା। ମୁଁ ବି ଏପରି କରିପାରିବି ବୋଲି ଭାବିଲି। ଆଉ ସେହି ନିଶା ଏତେ ଜୋରରେ ଘାରିଥିଲା ଯେ, ଘରସାରା ତାଙ୍କର ବିଭିନ୍ନ ଫଟୋ ଲଗାଇବା ସହ ତାଙ୍କ ଲୁକ୍, ଡ୍ରେସ୍‌ଅପ୍ ଷ୍ଟାଇଲ୍, ହେୟାର୍ ଷ୍ଟାଇଲ୍ ମଧ୍ୟ ଫଲୋ କଲି। ଏହାଦ୍ୱାରା ପାଠପଢ଼ାରେ ଅବହେଳା ହେଉଥିବା ଦେଖି ମା'ବାପା ଅଭିନୟରୁ ଦୂରେଇ ପଢ଼ା ପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଲେ। ଏହାପରେ ହାୟର ଷ୍ଟଡି କଲି ଏବଂ ୨୦୧୭ରେ ଡକୁମେଣ୍ଟାରୀ ଫିଲ୍ମ 'ଜୈନ ହେରିଟେଜ୍ ଇନ ଓଡ଼ିଶା'ରେ ଅଭିନୟ କରି ପୁନର୍ବାର ଚଳଚ୍ଚିତ୍ର ଦୁନିଆକୁ ଫେରିଲି।' ସେହିଦିନଠାରୁ ସେ ଆଉ ପଛକୁ ଫେରିନାହାନ୍ତି। ୨୦୧୯ରେ ଡକୁମେଣ୍ଟାରୀ ଫିଲ୍ମ 'ଥ୍ରୁ ଦି ଆଇଜ୍ ଅଫ୍ ଆନ୍ ଆର୍ଟିଷ୍ଟ'ରେ ପ୍ରଯୋଜନା କରିବା ସହ ୨୦୨୦ରେ ଶର୍ଟ ଫିଲ୍ମ ଇନ୍ ମେମୋରି ଅଫ୍ ବାପୁ'ରେ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ସେହିବର୍ଷ ଡକୁମେଣ୍ଟାରୀ ଫିଲ୍ମ 'ଶିଶୁ ଅନନ୍ତଙ୍କ ଗାଥା' ଉଭୟ ନିର୍ଦ୍ଦେଶନା ଓ ପ୍ରଯୋଜନା ମଧ୍ୟ କରିଥିଲେ। ୨୦୨୧ରେ ଶର୍ଟ ଫିଲ୍ମ ଦ ରାଇଟ ଇମେଜ୍‌ରେ ନିର୍ଦ୍ଦେଶନା, ପ୍ରଯୋଜନା ଓ ଅଭିନୟ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେ ଶର୍ଟ ଫିଲ୍ମ ହୋଲ୍‌ଡ ମାଇଁ ହ୍ୟାଣ୍ଡ, ସଚେତନତାଧର୍ମୀ ଫିଲ୍ମ ସଜନା, ରୋଡ୍ ସେଫ୍ଟି, କୃଷିଭିତ୍ତିକ ସଚେତନତାଧର୍ମୀ କ୍ଷୁଦ୍ର ଚଳଚ୍ଚିତ୍ର ବିଷମୁକ୍ତ ଚାଷ, ହିନ୍ଦୀ ଶର୍ଟ ଫିଲ୍ମ କ୍ୟାରିୟର, ବେଙ୍ଗଲୀ ଫିଲ୍ମ ମୋମୋ ଦ ଗେମ ଅଫ ଡେଥ୍, ଆଗୁନ୍‌ରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଁଟି ପାରିଛନ୍ତି।

ଏଭଳି ସୁନ୍ଦର ଓ ନିଖୁଣ ଅଭିନୟ ପାଇଁ ସେ ପଥପ୍ରାନ୍ତ ନାଟକ ପାଇଁ ଶ୍ରେଷ୍ଠ ଅଭିନେତା, ଟ୍ୱିଙ୍କିଲ୍ ଷ୍ଟାର ଡାନ୍ସ ସ୍କୁଲ, ନୟାହାଟ, ପୁରୀ ତରଫରୁ ମାନପତ୍ର, ଶ୍ରୀକ୍ଷେତ୍ର ଆଭାସ ତରଫରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀରେ କଳା ବିଭୂତି ସମ୍ମାନ, ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ସମ୍ମାନ, ଶିଶୁ ଅନନ୍ତ ୟୁଥ କ୍ଲବ ତରଫରୁ ସମ୍ମାନ, ଜୟଦେବ ଗାଁ ସାଥୀ ସଂଘ ପକ୍ଷରୁ ଜୟଦେବ ଗୌରବ ସମ୍ମାନ, ଚତୁର୍ଥ ଗୀତାଞ୍ଜଳି ଏକ୍ସଲେନ୍ସ ସମ୍ମାନ, ସେକେଣ୍ଡ ଓଡ଼ିଶା ମୋଶନ ଫିଲ୍ମ ସମ୍ମାନ, ଜାତୀୟ ଯୁବ ପ୍ରତିଭା ସମ୍ମାନ, ଜାତୀୟ ପର୍ଯ୍ୟଟନ ଚଳଚ୍ଚିତ୍ର ପୁରସ୍କାର, ୨୦୨୩ରେ ମହାମହିମ ରାଜ୍ୟପାଳ ଗଣେଶୀଲାଲଙ୍କ ଦ୍ୱାରା ସମ୍ବର୍ଦ୍ଧିତ, ସେବା ସଂସ୍କୃତି ସମ୍ମାନ, ପ୍ରଦ୍ୟୁମ୍ନ ପ୍ରତିଭା ସମ୍ମାନ, ପଞ୍ଚସଖା ସ୍ମୃତି ସମ୍ମାନ, ଉତ୍କଳ ଜୟଦେବ ସମ୍ମାନ, ଚତୁର୍ଥ ସିଲ୍‌ଭର ସିଟି ଅନ୍ତର୍ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସହ ୨୦୨୫ରେ ଓଡ଼ିଆ ଯୁବ କବି ସମ୍ମାନ ଭଳି ଅନେକ ସମ୍ମାନରେ ସମ୍ମାନିତ ହୋଇସାରିଛନ୍ତି।

**ପୁରସ୍କୃତ ଫିଲ୍ମ :** – ତାଙ୍କ ଡକୁମେଣ୍ଟାରୀ ଫିଲ୍ମ 'ଥ୍ରୁ ଦ ଆଇଜ୍ ଅଫ୍ ଆନ୍ ଆର୍ଟିଷ୍ଟ' ଜେଡିସିଏ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ପ୍ରଦର୍ଶିତ ହେବା ସହ ଝାଡ଼ଖଣ୍ଡ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଓ ଚଳଚିତ୍ରମ୍ ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ବେଷ୍ଟ ଡକୁମେଣ୍ଟାରୀ ଫିଲ୍ମ ପୁରସ୍କାର ପାଇବା ସହ ନିଉଜ୍ ୭ ଶର୍ଟ ଫିଲ୍ମ କଣ୍ଟେଷ୍ଟରେ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛି। ଖାଲି ଏତିକି ନୁହେଁ, କୋଲକାତା ଫିଲ୍ମ ଫେଷ୍ଟିଭାଲରେ ଏହାକୁ ବେଷ୍ଟ ଡକୁମେଣ୍ଟାରୀ ଫିଲ୍ମର ପୁରସ୍କାର ମିଳିଛି।

– ଶର୍ଟ ଫିଲ୍ମ 'ଇନ୍ ମେମୋରି ଅଫ ବାପୁ'କୁ ୨୦୨୦ରେ ଇଗ୍‌ନାଇଟ ଫିଲ୍ମ ଫେଷ୍ଟିଭାଲରେ ଶ୍ରେଷ୍ଠ ଚଳଚ୍ଚିତ୍ର ସମ୍ମାନ ଦିଆଯାଇଛି। ଏହି ପୁରସ୍କାର ଗ୍ରହଣ ସମୟର ଅନୁଭୂତି ସମ୍ପର୍କରେ ସେ କୁହନ୍ତି, ଗାନ୍ଧିଜୀଙ୍କ ୧୫୦ତମ ଜନ୍ମ ବାର୍ଷିକୀରେ ଆୟୋଜିତ ଫିଲ୍ମ ପ୍ରତିଯୋଗିତାରେ ଇନ୍ ମେମୋରି ଅଫ୍ ବାପୁ ଶର୍ଟ ଫିଲ୍ମ ପାଇଁ ମୋର ସିଲେକ୍ସନ ହୋଇଛି ବୋଲି ବାରମ୍ବାର ଫୋନ୍ ଆସିଥିଲା। ଆୱାର୍ଡ ପାଇଁ ପରିବାର ସଦସ୍ୟଙ୍କୁ ସାଙ୍ଗରେ ନେଇଯାଇଥିଲି। ହେଲେ ଯେବେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାରରେ ମୋ ନାମ ଘୋଷଣା ହେଲା ନାହିଁ, ସମସ୍ତଙ୍କ ଆଗରେ ମୋତେ ଭାରି ଖରାପ ଲାଗିଥିଲା ଏବଂ ଏସି ରୁମ୍ ଭିତରେ ମୋର ଝାଳ ବାହାରି ଯାଇଥିଲା। କିନ୍ତୁ ଯେବେ ବେଷ୍ଟ ଫିଲ୍ମ ଆୱାର୍ଡରେ ମୋ ଫିଲ୍ମ ଘୋଷଣା ହେଲା ଖୁସିର ସୀମା ରହି ନ ଥିଲା। ସେଦିନର ସେ ଅନୁଭୂତି ଏବେବି ଅଭୁଲା।



– ଶର୍ଟ ଫିଲ୍ମ 'ହୋଲ୍‌ଡ ମାଇ ହ୍ୟାଣ୍ଡ'କୁ ସିଆଇଏଫ୍‌ଏଫ୍ ଫିଲ୍ମ ଫେଷ୍ଟିଭାଲରେ ତାମ୍ର ଅଶୋକା ପୁରସ୍କାର, ଆଇନା ଫିଲ୍ମ ଫେଷ୍ଟିଭାଲରେ ତୃତୀୟ ପୁରସ୍କାର, ବେଙ୍ଗଲ ଲକ୍‌ଡାଉନ ଫିଲ୍ମ ଫେଷ୍ଟିଭାଲରେ ବେଷ୍ଟ ସୋସିଆଲ ମେସେଜ ପୁରସ୍କାର ମିଳିବା ସହ ଜୋର୍ଡାନ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶନ ହୋଇପାରିଛି।

– ଶର୍ଟ ଫିଲ୍ମ 'ଦ ରାଇଟ୍ ଇମେଜ୍'କୁ ୨୦୨୧ରେ ଧ୍ୱନି ଫିଲ୍ମ ଫେଷ୍ଟିଭାଲରେ ବେଷ୍ଟ ସିନେମା ଅଟୋଗ୍ରାଫି ପୁରସ୍କାର ପାଇଛି।

– କୋଭିଡ୍ ୧୯ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ତାଙ୍କର ପ୍ରାମାଣିକ ଚଳଚ୍ଚିତ୍ର 'ଶିଶୁ ଅନନ୍ତଙ୍କ ଗାଥା' ତିନୋଟି ବର୍ଗରେ ପୁରସ୍କୃତ ହୋଇଛି। ପ୍ରଥମ ପୁରସ୍କାର ଶ୍ରେଷ୍ଠ ଚଳଚ୍ଚିତ୍ର, ଦ୍ୱିତୀୟ ପୁରସ୍କାର ଶ୍ରେଷ୍ଠ ନିର୍ଦ୍ଦେଶକ, ତୃତୀୟ ପୁରସ୍କାର ଶ୍ରେଷ୍ଠ ପୋଷ୍ଟର ଡିଜାଇନ ବର୍ଗରେ ତୃତୀୟ ସ୍ଥାନ ଅଧିକାର କରିପାରିଛି। ଏହା ବ୍ୟତୀତ ଜାତୀୟ ପର୍ଯ୍ୟଟନ ଚଳଚ୍ଚିତ୍ର ମହୋତ୍ସବ ୨୦୨୩ରେ ଏହାକୁ ଜାତୀୟ ପର୍ଯ୍ୟଟନ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ଚତୁର୍ଥ ସିଲଭର୍‌ସିଟି ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ୨୦୨୪ରେ ଏହି ଚଳଚିତ୍ରକୁ ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର ପୁରସ୍କାର ମିଳିଛି।

ଭବିଷ୍ୟତରେ ସମାଜକୁ ସବୁବେଳେ କିଛି ନୂଆ ଓ ଭିନ୍ନ ସ୍ୱାଦର ଶିକ୍ଷଣୀୟ ଫିଲ୍ମ ଭେଟି ଦେବା ସହ ଅଧିକରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ରକୁ ବିଶ୍ୱ ଦରବାରରେ ପହଞ୍ଚାଇବା ମୋର ଲକ୍ଷ୍ୟ ବୋଲି ପ୍ରକାଶ କରନ୍ତି ଗୁଲ୍‌ଜାର୍ ହୁସେନ୍।

**– ପୌର୍ଣ୍ଣମାସୀ**


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ